

ନୋବେଲ ଶାନ୍ତି ପୁରସ୍କାର ବିଜେତା ଗିରଫ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live    mail Id: sancharodisha@gmail.com
RNI NO :ODIODI/2001/04811    Postal Regd No : BN/249/15-17



## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ
Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 261 | ଭାଗ ୩୩ | ସଂଖ୍ୟା ୨୬୧ | Sunday 14 December 2025 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୧୪ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ବିଜ୍ଞ, ବିଚକ୍ଷଣ ଓ ଦରଦୀ



ଡାକ୍ତର ଦାମୋଦର ରାଉତ, ଓଡିଶା ରାଜନୀତିର ଜଣେ ବିଚକ୍ଷଣ, ବିଜ୍ଞ ଓ ଅନୁଭବୀ ନେତା। ଓଡିଶା ରାଜନୀତି ଇତିହାସରେ କ୍ୱଚିତ ଏଭଳି ନେତାଙ୍କ ଆବିର୍ଭାବ ଘଟିଥାଏ। ସେ ଥିଲେ ଜଣେ ଦରଦୀ ମଣିଷ ଓ ଲୋକଙ୍କ ନେତା। ଜଣେ ଦୂରଦୃଷ୍ଟିସମ୍ପନ୍ନ ରାଜନେତା ଭାବେ ତାଙ୍କର ଯେତିକି ଖ୍ୟାତି ରହିଛି, ନିଜର ହୃଦୟ ଖୋଲା କଥା ପାଇଁ ସେତିକି ବିବାଦୀୟ ମଧ୍ୟ ହୋଇଛନ୍ତି। ଡାକ୍ତରୀ ବୃତ୍ତିରୁ ଜଣେ ସଫଳ ରାଜନେତା ଭାବେ ସେ ଥିଲେ ସମସ୍ତଙ୍କ ପ୍ରିୟ ଦାମଭାଇ। ବଡ଼ରୁ ସାନ ଯାଏ ସମସ୍ତେ ତାଙ୍କୁ ଭାଇ ବୋଲି ସମ୍ବୋଧନ କରୁଥିଲେ। ବିଧାୟକ ଥାଆନ୍ତୁ ବା ନ ଥାଆନ୍ତୁ, ତାଙ୍କ ପାଖକୁ ଆସି କେହି କେବେ ହତାଶ ହୋଇ ଫେରିନାହାଁନ୍ତି। ସେ ଥିଲେ ବିଜୁବାବୁଙ୍କ ଏକାନ୍ତ ଅନୁଗତ। ୧୯୭୪ରେ ବିଜୁବାବୁଙ୍କ ଗୋଟିଏ ଡାକରେ ଚାକିରି ଛାଡ଼ି ରାଜନୀତିକୁ ଆସିଥିଲେ। ୧୯୭୪ରୁ ୨୦୧୯ ପର୍ଯ୍ୟନ୍ତ ତାଙ୍କର ରାଜନୈତିକ ଯାତ୍ରା ଯେତିକି ଜଟିଳ, ସେତିକି ରୋଚକ ମଧ୍ୟ ଥିଲା। ୭ ଥର ବିଧାୟକ ହେବା ସହ ଏକାଧିକ ଥର ମନ୍ତ୍ରୀ ମଧ୍ୟ ହୋଇଛନ୍ତି। ବିଜୁ ବାବୁଙ୍କ ସରକାରରେ ମନ୍ତ୍ରୀ ଥିଲେ, ନବୀନ ବାବୁଙ୍କ ସରକାରରେ ମଧ୍ୟ ୨୦୦୦ରୁ ୨୦୧୭ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ମନ୍ତ୍ରୀ ରହିଥିଲେ। ପଞ୍ଚାୟତିରାଜ ମନ୍ତ୍ରୀ ଭାବେ ସେ ଆରମ୍ଭ କରିଥିବା ଅନେକ ସଂସ୍କାରମୂଳକ କାର୍ଯ୍ୟ, ଯେଉଁଥିପାଇଁ ଆଜିବି ଲୋକେ ତାଙ୍କୁ ଝୁରୁଛନ୍ତି। ୨୦୧୭ରେ ବିଜେଡିରୁ ବହିଷ୍କୃତ ହେବା ପରେ ୨୦୧୯ରେ ଅଳ୍ପ କିଛି ମାସ ପାଇଁ ବିଜେପିରେ ଯୋଗ ଦେଇଥିଲେ। ପରେ ସେ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ଜଣେ ମନ୍ତ୍ରୀ ଭାବେ ସେ ଯେମିତି ସରକାରଙ୍କୁ ଉଚିତ ମାର୍ଗଦର୍ଶନ ଦେଉଥିଲେ, ଜଣେ ବିଧାୟକ ଭାବେ ନିଜ ଅଞ୍ଚଳର ବିକାଶ ପାଇଁ ସେତିକି ଯତ୍ନବାନ ମଧ୍ୟ ଥିଲେ। ୧୯୯୯ ମହାବାତ୍ୟାରେ ରାଜ୍ୟର ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଏରସମା ନିର୍ବାଚନମଣ୍ଡଳୀ ତାଙ୍କ ଉଦ୍ୟମରେ ନୂଆ ରୂପ ପାଇବା ସହ ସେଠାକାର ଲୋକେ ପୁଣି ଥରେ ଅଣ୍ଟା ସଳଖି ଛିଡ଼ା ହୋଇଥିଲେ। ଆଉ ଖାସ ସେଇଥିପାଇଁ ଆଜି ବି ଏରସମା ଲୋକେ ତାଙ୍କୁ ଝୁରୁଛନ୍ତି। ତାଙ୍କ ଜନ୍ମ ଜୟନ୍ତୀରେ 'ସଂଚାର' ପରିବାର ଏହି ଜନମାନସର ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି।

### ରଣକ୍ଷେତ୍ର ପାଲଟିଲା ସଲ୍ଟ ଲେକ୍ ଷ୍ଟାଡିୟମ

# କୋଲକାତାରେ ମେସି, ଅଡୁଆରେ ଦିଦି

- ଟିକେଟ୍ କିଣି ହତାଶ ହେବାରୁ ଭଙ୍ଗାରୁଜା
- କ୍ଷମା ମାଗିଲେ ମମତା ବାନାର୍ଜୀ
- ଗିରଫ ହେଲେ ମୁଖ୍ୟ ଆୟୋଜକ
- ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ଶୁଭେନ୍ଦୁ





**କୋଲକାତା,୧୩।୧୨:** ଆର୍ଜେଣ୍ଟିନା ଫୁଟବଲ କିମ୍ବଦନ୍ତୀ ଲିଓନେଲ ମେସିଙ୍କୁ ନେଇ କୋଲକାତାରେ ବିଶୃଙ୍ଖଳା ସୃଷ୍ଟି ହୋଇଛି। ମେସି ସଲ୍ଟ ଲେକ ଷ୍ଟାଡିୟମରେ ପହଞ୍ଚିବା ପରେ ଅଧିକ ମୂଲ୍ୟର ଟିକେଟ କିଣିବା ସତ୍ତ୍ୱେ, ଦର୍ଶକମାନେ ସେମାନଙ୍କର ପ୍ରିୟ ତାରକାଙ୍କୁ ଦେଖିପାରି ନାହାନ୍ତି। ଫଳରେ ସେଠାରେ ଦର୍ଶକମାନେ ରାଗରେ ଭଙ୍ଗାରୁଜା କରିଛନ୍ତି। ଗ୍ୟାଲେରୀରେ ଥିବା ଚେୟାର ଭାଙ୍ଗି ପଡ଼ିଆ ଭିତରକୁ ଫୋପଡାଯାଇଛି। ଶହ ଶହ ଦର୍ଶକ ବାଡ଼, ଫାଟକ ଭାଙ୍ଗି ଆରେନାରେ ପ୍ରବେଶ କରିଥିଲେ। ପୁଲିସ ସେମାନଙ୍କୁ ବାଡ଼ି ସାହାଯ୍ୟରେ ଘୁଞ୍ଚାଇବାକୁ ଚେଷ୍ଟା କରିଥିଲା କିନ୍ତୁ ବିଫଳ ହୋଇଥିଲା, କେବଳ ଲୁହ ବୁହା ଗ୍ୟାସ୍ ଛଡ଼ାଯାଇଥିଲା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜେ ମେସିଙ୍କ ସମ୍ବର୍ଦ୍ଧନା ସମାରୋହ ପାଇଁ ଘରୁ ବାହାରିଥିଲେ କିନ୍ତୁ ଯୋଗ ଦେଇପାରି ନ ଥିଲେ। ଏହି ଘଟଣାରେ ମୁଖ୍ୟ ଆୟୋଜକ ସତାଦ୍ରୁ ଦତ୍ତାଙ୍କୁ ବିମାନ ବନ୍ଦରରୁ ଗିରଫ କରାଯାଇଛି। ଡିଜି ରାଜୀବ କୁମାର ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଭରସା ଦେଇଛନ୍ତି। ପୁଲିସ ଡିଜି କହିଛନ୍ତି ଯେ, ଦର୍ଶକଙ୍କ ଟିକେଟ୍ ଟଙ୍କା ଫେରସ୍ତ କରାଯିବା ଦରକାର।

ପରବର୍ତ୍ତୀ ସମୟରେ, ମମତା ବାନାର୍ଜୀ ବ୍ୟବସ୍ଥା ପାଇଁ କ୍ଷମା ପ୍ରାର୍ଥନା କରିଥିଲେ ଏବଂ ଏକ ତଦନ୍ତ କମିଟି ଗଠନ ଘୋଷଣା କରିଥିଲେ। ବାନାର୍ଜୀ ସୋସିଆଲ ମିଡିଆ ସାଇଟରେ ଲେଖିଛନ୍ତି,ଆଜି ସଲ୍ଟ ଲେକ ଷ୍ଟାଡିୟମରେ ଘଟିଥିବା ଭୁଲ ପରିଚାଳନା ପାଇଁ ➪ପୃଷ୍ଠା-୬

## ଓଇଆରସିର ଡବଲ ଷ୍ଟାଣ୍ଡାର୍ଡ: କମ୍ପାନୀକୁ ଢାଲ କରି ଲୁଟୁଛି

- ଆୟୋଗଙ୍କ ନିର୍ଦ୍ଦେଶରେ ଆଦାୟ ହେଉଛି ସିକ୍ୟୁରିଟି ଡିପୋଜିଟ
- ଓଡ଼ିଆ ଗ୍ରାହକଙ୍କ ପାଇଁ କାଳ ସାଜିଛନ୍ତି ଓଡ଼ିଆ ଅଫିସର
- ଝିଣ୍ଟିକା ମାରି ବଣି ପୋଷୁଛି ଆୟୋଗ
- କାହିଁକି ହସ୍ତକ୍ଷେପ କରୁନାହାଁନ୍ତି ସରକାର?



**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ଟାଟା ପାୱାର ପକ୍ଷରୁ ଏବେ ଗ୍ରାହକଙ୍କଠାରୁ ଆଦାୟ ହେଉଛି ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍। ରାଜ୍ୟର ଲକ୍ଷାଧିକ ବିଦ୍ୟୁତ ଉପଭୋକ୍ତାଙ୍କଠାରୁ ହଜାରେରୁ ଆରମ୍ଭ କରି ୧୦ ହଜାର ପର୍ଯ୍ୟନ୍ତ ସିକ୍ୟୁରିଟି ଆଦାୟ କରାଯିବ। ଏହାର ଯଥାର୍ଥତା ସମ୍ପର୍କରେ ନା ଶକ୍ତି ବିଭାଗ ନା ଓଇଆରସି ନା ବଣ୍ଟନ କମ୍ପାନୀ ସ୍ପଷ୍ଟ ସୂଚନା ଦେଇପାରୁନାହାଁନ୍ତି। କିନ୍ତୁ ଗ୍ରାହକଙ୍କ ଉପରେ ବୋଝ ଉପରେ ବୋଝ ଲଦିବାରେ ଲାଗିଛି ଓଇଆରସି।

ଏ ଗୋଲକ ଧନ୍ଦା ସୃଷ୍ଟି ହୋଇଛି ବିଜେଡି ସରକାର ଅମଳରୁ। ୨୦୧୯ରେ ଓଇଆରସି ଏହି ସିକ୍ୟୁରିଟି ଡିପୋଜିଟ ବ୍ୟବସ୍ଥା ଆରମ୍ଭ କରିଥିଲା। କିନ୍ତୁ ୨୦୨୦ରୁ ଏହାକୁ ଲାଗୁ କରାଯାଇଥିଲା। ସେ ସମୟରେ କରୋନା ମହାମାରୀ ଆସିବାରୁ ଲୋକଙ୍କଠାରୁ ଏହା ଆଦାୟ କରାଯାଇନଥିଲା। ଏବେ ସରକାରଙ୍କ ଗେହ୍ଲାପୁଅ ସାଜିବାକୁ ଓଇଆରସି ଏହି ଟଙ୍କା ଗ୍ରାହକଙ୍କଠାରୁ ଆଦାୟ କରିବା ଆରମ୍ଭ କରିଛି। ବୋଝ ଉପରେ ନଳିତା ବିଡା ପରି ଗ୍ରାହକଙ୍କ ଉପରେ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟର ବୋଝ ଲଦି ଦିଆଯାଉଛି। ଏସବୁ ଓଇଆରସି ନିୟନ୍ତ୍ରଣରେ ଥିଲେ ବି ଏହାର ଅଧ୍ୟକ୍ଷମାନେ କେବେ ବି ଓଡିଆ ଲୋକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେଇନଥିବା ଅଭିଯୋଗ ହେଉଛି।

ବର୍ଷରେ ଜଣେ ଗ୍ରାହକ ଯେତିକି ବିଦ୍ୟୁତ ବ୍ୟବହାର କରୁଛି ତାର ୧୦ ପ୍ରତିଶତ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ଦେବ। ପୂର୍ବରୁ ନୂଆ ସଂଯୋଗ ନେଉଥିବା ସବୁ ହିତାଧିକାରୀଙ୍କ ଠାରୁ ସରକାର ଦୁଇ ମାସର ବିଦ୍ୟୁତ ଶୁଳ୍କକୁ ସିକ୍ୟୁରିଟି ଡିପୋଜିଟ ଭାବେ ସଂଗ୍ରହ କରିଛନ୍ତି। ଯେତେବେଳେ ଗ୍ରାହକ ଅଧିକ ବିଜୁଳି ବ୍ୟବହାର କରୁଛି ସେତେବେଳେ ଚଢା ଦରରେ ଶୁଳ୍କ ବି ଦେଉଛି। କିନ୍ତୁ ବଣ୍ଟନ କମ୍ପାନୀଙ୍କ ସ୍ୱାର୍ଥକୁ ପୂରଣ କରିବାକୁ ମୂଳ ସିକ୍ୟୁରିଟି ଡିପୋଜିଟ ସହ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ଆଦାୟ ହେଉଛି। ରାଜ୍ୟର ପ୍ରାୟ ୮୮ ଲକ୍ଷ ଉପଭୋକ୍ତାଙ୍କଠାରୁ ➪ପୃଷ୍ଠା-୬

## ବର୍ଦ୍ଧିତ ଦରମା ଓ ଭତ୍ତା ନେବେନି ନବୀନ

● ଗରିବଙ୍କ ପାଇଁ ଖର୍ଚ୍ଚ କରିବାକୁ ଅପିଲ



**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି। ସାଧାରଣରେ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତ୍ତା ତିନି ଗୁଣ ବଢିବାକୁ ନାପସନ୍ଦ କରାଯାଉଛି। ଏଭଳିସ୍ଥିତିରେ ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ଓ ଭତ୍ତାକୁ ଅସ୍ୱୀକାର କରିଛନ୍ତି। ସେ ବର୍ଦ୍ଧିତ ଦରମା ଓ ଭତ୍ତା ନେବେ ନାହିଁ ବୋଲି କହିଛନ୍ତି। ଆଜି ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ସେ ଏକ ଚିଠି ଲେଖିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଗତ ୨୫ ବର୍ଷ ଧରି ରାଜ୍ୟବାସୀ ତାଙ୍କୁ ଦେଇଥିବା ଭଲପାଇବା ପାଇଁ ସେ ଋଣୀ। ଅତୀତରେ ମଧ୍ୟ ରାଜ୍ୟବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ୨୦୧୫ରେ ବିଜୁ ବାବୁଙ୍କ ଜନ୍ମସ୍ଥାନ କଟକର ଆନନ୍ଦ ଭବନକୁ ରାଜ୍ୟବାସୀଙ୍କ ପାଇଁ ଦାନ କରିଦେଇଥିଲେ।

ସେହି ନ୍ୟାୟରେ ସେ ବିରୋଧୀ ଦଳ ନେତାଙ୍କ ପାଇଁ ଉଦ୍ଦିଷ୍ଟ ବର୍ଦ୍ଧିତ ଦରମା ଓ ଭତ୍ତାକୁ ଅଗ୍ରାହ୍ୟ କରିଛନ୍ତି। ଏହାକୁ ରାଜ୍ୟର ଗରିବଙ୍କ କଲ୍ୟାଣ ପାଇଁ ବିନିଯୋଗ କରିବାକୁ ସେ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ପୂର୍ବରୁ 'ଫନୀ' ମହାବାତ୍ୟା ସମୟରେ ସେ ନିଜର ମାସକର ଦରମା ପ୍ରଭାବିତଙ୍କ ପାଇଁ ଦାନ କରିବା ସହ ଦଳର ➪ପୃଷ୍ଠା-୬

## ବାମଗଡ଼ରେ ଫୁଟିଲା ପଦ୍ମ

- ତିରୁବନନ୍ତପୁରମ କର୍ପୋରେସନ ଦଖଲ କଲା ବିଜେପି
- ଶୁଭେଚ୍ଛା ଜଣାଇଲେ ମୋଦି, ମୋହନ



**ନୂଆଦିଲ୍ଲୀ,୧୩।୧୨:** ତିରୁବନନ୍ତପୁରମ କର୍ପୋରେସନରେ ୩୦ ବର୍ଷ ଧରି ପ୍ରଭାବ ବିସ୍ତାର କରିଥିବା ବାମ ମୋର୍ଚ୍ଚା (ଏଲଡିଏଫ) ନିର୍ବାଚନରେ ପରାଜିତ ହୋଇଛି। ଏଥର ତିରୁବନନ୍ତପୁରମ କର୍ପୋରେସନରେ ବଡ଼ ବିଜୟ ହାସଲ କରିଛନ୍ତି ବିଜେପି ଏବଂ ଏନଡିଏ। ଏହି ବିଜୟକୁ କେରଳ ରାଜନୀତି ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଭାବରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ଲେଖିଛନ୍ତି, 'ତିରୁବନନ୍ତପୁରମ କର୍ପୋରେସନରେ ବିଜେପି-ଏନଡିଏ ସମର୍ଥନରେ ଜନାଦେଶ କେରଳ ରାଜନୀତିରେ ଏକ ଐତିହାସିକ ମୁହୂର୍ତ୍ତ। ଲୋକମାନେ ବିଶ୍ୱାସ କରୁଛନ୍ତି ଯେ, ➪ପୃଷ୍ଠା-୬

### ନୟାଗଡ଼ ଚାଷୀଙ୍କ ଦୁଃଖ ବୁଝିଲେ ମୁଖ୍ୟମନ୍ତ୍ରୀ

## ଆରମ୍ଭ ହେଲା ଚିନିକଳ କାମ





**ଭୁବନେଶ୍ୱର,୧୩।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ଚିନି କଳ ପାଇଁ ନିଜେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅଣ୍ଟା ଭିଡିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ନୟାଗଡ ଚିନିକଳ କାମ ମଧ୍ୟ ଆରମ୍ଭ ହୋଇଛି। ଆଖୁ ଚାଷୀଙ୍କ ଦୁଃଖ ବୁଝି ନୟାଗଡ଼ରେ ଚିନି କଳ ପ୍ରତିଷ୍ଠା ପାଇଁ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ହସ୍ତକ୍ଷେପ ଲୋଡିଥିଲେ ମୁଖ୍ୟମନ୍ତ୍ରୀ। ସ୍ଥାନୀୟ ପ୍ରଶାସନ, କୃଷକ ସଂଗଠନ ଓ ଅଞ୍ଚଳର ଜନପ୍ରତିନିଧିଙ୍କ ସହ ସମ୍ପୂର୍ଣ୍ଣ ଆଲୋଚନା କରି ପ୍ରାଥମିକ ପ୍ରସ୍ତୁତିର କାମ ଆରମ୍ଭ କରାଯାଇଛି । ନୟାଗଡ଼ର ଲୋକମାନଙ୍କ ଭାବନା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ବିଷୟକୁ ଗୁରୁତ୍ୱ ଦେଇ ଅମିତ ଶାହଙ୍କୁ ଚିଠି ଲେଖିବା ସହ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ସହ ସିଧାସଳଖ କଥା ହୋଇଥିଲେ। ନୟାଗଡରେ ଚିନି କଳ ପ୍ରତିଷ୍ଠା ପାଇଁ ସାଂସଦ ସମ୍ବିତ ପାତ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏବେ ନୟାଗଡବାସୀଙ୍କ ସ୍ୱପ୍ନ ସାକାର ହୋଇଥିବାରୁ ସେ ➪ପୃଷ୍ଠା-୬

## ୨୦୩୦ ସୁଦ୍ଧା ପ୍ରତିଷ୍ଠା ହେବ ୫୮ ଶୀତଳଭଣ୍ଡାର

- ଖର୍ଚ୍ଚ ହେବ ୨୫୦ କୋଟି ଟଙ୍କା
- ଘୋଷଣା କଲେ ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୩।୧୨ (ସଂଚାର ବ୍ୟୁରୋ):** ଆସନ୍ତା ୨୦୩୦ ସୁଦ୍ଧା ଓଡ଼ିଶାରେ ସ୍ଥାପନ ହେବ ୫୮ଟି ଶୀତଳଭଣ୍ଡାର ଓ ଏଥିପାଇଁ ଖର୍ଚ୍ଚ ହେବ ୨୫୦ କୋଟି। ଏହି ସୂଚନା ଦେଇଛନ୍ତି ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ ରାଜ୍ୟରେ କୋଲଡ଼ ଷ୍ଟୋରେଜର ସଂଖ୍ୟା ବୃଦ୍ଧି ପାଇବ। ନୂଆ ଚାକିରିର ସୁଯୋଗ ସୃଷ୍ଟି ସହାୟକ ହେବ। ଫଳରେ ସଫଳ ଯୁବ ଉଦ୍ୟାଗୀ ଲାଭବାନ ହେବ। ଭୁବନେଶ୍ୱରରେ ଆୟୋଜିତ କୋଲ୍ଡ ଷ୍ଟୋରେଜ୍ କନକ୍ଲେଭ୍ ଓ ବାୟର-ସେଲର ମିଟ୍-୨୦୨୫ରେ ଉପସ୍ଥିତ ଥିଲେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ ଚାଷୀ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ।

ଏହି ମିଟ୍‌ରେ ନୀତି ନିର୍ମାତା, ଶିଳ୍ପ ନେତା, କୃଷି-ଉଦ୍ୟୋଗୀ, ଚାଷୀ ଗୋଷ୍ଠୀ, ଆର୍ଥିକ ଅନୁଷ୍ଠାନ ଏବଂ ପ୍ରଯୁକ୍ତିବିଦ୍ୟା ଯୋଗାଣକାରୀ ଏକାଠି ହୋଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସିଂହଦେଓ ଉଦଘାଟନୀ ଅଧିବେଶନରେ ଶୀତଳ ଭଣ୍ଡାର ଲାଭାର୍ଥୀଙ୍କୁ ଅନୁମୋଦନପତ୍ର ବଣ୍ଟନ ➪ପୃଷ୍ଠା-୬

### 'ପୂର୍ବୋଦୟ ଦୃଷ୍ଟିକୋଣ' ସଂକ୍ରାନ୍ତ ଅନ୍ତର୍ଜାତୀୟ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀଙ୍କ ବାର୍ତ୍ତା

## ବିକଶିତ ଭାରତ ପାଇଁ 'ପୂର୍ବୋଦୟ' ଅଭିବୃଦ୍ଧିର ଇଞ୍ଜିନ

- ଶକ୍ତି ନିରାପତ୍ତାର ପ୍ରବେଶପଥ ପାଲଟିବ ପୂର୍ବ ଭାରତ
- ବନ୍ଦରଭିତ୍ତିକ ବିକାଶ ଓ ନୀଳ ଅର୍ଥନୀତି ସରକାରଙ୍କ ପ୍ରାଥମିକତା



**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** 'ବିକଶିତ ଭାରତ' ପାଇଁ 'ପୂର୍ବୋଦୟ' ହେଉଛି ଅଭିବୃଦ୍ଧିର ଇଞ୍ଜିନ। ଏହି ଆହ୍ୱାନ ମଧ୍ୟରେ ଥିବା ସମ୍ଭାବନାକୁ ବାସ୍ତବର ରୂପ ଦେବା ସହ ସୁଯୋଗର ସମ୍ପୂର୍ଣ୍ଣ ଲାଭ ନେବା ପାଇଁ ସମସ୍ତେ ମିଳିମିଶି ଆଗେଇ ଆସିବା ଉଚିତ ବୋଲି ଆଜି ଏଠାରେ 'ପୂର୍ବୋଦୟ ଦୃଷ୍ଟିକୋଣ- ୨୦୨୫' ସଂକ୍ରାନ୍ତ ଅନ୍ତର୍ଜାତୀୟ ସମ୍ମିଳନୀର ତୃତୀୟ ସଂସ୍କରଣରେ ଭିଡିଓ ବାର୍ତ୍ତା ଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓ ଦି ଏନର୍ଜି ଫୋରମ୍ (ଟିଇଏଫ)ର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପୂର୍ବୋଦୟ' ପରିକଳ୍ପନାକୁ ଆଗକୁ ନେବା ଦିଗରେ ଏଭଳି ଆୟୋଜନ ସ୍ୱାଗତଯୋଗ୍ୟ। ୨୦୧୬ ଫେବୃଆରୀ ୬ ତାରିଖରେ ଇଣ୍ଡିଆନ ପାରାଦୀପ ରିଫାଇନାରୀକୁ ଦେଶ ପାଇଁ ଉତ୍ସର୍ଗ କରିବା ସମୟରେ ପ୍ରଧାନମନ୍ତ୍ରୀ ପ୍ରଥମେ 'ପୂର୍ବୋଦୟ'ର ଆଧାରଶିଳା ରଖିଥିଲେ। କେନ୍ଦ୍ର ବଜେଟ୍ ୨୦୨୪ରେ ମଧ୍ୟ ଏହି ପୂର୍ବୋଦୟ ଯୋଜନାକୁ ଆଣି ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶକୁ ନେଇ ଗଠିତ ପୂର୍ବାଞ୍ଚଳର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ଉକ୍ତ ଅଞ୍ଚଳକୁ ବିକଶିତ ଭାରତର ଅଭିବୃଦ୍ଧି ଇଞ୍ଜିନ ➪ପୃଷ୍ଠା-୬



### କାନ ଡେରିଥା

ଏମିତିରେ ପ୍ରତି ମାସର ଦରମା
ଏମାନେ କି ଖର୍ଚ୍ଚ କରନ୍ତି ?
ରାଜସ୍ୱ ଟଙ୍କାର ତଣ୍ଟି ଚିପି ଚିପି
ନିଜ ପାଣ୍ଠି ନିଜେ ଭରନ୍ତି
ଆହୁରି କମିଶନି ନିଅନ୍ତି...
ଖାଇବାକୁ ଏଣେ ନପାଇ ଜନତା
ଭୋକ ଉପାସରେ ରୁହନ୍ତି।

■ ଦେବାଶିଷ

### ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପ୍ରସଙ୍ଗ

# ଛକିଲେଣି ଜନତା, ଚିନ୍ତାରେ ନେତା



**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ବିଧାୟକମାନଙ୍କର ଆକାଶଛୁଆଁ ଦରମା ବୃଦ୍ଧି ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଗାଁଠାରୁ ସହର ପର୍ଯ୍ୟନ୍ତ ଲୋକେ ଏବେ ନିଜ ନିଜ ନେତାଙ୍କୁ ଛକିଲେଣି। ସେମାନଙ୍କୁ ନିଜର ସମସ୍ତ କାର୍ଯ୍ୟକ୍ରମକୁ ଡାକି ଅର୍ଥ ଆଦାୟ ପାଇଁ ଯୋଜନା ଚଳାଇଥିବାବେଳେ ଏହା ଏବେ ମନ୍ତ୍ରୀ, ବିଧାୟକମାନଙ୍କୁ ଚିନ୍ତାରେ ପକାଇ ଦେଇଛି।

ଲୋକେ ନିଜ ନିଜର ଘରୋଇ ସାମୂହିକ କାର୍ଯ୍ୟକ୍ରମକୁ ନିଜର ପ୍ରିୟ ନେତାଙ୍କୁ ନିମନ୍ତ୍ରଣ କରିବା ଏବେ ଏକ ସାଧାରଣ ପ୍ରଥାରେ ପରିଣତ ହୋଇଗଲାଣି। ନେତାଙ୍କୁ ନିଜ ଘରକୁ ବା ଗାଁକୁ ଡାକି ସେମାନଙ୍କ ସହ ଫଟୋ ଉଠାଇ ନିଜକୁ ପାଖଲୋକ ବୋଲି ଦେଖାଇବାକୁ ସମସ୍ତେ ପ୍ରାୟ ବ୍ୟାକୁଳ। ନେତା ବି ଏହି ମଉକାରେ ଭୋଟରଙ୍କ ସହ ସମ୍ପର୍କ ଜାରି ରଖିବାକୁ ଚାହିଁଥାନ୍ତି। ବିଶେଷକରି ନେତାଙ୍କ ସହ ଫଟୋଟିଏ ଉଠାଇ ତାହାକୁ ସୋସିଆଲ ମିଡିଆରେ ଛାଡ଼ିବା ପାଇଁ ଗାଁଗହଳି ଲୋକଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲିଛି।

ସେଥିପାଇଁ ଲୋକେ ନିଜ ପିଲାଙ୍କ ଏକୋଇଶିଆଠାରୁ ଆରମ୍ଭକରି ବାହାଘର, ଶୁଦ୍ଧିଘର ଆଦିକୁ ବିଧାୟକଙ୍କୁ ଡାକିଥାନ୍ତି। ସେହିଭଳି ଗାଁଗାଁରେ ହେଉଥିବା ଅଷ୍ଟପ୍ରହରୀ, କ୍ରିକେଟ ଟୁର୍ଣ୍ଣାମେଣ୍ଟ, ବୋଇତ ବନ୍ଦାଣ ସମେତ ବହୁ ସାମୂହିକ କାର୍ଯ୍ୟକ୍ରମରେ

### କାହାକୁ କେତେ ଦେବେ ଚିନ୍ତା

ଯୋଗଦେବାକୁ ପ୍ରତିଦିନ ବିଧାୟକମାନଙ୍କ ନିକଟକୁ ନିମନ୍ତ୍ରଣପତ୍ର ଆସିଥାଏ। ବିଧାୟକମାନେ ବି ଭୋଟରଙ୍କୁ ହାତଛଡ଼ା ନ କରିବା ପାଇଁ ସେହିସବୁ କାର୍ଯ୍ୟକ୍ରମରେ ଯୋଗଦେବା ସହ ନିଜ ସାଧ୍ୟମତେ ଆର୍ଥିକ ସହାୟତା ମଧ୍ୟ ଦେଇଥାନ୍ତି। ଯଦି କେଉଁଠାରେ ଲୋକଙ୍କ ଆଶା ମୁତାବକ ଅର୍ଥ ନମିଳେ, ତେବେ ସେଠାରେ ଜନତାଙ୍କ ମାନଭଞ୍ଜନ ପାଇଁ ନେତା ନିଜର ଆର୍ଥିକ ଅକ୍ଷମତା ପ୍ରକାଶ କରିଥାନ୍ତି। କମ୍ ଦରମାକୁ ମଧ୍ୟ ଆଳ କରିଥାନ୍ତି।

ବିଧାନସଭାରେ ବି ବିଧାୟକମାନେ ଏହାକୁ ଆଳ କରି ଦରମା ବଢ଼ାଇବାକୁ ଦାବି କରିଆସୁଥିଲେ। କେଉଁଠୁ ➪ପୃଷ୍ଠା-୬

### ସାଢ଼େ ୩ ଲକ୍ଷ ବି ନିଅଣ୍ଟ

ସାଢ଼େ ୩ ଲକ୍ଷ ଦରମାରେ ବି ସନ୍ତୁଷ୍ଟ ନୁହଁନ୍ତି ବିଧାୟକ। ସମବାୟ ମନ୍ତ୍ରୀ କହିଲେ, ବେଶୀ ନୁହେଁ ସାଢ଼େ ୩ ଗୁଣା ଦରମା। ଦିନକୁ ଜମାରୁ ପଡୁଛି ମାତ୍ର ୧୧ ହଜାର। ଏତିକି ଟଙ୍କାରେ ଜଣେ ବିଧାୟକ କ'ଣ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି।

ବିଧାୟକଙ୍କ ଦରମା ଓ ଭତ୍ତା ଏକା ଥରକେ ୩ ଲକ୍ଷ ୪୫ ହଜାରକୁ ବଢ଼ିଛି। ଆଉ ସେଥିରେ ମୋବାଇଲ୍ ସହ ବହିକିଣା ଖର୍ଚ୍ଚ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସାଧାରଣରେ ଏହାକୁ ନେଇ ବିବାଦ ସୃଷ୍ଟି ହେଲାଣି। ହେଲେ ସମବାୟ ମନ୍ତ୍ରୀଙ୍କ ବୟାନ ସମସ୍ତଙ୍କୁ ଚକିତ କରିଛି। ୧୮ ଦିନ ପୂର୍ବରୁ ବିଧାନସଭାର ଶୀତକାଳୀନ ଅଧିବେଶନ ସରିଲା। ମୋଟ ୨୯ଟି କାର୍ଯ୍ୟ ଦିବସରୁ ମାତ୍ର ୧୧ ଦିନରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହକୁ ମୁଲତବୀ କଲେ ବାଚସ୍ପତି । ଆଉ ସେହି ଅନ୍ତିମ ଦିନରେ ବିଧାୟକଙ୍କ ଦରମା ବିଲ୍ ଆଗତ ହେଲା। ଆଉ କିଛି ସମୟ ଭିତରେ ସାଢ଼େ ୩ ଲକ୍ଷ ଟଙ୍କିଆ ଦରମା ଓ ଭତ୍ତା ପାରିତ ହୋଇଗଲା। ବିଧାୟକଙ୍କ ସେହି ମୋଟା ଅଙ୍କର ଦରମାକୁ ବିଧାନସଭାର ୧୪୬ ବିଧାୟକ ➪ପୃଷ୍ଠା-୬

### ମାହାଙ୍ଗା ବିଧାୟକଙ୍କ ଦ୍ୱାରା ବିକାଶମୂଳକ କାର୍ଯ୍ୟର ଶିଳାନ୍ୟାସ

## ସମାଧାନ ହେବ ଲୋକଙ୍କ ମୌଳିକ ସମସ୍ୟା



**ମାହାଙ୍ଗା,୧୩।୧୨ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଜନସାଧାରଣଙ୍କ ପାଇଁ କୃଷି ଓ ଗମନାଗମନ କ୍ଷେତ୍ରରେ ସୁବିଧା ପାଇଁ ଏକ ଶୁଭ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗଦାନ କରିଥିଲେ।

ବିଧାୟକ ଶ୍ରୀ ପ୍ରଧାନଙ୍କୁ ଏକ ବିରାଟ ବାଇକ ରାଲି ଦ୍ୱାରା ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। ପ୍ରଥମେ ବିଧାୟକ ଶ୍ରୀ ପ୍ରଧାନ ନହଙ୍ଗ ସ୍କୁଲ ନିକଟସ୍ଥ ୮(ଏ) କେନାଲ ଜହ୍ନିଆ ବଜାରରୁ ନହଙ୍ଗ ପର୍ଯ୍ୟନ୍ତ ୪୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅଟକଳ ମୂଲ୍ୟରେ କେନାଲ ସିମେଣ୍ଟ କ୍ରଂକିଟ ଲାଇନିଂ କାର୍ଯ୍ୟର ଶୁଭ ଶିଳାନ୍ୟାସ, ବାଲିପଡ଼ାରୁ ଡ଼ିଗୋପ ଦେଇ ଗୌଡ଼ଗୋପକୁ ସଂଯୋଗ କରୁଥିବା ଏକ କେନାଲ ରାସ୍ତା କାର୍ଯ୍ୟ ସହ ନିକଟସ୍ଥ ପ୍ରସିଦ୍ଧ ଦ୍ୱିତୀୟ ତାରାପୀଠକୁ ଯାତାୟତ ପାଇଁ ୮ନଂ କେନାଲ ଉପରେ ଏକ ପୋଲ, ଏରକଣା ରୁ ପଞ୍ଚୁପାଣ୍ଡବ ଗମନାଗମନ ସୁବିଧା ଓ ଟ୍ରାଫିକ ମୁକ୍ତ କରିବା ପାଇଁ ଏରକଣା ବଜାର ଠାରୁ ସିନ୍ଧୁପୁର ପର୍ଯ୍ୟନ୍ତ ଏକ ରାସ୍ତାର କରାଯିବା ପାଇଁ ବିଧାୟକ ଶ୍ରୀ ପ୍ରଧାନଙ୍କ କରକମଳରେ ଶୁଭ ଶିଳାନ୍ୟାସ ହୋଇଯାଇଛି। ଏହି ସମସ୍ତ ପ୍ରକଳ୍ପର ଆନୁମାନିକ ମୂଲ୍ୟ ୧କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ହେବ ଯାହାକି ଲୋକମାନଙ୍କ ମୌଳିକ ସମସ୍ୟା ସମାଧାନ କରିବା ସହିତ ଗମନାଗମନ ଏବଂ କୃଷି କ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିପାରିବ ବୋଲି ବିଧାୟକ ପ୍ରକାଶ କରିଥିଲେ।

### ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶନାମାକୁ ଖୋଲା ଉଲ୍ଲଙ୍ଘନ

# ବେଆଇନ ଭାବେ ପୋଡ଼ାଚାଲିଛି ଇଟା



**ଡେରାବିଶ,୧୩।୧୨(ସଂଚାର ବ୍ୟୁରୋ):** ଦୀର୍ଘବର୍ଷ ହେବ ଡେରାବିଶ ତହସିଲ ଅଞ୍ଚଳରେ ବେଆଇନ ଇଟାଭାଟି ବ୍ୟବସାୟ କୁଟୀର ଶିଳ୍ପରେ ପରିଣତ ହୋଇଛି। ଲାଭଖୋର ଇଟା ମାଫିଆମାନେ ଏହି କାର୍ଯ୍ୟକୁ ଜୋରସୋର ଚଳାଇଛନ୍ତି । ଏହି ବ୍ୟବସାୟକୁ ବନ୍ଦ କରିବା ପାଇଁ ତହସିଲ ଅଧୀନ ବହୁ ଗ୍ରାମବାସୀ ଜିଲ୍ଲା ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ହେଲେ ପ୍ରଶାସନିକ ଜାଣିଶୁଣି ଇଟା ବେପାରକୁ ସୁହାଉଥିବା ବେଳେ ଇଟା ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ହୋଇ ଚାଲିଛି।

ଏଥିରେ ତୁରନ୍ତ ରୋକ୍ ଲଗାଇବା ପାଇଁ ପାରାଦୀପସ୍ଥିତ ଅଞ୍ଚଳିକ ପ୍ରଦୂଷଣ ନିଯନ୍ତ୍ରଣ ବୋର୍ଡ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାପାଳ ତହସିଲଦାର ମାନଙ୍କୁ କାର୍ଯ୍ୟନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଡେରାବିଶ ତହସିଲଦାର ସମସ୍ତ ନାଲି ଇଟାଭାଟି ପୋଡୁଥିବା ମାଲିକମାନଙ୍କୁ ଏଥିରୁ ନିବୃତ ରହିବା ପାଇଁ ନୋଟିସ୍ କରିଥିଲେ। ଏଥିସହ ଏହି ନିର୍ଦ୍ଦେଶନାମାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ତହସିଲଦାର ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଚିଠି ମାଧମରେ ନିର୍ଦ୍ଦେଶ ଦେଇଥିଲେ । ସେହିପରି ତହସିଲଦାର ମଧ ଡେରାବିଶ, କେନ୍ଦ୍ରାପଡ଼ା ସଦର ଓ ନିକିରାଇ ଥାନା ଅଧିକାରୀଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ଜଣାଇଥିଲେ । ସମସ୍ତ ପଞ୍ଚାୟତର ସରପଞ୍ଚଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ତହସିଲଦାର ପରାମର୍ଶ ଦେଇଛନ୍ତି। ହେଲେ ଏହି ନିର୍ଦ୍ଦେଶକୁ ଇଟା ମାଲିକମାନେ ଖୋଲା ଖୋଲି ଉଲଂଘନ କରିବା ସହ ଇଟା ପକାଇବାରୁ ନିବୃତ ରହୁ ନଥିବା ଦେଖିବାକୁ ମିଳିଛି ।

ଏ ବିଷୟରେ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମାକୁ ଡେରାବିଶ ତହସିଲରେ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ସବୁ ପଦକ୍ଷେପ ନିଆଯାଇଛି। ଯଦି କୌଣସି ଇଟାଭାଟି ମାଲିକ ବେଆଇନ ଭାବେ ଏଭଳି କାର୍ଯ୍ୟ କରୁଥାନ୍ତି ତେବେ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଭାଟି ଗୁଡ଼ିକୁ ନଷ୍ଟ କରିଦିଆଯିବ। କିନ୍ତୁ ଏନେଇ ଅଞ୍ଚଳବାସୀ ପ୍ରଶାସନର ନିରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପ୍ରଶାସନ କେବଳ ବାହସ୍ପଟ ମାରୁଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର୍ ଧରିଥିବା ବେଳେ ପ୍ରଶାସନର ଆଗାମୀ ପଦକ୍ଷେପ କଣ ରହୁଚି ତାକୁହିଁ ଅପେକ୍ଷା କରାଯାଉଛି ।

## ଟ୍ରଲର ଜବତ ,୮ ମତ୍ସ୍ୟଜୀବୀ ଗିରଫ




**ରାଜନଗର,୧୩।୧୨(ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପଟ୍ରୋଲିଙ୍ଗ ଟିମ ଟ୍ରଲର ଜବତ କରିବା ସହିତ ଟ୍ରଲରରେ ଥିବା ୮ ଜଣ ମତ୍ସ୍ୟଜୀବିଙ୍କୁ ଗିରଫ କରିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବରୁଣେଇ ମାଉଥ ନିକଟରେ ବେଆଇନ ଭାବେ ମାଛ ମାରୁଥିବା ମା ଅର୍ଣ୍ଣପୂର୍ଣା-୮୫ ନାମକ ଟ୍ରଲରକୁ ଜବତ କରାଯାଇଛି। ଟ୍ରଲରରେ ଥିବା ଶଙ୍କର ମଣ୍ଡଳ,ଦିବାକର ଦାସ, ଜଡ଼ା ମଲ୍ଲିକ, ଜଗବନ୍ଧୁ ଦାସ,ପ୍ରଦୀପ ଦାସ, ଶିବ ଦାସ, ଭାଶାଲି ମଲ୍ଲିକ, ଚନ୍ଦନ ମହାନ୍ତି ପ୍ରମୁଖ ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ୧ଟି ଜିପିଏସ , ୨ଟି ଭିଏଚଏଫ ,ଟ୍ରଲିଂ ନେଟ ୯ଟି, ୪.୭୦ କୁଇଣ୍ଟାଲ ମାଛ ଜବତ କରାଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଗହୀରମଥା ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନବିଭାଗ ପାଟ୍ରୋଲିଙ୍ଗ ଟିମ ଗଭୀର ସମୁଦ୍ରରେ ପଇଁତରା ମାରୁଥିବା ବେଳେ ଏହି ଟ୍ରଲରକୁ ଜବତ କରିଥିଲେ। ଗିରଫ ମଷ୍ଟ୍ୟଜୀବି ମାନଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନିରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ବୋଲି ବନ ବିଭାଗ ସୂଚନା ଦେଇଛନ୍ତି।

## କୋଟି କୋଟି ଟଙ୍କାର ପଥର ପ୍ୟାକିଂ କାର୍ଯ୍ୟ ନିମ୍ନମାନର ଅଭିଯୋଗ

**ଆଳି,୧୩।୧୨(ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ସହିରା ପଞ୍ଚାୟତର ମହନପୁର ଗ୍ରାମର ନଦିତଟ ସୁରକ୍ଷାବନ୍ଧ ନିର୍ମାଣରେ ନିମ୍ନମାନର

**ସ୍ଥାଣୁ ପାଲଟିଛି ତଟବନ୍ଧ**



କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ନଦୀବାନ୍ଧରୁ ଗାଁକୁ ସୁରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଆର୍ଥିକ ଅନୁଦାନ ଆସୁଛି। ହେଲେ ନିର୍ମାଣ ଦାଇତ୍ୱରେ ଥିବା ଠିକାଦାର ଓ କାର୍ଯ୍ୟ ତଦାରଖ ଦାଇତ୍ୱରେ ଥିବା ବିଭାଗର ଅଧିକାରୀଙ୍କ ମିଳିଭଗତରେ ଜନସାଧାରଣଙ୍କ କୋଟି କୋଟି ଟଙ୍କା ଟିକସକୁ ହରି ଲୁଟ ହୋଇଥିବା ଅଭିଯୋଗ ହୋଇଛି। ସବୁଠୁ ବଡ଼ କଥା ହେଲା ର ,୦,ଡ଼ିଙ୍ଗିଙ୍ଗ ନିର୍ମାଣ ସହ ଛୋଟ ପଥରରେ ହେଉଛି ସୁରକ୍ଷାବନ୍ଧ। ଏମିତି କି ଯେତିକି ଡ଼ିଙ୍ଗିଙ୍ଗ କରିବା କଥା ତାହା କରାଯାଉନାହିଁ।

ବହୁ ଦିନର ସଂଘର୍ଷ ପରେ ସରକାରଙ୍କ ପକ୍ଷରୁ ୩ କୋଟି ୯୦ଲକ୍ଷ ଟଙ୍କା ଆର୍ଥିକ ସହାୟତାରେ ଆଳି ତଟବନ୍ଧ ଆରମ୍ଭ କରିଥିଲା। ଆରମ୍ଭରୁ ନିମ୍ନମାନ କାର୍ଯ୍ୟ କରିବା, କାର୍ଯ୍ୟ ସ୍ଥଳରେ ଯନ୍ତ୍ରୀ ନରହିବା ଦେଖି ଲୋକେ କହୁଛନ୍ତି ଗୋଟାଏ ବନ୍ୟାରେ ପଥର ପ୍ୟାକିଙ୍ଗ ସବୁ ନଦୀଗର୍ଭକୁ ଚାଲିଯିବ ବୋଲି ଲୋକେ ଆଶଙ୍କା କରୁଛନ୍ତି। ଏନେଇ ବାରମ୍ବାର ନିମ୍ନମାନର କାମକୁ ଗ୍ରାମବାସୀ ବିରୋଧ କରି ଆସୁଥିଲେ ମଧ ଠିକାଦାର ମନମାନିରେ କାମ କରୁଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ● ବିପର୍ଯ୍ୟସ୍ତ ହୋଇପଡିଛି ବିଦ୍ୟୁତ ଖୁଣ୍ଟ

## ଅଭିଯୋଗ ସତ୍ତ୍ୱେ ହେଉନି ମରାମତି



**ମହାକାଳପଡ଼ା,୧୩।୧୨(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଅଧୀନ ରାଜନଗର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନଛିପଡା ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁରୁଣା ଲୁହା ଖୁଣ୍ଟ ଗୁଡ଼ିକର ମୂଳ କଳଙ୍କି ଲାଗି କଣା ହୋଇଯାଇଥିବା ଦେଖିବାକୁ ମିଳିଛି। କେତେବେଳେ ଯେ କଣ ଅଘଟଣ ଘଟିବ ତାହାକୁ ନେଇ ଗ୍ରାମର ଲୋକମାନେ ଆଶଙ୍କାରେ ପଡିଛନ୍ତି।

ଏନେଇ ଲୋକେ ଅଭିଯୋଗ କରୁଥିଲେ ମଧ ବିଦ୍ୟୁତ୍ କର୍ମଚାରୀମାନେ କର୍ଣ୍ଣପାତ କରୁନଥିବା ଲୋକେ ଅଭିଯୋଗ କରିଛନ୍ତି। ଯଦି କୌଣସି ଅଘଟଣ ଘଟିବ ସେଥିପାଇଁ ବିଦ୍ୟୁତ ବିଭାଗ ଦାୟୀ ରହିବ ବୋଲି ଲୋକେ କହିଛନ୍ତି। ତୁରନ୍ତ ବିପର୍ଯ୍ୟସ୍ତ ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକର ମରାମତି ପାଇଁ ଲୋକେ ଦାବି କରିଛନ୍ତି।

## ରାଜନଗରରେ ନିଶା ନିବାରଣ ବୈଠକ



**ରାଜନଗର,୧୩।୧୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରାଜନଗର ବ୍ଲକକୁ ସମ୍ପୂର୍ଣ୍ଣ ନିଶା ନିବାରଣ କରିବା ଲକ୍ଷ୍ୟ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଶା ନିବାରଣ ଅଭିଯାନର ଆବାହକ ଯୁବ ସମାଜସେବୀ ସମୀର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ବରିଷ୍ଠ ନାଗରିକ, ସୈନିକ, ଶିକ୍ଷାବିତ୍ ଯୁବ ସଂଗଠକ, ଗଣମାଧମର ପ୍ରତିନିଧି ଏବଂ କବି ଗାଲ୍ପିକ ପ୍ରମୁଖ ଯୋଗଦେଇ ନିଶା କବଳିତ ଆଜିର ସଭ୍ୟ ସମାଜ କିଭଳି ବାଟବଣା ହୋଇ ସୁନାର ସୁନ୍ଦର ସଂସାରକୁ ମଶାଣିରେ ପରିଣତ କରି ଅନାଗତ ଭବିଷ୍ୟତ ପିଢ଼ି ପାଇଁ କଳଙ୍କିତ ଅଧ୍ୟାୟ ରଚୁଛନ୍ତି ଏହାର ମୂଳ ଉତ୍ପାଟନ କରିବା ପାଇଁ ରାଜନଗର ମାଟିରୁ ଶପଥ ନେବା ପାଇଁ ଆହ୍ୱାନ ଦେଇଥିଲେ ।

# ଛାତ ଉପରେ ନିଆରା ଢ଼ଙ୍ଗରେ ପରିବା ଚାଷ

**ଯୁବପିଢ଼ିଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ପ୍ରକାଶ**



**ସାଲେପୁର,୧୩।୧୨ (ସଂଚାର ବ୍ୟୁରୋ):** ଛାତ ଉପରେ ନିଆରା ଢ଼ଙ୍ଗରେ ପନିପରିବା ଚାଷ କରି ନିଜ ପରିବାରକୁ ଖୁଆଇବା ସହ ଅନ୍ୟ ଲୋକମାନଙ୍କୁ ତାଜା ପରିବା ବିନା ମୂଲ୍ୟରେ ପ୍ରଦାନ କରି ଏବେ ସାଲେପୁର ଅଞ୍ଚଳରେ ଉଦାହରଣ ପାଲଟିଛନ୍ତି ଚନ୍ଦ୍ରାଦେଇପୁର ଗ୍ରାମର ପ୍ରେମାନନ୍ଦ ନନ୍ଦଙ୍କ ପୁତ୍ର ଯୁବକ ପ୍ରକାଶ କୁମାର ନନ୍ଦ।

ବର୍ତ୍ତମାନ ବିଭିନ୍ନ କାରଣରୁ ଲୋକମାନେ ପନିପରିବା ଚାଷ ପ୍ରତି ମୁହଁ ଫେରାଉଥିବାବେଳେ ଜଣେ ଉଚ୍ଚ ଶିକ୍ଷିତ ଯୁବକ ନିଜ ଛାତ ଉପରେ ନିଆରା ଢ଼ଙ୍ଗରେ ପ୍ଲାଷ୍ଟିକ୍ ଟ୍ରେ ମାଧମରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଥିବା ଦେଖିବାକୁ ମିଳିଛି। ମାଙ୍କଡ଼ମାନଙ୍କ ଦାଉରୁ ଏହି ସବୁ ଫସଲକୁ ରକ୍ଷା କରିବାପାଇଁ ୨ହଜାର ବର୍ଗଫୁଟର ଛାତର ଚତୁଃପାର୍ଶ୍ୱରେ ଆଲମୁନିୟମ୍ ଜାଲି ଲଗାଇ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ପ୍ଲାଷ୍ଟିକ୍ ଟ୍ରେରେ କୋବି, ଟମାଟୋ, ଲଙ୍କା, କାକୁଡ଼ି, ବାଇଗଣ, ମୂଳା, ବିଭିନ୍ନ କିସମର ଶାଗ, ଧନିଆପତ୍ର ଠାରୁ ଆରମ୍ଭ କରି ବହୁ ପ୍ରକାରର ପରିବା ଚାଷ କରି ନିଜେ ଖାଇବା ସହ ଅନ୍ୟକୁ ବଣ୍ଟନ କରୁଥିବାର ଦେଖିବାକୁ ମିଳିଛି।

ସେ ଜଣେ ସାଲେପୁର ଅଞ୍ଚଳର ଦକ୍ଷ ସାନିଟାରୀ ବ୍ୟବସାୟୀ ହୋଇଥିବାବେଳେ କରୋନା ମହାମାରୀ ସମୟରେ ଲକ୍‌ଡାଉନ୍ ହେବାପରେ ସମ୍ପୃକ୍ତ ଯୁବକ ଜଣକ ସମୟକୁ ବିନିଯୋଗ କରି ନିଜ ଛାତ ଉପରେ ଏହି ଚାଷକାର୍ଯ୍ୟ ଆରମ୍ଭ କରିଥିଲେ। ଉକ୍ତ ଦିନ ଠାରୁ ନିୟମିତ ଋତୁକାଳୀନ ପନିପରିବା ଚାଷ କରିଆସୁଛନ୍ତି। ଅନ୍‌ଲାଇନ୍ ମାଧମରେ ଉଚ୍ଚ କୋଟୀର ଖତ, ମଞ୍ଜି ମଗାଇ ଏହି ଚାଷ କାର୍ଯ୍ୟ ଚଳାଇଛନ୍ତି। ସେ କହିଛନ୍ତି ଯଦି ପ୍ରତ୍ୟେକ ଲୋକ ଏହିପରି ଭାବେ ନିଜ ନିଜ ଘରର ଛାତ ଉପରେ କିମ୍ବା ବଳକା ଜାଗାରେ ପନିପରିବା ଚାଷ କରନ୍ତେ, ତେବେ ଆଜିର ସମୟରେ ପନିପରିବାର ମୂଲ୍ୟ ବୃଦ୍ଧି ପାଆନ୍ତା ନାହିଁ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଏହି ଉପାୟ ଅବଲମ୍ବନ କଲେ ପନିପରିବାର କୌଣସି ଅଭାବ ରହିବ ନାହିଁ।

## ଦୋକାନରେ ନିଆଁ ଲଗାଇବା ନେଇ ଥାନାରେ ଏତଲା ଦେଲେ ବୃଦ୍ଧ

**ମହାକାଳପଡ଼ା,୧୩।୧୨(ସଂଚାର ବ୍ୟୁରୋ):** ଦୋକାନ ଭିତରେ ଜଣେ ବୃଦ୍ଧ ବ୍ୟକ୍ତି ରାତିରେ ଶୋଇଥିବା ସମୟରେ କିଛି ବ୍ୟକ୍ତି ତାଙ୍କ ଦୋକାନ ଭିତରେ ନିଆଁ ଲଗାଇ ଦେଇଛନ୍ତି। ଏନେଇ ବୃଦ୍ଧ ଜଣଙ୍କ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲା ମୁତାବକ ମାର୍ଶାଘାଇ ଥାନା ଅଧୀନ ବଡକୂଳ ଗ୍ରାମ ପଞ୍ଚାୟତର ଦହିମାଛ ଗ୍ରାମର ବଳରାମ ରାଉତ (୭୯) ଶୁକ୍ରବାର ରାତିରେ ତାଙ୍କ ଦୋକାନ ଭିତରେ ଶୋଇଥିବା ସମୟରେ ବିଳମ୍ବିତ



ରାତିରେ ଦୋକାନ ଆଗରେ ଢୋଢୋ ଶବ୍ଦ ଶୁଣିଥିଲେ। କିଛି ସମୟ ପରେ ଦୋକାନ କବାଟ ବାଡ଼େଇବା ଶୁଣି ଭୟଭୀତ ହୋଇପଡିଥିଲେ ବଳରାମ। ସେ ଭୟରେ ଦୋକାନ କବାଟ ନ ଖୋଲିବାରୁ ଦୋକାନ ସ୍କାଏ ଲାଇଟ୍ ଭାଙ୍ଗି ଭିତରକୁ ନିଆଁ ହୁଳା ପକାଇବାରୁ ଦୋକାନରେ ଥିବା ଫ୍ରିଜ, କିଛି ସାମଗ୍ରୀ ଓ ବଳରାମ ଘୋଡାଇ ହୋଇଥିବା ସମ୍ବଳରେ ନିଆଁ ଲାଗି ଜଳିବାରୁ ସେ ଜୀବନ ବିକଳରେ ବାହାରକୁ ଚାଲି ଆସିଥିଲେ। ବାହାରେ ସେ ନିଜ ଗ୍ରାମ ଓ ପାଖ ଗ୍ରାମର କିଛି ବ୍ୟକ୍ତି ବାହାରେ ଛିଡ଼ା ହୋଇଥିବା ଓ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ପୁଅ ସେମାନଙ୍କ ଟାର୍ଗେଟରେ ନଥିବା କହି ସେଠାରୁ ଚାଲି ଯାଇଥିଲେ। ଏନେଇ ବଳରାମ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲା ଆଧାରରେ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

# କଲେଜ ଜମି ପାଇଁ ପୁରାତନ ଛାତ୍ର ସଂସଦ ବୈଠକରେ ଉଦ୍‌ବେଗ



**କେନ୍ଦ୍ରାପଡ଼ା,୧୩।୧୨(ସଂଚାର ବ୍ୟୁରୋ):** କନ୍ଦ୍ରୋପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ଏକ ବୈଠକ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ଅଧକ୍ଷତାରେ ମହାବିଦ୍ୟାଳୟ ମିନି କନଫରେନ୍ସ ହଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟକାରୀ ସଭାପତି ତଥା ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ଶାନ୍ତନୁ କୁମାର ଜେନା ଉପସ୍ଥିତ ଥିଲେ। ସଂସଦର ସମ୍ପାଦକ ଡ. ପ୍ରମୋଦ କୁମାର ଦାସ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। କଲେଜ ସଂଲଗ୍ନ ତଥା କଲେଜ ପରିସରରେ ଥିବା ଭିନ୍ନ ଭିନ୍ନ ବ୍ୟକ୍ତି ତଥା ସରକାରୀ ସଂସ୍ଥା ଦ୍ୱାରା ବ୍ୟବହାର ହେଉଥିବାରୁ କଲେଜର ଶୈକ୍ଷିକ କାର୍ଯ୍ୟକଳାପ ବ୍ୟାହତ ହେଉଥିବା ମତ ପ୍ରକାଶ ପାଇଥିଲା। କଲେଜ ନାମରେ ନିକଟ ଅତୀତରେ ରେକର୍ଡଭୁକ୍ତ ହୋଇଥିବା ସାଢେ ୭ଏକର ଜମିକୁ ଚିହ୍ନଟ କରିବା ପାଇଁ କଲେଜ ପକ୍ଷରୁ କରାଯାଇଥିବା ଆବେଦନ ଉପରେ ଯଥାଶୀଘ୍ର ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିବେଦନ କରାଯାଇଥିଲା।

ଏତଦବ୍ୟତିତ ଭବିଷ୍ୟତରେ ଛାତ୍ରଛାତ୍ରୀଙ୍କ ମଧରେ ଶୈକ୍ଷିକ ବିକାଶ କରିବା ପାଇଁ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ବକ୍ତୃତାମାଳା ଆୟୋଜନ କରିବା ପାଇଁ ନିଷ୍ପି ଗ୍ରହଣ କରାଯାଇଥିଲା । ଏଥିନିମି ଏକ ଏଗାର ଜଣିଆ ପୁରାତନ ଛାତ୍ର ସଂଯୋଗ କମିଟି ଗଠନ କରାଯାଇ କଲେଜ ସହ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ନିଷ୍ପି ନିଆଯାଇଥିଲା। ବୈଠକରେ ବନ୍ଦ ହୋଇଯାଇଥିବା ବିଏଡ୍ କଲେଜର ସମ୍ପିକୁ ତା'ର ବାଇ-ଲ ଅନୁଯାୟୀ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ହସ୍ତାନ୍ତର କରିବା ପାଇଁ ସହମତି ପ୍ରକାଶ ପାଇଥିଲା । ଏଦିଗରେ ସ୍ଥାନୀୟ ପ୍ରଶାସନ ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପି ଗ୍ରହଣ କରାଗଲା । ପ୍ରାକ୍ତନ ଅଧାପକ ଓ କର୍ମଚାରୀମାନଙ୍କୁ ନେଇ ଭବିଷ୍ୟତରେ ଏକ ମିଳିତ ବୈଠକ କରାଯିବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।

## କେନ୍ଦ୍ରାପଡ଼ାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**କେନ୍ଦ୍ରାପଡା,୧୩।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟ ରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୩୨୯ଟି ମାମଲା ପଞ୍ଜିକରଣ ହୋଇଥିବା ବେଳେ ୩୨୦୮ ମାମଲା ଫଏସଲା ହୋଇ ୨ କୋଟି ୨୧ ଲକ୍ଷ ୧୨ ହଜାର ୭୦୬ ଟଙ୍କା ଆଦାୟ କରାଯାଇଛି। ଏଥିରେ ବିଦ୍ୟୁତ୍, ଜଳ ବିଲ ପୈଠ, ସାଲିଜ ବିହିନ, ଜମି ଅଧିଗ୍ରହଣ, ରାଜସ୍ୱ ମାମଲା, ବ୍ୟାଙ୍କ ଋଣ, ଚେକ ବାଉନ୍ସ, ଫୌଜଦାରୀ ଆଦି ମାମଲା ଗୁଡିକ ରହିଛି । ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷା ଶ୍ରୀମତୀ ଲୁନା ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାଧିକରଣ ଅଧକ୍ଷ ସନ୍ତୋଷ କୁମାର ମହାପାତ୍ର ଓ କୋର୍ଟର ସମସ୍ତ ବିଚାରପତି ସହଯୋଗ କରିଥିଲେ । ଅଦାଲତରେ ଦୁର୍ଘଟଣା ଜନିତ ୧୭ ମାମଲା ଫଏସଲା ହୋଇ ୧ କୋଟି ୧୪ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ଓ ଦୁର୍ଘଟଣା ରେ ନିଜର ଅଙ୍ଗ ପ୍ରତ୍ୟଙ୍ଗ ହରାଇଥିବା ବ୍ୟକ୍ତିଙ୍କର ମାମଲା ଫଏସଲା କରି ମାନ୍ୟବର ବିଚାରପତି ଶ୍ରୀମତୀ ମହାନ୍ତି ୧ କୋଟି ୧୪ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୁରଣ ପ୍ରଦାନ କରିଛନ୍ତି ।

## ସଡ଼କ ଦୁର୍ଘଟଣାରେ ଅଧାପକଙ୍କ ମୃତ୍ୟୁ

**ପାରାଦ୍ୱୀପ,୧୩।୧୨(ସଂଚାର ବ୍ୟୁରୋ):** ସଡକ ଦୁର୍ଘଟଣାରେ କଲେଜ ଅଧାପକଙ୍କ ମୃତ୍ୟୁ। ଘଟଣାଟି ଘଟିଛି ପାରାଦୀପ ଜିରୋ ପଏଣ୍ଟ ଛକ ନିକଟରେ। କୁଜଙ୍ଗ କଲେଜର ଅଧାପକ ଅଜୟ କୁମାର ରାଉତ ଆଜି ନିଜ ସ୍କୁଟି ଓଡି୨୧ସି୮୮୫୧ ଯୋଗେ ପାରାଦୀପ ଯାଉଥିବା ବେଳେ ପାରାଦୀପ ପଟୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ ଓଡି୦୪ପି୭୯୭୩ ଅଜୟଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଅଜୟ ପଡ଼ି ଯାଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। ପାରାଦ୍ୱୀପ ଲକ ଥାନା ପୋଲିସ ପହଁଚି ଅଜୟଙ୍କ ମୃତଦେହ ସହ ଟ୍ରକକୁ ଜବତ କରିଛି।

## ନିଶ୍ଚିନ୍ତକୋଇଲି କୋର୍ଟରେ ଲୋକ ଅଦାଲତ, ୬୦ ମାମଲା ଫଇସଲା

**ନିଶ୍ଚିନ୍ତକୋଇଲି,୧୩।୧୨(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଜେଏମଏଫସି କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସିଭିଲ କନିଷ୍ଠ ବିଚାରପତି ମିସ୍. ରୀତି ତ୍ରିପାଠୀ ଙ୍କ ଅଧକ୍ଷତାରେ ମୋଟ୍ ୬୦ଟି ମାମଲାର ଫଇସଲା ହୋଇଯାଇଛି। ସେଥିମଧରୁ ୫୧ଟି ସାଧାରଣ ପଞ୍ଜିକରଣ ମାମଲା, ୨ଟି ଘରୋଇ ହିଂସା ମାମଲା ଓ ୭ଟି ଦେୱାନୀ ମାମଲାର ଫଇସଲା କରାଯାଇଛି। ଏଥିରେ ସରକାରୀ ଓକିଲ ଜୟନ୍ତ କୁମାର ସାମନ୍ତରାୟ, ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, ପ୍ରଭାକର ସେଠୀ, ଦୀପକ ମହାନ୍ତିଙ୍କ ସମେତ କାର୍ଯ୍ୟରତ ସମସ୍ତ ଆଇନଜୀବୀ ଓ ଦେୱାନୀ କୋର୍ଟର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଲୋକପ୍ରିୟ ବ୍ୟବସାୟୀଙ୍କ ଦେହାନ୍ତରେ ଶୋକ



**ମହାକାଳପଡ଼ା,୧୩।୧୨(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଳାଇଲୋ ପଞ୍ଚାୟତର ଓଳିହାଛକ ସ୍ଥିତ ଲୋକପ୍ରିୟ ବ୍ୟବସାୟୀ ଅଲେଖ ବେହେରା (୬୫)ଙ୍କ ଶୁକ୍ରବାର ଅପରାହ୍ନରେ ଆକସ୍ମିକ ଭାବେ ଦେହାନ୍ତ ଘଟିଛି । ଶ୍ରୀ ବେହେରା ନିଜ ଜଳଖିଆ ଦୋକାନରେ କାମ କରୁଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଲେଖ ଜଣେ ଲୋକପ୍ରିୟ କ୍ଷୁଦ୍ର ବ୍ୟବସାୟୀ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବିଜେଡି ନେତା ଅମୀୟ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସେହିପରି ଓଳିହା ଛକ ସ୍ଥିତ ସମସ୍ତ ବ୍ୟବସାୟୀମାନେ ଦୋକାନ ବନ୍ଦ ରଖି ସ୍ୱର୍ଗତ ଆତ୍ମାଙ୍କୁ ସମ୍ମାନ ଜଣାଇଥିଲେ।

# ଗୋତରା ପଞ୍ଚାୟତରେ ନାହିଁ ସହଶିକ୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ




**ମାହାଙ୍ଗା,୧୩।୧୨ (ସଂଚାର ବ୍ୟୁରୋ):** ସ୍ୱାଧୀନତାର ୭୮ବର୍ଷ ପରେ ମଧ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଗୋତରା ପଞ୍ଚାୟତରେ ଆଜି ପର୍ଯ୍ୟନ୍ତ ଏକ ସହଶିକ୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ ଖୋଲିନାହିଁ। ଏପରିକି ଏହି ଗୋତରା ପଞ୍ଚାୟତର ଜନସଂଖ୍ୟା ସବୁ ପଞ୍ଚାୟତ ଠାରୁ ସର୍ବାଧିକ ହୋଇଥିଲେ ମଧ ଏହି ପଞ୍ଚାୟତରେ କଣ ପାଇଁ ଏକ ସହଶିକ୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ ଖୋଲିନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ପଞ୍ଚାୟତରେ ସହଶିକ୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ ନଥିବାରୁ ଏହି ପଞ୍ଚାୟତର ହଜାର ହଜାର ଛାତ୍ରଛାତ୍ରୀ ପାଠ ପଢ଼ିବା ନିମନ୍ତେ ବାଧ ହୋଇ ନିଜ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଯାଉଛନ୍ତି। ଏପରିକି ଏହି ଗୋତରା ପଞ୍ଚାୟତ ଗୋତରା ଗ୍ରାମରେ ଦୁଇଟି ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ଅନେକ ସମୟରେ ଏହି ଦୁଇ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଛାତ୍ରୀ ଆସୁନଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ପାଠ ପଢ଼ାଇବାକୁ ଆଗ୍ରହ ପ୍ରକାଶ କରୁନାହାଁନ୍ତି । ଏହି ଦୁଇ ବିଦ୍ୟାଳୟରେ ସ୍ଥାନୀୟ ରାଜନୈତିକ ବରିଷ୍ଠ କୁଜିନେତାଙ୍କ ରାଜନୈତିକ ପାର୍ଦ୍ଦୁଭାବ ରହିଥିବାରୁ ଏହି ଦୁଇ ବିଦ୍ୟାଳୟରେ ଯାହା କିଛି ସରକାରୀ ଭିତ୍ତିଭୂମି ବିକାଶ ପାଇଁ ଅର୍ଥ ଆସୁଛି ତାହା ଠିକ୍ ଭାବରେ ଉପଯୋଗ କରାନଯାଇ ସରକାରୀ ଅର୍ଥକୁ

**କୁଜିନେତାଙ୍କ କବ୍‌ଜାରେ ଦୁଇଟି ବାଳିକା ଉଚ୍ଚ ବିଦ୍ୟାଳୟ**

ଆତ୍ମସାତ୍ କରାଯାଉଛି ତାହାର ମଧ ନଗ୍ନ ନମୁନା ଦେଖିବାକୁ ମିଳିଛି। ଏପରିକି ଏହି ବିଦ୍ୟାଳୟରେ ବିଭିନ୍ନ ସମୟରେ ବିଭିନ୍ନ ନିଯୁକ୍ତିରେ ମଧ ବ୍ୟାପକ ଚଞ୍ଚକତା ହୋଇଥିବା ନଜିର ରହିଛି।

ତେବେ ଏହି ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଦୀର୍ଘ ୨୪ବର୍ଷ ଧରି ବିଜେଡ଼ି ସରକାର ରହି ଆସିଥିଲେ ମଧ ଏହି ଗୋତରା ପଞ୍ଚାୟତରେ ଏକ ସହଶିକ୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ ହୋଇପାରିଲା ନାହିଁ କାହିଁକି ତାହାକୁ ନେଇ ନାନା ମୁଖରେ ନାନା କଥା ଶୁଣିବାକୁ ମିଳୁଛି।

ତେବେ ବର୍ତ୍ତମାନ ବିଜେପି ସରକାର ସମୟରେ ମାହାଙ୍ଗାରେ ବିଧାୟକ ଶାରଦାପ୍ରସାଦ ପ୍ରଧାନ ଶିକ୍ଷାର ବିକାଶ ପାଇଁ ଅହରହ ପ୍ରଚେଷ୍ଟା ଜାରି ରଖିଛନ୍ତି। ହେଲେ ଆଜି ମଧ ଗୋତରା ପଞ୍ଚାୟତରେ ଗୋଟିଏ ସହଶିକ୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ ନାହିଁ। ଯାହାକୁ ନେଇ ଏହି ପଞ୍ଚାୟତ ଅଞ୍ଚଳବାସୀଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ଏହି ପଞ୍ଚାୟତରେ ଏକ ସହଶିକ୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ସ୍ଥାନୀୟ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଜନସାଧାରଣ ମୁଖ୍ୟମନ୍ତ୍ରୀ ଓ ମାହାଙ୍ଗା ବିଧାୟଙ୍କୁ ଗୁହାରି କରିଛନ୍ତି।

## ପିଏମଶ୍ରୀ କୋରୋ ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

**କେନ୍ଦ୍ରାପଡ଼ା,୧୩।୧୨(ସଂଚାର ବ୍ୟୁରୋ):** ପିଏମଶ୍ରୀ କୋରୋ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୫୨ତମ କ୍ରୀଡା ଉତ୍ସବ ଓ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୋମନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କ୍ରୀଡା ଉତ୍ସବକୁ ପସଖା ଶିକ୍ଷାସେତୁ ସଭାପତି ରଞ୍ଜିତ କୁମାର ଜେନା, ସ୍କୁଲ ପରିଚାଳନା ସମିତି ସଭାପତି ମଧୁସ୍ମିତା ନାୟକ, ସି.ଆର.ସି.ସି. ବୈଲୋଚନ ସାମଲ ପ୍ରମୁଖ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉକ୍ତ ଉତ୍ସବକୁ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ଇତିଶ୍ରୀ ପ୍ରଧାନ ସଂଯୋଜନା କରିଥିଲେ। ଏହା ଦୁଇ ଦିନ ଧରି ଅନୁଷ୍ଠିତ ହେବ । ଉକ୍ତ ଉତ୍ସବ ସହିତ କ୍ଲଷ୍ଟର ସ୍ତରୀୟ ଶିକ୍ଷା ସଭା ମଧ ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିକ୍ଷା ସଭାରେ ବାରୋ ଗ୍ରାମ ପାୟତ ସରପ ଗୋପୀନାଥ ମଲିକ, କୋରୋ ଗ୍ରାମପାୟତ ସରପଙ୍କ ପ୍ରତିନିଧି ରଞ୍ଜିତ କୁମାର ଜେନା, ସି ଆର୍‌ସି ସି ବୈଲୋଚନ ସାମଲ, କୋରୋ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ



ତଥା ମାନଭଞ୍ଜନ ପ୍ରଧାନ, ଅଶୋକ କୁମାର ସାହୁଙ୍କ ଉପସ୍ଥିତିରେ କୋରୋ କ୍ଲଷ୍ଟରର ଅର୍ଦ୍ଧ ପାଠ ଛାଡି ଥିବା ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଉକ୍ତ ପିଲାମାନେ ମୁଖ୍ୟସ୍ରୋତକୁ ଫେରିବା ପାଇଁ ବାର୍ତ୍ତା ପ୍ରଦାନ କରାଯାଇଥିଲା ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ତାଙ୍କ ବାସଭବନରେ ବିଶିଷ୍ଟ ଗାଳ୍ପିକ ତଥା ସ୍ତମ୍ଭକାର ବିଜୟ ନାୟକଙ୍କ ରଚିତ ଗଳ୍ପ ସଂକଳନ 'ସୁବ୍ରତ ଏବେ କେଉଁଠି'ର ଉନ୍ମୋଚନ କରିଛନ୍ତି। ଶ୍ରୀ ନାୟକ ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ ସେକ୍ରେଟାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ପୁସ୍ତକଟି 'ବିଦ୍ୟାପୁରୀ' ପକ୍ଷରୁ ପ୍ରକାଶିତ ହୋଇଛି।

## ନବମ ଶ୍ରେଣୀ ଛାତ୍ରଙ୍କଠାରୁ ବନ୍ଧୁକ ଜବତ




**କେନ୍ଦ୍ରାପଡ଼ା,୧୩।୧୨(ସଂଚାର ବ୍ୟୁରୋ):** ବିଦ୍ୟାଳୟକୁ ଶିକ୍ଷାର ମନ୍ଦିର ବୋଲି କୁହାଯାଏ। ଏଠାରେ ପିଲାମାନେ ପାଠପଢ଼ି ଭବିଷ୍ୟତରେ ଭଲ ମଣିଷ ହେବାକୁ ସ୍ୱପ୍ନ ଦେଖିଥାନ୍ତି। ହେଲେ ବିଦ୍ୟାଳୟରେ ପାଠ ପଢ଼ିବା ପରିବା ପରିବର୍ତ୍ତେ ପିଲା ବନ୍ଧୁକ ନେଇ ଆସିବା ସାଧାରଣରେ ବିସ୍ମୟ ଭାବ ସୃଷ୍ଟିକରିଛି। କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ କୁଦାନଗରୀ ଥାନା ଅଞ୍ଚଳରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ନିକଟରୁ ଏକ ବନ୍ଧୁକ ଜବତ କରିଛି ପୁଲିସ। ବିଦ୍ୟାଳୟକୁ ବନ୍ଧୁକ ନେଇ ଯାଇଥିବା ବେଳେ ପୁଲିସକୁ ଖବର ଦେଲେ ଶିକ୍ଷକ। ପୁଲିସ ବନ୍ଧୁକ ଜବତକରି ଫରେନସିକ୍ ଟେଷ୍ଟ ପାଇଁ ପଠାଇବା ସହିତ ଆରମ୍ଭ କରିଛି ତଦନ୍ତ। ବିଦ୍ୟାଳୟକୁ ବନ୍ଧୁକ ନେଇ ଯାଇଥିବା ଛାତ୍ରକୁ ସୁଧାର ଗୃହକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଏନେଇ ଛାନଭିନ ଜାରି ରଖିଛି।

# ମହାନଦୀ ନାଁରେ ରାଜନୈତିକ ମାଇଲେଜ ଲଢ଼େଇ

- ପ୍ରସନ୍ନ-ଜୟନାରାୟଣ ମୁହାଁମୁହିଁ
- 'ବିଜେଡି ଦାବିକୁ ଶୁଣୁନଥିଲେ କେନ୍ଦ୍ର ଓ ଜଳ ଆୟୋଗ'
- ବିଜେଡି ଜଳ ବିବାଦର ସୃଷ୍ଟିକର୍ତ୍ତା: ଜୟନାରାୟଣ

**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ୨୪ ବର୍ଷ ଧରି ରାଜ୍ୟରେ ବିଜେଡି କ୍ଷମତାରେ ରହିଲା। ଯେଉଁ ସମୟରେ ମହାନଦୀର ଉପମୁଣ୍ଡରେ ଛତିଶଗଡ ସରକାର ଗୋଟେ ପରେ ଗୋଟେ ୭ରୁ ଅଧିକ ଡ୍ୟାମ ଓ ଏକାଧିକ ଚେକଗେଟ ଗଠନ କଲା ସେ ସମୟରେ ମଧ୍ୟ ବିଜେଡି ଶାସନ ଗାଦିରେ ବସିଥିଲା। କାର୍ଯ୍ୟ ଆରମ୍ଭ ସମୟରେ ହୀରାକୁଦ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କୁ ଅବଗତ କରିଥିଲେ। ହେଲେ ବିଜେଡି ସରକାର କୌଣସି ପଦକ୍ଷେପ ନନେଇ ଛତିଶଗଡ଼ ସରକାରଙ୍କୁ ତାଙ୍କ ଟାର୍ଗେଟ ପୂରଣ କରିବାକୁ ଖୋଲାହାତ ଛାଡିଦେଲା। ପରେ ଡ୍ୟାମ ଓ ଚେକଗେଟ ନିର୍ମାଣ ସରିବା ପରେ ବିଜେଡି ନେତାଙ୍କ ମୁଣ୍ଡକୁ ବିଛା କାମୁଡିଥିଲା। ଆଉ ଆରମ୍ଭ ହେଲା ବିରୋଧ। ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବା ବଦଳରେ ବିବାଦକୁ ଦୀର୍ଘସ୍ଥାୟୀ କରିବାକୁ ଆଇନର ଆଶ୍ରୟ ନେଲା। ଆଉ ଏବେ ବିରୋଧୀ ଦଳକୁ ଆସିବା ପରେ ଏହାକୁ ଏକ ରାଜନୈତିକ ପ୍ରସଙ୍ଗ କରିବାକୁ ଚେଷ୍ଟା କରାଯାଉଛି। ଯାହାକୁ ନେଇ ଆଜି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଓ ବିଜେପିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମୁହାଁମୁହିଁ ହୋଇଛନ୍ତି।

ମହାନଦୀ ସଙ୍କଟର ସମାଧାନ କେବେ ହେବ ରାଜ୍ୟ ସରକାର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ପ୍ରସନ୍ନ ପ୍ରଶ୍ନ କରିଛନ୍ତି। ପ୍ରସନ୍ନ କହିଛନ୍ତି, ମହାନଦୀ ହେଉଛି ଓଡ଼ିଶାର ଜୀବନ ସ୍ରୋତ। ଗତ କିଛି ଦଶନ୍ଧି ହେଲା ମହାନଦୀର ଜୀବନସ୍ରୋତକୁ ସଙ୍କୁଚିତ କରି ବିକଳାଙ୍ଗ କରିଦେବାର ହୀନଚକ୍ରାନ୍ତ ସମଗ୍ର ରାଜ୍ୟବାସୀଙ୍କ ପାଇଁ





ବେଦନା ଦାୟକ ହୋଇପଡିଛି। ଏହାର ଆର୍ତ୍ତଚିତ୍କାର ନା କେନ୍ଦ୍ର ସରକାର ଶୁଣୁଛନ୍ତି ନା ଛତିଶଗଡ଼ ସରକାର ଶୁଣୁଛନ୍ତି। ରାଜ୍ୟର ବିନା ସହମତିରେ ଆନ୍ତଃରାଜ୍ୟ ନଦୀଜଳ ସମ୍ପର୍କୀତ ସମସ୍ତ ବିଧି ବିଧାନକୁ ବେଖାତିର କରି ଛତିଶଗଡ ରାଜ୍ୟ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଛନ୍ତି ଏବଂ କେନ୍ଦ୍ର ସରକାର ଶୁଣ୍ଢି ସାକ୍ଷୀ ମାତାଲ୍ ଭଳି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ମହାନଦୀର ଉପର ମୁଣ୍ଡରେ ବ୍ୟାରେଜ ପରେ ବ୍ୟାରେଜ ନିର୍ମାଣ କରି ମହାନଦୀର ଜଳ ସ୍ରୋତକୁ ମନଇଚ୍ଛା ନିଜ ଅଧିନରେ ରଖି ମହାନଦୀର ଧାରକୁ ଶୁଷ୍କ ଓ ନିରସ ରଖୁଥିବା ଛତିଶଗଡ ସରକାରଙ୍କ ମନଇଚ୍ଛା କାର୍ଯ୍ୟ ଓଡ଼ିଶାର ଦାରୁଣ କ୍ଷତି ଘଟାଉଛି। ପୂର୍ବ ରାଜ୍ୟ ସରକାରଙ୍କ ଅନୁରୋଧ ଓ ଆବେଦନ ଛତିଶଗଡ଼ ସରକାର ତ ଶୁଣିଲେ ନାହିଁ, କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ଜଳ ଆୟୋଗ ମଧ୍ୟ ନୀରବଦ୍ରଷ୍ଟା ସାଜିଲେ ବୋଲି ସେ କହିଛନ୍ତି।

ପ୍ରସନ୍ନ ଆଚାର୍ଯ୍ୟ ଯେଉଁ ଅଭିଯୋଗ ଆଣିଛନ୍ତି ତାର ଜବାବ ଦେଇଛନ୍ତି ଜୟ ନାରାୟଣ। ମହାନଦୀ କମିଟି ସଦସ୍ୟ ଜୟ ନାରାୟଣ ମିଶ୍ର କହିଛନ୍ତି, ଆସନ୍ତା ୨୨ତାରିଖରେ ବସିବ ମହାନଦୀ ଉଚ୍ଚ ସ୍ତରୀୟ କମିଟିର ପ୍ରଥମ ବୈଠକ। ମହାନଦୀ ଜଳ ବିବାଦର ସୃଷ୍ଟି କର୍ତ୍ତା ହେଉଛି ପୂର୍ବର ବିଜେଡି ସରକାର। ତେଣୁ ସେହି ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଏ ଉପଦେଶ ଦେଇଥିଲେ ଭଲ ହୋଇଥାନ୍ତା ବୋଲି ସେ କହିଛନ୍ତି। ମହାନଦୀ ପାଇଁ ଗଠନ ହୋଇଥିବା କମିଟିର ପ୍ରଥମ ବୈଠକ ଆସନ୍ତା ୨୨ତାରିଖରେ ବସିବ। ସେହିଠାରେ ରାଜ୍ୟ ତରଫରୁ କଣ କଣ ପଦକ୍ଷେପ ନିଆଯିବ ସେନେଇ ବିଶେଷ ଆଲୋଚନା ହେବ। ମହାନଦୀ ବିବାଦର ସମାଧାନ ପାଇଁ ବିଜେଡି ୨୪ବର୍ଷ ଭିତରେ କିଛି କଲେ ନାହିଁ। ମହାନଦୀରେ ଯେତେ ପାଣି ଆସୁଛି ସବୁ ସମୁଦ୍ରକୁ ଚାଲିଯାଉଛି। ୩ଟି ଡ୍ୟାମ୍ ମଧ୍ୟ କରି ପାରିଲେ ନାହିଁ। ଆମ ସରକାର ପାରୁ ପର୍ଯ୍ୟନ୍ତ ଏ ବିବାଦର ସମାଧାନ ପାଇଁ ଚେଷ୍ଟା କରୁଛନ୍ତି। ହେଲେ ଏହାକୁ ନେଇ ବିଜେଡି କେବେ ସନ୍ତୁଷ୍ଟ ନୁହେଁ। ଏହା ତାଙ୍କ ଚରିତ୍ର, ତାଙ୍କ ସରକାର ସମୟରେ ଅନେକ କମିଟି ଗଠନ କଲେ। ହେଲେ ଗୋଟିଏ ମଧ୍ୟ ବୈଠକ ବସିଲା ନାହିଁ। ମହାନଦୀର ଜଳକୁ କିପରି ଉପଯୋଗ କରାଯାଇପାରିବ, ସରକାର ତା' ଉପରେ ଗୁରୁତ୍ୱ ଦେଉଛନ୍ତି। ଆଗକୁ ଏହାକୁ ଅଧିକ ବ୍ୟାପକ କରାଯିବ ବୋଲି ଜୟ ନାରାୟଣ କହିଛନ୍ତି।

### ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ

## ଲାଇଭ୍ ସ୍କେଚିଂ ଓ ସଚେତନତା ଷ୍ଟଲରେ ଭିଡ଼

**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚାଲିଥିବା ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ କ୍ରମଶଃ ପାଠକଙ୍କ ଭିଡ଼ ବଢ଼ିଚାଲିଛି। ଚଳିତ ବର୍ଷ ଉକ୍ତ ପୁସ୍ତକ ମହୋତ୍ସବରେ ବିଭୂତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ଏକ ଲାଇଭ୍ ସ୍କେଚିଂ କାଉଣ୍ଟର ନିର୍ମାଣ କରାଯାଇଛି, ଯେଉଁଠି ସର୍ବାଧିକ ପାଠକଙ୍କ ବେଶ ଭିଡ଼ ଜମୁଛି। ପ୍ରତି ସନ୍ଧ୍ୟାରେ ମହାବିଦ୍ୟାଳୟର ୮ ଜଣ ଛାତ୍ର ଏଠାରେ ପାଠକମାନଙ୍କର ଲାଇଭ ସ୍କେଚ୍ କରୁଛନ୍ତି, ଯାହାକି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରତିଟି ପେନସିଲ ସ୍କେଚିଂ ପାଇଁ ୩୫୦ ଟଙ୍କା ଓ ତୂଳୀରଙ୍ଗ ସ୍କେଚିଂ ଚିତ୍ରକଳା ପାଇଁ ୪୫୦ ଟଙ୍କା ମୂଲ୍ୟ ରହିଛି। ବିଭୂତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଚିତ୍ରକଳା ବିଭାଗରେ ଅଧ୍ୟୟନରତ ଛାତ୍ର ଶଶିକାନ୍ତ କହିଛନ୍ତି ଯେ ପୁସ୍ତକ ମହୋତ୍ସବରେ ଲାଇଭ ସ୍କେଚିଂ କରିବାର ସୁଯୋଗ ମିଳିବା ଆମ ପାଇଁ ଆନନ୍ଦର ବିଷୟ। ଏହାଦ୍ୱାରା ଆମ ଦକ୍ଷତା ଓ କଳା ନୈପୁଣ୍ୟର ବିକାଶ ହେବା ସହ ଲୋକମାନଙ୍କ ସହ ମିଶିବା ଓ ତାଙ୍କର ଚିତ୍ରକଳା ପ୍ରତି ରହିଥିବା ଆଗ୍ରହ ସମ୍ବନ୍ଧରେ ଜାଣିବାର ସୁଯୋଗ ମିଳୁଛି ଯାହାକି ଆମ ଅଭିଜ୍ଞତାକୁ ପରିପୁଷ୍ଟ କରୁଛି। ଏହାଛଡ଼ା ପୁସ୍ତକ ମହୋତ୍ସବରେ ପାଠକମାନଙ୍କ ପାଇଁ ବିଭିନ୍ନ ଗଳ୍ପ, କବିତା, ପ୍ରବନ୍ଧ, ପାଠ୍ୟପୁସ୍ତକ ଉପଲବ୍ଧ କରାଇବା ସହ ବିତ୍ତୀୟ ସାକ୍ଷରତା ସୁନିଶ୍ଚିତ ପାଇଁ ବି ପଦକ୍ଷେପ ନିଆଯାଇଛି। ବିତ୍ତୀୟ ଦୁନିଆର ତଥ୍ୟ ଓ ବିବରଣୀକୁ ନେଇ ଭାରତୀୟ




ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବୀ) ପକ୍ଷରୁ ଏକ ଷ୍ଟଲ ନିର୍ମାଣ କରାଯାଇଛି। ସେଠାରୁ ବିତ୍ତୀୟ ଶିକ୍ଷା ପୁସ୍ତକ, ବିତ୍ତୀୟ ଯୋଜନା ସମ୍ବନ୍ଧୀୟ ମାର୍ଗଦର୍ଶିକା ପ୍ରଦାନ କରାଯିବା ସହ ସିକ୍ୟୁରିଟି ମାର୍କେଟ୍‌ରେ ନିବେଶ, ସଞ୍ଚୟ ଓ ବୀମା ସମ୍ପର୍କୀୟ ତଥ୍ୟ ଓ ବିବରଣୀ, ପେନସନ, ଅବସର ଏବଂ ଇଷ୍ଟେଟ ଯୋଜନା, ନିବେଶ ବିକଳ୍ପ ପାଇଁ ସରକାରୀ ଯୋଜନା ସମ୍ବନ୍ଧରେ ସୂଚନା ମିଳିପାରୁଛି। ସେହିପରି ଆସନ୍ତା ୨୦୨୭ରେ ଦେଶରେ ଜନଗଣନା ହେବାକୁ ଥିବା ବେଳେ ଏ ସଂକ୍ରାନ୍ତରେ ସଚେତନତା ସୃଷ୍ଟି ସକାଶେ ଷ୍ଟଲ୍ ସ୍ଥାନ ପାଇଛି। ଆହୁରି ଟେଲିକମ୍ ବିଭାଗ ପକ୍ଷରୁ ସାଇବର ସଚେତନତା ସୃଷ୍ଟି ପାଇଁ ବି ଷ୍ଟଲ ନିର୍ମାଣ କରାଯାଇଛି।

## ୩ ଶିକାରୀ ଗିରଫ, ୫ ବନ୍ଧୁକ ଜବତ

**ନୀଳଗିରି, ୧୩।୧୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଥିବା କୁଳଡିହା ଅଭୟାରଣ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଶିକାରୀଙ୍କ କବଳରୁ ରକ୍ଷାପାଇବା ସହିତ ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଅଭୟାରଣ୍ୟରେ ଏଆଇ କ୍ୟାମେରା ଲାଗିଛି। ଯାହା ଶିକାରୀଙ୍କ ଯୋଜନାକୁ ପଣ୍ଡ କରିଛି। ପୁଣି ଶିକାରୀଙ୍କୁ ଧରାଇ ଦେଇଛି ଏଆଇ କ୍ୟାମେରା। କୁଳଡିହା ଅଭୟାରଣ୍ୟ ଅଧୀନ ବେଡେଇ ଜଙ୍ଗଲରେ ବନବିଭାଗ ପକ୍ଷରୁ ଗଛ ଉପରେ ଇଓ କ୍ୟାମେରା ଲଗାଯାଇଥିଲା। ଗତ ୨ ତାରିଖ ଦିନ ଶିକାରୀମାନେ କୁଳଡିହା ଅଭୟାରଣ୍ୟ ଭିତରକୁ ଅବାଧରେ ଶିକାର କରିବାକୁ ଯାଇଥିଲେ। ସେମାନଙ୍କ ଚିତ୍ର ଏଆଇ କ୍ୟାମେରାରେ



କଏଦ ହୋଇଥିଲା। ପରେ ଚିହ୍ନଟ କରିବା ପରେ ବନ ବିଭାଗ ଶିକାରୀଙ୍କୁ ଧରିବା ପାଇଁ ପ୍ରସ୍ତୁତ ହୋଇ ରହିଥିଲା। ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଗତକାଲି ରାତିରେ ନୀଳଗିରି କୁଳଡିହା ଓ ସୋର ବନ ବିଭାଗ ମିଳିତ ଭାବେ ବେଡେଇ ଅଞ୍ଚଳରେ ଚଢ଼ାଉ କରିଥିଲେ। ୩ ଜଣ ଶିକାରୀ ଗିରଫ କରିଥିବା ବେଳେ ୫ଟି ଦେଶୀ ବନ୍ଧୁକ ଜବତ କରିବାରେ ସଫଳ ହୋଇଛନ୍ତି। ଗିରଫ ଶିକାରୀମାନେ ହେଲେ ବେଡେଇ ନରସିଂହସିଲା ଗ୍ରାମର ଗୁରା ମୁଣ୍ଡା, ଗେଦେ ଦେଓଗାମ, ବିକ୍ରମ ମୁଣ୍ଡା। ଗିରଫ ପରେ ୩ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସିଏଫ ଶୋଭନଦିଗନ୍ତ ଚାନ୍ଦ କହିଛନ୍ତି।

### ବ୍ୟବସାୟୀଙ୍କ ମୁଣ୍ଡ ଜାମିନ ରଖି ମାଗୁଥିଲେ ୫ ଲକ୍ଷ ଟଙ୍କା

## ମୃତଦେହ ମିଳିବା ପରେ ମା' ପୁଅ ସମେତ ୫ଜଣଙ୍କୁ ଜେଲ୍

**ପଟ୍ଟାମୁଣ୍ଡାଇ,୧୩।୧୨(ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରରେ ଅପହୃତ ହୋଇଥିବା ବ୍ୟବସାୟୀଙ୍କ ମୃତଦେହ ମିଳିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡା ଜିଲ୍ଲା ରାଜନଗର ଗୋପାଳପୁର ବଜାରରେ ବ୍ୟବସାୟୀଙ୍କ ମୁଣ୍ଡ ଜାମିନ ପାଇଁ ଲଗାଯାଇଥିଲା ପୋଷ୍ଟର। ୫ ଲକ୍ଷ ଟଙ୍କା ଦେଲେ ବ୍ୟବସାୟୀ ବଳରାମ ସେଠୀଙ୍କୁ ଛାଡ଼ିବୁ ନଚେତ ତାଙ୍କୁ ହତ୍ୟା କରାଯିବା ନେଇ ପୋଷ୍ଟରରେ ଦିଆଯାଇଥିଲା ଧମକ। ଗତ ୩୦ ତାରିଖରୁ ନିଖୋଜ ଥିଲେ ଗୋପାଳପୁର ଡ଼ିଆପାରୀ ଗାଁର ବଳରାମ ସେଠୀ। ପୁଲିସ କାଙ୍କଦିଆ ଗାଁ ନିକଟ ହଂସୁଆ ନଦୀ କୂଳରେ ଥିବା ଜଙ୍ଗଲରୁ ବଳରାମଙ୍କ ମୃତଦେହ ୯ ଦିନ ପରେ ଉଦ୍ଧାର କରିଥିଲା । ଏହି ଘଟଣାରେ କାଙ୍କଦିଆ ଗ୍ରାମର ଭାଗ୍ୟଧର ଜେନା, ବିଘ୍ନେଶ୍ୱର ମଲ୍ଲିକ ଓ ଭାଗ୍ୟଧରଙ୍କ ଝିଅ ଯାମିନୀ ସ୍ୱାଇଁଙ୍କୁ ପୁଲିସ ଗିରଫ କରିଥିବା ବେଳେ କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ଯାମିନୀଙ୍କ ମା'ଶଶିକଳା ଜେନା ଓ ଭାଇ ସୁରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପରେ ଜାମିନ ନାମଞ୍ଜୁର ହେବାରୁ ବାରିମୂଳ ଜେଲକୁ ମା'-ପୁଅଙ୍କୁ ପଠାଇଛି ପୁଲିସ ।

### ଆଉଟସୋର୍ସିଂ କର୍ମଚାରୀଙ୍କ ଚେତାବନୀ

## ସାରା ଦେଶ ଦେଖିବ ଭୟଙ୍କର ଲଢ଼େଇ

**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ସର୍ବସମ୍ମୁଖରେ ନିର୍ଭର ପ୍ରତିଶ୍ରୁତି ଦେଲେ, ଆନ୍ଦୋଳନ ସ୍ଥଳରେ ପହଞ୍ଚି ମୁଖ୍ୟମନ୍ତ୍ରୀ ସମସ୍ୟା ବୁଝିବା ପାଇଁ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରିଥିବା କହି ଆନ୍ଦୋଳନ ସ୍ଥଗିତ ରଖିବା ସକାଶେ ପ୍ରବର୍ତ୍ତାଇଲେ। ସରକାରୀ ଦଳର ମନ୍ତ୍ରୀ ବିଧାୟକମାନଙ୍କ କଥାରେ ହଜାର ହଜାର ଆଉଟସୋର୍ସିଂ କର୍ମଚାରୀ ଗାନ୍ଧି ମାର୍ଗ ଛାଡ଼ି ଘରକୁ ଫେରିଗଲେ। ଗତ ମାର୍ଚ୍ଚ ୨୮ରୁ ଆଜି ପର୍ଯ୍ୟନ୍ତ ମହାସଂଘ ତିନି ଦଫା ଦାବି ପୂରଣ ପାଇଁ ନେହୁରା ହୋଇ ହୋଇ ଥକିପଡ଼ିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ସଂଘ ସହ ଆଲୋଚନା ପାଇଁ ସମୟ ଦେଇନାହାନ୍ତି। ବରଂ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ୪ ହଜାର ଲୋକଙ୍କୁ ଚାକିରିରୁ ଛଟେଇ କରାଯାଇସାରିଲାଣି। ୬୫ ଭାଗ ଆଉଟସୋର୍ସିଂ କର୍ମଚାରୀଙ୍କ ପାଖାପାଖି ୯ ମାସର ଦରମା ମିଳିପାରିନାହିଁ। ନିକଟରେ ନୂଆପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ ଗରିବ ଆଉଟସୋର୍ସିଂ




କର୍ମଚାରୀ ୯ ମାସର ଦରମା ନ ପାଇ ଆତ୍ମହତ୍ୟା କରିଛନ୍ତି। ସରକାର ମଧ୍ୟ ଏପରି ଘଟଣାକୁ ଆଦୌ ନଜର ଦେଉନାହାନ୍ତି। ନୂଆପଡ଼ା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଲଘୁତମ ସାହୁଙ୍କ ଆତ୍ମହତ୍ୟା ଘଟଣାରେ ମହାସଂଘ ପକ୍ଷରୁ ଗଭୀର ଶୋକ ଓ କ୍ରୋଧ ପ୍ରକଟ କରାଯିବା ସହ ଏଥିପାଇଁ ଦାୟୀ ସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ସହ ତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ସହାୟତା ଓ ଅନୁକମ୍ପାମୂଳକ ନିଯୁକ୍ତି ସହ ସମାନ ଧରଣର ଘଟଣାରେ ମୃତ କର୍ମଚାରୀଙ୍କୁ ଅନୁକମ୍ପା ରାଶି ପ୍ରଦାନ, ଅବିଳମ୍ବେ ଛଟେଇ ବନ୍ଦ, ଛଟେଇ କର୍ମଚାରୀଙ୍କୁ ତୁରନ୍ତ ପୁନଃନିଯୁକ୍ତି ପ୍ରଦାନ, ନିୟମିତ ଦରମା ପ୍ରଦାନ ଓ ଅନ୍ୟ ବିଜେପିଶାସିତ ରାଜ୍ୟ ପରି ଆଉଟସୋର୍ସିଂ ବ୍ୟବସ୍ଥାରେ ନିଯୁକ୍ତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରାଯାଇଛି। ଏହିସବୁ ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନ ନେଲେ ଆସନ୍ତା ମାସରେ ମହାସଂଘ ଡାକରାରେ ଲକ୍ଷ ଲକ୍ଷ କର୍ମଚାରୀ ଗାନ୍ଧୀ ମାର୍ଗରେ ଆନ୍ଦୋଳନ କରିବେ, ଯାହାକୁ ସମଗ୍ର ଦେଶ ଦେଖିବ ବୋଲି ମହାସଂଘ ଅଧ୍ୟକ୍ଷ ପ୍ରଭାତ ମହାନ୍ତି, ସଭାପତି ସଞ୍ଜୟ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପ୍ରତାପ ନାଥ, ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ମିଶ୍ର ଓ ଗୌତମ ମହାରଣା, ମହାସଚିବ ହେମନ୍ତ ବସ୍ତିଆ, ସାଧାରଣ ସମ୍ପାଦକ ମାନସ ରଞ୍ଜନ ଦାସ, କୋଷାଧ୍ୟକ୍ଷ ସଚିତ୍ର ଦାଶ, ଯୁଗ୍ମ ସମ୍ପାଦକ ଦୀପକ ପାଣି, ସଂଗଠନ ସମ୍ପାଦକ ତାପସ କୁମାର ମିଶ୍ର, ରାଜ୍ୟ ସହ କୋଷାଧ୍ୟକ୍ଷ ବିଶ୍ୱଜିତ ନାଥ ଓ ସନ୍ତୋଷ ସିଂ, ଚେତାବନୀ ଦେଇଛନ୍ତି।

### କିସ୍‌ରେ ଛାତ୍ର ମୃତ୍ୟୁ ନେଇ ବିବାଦ

## ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା

**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** କିସ୍‌ରେ ଜନୈକ ଛାତ୍ରଙ୍କ ମୃତ୍ୟୁକୁ ନେଇ ବିବାଦ ସୃଷ୍ଟି ହୋଇଛି। କେନ୍ଦୁଝର ଟାଉନ୍ ଥାନା ଅନ୍ତର୍ଗତ ଟିକର ଘୁମୁରା ଗ୍ରାମର ଶିବ ମୁଣ୍ଡା ନାମକ ଉକ୍ତ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ପ୍ରତିବାଦରେ ପରିବାର ଲୋକେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏନେଇ ତାଙ୍କ ବାପା ରଘୁନାଥ ମୁଣ୍ଡାଙ୍କ ଅଭିଯୋଗ ଅନୁସାରେ, ଗତକାଲି ତାଙ୍କ ପାଖକୁ କିସରୁ ଫୋନ୍ ଆସିଥିଲା। ପୁଅ ପାଇଖାନାରେ ପଡ଼ି ଆହତ ହୋଇଛି ଓ ତା'ର ଚିକିତ୍ସା ଚାଲିଛି ବୋଲି କର୍ତ୍ତୃପକ୍ଷ କହିଥିଲେ। ଏଥିସହ ତାଙ୍କୁ ତୁରନ୍ତ ଭୁବନେଶ୍ୱର ଆସିବାକୁ କୁହାଯାଇଥିଲା। କିନ୍ତୁ ସେ ଭୁବନେଶ୍ୱରରେ ପହଞ୍ଚିବା ବେଳକୁ ପୁଅଙ୍କ ମୃତ୍ୟୁ ହୋଇଯାଇଥିବା କିସ୍ କର୍ତ୍ତୃପକ୍ଷ କହିଥିଲେ। ପରେ ଶିବଙ୍କ ମୃତଦେହର ବ୍ୟବଚ୍ଛେଦ ନକରାଇ ଓ ପୁଲିସ୍‌କୁ କୌଣସି ସୂଚନା ନ ଦେଇ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଗାଁକୁ ପଠାଇ ଦିଆଯାଇଥିଲା। ଏପରିକି କର୍ତ୍ତୃପକ୍ଷ କେତେକ କାଗଜରେ ତାଙ୍କ ଦସ୍ତଖତ ନେଇଥିବା ରଘୁନାଥ ଅଭିଯୋଗ କରିଛନ୍ତି। ତେବେ ଶିବଙ୍କ ବେକରେ କେତେକ ଦାଗ ଦେଖି ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରିବା ସହ ମୃତଦେହ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତୁରନ୍ତ ମାମଲାର ତଦନ୍ତ ସହ କୋଟିଏ ଟଙ୍କାର କ୍ଷତିପୂରଣ ଯୋଗାଇଦେବାକୁ ଦାବି କରାଯାଇଥିଲା। ଏନେଇ ଖବର ପାଇ କେନ୍ଦୁଝର ଟାଉନ ଥାନା ପୁଲିସ ଜିରୋ ଏଫ୍‌ଆଇଆର୍ ରୁଜୁ କରିଥିବା ବେଳେ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ତେବେ ଏ ସଂକ୍ରାନ୍ତରେ କିସ୍ କର୍ତ୍ତୃପକ୍ଷ କିଛି ବି ପ୍ରତିକ୍ରିୟା ଦେଇନାହାନ୍ତି।

## ଚରମ ସୀମାରେ ନିଶା କାରବାର

### ଅବକାରୀ ସଚିବଙ୍କୁ ଅଭିଯୋଗ କଲେ ସମାଜସେବୀ




**ଯାଜପୁର,୧୩।୧୨(ସଂଚାର ବ୍ୟୁରୋ):** ଅବକାରୀ ବିଭାଗର ରାଜ୍ୟ ରାଜକୋଷକୁ ବିଶେଷ ଅବଦାନ ରହୁଥିଲେ ହେଁ ଦିନକୁ ଦିନ ଏହି ବିଭାଗରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ସଂଖ୍ୟା ବଢୁଛି। ବିଶେଷକରି କେତେକ ଅଧିକାରୀ ଅର୍ଥ ଲାଳସାରେ ବିଧି ବ୍ୟବସ୍ଥା ଭୁଲି କେବଳ ନିଜ ସମ୍ପତ୍ତି ବଢ଼ାଇବାରେ ବ୍ୟସ୍ତ ରହୁଥିବାରୁ ଏବେ ଗାଁ ଗାଁରେ ମଦର ଆସର ଜମୁଛି। ଏହି ମଦ ପାଇଁ କେତେବେଳେ ଜୀବନ ଯାଉଛି ତ ଆଉ କେତେବେଳେ ଘର ସଂସାର ଉଜୁଡୁଛି। ଏତେସବୁ ପରେ ବି ନାହିରେ ତେଲ ଦେଇ ଯାଜପୁର ଜିଲ୍ଲା ଅବକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ଶୋଇପଡ଼ିଥିବା ଅଭିଯୋଗ କରିଛନ୍ତି ସମାଜସେବୀ ସବ୍ୟସାଚୀ ସାହୁ। ଜିଲ୍ଲାରେ ଦିନକୁ ଦିନ ନିଶା କାରବାର ବଢୁଥିବା ବେଳେ ଏବେ ଏହା ଚରମ ସୀମାରେ ପହଞ୍ଚିଛି ବୋଲି ସେ ଅଭିଯୋଗ କରିବା ସହ ଏ ଦିଗରେ ପଦକ୍ଷେପ ନେବା ସକାଶେ ଅବକାରୀ ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ଦିନକୁ ଦିନ ଜିଲ୍ଲାରେ ବିଷାକ୍ତ ମଦ, ଗଞ୍ଜେଇ, ହାତ ତିଆରି ରାସାୟନିକ ସାର ମଦ, ବ୍ରାଉନସୁଗର ଭଳି ବିଭିନ୍ନ ମାରାତ୍ମକ ନିଶାର କାରବାର ଯଥେଷ୍ଟ ବଢ଼ିଯାଇଛି। ଏହା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅସାମାଜିକ କାର୍ଯ୍ୟ ବୃଦ୍ଧିରେ ସହାୟକ ହେଉଛି। ଏହାକୁ ରୋକିବା ଦାୟିତ୍ୱ ପାଇଥିବା ଜିଲ୍ଲା ଅବକାରୀ ବିଭାଗର ଅଧିକାରୀମାନେ କିନ୍ତୁ ଦାୟିତ୍ୱ ଭୁଲିଯାଇ ଟଙ୍କା ଆଦାୟରେ ମାତିଛନ୍ତି। ମୋବାଇଲ ସ୍କ୍ୱାଡ୍ ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ବିଭିନ୍ନ ଅଞ୍ଚଳରେ ବୁଲି ନିଶା କାରବାର ଉପରେ ରୋକ ଲଗାଇବା ପରିବର୍ତ୍ତ କୋଚିଆମାନଙ୍କଠାରୁ ବଟି ଆଦାୟ କରୁଥିବା ଚର୍ଚ୍ଚା ହେଉଛି। ସରକାରଙ୍କ ନିର୍ଦ୍ଦେଶକୁ ଜିଲ୍ଲା ଅବକାରୀ ଅଧୀକ୍ଷକ ପାଳନ ନ କରିବା, ଜବତ ମଦକୁ ବେଆଇନ ଭାବେ ବିକ୍ରି କରିବା, ଜିଲ୍ଲାରେ ନିଶାଡ଼ିଙ୍କ ସଂଖ୍ୟା ବଢ଼ିବା, ନିଶାଦ୍ରବ୍ୟର ବହୁଳ ବ୍ୟବହାର ଆଦି ସମ୍ପର୍କରେ ସାମ୍ବାଦିକ ଶ୍ରୀ ସାହୁ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଶର୍ମାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ ସେ ସବିଶେଷ ଦସ୍ତାବିଜ୍ ମଧ୍ୟ ପ୍ରଦାନ କରିଥିବାରୁ ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନେବା ସକାଶେ ପ୍ରତିଶ୍ରୁତି ପାଇଥିବା କହିଛନ୍ତି।

## ଚାଲେଞ୍ଜିଂ ଷ୍ଟାର ପବ୍ଲିକ୍ ସ୍କୁଲ୍‌ର ଅଷ୍ଟମ ବାର୍ଷିକ ଉତ୍ସବ




**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଜୟଦେବ ଭବନଠାରେ ଚାଲେଞ୍ଜିଂ ଷ୍ଟାର୍ ପବ୍ଲିକ୍ ସ୍କୁଲ୍‌ର ଅଷ୍ଟମ ବାର୍ଷିକ ଉତ୍ସବ 'ସମାଜର ବଦଳୁଥିବା ଆବଶ୍ୟକତା' ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ଜୋଛନା ରାଣୀ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ଦାଶରଥି ଶତପଥୀ, ସମ୍ମାନିତ ଅତିଥି ଭାବେ ଡକ୍ଟର ହରିହର କାନୁନ୍‌ଗୋ, ପୂର୍ବତନ ନିର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ବିଏସ୍ ଭାକୁନି, ଡିଜିଏମ୍ ଓ ଜୋନାଲ୍ ହେଡ୍, ୟୁକୋ ବ୍ୟାଙ୍କ ଏବଂ ସମାଜସେବୀ ତ୍ରିଭୁବନ ମହାପାତ୍ର, 'ବାସ୍ତବ କଥା'ର ସମ୍ପାଦକ ଶ୍ରୀମନ୍ତ କୁମାର ପଣ୍ଡା, ସାମାଜିକ କର୍ମୀ ହରିହର ଦାଶ ଓ ମନୋରଞ୍ଜନ ମହାନ୍ତି ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଶ୍ରୀ ଶତପଥୀ ଅଭିଭାବକମାନଙ୍କୁ ଏକ ଉପଯୁକ୍ତ ବିଦ୍ୟାଳୟ ଚୟନ ଓ ପିଲାମାନଙ୍କର ପାଠପଢ଼ା ସହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ ଓ ପ୍ରଦର୍ଶନ ବାସ୍ତବିକ ଉଚ୍ଚକୋଟୀର ବର୍ଣ୍ଣନା କରିଥିଲେ। ସେହିପରି ମୁଖ୍ୟବକ୍ତା ଡ. କାନୁନଗୋ ବିଦ୍ୟାଳୟର କାର୍ଯ୍ୟକ୍ରମ ଓ ପିଲାମାନଙ୍କର ବିଦ୍ୟାଳୟରେ ଆଗ୍ରହ, ଉତ୍କର୍ଷତା ଓ ଉଚ୍ଚକୋଟୀର ଫଳାଫଳ ଉପରେ ଆଲୋକପାତ କରିଥିଲେ। ଏହାଛଡ଼ା ଶ୍ରୀ ମହାପାତ୍ର ପରିବର୍ତ୍ତନଶୀଳ ପରିସ୍ଥିତିକୁ ଅନୁଧ୍ୟାନ କରି ଆଜିର ଏହି ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ପିଲାମାନଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା ସମ୍ପର୍କରେ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ଅତିଥିମାନେ ସାମ୍ପ୍ରତିକ ସମୟରେ ଶିକ୍ଷା ବ୍ୟବସ୍ଥାରେ ମୋବାଇଲର ବ୍ୟବହାର/ଅପବ୍ୟବହାର ଉପରେ ମଧ୍ୟ ଚର୍ଚ୍ଚା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଅତିଥିଗଣ ୟୁକୋ ବ୍ୟାଙ୍କ୍ ଭୁବନେଶ୍ୱର ଜୋନାଲ୍ ମୁଖ୍ୟଙ୍କ ପ୍ରଦତ୍ତ ପୁରସ୍କାର ପ୍ରଦାନ କରିଥିଲେ।

### ସ୍କୁଲ ବୋରୱେଲରେ ବିଷ

## ପାଣିଟାଙ୍କି ଓ ବୋରୱେଲ ସିଲ



**ମାଲକାନଗିରି,୧୩।୧୨(ସଂଚାର ବ୍ୟୁରୋ) :** ସ୍କୁଲ ବୋରୱେଲରେ ବିଷ ମିଶାଇଦେଲେ ଦୁର୍ବୃତ୍ତ। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତିଗୁଡ଼ା ପଞ୍ଚାୟତ ସିନ୍ଧାବେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି ଛାତ୍ରଛାତ୍ରୀ। ଏନେଇ ଥାନାରେ ଏତଲା ଦେଇଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ। ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ପାଇଁ ବୋରୱେଲରୁ ପାଣି ନିଆଯିବା ବେଳେ ଫେଣ ସୃଷ୍ଟି ସହ ଅଜବ ଗନ୍ଧ ବାହାରିଥିଲା। ଏହାପରେ ପିଲାଙ୍କୁ ପାଣି ବ୍ୟବହାର କରିବାକୁ ବାରଣ କରାଯିବା ସହ ସ୍କୁଲ ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ ମାଥିଲି ଥାନାରେ ଏତଲା ଦିଆଯାଇଛି। ପୁଲିସ ଉପସ୍ଥିତିରେ ଜଳଯୋଗାଣ ବିଭାଗର ଅଧିକାରୀ ପହଞ୍ଚି ପରୀକ୍ଷା ପାଇଁ ବୋରୱେଲ ପାଣିର ନମୁନା ସଂଗ୍ରହ କରିଥିଲେ। ପାଣିଟାଙ୍କି ଓ ବୋରୱେଲକୁ ସିଲ କରାଯାଇଛି। ଏମିତି ଅମାନୁଷିକ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଥଇବା ବେଳେ ଅଳ୍ପକେ କୋମଳମତୀ ପିଲାଙ୍କ ଜୀବନ ରକ୍ଷା ପାଇଯାଇଥିବା କୁହାଯାଉଛି।

## ଓଡ଼ିଶାରେ ୧୬ ତାରକା ହୋଟେଲ୍

**ଭୁବନେଶ୍ୱର,୧୩।୧୨:** ରାଜ୍ୟରେ ବିଭିନ୍ନ କିସମର ପ୍ରାୟ ଅଢେଇ ହଜାର ହୋଟେଲ ଥିବାବେଳେ ଏଥି ମଧ୍ୟରୁ ତାରକା ହୋଟେଲର ସଂଖ୍ୟା ମାତ୍ର ୧୬। ଏହିସବୁ ତାରକା ହୋଟେଲରେ ରହିଛି ୨୫୪୦ଟି କୋଠରୀ। କମ୍ ସଂଖ୍ୟା ତାରକା ହୋଟେଲର ପ୍ରଭାବ ଆମର ପର୍ଯ୍ୟଟନ ଶିଳ୍ପ ଉପରେ ପ୍ରଭାବ ପକାଉଥିବା କୁହାଯାଉଛି।

ରାଜ୍ୟକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ସମେତ ଅନ୍ୟାନ୍ୟ ଭିଭିଆଇପି ପର୍ଯ୍ୟଟକମାନେ ସାଧାରଣତଃ ତାରକା ହୋଟେଲରେ ରହିବାକୁ ପସନ୍ଦ କରିଥାନ୍ତି। ପର୍ଯ୍ୟଟନ ଋତୁରେ ଏହାର ଚାହିଦା ବଢ଼ିଥାଏ। କୌଣସି ଅର୍ନ୍ତଜାତୀୟ କାର୍ଯ୍ୟକ୍ରମ ସମୟରେ ତାରକା ହୋଟେଲରେ କୋଠରୀଟିଏ ମିଳିବା ବି କଷ୍ଟକର। ତେଣୁ ରାଜ୍ୟକୁ ବିଦେଶୀ ପର୍ଯ୍ୟଟକ କମ୍ ସଂଖ୍ୟାରେ ଆସିବାର ଏହା ଅନ୍ୟତମ କାରଣ ବୋଲି କୁହାଯାଉଛି।

ତେବେ ରାଜ୍ୟ ସରକାର ପର୍ଯ୍ୟଟନ ଶିଳ୍ପକୁ ଆଖିଆଗରେ ରଖି ରାଜ୍ୟରେ ଏକାଧିକ ହୋଟେଲ ନିର୍ମାଣ ପାଇଁ ଅନୁମତି ଦେଇଛନ୍ତି। ସରକାରଙ୍କ ପ୍ରୋତ୍ସାହନ ପାଇ ବହୁ ନାମୀ ଦାମୀ ହୋଟେଲ ଗୋଷ୍ଠୀ ମଧ୍ୟ ରାଜ୍ୟରେ ସେମାନଙ୍କର ହୋଟେଲ ପ୍ରତିଷ୍ଠା କରୁଛନ୍ତି।



ମିଳିଥିବା ସୂଚନାନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ୫୫ଟି ଛୋଟ ବଡ ହୋଟେଲ ନିର୍ମାଣକୁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି। ଏଥିମଧ୍ୟରୁ କେତେକ ହୋଟେଲ ସେମାନଙ୍କର ବ୍ୟବସାୟ ଆରମ୍ଭ କରିଦେଇଛନ୍ତି। ଏହି ୫୫ଟି ହୋଟେଲ ମଧ୍ୟରୁ ମାତ୍ର ୩ଟି ପଞ୍ଚତାରକା ହୋଟେଲ ଥିବା ବେଳେ ୮ଟି ୪ ତାରକା ଓ ୬ଟି ୩ ତାରକା ହୋଟେଲ ରହିଛନ୍ତି। ଅନ୍ୟ କିଛି ହୋଟେଲକୁ ସରକାର ତାରକା ହୋଟେଲ ତାଲିକାରେ ରଖିଥିଲେ ମଧ୍ୟ ଏମାନେ କେଉଁ ବର୍ଗର ତାହା ଉଲ୍ଲେଖ କରାଯାଇନାହିଁ।

ରାଜ୍ୟ ସରକାର ଓଡ଼ିଶା ପର୍ଯ୍ୟଟନ ନୀତି-୨୦୨୨ ଅନୁସାରେ ମଞ୍ଜୁରୀପ୍ରାପ୍ତ ସମସ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଇଁ ୩ ବର୍ଷର ସମୟସୀମା ଧାର୍ଯ୍ୟ କରିଛନ୍ତି। ତେବେ କେତେକ ହୋଟେଲ ଧାର୍ଯ୍ୟ ସମୟ ପୂର୍ବରୁ ନିଜ ନିଜର ବ୍ୟବସାୟ ଆରମ୍ଭ କରିଦେଇଛନ୍ତି। ମଞ୍ଜୁରୀପ୍ରାପ୍ତ ଏହିସବୁ ହୋଟେଲଗୁଡ଼ିକ ରାଜ୍ୟରେ ୩୨୧୧ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବେ।

ଏହି ସମସ୍ତ ହୋଟେଲ ସମ୍ପୂର୍ଣ୍ଣ ହେଲା ପରେ ବର୍ତ୍ତମାନ ପର୍ଯ୍ୟଟନ ଋତୁ ଓ ଅନ୍ୟାନ୍ୟ ସମୟରେ ଦେଖାଦେଉଥିବା ହୋଟେଲ ସଙ୍କଟ ଆଉ ରହିବ ନାହିଁ ବୋଲି କର୍ତ୍ତୃପକ୍ଷ ଆଶା କରୁଛନ୍ତି। ଏହା କେବଳ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କିମ୍ବା ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରିବ ନାହିଁ, ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପାଇଁ ବଡ଼ ସୁଯୋଗ ଆଣିଦେବ।

ତେବେ ପର୍ଯ୍ୟଟନ ଶିଳ୍ପ ସହ ଜଡ଼ିତ ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ରାଜ୍ୟ ରାଜଧାନୀ ବାହାରେ ନିର୍ମାଣ ହେଉଥିବା ତାରକା ହୋଟେଲଗୁଡ଼ିକ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଯୋଗାଯୋଗ। ଯଦି ଏହିସବୁ ସ୍ଥାନକୁ ବିମାନ ସେବା କିମ୍ବା ସେହିଭଳି ତ୍ୱରିତ ଯୋଗାଯୋଗ ସେବା ଆରମ୍ଭ ହୋଇପାରିବ ତେବେ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କ୍ଷେତ୍ରରେ ଏହା ବେଶ୍ ସହାୟକ ହେବ। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ରବିବାର ୧୪ ଡିସେମ୍ବର ୨୦୨୫, ଭୁବନେଶ୍ୱର
Sunday 14 December 2025, Bhubaneswar



# ଉତ୍ପାଦକତା କମାଉଛି ସ୍କ୍ରୋଲିଂ ନିଶା

ଆଧୁନିକ ଯୁଗରେ ଇଣ୍ଟରନେଟ୍ ଏକ ଅନିବାର୍ଯ୍ୟ ଅଂଶ ହୋଇପଡ଼ିଛି। ଭାରତରେ ୨୦୧୬ରେ ଜିଓର ଆଗମନ ସହିତ ଶସ୍ତା ଡାଟାର ଯୁଗ ଆରମ୍ଭ ହୋଇଥିଲା, ଯାହା ଦେଶର ଯୁବକମାନଙ୍କୁ ଏକ ନୂତନ ଦୁନିଆରେ ପ୍ରବେଶ କରାଇଥିଲା। କିନ୍ତୁ ଏହି ଶସ୍ତା ଡାଟା ଯୁବକମାନଙ୍କୁ ଏକ ଅନ୍ଧକାର ଗର୍ତ୍ତକୁ ଠେଲି ଦେଇଛି। ୨୦୨୫ ସୁଦ୍ଧା ଭାରତର ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୧ ବିଲିୟନ୍ରୁ ଅଧିକ ହେବାର ଆକଳନ କରାଯାଉଛି, ଯେଉଁଥିରେ ଯୁବକମାନଙ୍କର ଅଂଶ ସର୍ବାଧିକ। ଏହି ଡିଜିଟାଲ୍ ବନ୍ଧନ ଯୁବକମାନଙ୍କର ଜୀବନକୁ କିପରି ଗ୍ରାସ କରିଛି, ତାହା ଏବେ ଚିନ୍ତାର ବିଷୟ ହୋଇଛି।



ଏବେ ଇଣ୍ଟରନେଟ୍ ଆଡିକ୍ସନ୍ ଯୁବକମାନଙ୍କର ଏକ ପ୍ରମୁଖ ସମସ୍ୟା ହୋଇପଡ଼ିଛି। ସୋସିଆଲ୍ ମିଡ଼ିଆ ପ୍ଲାଟଫର୍ମ ଯେପରିକି ଇନ୍ଷ୍ଟାଗ୍ରାମ୍, ଟିକ୍ଟକ୍ ଓ ଫେସ୍ବୁକ୍ ଯୁବକମାନଙ୍କୁ ଘଣ୍ଟା ଘଣ୍ଟା ବ୍ୟସ୍ତ ରଖିଛି। ଏକ ଅଧ୍ୟୟନ ଅନୁଯାୟୀ, ଯୁବକମାନଙ୍କର ସୋସିଆଲ୍ ମିଡ଼ିଆ ବ୍ୟବହାର ମାନସିକ ଚାପ ସହିତ ଜଡ଼ିତ। ଅନେକ ଯୁବକ ରାତିରେ ନିଦ୍ରାହୀନ ହୋଇ ରହୁଛନ୍ତି, କାରଣ ସ୍କ୍ରୋଲିଂର ନିଶା ତାଙ୍କୁ ଛାଡୁନାହିଁ। ଏହା ତାଙ୍କର ପଢ଼ାପଢ଼ିକୁ ପ୍ରଭାବିତ କରୁଛି। ୧୫-୨୯ ବର୍ଷ ବୟସର ଯୁବକମାନଙ୍କ ମଧ୍ୟରେ ମାତ୍ର ୨୬.୮ ପ୍ରତିଶତ ଲୋକ ଇଣ୍ଟରନେଟ୍ ବ୍ରାଉଜିଂ କୌଶଳରେ ପାରଦର୍ଶୀ, ଯାହା ଗୁଣବତ୍ତାଯୁକ୍ତ ଶିକ୍ଷାରେ ବାଧା ସୃଷ୍ଟି କରୁଛି। ଦ୍ୱିତୀୟତଃ, ଶସ୍ତା ଡାଟାର ପ୍ରଭାବରେ ଗ୍ରାମାଞ୍ଚଳର ଯୁବକମାନଙ୍କର ଇଣ୍ଟରନେଟ୍ ବ୍ୟବହାର ବଢ଼ିଛି। ୨୦୨୫ରେ ଗ୍ରାମାଞ୍ଚଳର ଇଣ୍ଟରନେଟ୍ ଗ୍ରାହକ ସଂଖ୍ୟା ୪୨୩ ମିଲିୟନ୍ରୁ ଅଧିକ ହୋଇଛି, ଯାହା ୨୦୨୧ର ତୁଳନାରେ ୪୪ ପ୍ରତିଶତ ବୃଦ୍ଧି ହୋଇଛି। କିନ୍ତୁ ଏହି ବୃଦ୍ଧି ସହିତ ଆସିଛି ନକାରାତ୍ମକ ପ୍ରଭାବ। ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ୮୨ ପ୍ରତିଶତ ଇଣ୍ଟରନେଟ୍ ବ୍ୟବହାର କରିବାରେ ସକ୍ଷମ, କିନ୍ତୁ ତାଙ୍କର ସାମାଜିକ ପରିପକ୍ୱତା ଉପରେ ଏହାର ପ୍ରଭାବ ପଡୁଛି। ଏକ ଅଧ୍ୟୟନରେ ଦର୍ଶାଯାଇଛି ଯେ ଅଧିକାଂଶ ଯୁବକଙ୍କର ସାମାଜିକ ପରିପକ୍ୱତା ମଧ୍ୟମ ସ୍ତରର, ଯେଉଁଥିରେ ୮.୮୭ ପ୍ରତିଶତ ନିମ୍ନ ସ୍ତରର। ସାଇବର୍ ବୁଲିଂ, ମିଥ୍ୟା ସୂଚନା ଓ ଅନଲାଇନ୍ ଫ୍ରଡ୍ ମଧ୍ୟ ଯୁବକମାନଙ୍କୁ ମାନସିକ ଭାବେ ଦୁର୍ବଳ କରୁଛି। ତୃତୀୟତଃ, ମହିଳା ଓ ଯୁବତୀଙ୍କ ଡିଜିଟାଲ୍ କୌଶଳରେ ଲିଙ୍ଗ ବ୍ୟବଧାନ ଏକ ବଡ଼ ଚିନ୍ତାର ବିଷୟ। ୨୦୨୫ର ରିପୋର୍ଟ ଅନୁଯାୟୀ, ମହିଳାମାନେ ଡିଜିଟାଲ୍ ପ୍ରଯୁକ୍ତିର ପ୍ରବେଶ ଓ ବ୍ୟବହାରରେ ପଛରେ ରହିଛନ୍ତି। ଏହା ତାଙ୍କୁ ଅନଲାଇନ୍ ହିଂସାର ଶିକାର କରୁଛି। ପିଲାମାନଙ୍କର ଅନଲାଇନ୍ ସୁରକ୍ଷା ମଧ୍ୟ ଏକ ପ୍ରସଙ୍ଗ, କାରଣ ବୟସ ବଢ଼ିବା ସହିତ ଇଣ୍ଟରନେଟ୍ ବ୍ୟବହାର ବଢ଼ୁଛି, ଯାହା ତାଙ୍କୁ ବିପଦରେ ପକାଉଛି।

ଶାରୀରିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି। ଅଧିକ ସ୍କ୍ରିନ୍ ଟାଇମ୍ ଯୋଗୁଁ ଆଖିର ସମସ୍ୟା, ମୋଟାପଣ ଓ ଅନିଦ୍ରା ବଢ଼ୁଛି। ଯୁବକମାନେ ବାହାରେ ଖେଳିବା ବଦଳରେ ମୋବାଇଲରେ ବ୍ୟସ୍ତ ରହୁଛନ୍ତି, ଯାହା ତାଙ୍କର ସାମାଜିକ ଜୀବନକୁ କ୍ଷତିଗ୍ରସ୍ତ କରୁଛି। ଏହି ଡିଜିଟାଲ୍ ଗ୍ରାସ ଯୁବକମାନଙ୍କର ଉତ୍ପାଦକତାକୁ ହ୍ରାସ କରୁଛି ଓ ଦେଶର ଭବିଷ୍ୟତକୁ ପ୍ରଭାବିତ କରୁଛି।

ଇଣ୍ଟରନେଟ୍ ଡାଟାର ଏହି ପ୍ରଭାବକୁ ରୋକିବା ପାଇଁ ସରକାର, ଅଭିଭାବକ ଓ ଯୁବକମାନଙ୍କର ସହଯୋଗ ଆବଶ୍ୟକ। ଡିଜିଟାଲ୍ ଶିକ୍ଷା, ସମୟ ପରିଚାଳନା ଓ ଅନଲାଇନ୍ ସୁରକ୍ଷା ନିୟମର କଡ଼ା ପାଳନ ଦ୍ୱାରା ଏହା ସମ୍ଭବ ହୋଇପାରି। ଯୁବକମାନେ ଇଣ୍ଟରନେଟର ଦାସ ହୋଇ ରହିବା ପରିବର୍ତ୍ତେ ଏହାକୁ ଏକ ଉପକରଣ ଭାବେ ବ୍ୟବହାର କରି ନିଜର ବିକାଶ କରିବା ଉଚିତ୍। ଏହି ସନ୍ତୁଳନ ଦେଶର ଯୁବଶକ୍ତିକୁ ସଶକ୍ତ କରିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

# ଜମି ମାଲିକାନା କୃଷକ ହାତକୁ ଯାଉ

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଯୁଆଡ଼େ ଯାଅ, ବାଟରେ ହନୁମାନ ମୂର୍ତ୍ତି ଗଦା ପର୍ବତ ଧରି ରାସ୍ତାକଡ଼ରେ ଖରାବର୍ଷରେ ଦଣ୍ଡାୟମାନ, ସେ ଜଗୁଆଳି ସାଜିଛନ୍ତି, ସେ ରାମଦ୍ୱାରେ ରଖୁଆଳ ହେଲେ ରାସ୍ତାର ଧାବିତମାନେ କୋଉ ଗୁଣରେ ରାମ ମେରେ ସମଝାମେ ନେହିଁ ଆତା, କାକ ଶାଗୁଣା ଏବେ ଦର୍ଶନକୁ ଦୁର୍ଲଭ, ହେଲେ ପେଚା ବିଲୁପ୍ତ ନୁହଁନ୍ତି। ହନୁମାନଙ୍କ ଶିର ନ ହେଲେ ହାତରେ ଥିବା ପର୍ବତ ଯେଉଁ ପର୍ବତରେ ଜଡିବୁଟି ଲକ୍ଷ୍ମଣଙ୍କ ପ୍ରାଣ ବଞ୍ଚାଇବାକୁ ଉଦ୍ଦିଷ୍ଟ, ତାରି ଉପରେ ପେଚା ବସୁଛନ୍ତି, ନହେଲେ ଗଦା ଉପରେ ପେଚା ବସୁଛନ୍ତି, ସେ ରାକ୍ଷସ ହଟାଇବେ କ'ଣ। ଏ ପେଚା ଉତ୍ପାତ ନିରବରେ ସହ୍ୟ କରି ନେଉଛନ୍ତି କାରଣ ଏ କଳିଯୁଗ। ଏଯୁଗରେ ଲୋକ କ'ଣ କରୁଛନ୍ତି ପରିଣାମ ବୁଝନ୍ତି ନାହିଁ। ସେ ତ୍ରେତୟା ନାୟକଙ୍କ ସେବକ, ଏ ଯୁଗରେ ତାଙ୍କ ପ୍ରତିମା ସ୍ଥାପକଙ୍କୁ ଅର୍ଥ ସଂଗ୍ରହ କରି ପୋଷିବା ଅବତାର ସେ ହୋଇ ଦଣ୍ଡାୟମାନ ଅଛନ୍ତି। ତାରିଣୀଙ୍କ ନଡ଼ିଆ ଏଠାରୁ ପଠାଯାଏ, ଏ ପ୍ରକାର ବିଜ୍ଞାପନ ଶିରୋନାମା ଅନେକ ସ୍ଥାନରେ ଦେଖିବାକୁ ମିଳିଯାଏ ବିଶ୍ୱାସରେ ସେ ମା ମହିମାମୟୀ, ଏଣେ କ୍ଷମାମୟୀ, ତାଙ୍କ ନାମରେ କେହି ଯଦି ପେଟ ପୋଷିବାକୁ ବସୁଛି ସେ କୌଣସି ପ୍ରତିକ୍ରିୟା ପ୍ରକାଶ କେବେ କରିବେ ନାହିଁ, ହେଲେ ଅଧିକନ୍ତୁ ନିଶା ପଶା ବେଶ୍ୟାରେ ତାଙ୍କ ନାମରେ ଅର୍ଥ ଆଦାୟ କଲେ ଯେ ତ୍ରାହି ନାହିଁ ଏକଥା ଉଦ୍ୟକ୍ତା ମନେ ଟିକେ ଭାବିବେ, ନଡ଼ିଆ ଗୋଟା, ଏବେ ତିରିଶ ଟଙ୍କା ଦର ଧରିଲାଣି। ମାଗିଲେ ଦଶ ଟଙ୍କା ମିଳୁନାହିଁ, ନଡ଼ିଆ ମାନସିକ ଦାନ ଅନେକ ମିଳୁଛି। ଆଉ ତାହା ବାଟ ମାରଣ ହେଉଛି କି ନାହିଁ କିଏ ଦେଖେ? ତାରିଣୀ ଦେବୋତ୍ତର ହୁଅନ୍ତୁ ବା ସରକାରଙ୍କ କୌଣସି ବିଭାଗ ଏ ପର୍ଯ୍ୟନ୍ତ କୌଣସି ବିଧି ଲଗାଇ ନାହାନ୍ତି। ସମ୍ପତ୍ତି ଉପରେ, କାନୁନ ସବୁ ପ୍ରଶାସନ ସମୟ ସମୟକୁ ବିଧି ନିଷେଧ ଲଗାନ୍ତି।

ଇସଲାମିକ ପ୍ରଶାସନରେ ଥିଲା ପିରୋତ୍ତର ସମ୍ପତ୍ତି ବାହେଲି, ଦେବୋତ୍ତର ବାହେଲି, ଗୋଚର ଭୂମି, ଶ୍ମଶାନ ଭୂମି, ଗୋରେସ୍ଥାନ, ଏସବୁ ଏବେ ନାକ କ୍ଷତି ଏଥିରେ ଥିଲା ନାମକ ହାରାମ ସମ୍ପତ୍ତି। ଆମ ରାଜ୍ୟରେ ହିନ୍ଦୁ ରାଜ୍ୟରେ ହିନ୍ଦୁ ରାଜ ପ୍ରଶାସନ ମାନଙ୍କର ଥିଲା ବ୍ରହ୍ମୋତ୍ତର ବାହେଲି, ଦେବୋତ୍ତର ବାହେଲି, ଗୋଚର ଭୂମି, ଶ୍ମଶାନ ଭୂମି, ଗୋରେସ୍ଥାନ, ଏସବୁ ଏବେ ନାଟକ ବାଜିର ଭାଇ ବଣ୍ଟରା, ଜବର ଦଖଲକାରୀଙ୍କ ଚରାଭୂମି, ଲୋକଙ୍କ ସତ୍ୟ ଧର୍ମ ଚିନ୍ତା ସବୁ ଲୋକ ଦେଖାଣିଆ, ମଠ ମନ୍ଦିର ଜମି କେମିତି ଥିଲା ଏବେ କେମିତି ଅଛି କିଏ ଦେଖିବ? କିଏ କହିବ କାହା ଜିଭରେ ହାଡ଼ ଅଛି। ଆଗେ ଧୋବା, ଭଣ୍ଡାରୀ, କୁମ୍ଭାର, ଠାକୁରାଣୀ ଠାକୁରଙ୍କ ସେବାକାରୀଙ୍କୁ ଜମି ହେତା ଦିଆଯାଉଥିଲା ସେମାନେ ଜମି ଦେଇଥିବା ବ୍ୟକ୍ତିଙ୍କ ସେବାରେ ବର୍ଷ ତମାମ ଲାଗି ରହୁଥିଲେ। ଧୂଳି ଭାଗ କାନୁନରେ ଜମିର ସେମାନେ ଦାଖଲଦାର ହେଲେ। ସେବାରେ ସମ୍ପୂର୍ଣ୍ଣ ଅବହେଳା ଲାଗୁ ହେବାରୁ ଅନେକଙ୍କ ଭାଗବତ ଗାଦି ଉଜୁଡ଼ି ଗଲା। ମନ୍ଦିର ସେବା ବନ୍ଦ ହେଲା, ଯେଉଁ ଠାକୁରଙ୍କ ରାଜରାଜେଶ୍ୱର ଉପଚାର ଚାଲୁଥିଲା ସେଠାରେ ଶୁକ୍ଳଖିଇ ମୁଠାଏ କେବେ କେବେ ଭୋଗ ଲାଗୁଛି। ଖୋଦ ପ୍ରଭୁ ଜଗନ୍ନାଥଙ୍କ ଅନେକ ଜମି ଲୋକ ଚାଷ କରି ପ୍ରଭୁଙ୍କ ଅମୃତ ମଣୋହୀ ସେବାରେ ଅଂଶୀଦର ପରି ଶସ୍ୟ ଫଳ ପୁଷ୍ପ ତୁଳସୀ ଯୋଗାଉ ଥିଲେ। ସମସ୍ତେ ଜାଣନ୍ତି ଅନେକ ଭକ୍ତ ପ୍ରଭୁଙ୍କ ରଥଯାତ୍ରାକୁ ଆସୁଛନ୍ତି, କେହି ପୂର୍ବେ ହୋଟେଲ ଖାଉ ନଥିଲେ, କି ହୋଟେଲରେ ରହୁନଥିଲେ ଏଥିଲା କୋଠର ଧର୍ମୀୟ ଭାବନା। ଲୋକେ ଚାଲି ଦଣ୍ଡ ଭାଙ୍ଗି ଭାଙ୍ଗି ଆସୁଥିଲେ। ଜମିଦାର ରାଜାରାଜୁଡ଼ାମାନେ ନିଜ ଗୋଡ଼ରେ ନଚାଲି ନର ବାହାନ ସମ୍ବୃଦ୍ଧ ସବାରୀ, ଦୋଳା, ପାଲିକି ତାମଜାନରେ ଥାଟବାଟରେ ସାଙ୍ଗରେ ବହୁ ପ୍ରଜାଜନଙ୍କୁ ଚଳାଇ ଚଳାଇ ନାମକରି, ଜୟ ଜୟକାର ଆସୁଥିଲେ ବାଟରେ ପଥଚାରୀ ମାନଙ୍କୁ ଚଳନ୍ତି ପଥ ପ୍ରାନ୍ତର ଗ୍ରାମବାସୀମାନେ ଖାଦ୍ୟ ପାନୀୟ ଯଥା ଶକ୍ତି ଯୋଗାଉଥିଲେ। ରାସ୍ତା କଡ଼ରେ ଛାମୁଣ୍ଡିଆ ନାଲିଘର କରାଯାଉଥିଲା। ଯେଉଁ ଅଭଡ଼ା ପାଣି ଖରାଦିନେ ରାସ୍ତାରେ ଏବେ କାଁ ଭାଁ ମିଳୁଛି। ତାହା ତତ କାଳର ଶଙ୍କୁ ମାତ୍ର, ପ୍ରଭୁଙ୍କ ଭକ୍ତଙ୍କ ସେବା ହିଁ ପ୍ରଭୁଙ୍କ ସେବା ତତ୍ତୁଲ୍ୟ। ଲୋକେ ଚୁଡ଼ା ଟୋକେଇ ବହି ଆଣି ଚୁଡ଼ାଘଷା କରି ରଥଯାତ୍ରାରେ ସମବେତ ଜନତାଙ୍କୁ ବିତରଣ କରୁଥିଲେ। ଏବେ ଏହା ବ୍ୟାପକ ନୁହେଁ। ଭକ୍ତମାନେ ଏବେ ବଦଳି ଗଲେଣି କାହାକୁ ସମୟ ନାହିଁ, ଚାଲିବା ସାତସ୍ୱପ୍ନ, ଯାନର ଯାତ୍ରୀ, ମହାପ୍ରସାଦ ଧୂପ ଉଠିବା ବିଳମ୍ବ, ସାଥି ସାଥି ହୋଟେଲ ଖୋଜି ଭୋଜନ, ମଠ ଧର୍ମଶାଳା ନୁହେଁ ବଡ଼ ବଡ଼ ଦାମିକା ହୋଟେଲ ବାସ, ବିଳାସ ଭୂମି ଦିଅଁଙ୍କ କ୍ଷେତ୍ରକୁ ଲୋକେ ମନେକଲେଣି। ମନ୍ଦିର ସହ ଜଡ଼ିତ ଅନେକ ପରମ୍ପରାକୁ ଲୋକେ ନା ପସନ୍ଦ କରିଲେଣି। ଏଇତ କାଳର ଗତି, ଧର୍ମଙ୍କ ଦରିଦ୍ରତାକୁ ଲୋକଙ୍କ ମନମାନି। ଏ ପୂର୍ବାଞ୍ଚଳ ଅନ୍ନ ବ୍ରହ୍ମ କ୍ଷେତ୍ରର ବିବରଣୀ, ଏମିତି ସବୁକ୍ଷେତ୍ର ଯାଅ କାଶୀ ଯାଅ ହରିଦ୍ୱାର ଯାଅ ଅବନ୍ତୀ, ସବୁଠାରେ ବାଣିଜ୍ୟ ହାଟ, ଭକ୍ତ ବାହକ ଦାନରେ ବାଣିଜ୍ୟ ଭୋଜନରେ ବାଣିଜ୍ୟ ରହଣୀରେ ବାଣିଜ୍ୟ, ଲୋକେ ରାଜସିକ ଭାବରେ ତୀର୍ଥ ଯାତ୍ରାରେ ବାହାରୁଛନ୍ତି। ଆକ୍ରମଣକାରୀ ବାଣିଜ୍ୟକାରୀ ଧର୍ମାନ୍ତରୀକରଣ ଥୋପରେ ଲୋକଙ୍କ ଦ୍ୱାରା ଲୋକଙ୍କୁ ଆୟତ୍ତ କରିବା ପାଇଁ ଓ ବଂଶାନୁକ୍ରମିକ ଶାସନ ଜାହିର ପାଇଁ ତାଙ୍କ ଧର୍ମ ସ୍ଥାନ ଜୁଲମକାରୀ ହାଣିମାରୀ ଭାଙ୍ଗିରୁଜି ରକ୍ତପାତ କରି ଗଢ଼ିଛନ୍ତି। କେବଳ ଉପାସନା ନୁହେଁ ଏଥିରେବି ସେମାନଙ୍କର କର ଆଦାୟ ଥଲା। ଜିଜିୟା କର, ଯାତ୍ରୀକର, ଦାଢ଼ିଚାରି ଆଙ୍ଗୁଳିରୁ ଅଧିକ ରଖିଲେ ରାଜଦଣ୍ଡ ଥିଲା, ଅନେକ ନାପିତ ଏ ପାଇଁ ରାଜପଥରେ ତତ୍କାଳୀନ ସମୟରେ କ୍ଷୁର କତୁରୀ ଧରି ବୁଲୁଥିଲେ। ଧର୍ମ ବିଭେଦ ମାନ୍ୟତାରେ ବିବାଦ ତତପୂର୍ବରୁ ରହିଛି, ସ୍ୱ ଧର୍ମ ପାଇଁ ଥଇଥାନ ପାତ କେଉଁ ଧର୍ମରେ ରହିବା କଥା କେବେ ନୁହାଁ ଏହା କେମିତି ସେ ସବୁ ଥିରେ ରହିଯାଇଛି। ଆମ ଦେଶ ସମ୍ବିଧାନରେ ଦେଶକୁ ସର୍ବ ଧର୍ମ ମାନ୍ୟତା ଦିଆଯାଇଛି। ସଂଖ୍ୟାଲଘୁ ଉଦଘୋଷ ସହିତ ଦେଶ କାନୁନ ମାନ୍ୟତା ସାର୍ବଜନୀନ ସବୁଧର୍ମ ପାଇଁ କରାଯାଇନାହିଁ। ଦେଶ ସ୍ୱାଧୀନ କାଳର ଜନସଂଖ୍ୟାର ବର୍ତ୍ତମାନ ଅଶୀ ଦଶକରେ ଜନବିସ୍ଫୋରଣ ହୋଇଗଲାଣି ପ୍ରତି ଦଶବର୍ଷର ଜନଗଣନା ଧରାକ୍ରମ ୨୦୨୧ ଅଧିକ ଦାମରେ କିଏ? କହି ଯାଗାରେ ସରକାର ଜମି ଲିଜ ସୂତ୍ରରେ ଲଟାରିରେ ଚଢ଼ା ଦାମରେ ଦେଉଛନ୍ତି। ଏ ମଧ୍ୟରେ ସାମ୍ପ୍ରଦାୟିକ ଧର୍ମୀୟ ସଦଭାବନା ଚିନ୍ତା କରାଯାଇଛି କି? ଯେଉଁ ବ୍ରାହ୍ମଣ କରଣଙ୍କୁ ଉନ୍ନତବର୍ଗୀୟ ଧରାଯାଇଥିଲା ସେମାନଙ୍କ ବଂଶବୃଦ୍ଧିରେ ସେମାନେ କେମିତି ବର୍ତ୍ତମାନ ଦିନ କାଟୁଛନ୍ତି କିଏ ବୁଝିବ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**

# ଗଭର୍ଣ୍ଣର ହାଉସରୁ ଲୋକଭବନ

କିଶୋର ଚନ୍ଦ୍ର ବେହେରା



ଲୋକ ଭବନ ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ ଅଟେ। ଏହି ପଦକ୍ଷେପ ନାଗରିକମାନଙ୍କୁ ସଶକ୍ତ, ଶାସନ ବ୍ୟବସ୍ଥାକୁ ସୁଦୃଢ଼ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସୁନିଶ୍ଚିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ। 'ଲୋକଭବନ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବା ସମସ୍ତଙ୍କ ପାଇଁ ସୁଗମତା ଉପରେ ଧ୍ୟାନ ଦିଆଯିବ। ରାଜଭବନ ନାଁ ପରିବର୍ତ୍ତନ ସହିତ ଓଡ଼ିଶା ଉପନିବେଶବାଦୀ ନାମଗୁଡ଼ିକରୁ ଦୂରେଇ ଯାଇ ଶାସନ ପାଇଁ ଏକ ଲୋକ କେନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ରାଜ ଭବନକୁ 'ଲୋକଭବନ' ଭାବେ ନାମକରଣ କରିବା ଏକ ମାଇଲଖୁଣ୍ଟ। ଏହା ଗୌରବ, ଗଣତନ୍ତ୍ର ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଦ୍ୱାରା ପରିଚାଳିତ ଭବିଷ୍ୟତକୁ ପ୍ରତିଫଳିତ କରେ। 'ରାଜଭବନ' ଶବ୍ଦକୁ ଏକ ଉପନିବେଶବାଦୀ ଶବ୍ଦ ବ୍ୟବହାର କରିବାର କାରଣ ହେଉଛି ଇଂରେଜ ସରକାରଙ୍କ ଶାସନ କାଳରେ ଏହାକୁ 'ଗଭର୍ଣ୍ଣର ହାଉସ' ନାମରେ ନାମିତ କରାଯାଇଥିଲା। ଉପନିବେଶବାଦର ଶବ୍ଦକୁ ଯଦି ବିଶ୍ଳେଷଣ କରିବା ଯାହାକି ହେଉଛି ଏକ ଦେଶ, ଜାତି କିମ୍ବା ଜନ ଅନ୍ୟ ଏକ ଦେଶକୁ ଆଧିକ୍ୟ କରି ଏହାର ଆର୍ଥିକ, ରାଜନୈତିକ, ଏବଂ ସାଂସ୍କୃତିକ ଉପରେ ନିୟନ୍ତ୍ରଣ କରିବା ନୀତି। ଏଥିରେ ବିଦେଶୀ ଶକ୍ତି ଦେଶଟିକୁ ଉପନିବେଶ ଭାବେ ଉପସ୍ଥାପନ କରେ। ଏହି ନୀତି ମାଧ୍ୟମରେ ଉପନିବେଶିକ ଶକ୍ତି ନିଜ ଲାଭ ପାଇଁ ଅନ୍ୟ ଦେଶର ସମ୍ପଦ, ଶ୍ରମ ଓ ବଜାରକୁ ବ୍ୟବହାର କରେ। ଏହାର ପରିଣାମ ସଦୃଶ୍ୟ ଅନେକ ଦେଶ ଆତ୍ମନିର୍ଭରତା ହରାଇବା ସହିତ ସ୍ଥାନୀୟ ରାଜନୈତିକ ସଂସ୍କୃତି ମଧ୍ୟ ନଷ୍ଟ ହୋଇଥିଲା। ବିଦେଶୀ ସାମ୍ରାଜ୍ୟବାଦୀ ନୀତି ଏ ଆଧୁନିକ ବିଶ୍ୱର ରାଜନୈତିକ ଏବଂ ଆର୍ଥିକ ପରିସ୍ଥିତିକୁ ପ୍ରଭାବିତ କରିଥିଲା। ବିଶ୍ୱର ଅନେକ ଦେଶ ଦୀର୍ଘ ସମୟ ପରେ ସ୍ୱାଧୀନତା ପାଇଥିଲେ। ସଂପ୍ରତି ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ଯେଭଳି ବୈଦେଶିକ ନୀତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି, ସେ ଦୃଷ୍ଟି କୋଣରୁ ସ୍ୱାଧୀନତାର ପରବର୍ତ୍ତୀ ସମୟରୁ ଯେଉଁ ପାରମ୍ପରିକ ଉପନିବେଶବାଦ ଶବ୍ଦର ବ୍ୟବହାରକୁ ପରିବର୍ତ୍ତନ କରିବାର ମଧ୍ୟ ଆବଶ୍ୟକତା ରହିଛି। ଯେଭଳିଭାବେ 'ରାଜଭବନ ରୁ ଲୋକ ଭବନକୁ' ରୂପାନ୍ତରିତ କରାଯାଇଛି।

ଦେଶର ବିଭିନ୍ନ ରାଜ୍ୟରେ ଥିବା ରାଜଭବନଗୁଡ଼ିକ ଏବେ ଚର୍ଚ୍ଚାରେ ଅଛନ୍ତି। କାରଣ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ରାଜଭବନର ନାମ ଲୋକଭବନରେ ପରିବର୍ତ୍ତନ କରିଛନ୍ତି। ରାଜଭବନଗୁଡ଼ିକର ଇତିହାସ ସମ୍ପର୍କରେ ଯଦି ଆଲୋଚନା କରାଯାଏ, ତେବେ ରାଜଭବନ ନାଁରୁ ମନେହୁଏ ଯେ ବୋଧହୁଏ ଆଗରୁ ରାଜାରାଜୁଡ଼ାମାନେ ଏଠାରେ ରହୁଥିଲେ। କିନ୍ତୁ ସତକଥା ହେଉଛି ବ୍ରିଟିଶ ଶାସନ ପୂର୍ବରୁ ଭାରତରେ କୌଣସି ରାଜଭବନ ନଥିଲା। ସେତେବେଳେ ରାଜାରାଜୁଡ଼ା, ମୋଗଲ ବାଦଶାହାମାନେ ମୁଖ୍ୟତଃ ରାଜମହଲ, ଦୁର୍ଗ ଆଦିରେ ରହୁଥିଲେ। କିନ୍ତୁ ଭାରତରେ ବ୍ରିଟିଶ ଶାସନ ଆରମ୍ଭ ହେବା ପରେ ଇଷ୍ଟ ଇଣ୍ଡିଆ କମ୍ପାନି ପକ୍ଷରୁ ଦେଶର କୋଲକାତା, ବମ୍ବେ ଓ ମାଡ୍ରାସ୍ ପ୍ରେସିଡେନ୍ସି ସ୍ଥାପନ କରାଗଲା। ଏସବୁ ପ୍ରେସିଡେନ୍ସି ଗୁଡ଼ିକର ପରିଚାଳନା ପାଇଁ ଗଭର୍ଣ୍ଣରମାନଙ୍କୁ ନିଯୁକ୍ତ କରାଯାଇଥିଲା। ସେମାନଙ୍କ ରହିବା ପାଇଁ ବାସଭବନ ନିର୍ମାଣ କରାଯାଇଥିଲା। ସେଗୁଡ଼ିକୁ ଗଭରମେଣ୍ଟ ହାଉସ କୁହାଯାଉଥିଲା। କିନ୍ତୁ ପ୍ରଥମେ ସେଗୁଡ଼ିକ ସାଧାରଣ କୋଠା ଥିଲା, ପରେ ସେଗୁଡ଼ିକ ବୃହତ୍ ବଙ୍ଗଳାରେ ପରିଣତ କରାଗଲା, ଯାହାକୁ ଗଭର୍ଣ୍ଣର ହାଉସ କୁହାଗଲା। ୧୭୭୩ରେ ରେଗୁଲେଟିଂ ଆକ୍ଟ ଅନୁସାରେ କାଲକାଟାକୁ ରାଜଧାନୀ କରାଗଲା ଓ ତାହାର ଗଭର୍ଣ୍ଣରଙ୍କୁ ଗଭର୍ଣ୍ଣର ଜେନେରାଲ କୁହାଗଲା ଓ ସେ କାଲକାଟା ଗଭରମେଣ୍ଟ ହାଉସରେ ରହିଲେ। ୧୯୧୧ ପର୍ଯ୍ୟନ୍ତ ଭାରତର ଭାଇସରୟ ଏଠାରେ ରହୁଥିଲେ। ସେହିପରି ବମ୍ବେ ଓ ମାଡ୍ରାସ ଗଭରମେଣ୍ଟ ହାଉସଗୁଡ଼ିକର କଳେବରକୁ ବୃଦ୍ଧି କରାଗଲା। ୧୯୧୨ରେ ଦିଲ୍ଲୀରେ ଭାଇସରୟଙ୍କ ବାସଭବନକୁ ଭାଇସରାୟ ଲଜ୍ ବୋଲି କୁହାଗଲା। ସ୍ୱାଧୀନତା ପରେ ତାହାକୁ ରାଷ୍ଟ୍ରପତି ଭବନ କୁହାଗଲା। ସେହିପରି ପ୍ରୋଭିନ୍ସିଆଲ ଗଭର୍ଣ୍ଣର ହାଉସଗୁଡ଼ିକୁ ରାଜଭବନ ବୋଲି କୁହାଗଲା। ରାଷ୍ଟ୍ରପତିଙ୍କ ସରକାରୀ ବାସଭବନ ରାଷ୍ଟ୍ରପତି ଭବନ ହେଉ କିମ୍ବା ପ୍ରତ୍ୟେକ ରାଜ୍ୟର ରାଜ୍ୟପାଳଙ୍କ ସରକାରୀ ବାସଭବନ ରାଜଭବନ ବ୍ରିଟିଶ ଶାସନ ସମୟ ଏ ସମସ୍ତ ସରକାରୀ ବାସଭବନ ସ୍ୱାଧୀନତାର ପରବର୍ତ୍ତୀ ମୁହୂର୍ତ୍ତ ରେ ନାମ ପରିବର୍ତ୍ତନ ହୋଇଥିଲା।

ଓଡ଼ିଶାର ପ୍ରଥମ ରାଜଭବନ କଟକରେ ହିଁ ପ୍ରତିଷ୍ଠିତ ହୋଇଥିଲା। ଏହି ରାଜଭବନ କୋଠାକୁ ଆଜିବି ଆପଣ ଦେଖିପାରିବେ। ଏହାର ମୂଳ ନାଁ ଲାଲବାଗ୍ ପ୍ୟାଲେସ୍। ଓଡ଼ିଶାକୁ ଶାସନ କରୁଥିବା ଅନେକ ଶାସକ ଓ କ୍ଷମତାଶାଳୀଙ୍କୁ ଦେଖିଛି ଏହି ମହଲା। ଏହାକୁ କଟକରେ ରହୁଥିବା ମୋଗଲ ସୁବେଦାରଙ୍କ ପାଇଁ ୧୬୩୩ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରାଯାଇଥିଲା। ପରେ ଏହା ମରାଠାମାନଙ୍କ ହାତକୁ ଚାଲିଯାଇଥିଲା। ସେମାନେ ଏହି କୋଠାରେ କେତେକ ପରିବର୍ତ୍ତନ ମଧ୍ୟ କରିଥିଲେ। ମରାଠାଙ୍କ ପରେ ୧୮୦୩ ଖ୍ରୀଷ୍ଟାବ୍ଦରେ ବ୍ରିଟିଶମାନଙ୍କ ଅକ୍ତିଆରକୁ ଚାଲିଯାଇଥିଲା। ତେବେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନି ଏହାକୁ ବ୍ରିକ୍ରି କରିଦେଇଥିଲା। ୧୮୬୨ରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ ଇରିଗେସନ କମ୍ପାନି ଏହାକୁ ଖରିଦ କରିଥିଲା। ଏହାର ପରବର୍ଷ ୧୮୬୩ରେ ବ୍ରିଟିଶ ସରକାର ଏହି ଇରିଗେସନ କମ୍ପାନିର ଅଧିଗ୍ରହଣ କରିବା ସହ କୋଠାଟି ବ୍ରିଟିଶ ସରକାରଙ୍କ ଅଧିନକୁ ଆସିଥିଲା। ସେବେଠାରୁ କଟକରେ ଅବସ୍ଥାପିତ ବ୍ରିଟିଶ କମିସନର ଓ କଲେକ୍ଟରମାନେ ଏହି କୋଠାରେ ରହୁଥିଲେ। ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ ୧୯୪୧ରେ କିଛି ସମୟ ପାଇଁ ଏହି କୋଠାରେ ରହୁଥିଲେ।



ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବାଠାରୁ ୧୯୪୨ ପର୍ଯ୍ୟନ୍ତ ପୁରୀରେ ଥିବା ଗଭରମେଣ୍ଟ ହାଉସକୁ ଗଭର୍ଣ୍ଣରଙ୍କ ବାସଭବନ କରାଯାଇଥିଲା। ୧୯୪୨ରେ ରାଜଭବନ କଟକକୁ ଯିବା ପରେ ବି ଏହା ଏପର୍ଯ୍ୟନ୍ତ ଗଭର୍ଣ୍ଣରଙ୍କ ଗ୍ରୀଷ୍ମକାଳୀନ ବାସଭବନ ଅଥବା ଓଡ଼ିଶାର ଦ୍ୱିତୀୟ ରାଜଭବନ ହୋଇ ରହିଛି। ୧୮ ଜୁଲାଇ ୧୯୪୨ରେ ବ୍ରିଟିଶ ସରକାର ଲାଲବାଗ ପାଲେସକୁ ଗଭର୍ଣ୍ଣର ହାଉସ ରୂପେ ଘୋଷଣା କଲେ। ସାର୍ ହାଥ୍ରୋନ ଲୁଇସ ଏହି କୋଠାରେ ରହିଥିବା ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ଥିଲେ। ୧୯୪୨ ରୁ ୧୯୬୦ ପର୍ଯ୍ୟନ୍ତ ଏହା ଗଭର୍ଣ୍ଣର ହାଉସ୍ ରହିଥିଲା। ସ୍ୱାଧୀନତା ପରେ ଗଭର୍ଣ୍ଣରମାନଙ୍କୁ ରାଜ୍ୟପାଳ ବି କୁହାଗଲା ଓ ଲାଲବାଗ୍ ପାଲେସକୁ କୁହାଗଲା ରାଜଭବନ।

ସ୍ୱାଧୀନତା ପରେ ଓ ଭୁବନେଶ୍ୱରକୁ ଓଡ଼ିଶାର ରାଜଧାନୀ କରାଯିବା ପରେ ଏକ ନୂଆ ରାଜଭବନର ପରିକଳ୍ପନା କରାଗଲା। ଏହି ରାଜଭବନର ନିର୍ମାଣ କାର୍ଯ୍ୟ ୧୯୫୯ରେ ଶେଷ ହେଲା ଓ ତତ୍କାଳୀନ ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକତାନକର ୧୯୬୦ରେ ନୂଆ ରାଜଭବନରେ ରହିବା ଆରମ୍ଭ କଲେ। ରାଜ୍ୟପାଳଙ୍କ ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନଭେମ୍ବର ୨୫ତାରିଖର ଚିଠି ଆଧାରରେ ଭୁବନେଶ୍ୱର ରାଜଭବନ ଓ ପୁରୀ ରାଜଭବନର ନାମ ପରିବର୍ତ୍ତନ ହୋଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ଡିସେମ୍ବର ୧ରୁ ଭୁବନେଶ୍ୱର ଏବଂ ପୁରୀରେ ଥିବା ରାଜଭବନର ନାମକୁ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ଭାବେ ନାମିତ କରାଯାଇଛି। ସମସ୍ତ ସରକାରୀ କାର୍ଯ୍ୟ ପାଇଁ ଡିସେମ୍ବର ୧ରୁ ଏହି ନାମ ପରିବର୍ତ୍ତନ ତତ୍କାଳ ଲାଗୁ ହୋଇଛି। ୨୦୨୪ ମସିହାରେ ରାଜ୍ୟପାଳଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିଶ ପରେ ଏହି ନିଷ୍ପତ୍ତି ନିଆଯାଇଥିଲା, ଯେଉଁଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜ ଭବନ ମାନଙ୍କର ନାମକୁ 'ଲୋକ ଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ଲୋକଙ୍କୁ ରାଜବନର ନିକଟତର କରିବା ଲାଗି ଏହାର ନମା ପରିବର୍ତ୍ତନ ଜରୁରୀ ଥିଲା। ଲୋକଙ୍କ ଆଶା ଏବଂ ସ୍ୱପ୍ନ, ସେମାନଙ୍କ ସମସ୍ୟା ଏବଂ ସେମାନଙ୍କ ଆକାଂକ୍ଷାକୁ ପ୍ରାଥମିକତା ଦେଇ ଏହି କୋଠାକୁ ଜୀବନ୍ତ କରାଯିବାର ଥିଲା। ଏହା ଦ୍ୱାରା ଐତିହାସିକ କୋଠା ସମସ୍ତଙ୍କ ପାଇଁ ଆଉ ଏକ ଭୟ ପ୍ରତୀକ ହୋଇ ରହିବ ନାହିଁ। ଏହା ସମସ୍ତଙ୍କ ପାଇଁ ଖୋଲା ରହିବା ଜନସାଧାରଣଙ୍କ ପାଇଁ ଅନେକ ଗଠନମୂଳକ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ କରିଛି। ଆବଶ୍ୟକତା ସମୟରେ ଜନସାଧାରଣଙ୍କ ସହିତ ଠିଆ ହେବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଯେତେବେଳେ ବି ରାଜ୍ୟର ଯେକୌଣସି କୋଣରେ ହିଂସା, ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଅତ୍ୟାଚାରର ଅଭିଯୋଗ ଆସିବ, ଲୋକ ଭବନ ଲୋକଙ୍କ ଦ୍ୱାରରେ ପହଞ୍ଚି ସାହାଯ୍ୟର ହାତ ବଢ଼ାଇବା ପାଇଁ ସଦାସର୍ବଦା ପ୍ରସ୍ତୁତ ହୋଇଛି।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ବାରବାଟୀ ଷ୍ଟାଡିୟମରୁ ବିଶ୍ୱ ଏକତାର ବାର୍ତ୍ତା

ମୌଲାନା ଫଜଲ ହକ ଖାନ୍



ଭାଇଚାରାର ସହର ଆମ କଟକ। ଐତିହ୍ୟ ଓ ପରାକ୍ରମର ସହର କଟକ। ବ୍ୟବସାୟିକ ରାଜଧାନୀ ହେଲା ଆମ କଟକ। କୁହାଯାଏ 'କଟକ' ଶବ୍ଦ ସଂସ୍କୃତ ଶବ୍ଦ 'କଟକ'ରୁ ଉଦ୍ଭବ। ଯାହାର ଅର୍ଥ ହେଲା 'ସେନା ଶିବିର ଓ ସରକାରଙ୍କ ଆସ୍ଥାନ ଯାହାକି ସୈନ୍ୟମାନଙ୍କ ଦ୍ୱାରା ସୁରକ୍ଷିତ ବା ଦୁର୍ଗ। ଓଡ଼ିଶା ଇତିହାସରେ ବାରବାଟୀ ଦୁର୍ଗ ଖୁବ ପରିଚିତ। ଜଗନ୍ନାଥ ମନ୍ଦିରର ମାଦଳା ପାଞ୍ଜିରେ ଲେଖାଅଛି ଯେ କେଶରୀ ବଂଶର ରାଜା ନୃପ କେଶରୀଙ୍କ ଦ୍ୱାରା ୯୮୯ ଖ୍ରୀ.ଅ.ରେ ଏକ ସେନା ଛାଉଣୀ ଭାବରେ କଟକର ପ୍ରତିଷ୍ଠା ହୋଇଥିଲା। କଟକ ଇତିହାସର ମୂକସାକ୍ଷୀ ଓଡ଼ିଶା ବିଦିତ ପୁରାତନ ବାରବାଟୀ ଦୁର୍ଗ ଏଯାବତ୍ ସଗର୍ବେ ଆମ ଗହଣରେ ଦଣ୍ଡାୟମାନ। ଏହି ଦୁର୍ଗ ନାମରେ ନାମିତ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୁକ୍ତ ବାରବାଟୀ ଷ୍ଟାଡ଼ିୟମ। ମଙ୍ଗଳବାର ହୋଇଥିଲା କଟକ ସହର ଚଳଚଞ୍ଚଳ। ସେ ଦିନ ଥିଲା, ଭାରତ ଓ ଦକ୍ଷିଣ ଆଫ୍ରିକାର ପ୍ରଥମ ଟି୨୦ ମ୍ୟାଚ୍। ମ୍ୟାଚକୁ ସଫଳତା ସହ ଆୟୋଜନ କରି ପୂର୍ବରୁ ରହିଥିବା କଳଙ୍କିତ ଅଧ୍ୟାୟକୁ ଏବେ ଧୁଆଯାଇଛି। କ୍ରିକେଟ ପ୍ରେମୀଙ୍କ ହୃଦୟ ଜିତିଛି ଭାରତୀୟ ଦଳ। ବାରବାଟୀ ମ୍ୟାଚକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଣ୍ଟି ବଜାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଥମ ଥର ପାଇଁ ଆନ୍ତର୍ଜାତୀୟ ମ୍ୟାଚ ସମୟରେ ବାରବାଟୀ ଷ୍ଟାଡ଼ିୟମର କ୍ଲକ୍ ଟାୱାରରେ ପତିତପାବନ ବାନା ବନ୍ଧା ହୋଇଥିବାର ଦେଖା ଯାଇଥିଲା। ଖେଳ, କୁସ୍ତି ଓ କସରତ ମଣିଷର ଶାରିରୀକ ଓ ମାନସିକ ସ୍ଥିତିକୁ ନିୟନ୍ତ୍ରଣ ରଖିଥାଏ। ଖେଳ-କୁଦ ଓ ଯୋଗଭ୍ୟାସ ସର୍ବଦା ମଣିଷର ସ୍ୱାସ୍ଥ୍ୟ ପାଇଁ ନିହାତି ଆବଶ୍ୟକ। ସେ ଦିନ ମୁଁ ଏବଂ ମୋ ଦୁଇ ବନ୍ଧୁଙ୍କ ସହ ଖେଳ ଦେଖିବାକୁ ଯାଇଥିଲି। ରାସ୍ତା ତମାମ ଖେଳପ୍ରେମୀଙ୍କ ଉତ୍ସାହ ଓ ଗହଳି ମୋତେ ଆହୁରୀ ଉତ୍ସାହିତ କରିଥିଲା। ଗେଟ ଭିତରକୁ ଯିବା ପାଇଁ ଧାଡ଼ିରେ ଛିଡ଼ା ହୋଇ ଆଗକୁ ଯାଉଥିଲି। ଭିନ୍ନ ଭିନ୍ନ କ୍ରିକେଟ ପ୍ରେମୀ ରଙ୍ଗ-ବିରଙ୍ଗର ପେଣ୍ଟିଙ୍ଗ କରି ଆସୁଥାନ୍ତି। ଭାରତ ଦଳର ବିଭିନ୍ନ ଖେଳାଳିଙ୍କ ନାମରେ ଟି-ସାର୍ଟ ପିନ୍ଧିଥାନ୍ତି। କେତେ ଜଣ ଭିନ୍ନ ଭିନ୍ନ ବାର୍ତ୍ତା ବହନ କରିଥିବା କାଗଜ ପୋଷ୍ଟର ଧରି ଯାଉଥାନ୍ତି। ମୁଁ ଦେଖିଲି ତିନି ଜଣ ଯୁବକ ହାତରେ ଦୁଇଗୋଟି କାଗଜ ବୋର୍ଡ଼। ସେଥିରେ ଇଂରାଜୀ ଭାଷାରେ ଲେଖାଥିଲା *"ଦେଶପ୍ରେମ ଧର୍ମ ବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଙ୍ଗ"* ଏବଂ ଅନ୍ୟଟି ଥିଲା, *"ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ"।* ସେହି ଲେଖାକୁ ଦେଖି ବହୁ ଲୋକେ ପ୍ରଶଂସା କରୁଥିଲା ବେଳେ, ଦୋକାନ କଡ଼ରେ ବସିଥିବା ଜଣେ ବୟଜେଷ୍ଠ ମୁରବୀ ଦେଖି କହିଲେ, ବାବୋରେ ଏ ବାର୍ତ୍ତା ବହୁତ ଉଚ୍ଚକୋଟିର ଲେଖା। ଏହାର ମର୍ମ ହୃଦୟସ୍ପର୍ଶୀ। କିନ୍ତୁ ଏ ମିଡ଼ିଆ ଦୁନିଆକୁ ରଙ୍ଗ-ବିରଙ୍ଗର ଓ ଚଟପଟା ଖବର ଦେଖେଇବାକୁ ଭାରି ତତପର ଓ ଇଚ୍ଛୁକ। ଏଭଳି ଲେଖା ଓ ବାର୍ତ୍ତାକୁ କେବେ ହେଲେ ଦେଖାଇବ ନାହିଁ। ଲେଖା ଥିବା ସେହି ବାର୍ତ୍ତାକୁ ପଢି ମୋ ମନେ ପଡ଼ିଗଲା ପାଠଶାଳାରେ ପଢିଥିବା ଏଇଭଳି କେତେକ କଥା। ପଢିଥିଲି ଏକତା ହିଁ ଅଖଣ୍ଡତା। ଆମେ ଭାରତବାସୀ ସଭିଏଁ ଏକ। ବ୍ରହ୍ମ ଏକ। ସୂର୍ଯ୍ୟ ଏକ। ଚନ୍ଦ୍ର ଏକ। ତାରା ଅନେକ। ଏକରୁ ହୋଇଥାଏ ଅନେକ।

ଜାଣିବାକୁ ପାଇଲି, ଋଗବେଦରେ ଲେଖାଅଛି, ଏକାଠି ରହିବା ଓ ଏକ ମନ ହୋଇରହିବା ଆମର ଆକାଂକ୍ଷା, ହୃଦୟ ଓ ମନ ସମାନ ହେବା ଉଚିତ୍। ଏପରି ଏକତା ହିଁ ସଫଳତା ଦେଇଥାଏ। ମିଳିମିଶି ସମସ୍ତେ ମଙ୍ଗଳ କାମନା କଲେ ହିଁ ଏକତା ଓ ସୁଖ-ଶାନ୍ତି ସ୍ଥାପିତ ହେବ। ମହାଭାରତ ପୁରାଣରେ ଲେଖାଯାଇଛି, ଅହିଂସା, ମୈତ୍ରୀ ଓ ସଦଭାବନା ମାନବ ଧର୍ମର ସର୍ବୋଚ୍ଚ ଗୁଣ। ଏହା ଭାଇଚାରାକୁ ବୁଝାଇଥାଏ। ଭାଗବତ ପୁରାଣରେ ଲେଖାଅଛି, ପ୍ରତ୍ୟେକ ଜୀବରେ ଭଗବାନଙ୍କ ଅଂଶ ରହିଛି। ତେଣୁ ଆମେ ସମସ୍ତେ ଭଗବାନଙ୍କ ସନ୍ତାନ ଭାଇଭାଇ। ସମସ୍ତଙ୍କୁ ସମ୍ମାନ କରିବା ଓ ସମସ୍ତଙ୍କ ସହ ସଦ୍‌ବ୍ୟବହାର କରିବା ଉଚିତ୍। ମନୁସ୍ମୃତି କହେ ସମସ୍ତଙ୍କ ସହ ମୈତ୍ରତା ସ୍ଥାପନ କର। କାହାରି ପ୍ରତି ଦ୍ୱେଷ ମନ ଭାବ ରଖ ନାହିଁ। କ୍ଷମା, କରୁଣା ଓ ମୈତ୍ରତା ହିଁ ପରମ ଧର୍ମ। ବାଇବେଲରେ ଲେଖାଅଛି, ଭାଇଚାରାର ଭାବ ବହୁତ ସୁନ୍ଦର। ଏକତା ଓ ଅଖଣ୍ଡତା ହିଁ ଶୁଭ ଓ ଆନନ୍ଦମୟ ହୋଇଥାଏ। ଆମେ ସମସ୍ତେ ଏକ ପିତାଙ୍କ ସନ୍ତାନ। ମହାପୁରୁଷ ଅବତାର ଯୀଶୁ କୁହନ୍ତି, ପରସ୍ପର ମଧ୍ୟରେ ପ୍ରେମ କର। ଏହା ମୋର ଆଦେଶ। ତୁମେ ସମସ୍ତେ ଏକ। ଏଠାରେ କେହି ଅଲଗା ନୁହନ୍ତି। ଗୁରୁ ଗୋବିନ୍ଦ ସିଂ କହିଛନ୍ତି, ମନୁଷ୍ୟ ଜାତି ଏକ। ସମସ୍ତଙ୍କୁ ସମାନ ମଣିବା ଦାରକାର। ପବିତ୍ର ଗୁରୁଗ୍ରନ୍ଥରେ ଲେଖାଅଛି, କେହି ନୁହେଁ ପର, ସମସ୍ତେ ଆପଣାର। ଆମେ ସମସ୍ତେ ଭାଇଭାଇ। ସେଇଥି ପାଇଁ ଶିଖ ଧର୍ମରେ ଲଙ୍ଗର(ଅତିଥି ସତ୍କାରର) ବ୍ୟବସ୍ଥା ବହୁତ ସୁଦୃଢ଼। ଏଥିରେ ରାଜା-ପ୍ରଜା, ଧନି-ଗରୀବ, ଉଚ୍ଚ-ନିଚ ତଥା ସକଳ ଜାତି ବିନା ଭେଦଭାବରେ ଏକାଠି ବସି ଭୋଜନ ଗ୍ରହଣ କରିଥାନ୍ତି। ସେବା,ପ୍ରେମ ଓ ଦୟା ଦ୍ୱାରା ଭାଇଚାରା ସ୍ଥାପନ ହୋଇଥାଏ।

ଇସଲାମ ଧର୍ମ କୁହେ, ସମସ୍ତ ମାନବ ଏକ ଆତ୍ମାରୁ ସୃଷ୍ଟି। ସମସ୍ତ ସୃଷ୍ଟଜ ପ୍ରଭୁଙ୍କ ସୃଷ୍ଟି। ସେଥି ପାଇଁ ଆମେ ସବୁ ଭାଇଭାଇ। ସମସ୍ତ ମାନବ ଜାତି ଏକ ପରିବାର। ଏଥିରେ କୌଣସି ଭେଦ-ଭାବ ନାହିଁ। ଜାତି-ଉପଜାତି କେବଳ ପରିଚୟ ମାତ୍ର। ତୁମମାନଙ୍କ ମଧ୍ୟରେ ଭଗବତଭୟ, ସତ୍ୟନିଷ୍ଠ ଓ ଧର୍ମପରାୟଣ ବ୍ୟକ୍ତି ହିଁ ଶ୍ରେଷ୍ଠ। ମଣିଷ ଏକ ଶରୀର ସଦୃଶ୍ୟ। ଯେପରି ଶରୀରର ଏକ ଅଙ୍ଗ କ୍ଷତି ହେଲେ ଅନ୍ୟ ଅଙ୍ଗକୁ କଷ୍ଟ ଲାଗିଥାଏ। କାହାରିକୁ କଷ୍ଟ ଦେବା ଉଚିତ୍ ନୁହେଁ। କାହାରି ଉପରେ ଅନ୍ୟାୟ ଓ ଅତ୍ୟାଚାର କରିବା ଉଚିତ୍ ନୁହେଁ। ଅହମଦୀୟା ମୁସଲିମ ସଂଗଠନ ଏକ ଶିକ୍ଷିତ, ସଭ୍ୟ ଓ ଶାନ୍ତିପ୍ରୀୟ ସଂଗଠନ। ସେମାନେ ସର୍ବଦା ସ୍ୱଚ୍ଛତା, ନୈତିକତା,ଏକାଗ୍ରତା ଏବଂ ସମାଜସେବା ଓ ମାନବକଲ୍ୟାଣକାରୀ ଯୋଜନାକୁ ପ୍ରାଧାନ୍ୟତା ଦେଇଥାନ୍ତି। ହଜରତ ମିର୍ଜା ଗୁଲାମ ଅହମଦ ପ୍ରତିଷ୍ଠାତା ଅହମଦୀୟା ମୁସଲିମ ସଂଗଠନ କୁହନ୍ତି, ମାନବସେବା ହିଁ ଈଶ୍ୱର ଉପାସନାର ଅଂଶବିଶେଷ। ମୋର ଆସିବାର ଉଦ୍ଦେଶ୍ୟ ହେଲା, ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରିବା। ସଂସାରରେ ପ୍ରେମ, ଦୟା ଓ ସୁଖ-ଶାନ୍ତି ସୃଷ୍ଟି କରିବା। ଏକତା ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ହୋଇପାରିବ। ସଂସାରକୁ ରକ୍ଷା କରିବାକୁ ହେଲେ ମାନବତାକୁ ଏକତାର ସୂତରେ ବାନ୍ଧିବାକୁ ହେବ। ପ୍ରକୃତ ବିଜୟ ହେଲା ହୃଦୟର ବିଜୟ। ଆସନ୍ତୁ ଏଇ ବାରବାଟୀ ଆନ୍ତର୍ଜାତୀୟ ଖେଳ ଆମକୁ ଭାଇଚାରାର ଯେଉଁ ଅମୂଲ୍ୟ ବାର୍ତ୍ତା ଦେଇଛି, ଦେଶପ୍ରେମର ଯେଉଁ ଉତ୍ସାହ ମନରେ ଭରିଦେଇଛି ତଥା ଏକତା ହିଁ ଅଖଣ୍ଡତାର ପାଠ ପଢ଼ାଇଛି ତାକୁ ଆମେ ଆମ ଘରେ, ଗାଁରେ, ସହରରେ, ରାଜ୍ୟରେ, ଦେଶରେ ଏବଂ ଆନ୍ତର୍ଜାତିକ ସ୍ତରରେ ଆପଣାଇବା ପାଇଁ ଉଦ୍ୟମ ଜାରି ରଖିବା। ଏହି ବିଜୟ ଆମକୁ ଆତ୍ମବଳ ପ୍ରଦାନ କରିଛି। ଆମ ରାଜ୍ୟରେ ଏଇଭଳି ସଫଳ ଆନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ ନିଶ୍ଚିତ ଭାବରେ ଆମ ପାଇଁ ଗର୍ବ ଓ ଗୌରବର କଥା।

**ମଙ୍ଗଳାବାଗ, କଟକ**
**ମୋବାଇଲ୍:୯୭୯୨୨୫୦୫୭**

# ଭାରତୀୟ ସଂସ୍କୃତି ଆଡ଼କୁ ଢଳୁଛି ପାକିସ୍ତାନ!




## ବିଭାଜନ ପରେ ପ୍ରଥମ: ଛାତ୍ରଛାତ୍ରୀ ପଢ଼ିବେ ସଂସ୍କୃତ

## ଖୁବଶୀଘ୍ର ପାଠ୍ୟକ୍ରମରେ ସାମିଲ୍ ହେବ ଗୀତା, ମହାଭାରତ

**ଇସଲାମାବାଦ,୧୩।୧୨:** ସ୍ୱାଧୀନତା ଲାଭ ପରେ ଭାରତ ବିଭାଜନ ହେବାକୁ ଇତିମଧ୍ୟରେ ସାଢ଼େ ୭ ଦଶନ୍ଧିରୁ ଅଧିକ ସମୟ ବିତିଯାଇଛି। ଭାରତଠାରୁ ପୃଥକ୍ ହେବା ପରେ ଜଣେ ବେଇମାନ୍ ଭାଇ ଭାବେ ଉଭା ହୋଇଆସିଛି ପାକିସ୍ତାନ। କଦାପି ଏହି ଦେଶବାସୀ ଭାରତର ଅଗ୍ରଗତିକୁ ଭଲ ଦୃଷ୍ଟିରେ ଦେଖିପାରିନାହାନ୍ତି। ଫଳତଃ ଉଭୟ ଦେଶ ମଧ୍ୟରେ ସବୁବେଳେ କିଛି ନା କିଛି ବିବାଦ ଲାଗି ରହିଛି। ଧର୍ମଭିତ୍ତିକ ଦେଶ ଭାବେ ଏହା ମଧ୍ୟ ହିନ୍ଦୁମାନଙ୍କୁ ସବୁବେଳେ ନିର୍ଯାତନା ଦେବାକୁ ହିଁ ପସନ୍ଦ କରିଆସିଛି। ଅର୍ଥାତ୍ ଏହି ମୁସଲିମ୍ ଦେଶର ପରମ୍ପରା ଓ ସଂସ୍କୃତି ଭାରତଠାରୁ ପୃଥକ୍ ରହିଆସିଛି। କିନ୍ତୁ ଏହି ଦେଶ ଏବେ ଧୀରେ ଧୀରେ ଭାରତୀୟ ସଂସ୍କୃତି ଆଡ଼କୁ ଢଳୁଛି ବୋଲି ଏକ ଧାରଣା ସୃଷ୍ଟି ହୋଇଛି। କାରଣ ବିଭାଜନ ପରେ ପ୍ରଥମ ଥର ପାକିସ୍ତାନୀ ଛାତ୍ରଛାତ୍ରୀ ପଢ଼ିବେ ଭାରତର ସର୍ବପୁରାତନ ସଂସ୍କୃତ ଭାଷା। ଅଧିକନ୍ତୁ ହିନ୍ଦୁ ଧର୍ମର ପବିତ୍ର ଗ୍ରନ୍ଥ 'ଭଗବଦ୍ ଗୀତା' ଓ ପ୍ରମୁଖ ପୌରାଣିକ କାହାଣୀ 'ମହାଭାରତ' ସମ୍ପର୍କରେ ମଧ୍ୟ ପାଠ୍ୟକ୍ରମରେ ସାମଲ୍ କରାଯିବ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଲାହୋର ୟୁନିଭର୍ସିଟି ଅଫ୍ ମ୍ୟାନେଜମେଣ୍ଟ ସାଇନ୍ସେସ୍ ଶାସ୍ତ୍ରୀୟ ଭାଷା ସଂସ୍କୃତରେ ଏକ ୪-କ୍ରେଡିଟ୍ ପାଠ୍ୟକ୍ରମ (ସପ୍ତାହରେ ୪ ଘଣ୍ଟା ସଂସ୍କୃତ ପଢ଼ା) ଆରମ୍ଭ କରିଛି। ତିନି ମାସର ସପ୍ତାହାନ୍ତ କର୍ମଶାଳା ପରେ ୟୁନିଭର୍ସିଟି କର୍ତ୍ତୃପକ୍ଷ ଏପରି ଏକ ନିଷ୍ପତ୍ତି ନେଇଛନ୍ତି। ଉକ୍ତ କର୍ମଶାଳାରେ ଛାତ୍ରଛାତ୍ରୀ ଓ ବିଦ୍ୱାନମାନେ ସଂସ୍କୃତକୁ ପସନ୍ଦ କରିବାରୁ ଏହାକୁ ପାଠ୍ୟକ୍ରମରେ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପାଠ୍ୟକ୍ରମର ଏକ ଅଂଶ ଭାବେ ଛାତ୍ରଛାତ୍ରୀମାନଙ୍କୁ ମହାଭାରତ ଟେଲିଭିଜନ ଧାରାବାହିକର ସଙ୍ଗୀତ 'ହେ କଥା ସଂଗ୍ରାମ କି'ର ଉର୍ଦ୍ଦୁ ସଂସ୍କରଣ ବି ପଢ଼ାଯାଉଛି।

ଗୁରମଣି ସେଣ୍ଟରର ନିର୍ଦ୍ଦେଶକ ଡକ୍ଟର ଅଲି ଉସମାନ କାସମି ଏନେଇ ଏକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ପାକିସ୍ତାନର ପଞ୍ଜାବ ବିଶ୍ୱବିଦ୍ୟାଳୟ ପାଠାଗାରରେ ସବୁଠାରୁ ଧନୀ। କିନ୍ତୁ ସବୁଠାରୁ ଅବହେଳିତ ସଂସ୍କୃତ ଅଭିଲେଖାଗାର ରହିଛି। ୧୯୩୦ ଦଶକରେ ବିଦ୍ୱାନ ଜେସିଆର ଉଲନରଙ୍କ ଦ୍ୱାରା ସଂସ୍କୃତ ତାଳପତ୍ର ପାଣ୍ଡୁଲିପିର ଏକ ଗୁରୁତ୍ୱପୂର୍ଣ୍ଣ ସଂଗ୍ରହ ତାଲିକାଭୁକ୍ତ କରାଯାଇଥିଲା। କିନ୍ତୁ ୧୯୪୭ ପରଠାରୁ କୌଣସି ପାକିସ୍ତାନୀ ଶିକ୍ଷାବିତ୍ ଏହି ସଂଗ୍ରହ ସହ ଜଡିତ ହୋଇନାହାଁନ୍ତି। କେବଳ ବିଦେଶୀ ଗବେଷକ ଏହାକୁ ବ୍ୟବହାର କରନ୍ତି। ପାକିସ୍ତାନୀ ବିଦ୍ୱାନମାନଙ୍କୁ ତାଲିମ ଦେବା ଦ୍ୱାରା ଏଥିରେ ପରିବର୍ତ୍ତନ ହେବ ବୋଲି ସେ କହିଛନ୍ତି। ଏଥିସହ ସେ କହିଛନ୍ତି ଯେ ୟୁନିଭର୍ସିଟି ମହାଭାରତ ଓ ଭଗବଦ୍ ଗୀତା ଉପରେ ଆଗାମୀ ପାଠ୍ୟକ୍ରମ ଆରମ୍ଭ କରିବ। ୧୦/୧୫ ବର୍ଷ ମଧ୍ୟରେ ଆମେ ଗୀତା ଏବଂ ମହାଭାରତର ପାକିସ୍ତାନ-ଭିତ୍ତିକ ବିଦ୍ୱାନମାନଙ୍କୁ ଦେଖିପାରିବା ବୋଲି ସେ ଆଶା ପ୍ରକଟ କରିଛନ୍ତି।

# ଜନଗଣନାରେ ସୂଚନା ଦେବାକୁ ମନାକଲେ ଜେଲ ଓ ଜରିମାନା!



**ନୂଆଦିଲ୍ଲୀ ୧୩।୧୨:** ଜନଗଣନା ଅଧିନିୟମ ୧୯୪୮ ଅନୁସାରେ ଭାରତର ପ୍ରତ୍ୟେକ ନାଗରିକଙ୍କୁ ଜନଗଣନା ଅଧିକାରୀଙ୍କ ଦ୍ୱାରା ପଚରାଯିବାରେ ସୂଚନା ଦେବା ଆଇନତଃ ଜରୁରି। ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ଜନଗଣନାରେ ଅଂଶଗ୍ରହଣ କରିବା ବାଧ୍ୟତାମୂଳକ। ଏଥିରେ ଯଦି କୌଣସି ନାଗରିକ ଜାଣିଶୁଣି ଜନଗଣନା ପ୍ରଶ୍ନର ଜବାବ ନ ଦିଏ ଏହାକୁ ଜନଗଣନା ଅଧିନିୟମର ଉଲ୍ଲଂଘନ ମନେ କରାଯିବ। ଆଇନ ଅଧିକାରୀଙ୍କୁ ଏପରି ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଅଧିକାର ଦେଇଛି।

ସୂଚନା ଦେବାକୁ ମନା କଲେ ନାଗରିକଙ୍କୁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମନା ହୋଇପାରେ। ଏହି ରାଶି ଖୁବ କମ ମନେ ହେଉଛି। ତେବେ ଜରିମାନା ଆଦାୟ କରି ରାଜକୋଷ ଭରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ ବରଂ ଏଥିଲାଗି ଲୋକଙ୍କୁ ସଚେତନ କରିବା ମୁଖ୍ୟ ଉଦ୍ଦେଶ୍ୟ। ଗୁରୁତର ଅପରାଧ ଯେପରିକି ଜନଗଣନା କାମରେ ବାଧା ଦେବା, ଅଧିକାରୀଙ୍କୁ ଧମକାଇବା ଅଥବା ଚେତାବନୀ ପରେ ବାରମ୍ବାର ମନା କରିବା ଯୋଗୁ ଆଇନ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଅଥବା ଜରିମାନା କିମ୍ବା ଉଭୟ ଦଣ୍ଡ ହୋଇପାରେ। ହେଲେ ଏ ପର୍ଯ୍ୟନ୍ତ ଦେଶରେ ଏହି ପ୍ରାବଧାନକୁ କେଉଁଠି ହେଲେ ଉପଯୋଗ କରାଯାଇନି। ଯଦି କୌଣସି ବ୍ୟକ୍ତି ଜନଗଣନା ଅଧିକାରୀଙ୍କୁ ପ୍ରବେଶ କରିବାକୁ ଅଟକାଏ ଏହି କାର୍ଯ୍ୟ ଏକ ଦଣ୍ଡନୀୟ ଅପରାଧ। ଜନଗଣନା ଅଧିକାରୀଙ୍କୁ ଆଇନତଃ ସୂଚନା ଏକତ୍ର କରିବାର ଅଧିକାର ରହିଛି। ଜନଗଣନା ଅଧିନିୟମ କେବଳ ନାଗରିକଙ୍କ ଦାୟିତ୍ୱ ନୁହେଁ ଯଦି କେହି ଅଧିକାରୀ ଏହି ସରକାରୀ ଡ୍ୟୁଟି କରିବାକୁ ମନା କରନ୍ତି ଅଥବା ଡାଟାରେ ହେରଫେର କରନ୍ତି। ତାଙ୍କୁ ମଧ୍ୟ ଦଣ୍ଡିତ ହେବାକୁ ପଡିପାରେ। ଏଥିରେ ଅଧିକାରୀଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇପାରେ।

# ଆଇଏସ୍ଆଇର ଟାର୍ଗେଟରେ ଶିବରାଜ ସିଂହ ଚୌହାନ



## ବଢ଼ିଲା ସୁରକ୍ଷା ବ୍ୟବସ୍ଥା

**ନୂଆଦିଲ୍ଲୀ,୧୩।୧୨:** କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି। ଗୃହ ମନ୍ତ୍ରଣାଳୟର ସୂଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏମପି ଡିଜିପିଙ୍କୁ ଏନେଇ ଏକ ଚିଠି ପଠାଇଛି। ଶିବରାଜ ସିଂହ ଚୌହାନ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇର ଟାର୍ଗେଟରେ ଅଛନ୍ତି। ଆଇଏସଆଇ ଚୌହାନଙ୍କ ସହ ଜଡିତ ସୂଚନା ସଂଗ୍ରହ କରୁଛି। ଭୋପାଳର ୭୪ ବଙ୍ଗଳାରେ ଶିବରାଜଙ୍କ ବି-୮ ବାସଭବନ ଚାରିପାଖରେ ପୁଲିସ ଅତିରିକ୍ତ ବ୍ୟାରିକେଡ୍ ନିର୍ମାଣ କରିଛି। ଦିଲ୍ଲୀରେ ତାଙ୍କ ସରକାରୀ ବାସଭବନରେ ମଧ୍ୟ ସୁରକ୍ଷା ବୃଦ୍ଧି କରାଯାଇଛି। ଆଇଏସଆଇ ଶିବରାଜ ଚୌହାନଙ୍କ ପ୍ରତି ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି। ତାଙ୍କର ପୂର୍ବରୁ ଜେଡ ପ୍ଲସ ସୁରକ୍ଷା ଥିଲା , କିନ୍ତୁ ଏହି ସୁରକ୍ଷାକୁ ଆହୁରି ବୃଦ୍ଧି କରାଯାଇଛି।

ଇନପୁଟ୍ ପାଇବା ପରେ ତୁରନ୍ତ ସ୍ଥାନୀୟ ପୁଲିସ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ଉଭୟ ସହରରେ ଚୌହାନଙ୍କ ସୁରକ୍ଷା ବଳୟକୁ ସୁଦୃଢ଼ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ଭୋପାଳ ବଙ୍ଗଳା ବାହାରେ ସୁରକ୍ଷା ବଢ଼ାଯାଇଥିବା ଦେଖିବାକୁ ମିଳିଥିଲା। ଗୃହ ମନ୍ତ୍ରଣାଳୟ ସମ୍ପୃକ୍ତ ଏଜେନ୍ସି ଏବଂ ମଧ୍ୟପ୍ରଦେଶ ଡିଜିପିଙ୍କୁ ସୁରକ୍ଷାରେ ଯେମିତି କୌଣସି ତ୍ରୁଟି ନହୁଏ, ସେଥିପ୍ରତି ସତର୍କ ରହିବାକୁ କହିଛି। ମଧ୍ୟପ୍ରଦେଶର ମୁଖ୍ୟ ସଚିବଙ୍କୁ ମଧ୍ୟ ହାଇ ଆଲର୍ଟରେ ରଖାଯାଇଛି। ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର କମିଶନର (ସୁରକ୍ଷା)ଙ୍କୁ ମଧ୍ୟ ନିର୍ଦ୍ଦେଶ ଜାରି କରାଯାଇଛି।

# ଦକ୍ଷିଣ ଆଫ୍ରିକାରେ ଭୁଶୁଡ଼ିଲା ହିନ୍ଦୁ ମନ୍ଦିର, ୨ ମୃତ

**ଜୋହାନ୍ସବର୍ଗ,୧୩।୧୨:** ଦକ୍ଷିଣ ଆଫ୍ରିକାର ଡର୍ବାନର ଉତ୍ତରରେ ଥିବା ରେଡକ୍ଲିଫରେ ଏକ ଚାରି ମହଲା ବିଶିଷ୍ଟ ମନ୍ଦିର ହଠାତ୍ ଭୁଶୁଡ଼ି ପଡିଛି। ଫଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଭଗ୍ନାବଶେଷ ତଳେ ଆହୁରି ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ମନ୍ଦିର ଛାତ ଉପରେ କଂକ୍ରିଟ୍ ଢଳାଯିବା ବେଳେ ସମ୍ପୂର୍ଣ୍ଣ କୋଠାଟି ଭୁଶୁଡ଼ି ପଡ଼ିଥିଲା ଏବଂ ଅନେକ ଲୋକ ପୋତି ହୋଇଯାଇଥିଲେ।



ଭଗ୍ନାବଶେଷ ତଳେ କେତେଜଣ ଶ୍ରମିକ ଏବଂ ମନ୍ଦିର ଅଧିକାରୀ ପୋତି ହୋଇଛନ୍ତି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ଭାବରେ ଜଣାପଡ଼ିନାହିଁ।

ମନ୍ଦିର ଭୁଶୁଡ଼ି ପଡ଼ିବା ପରେ ଜଣେ ୫୪ ବର୍ଷୀୟ ଭକ୍ତଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ସେ ତାଙ୍କ ପରିବାର ସହିତ ମନ୍ଦିରରେ ପହଞ୍ଚିଥିଲେ। ଖବର ପାଇ ସେ ଶୀଘ୍ର ମନ୍ଦିରକୁ ଯାଉଥିବା ଉଚ୍ଚ ଢାଲ ଚଢ଼ିଗଲେ ଏବଂ ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କର ହୃଦଘାତ ହୋଇଥିଲା। ପାରାମେଡିକ୍ସ ତାଙ୍କୁ ବଞ୍ଚାଇବାରେ ଅସମର୍ଥ ହୋଇଥିଲେ। ମନ୍ଦିର ପାଇଁ କୌଣସି ନିର୍ମାଣ ଯୋଜନା ଅନୁମୋଦନ କରାଯାଇ ନଥିଲା, ଅର୍ଥାତ୍ ସମ୍ପୂର୍ଣ୍ଣ ନିର୍ମାଣ ବେଆଇନ ଥିଲା। ମନ୍ଦିରକୁ ଅହୋବିଲାମ୍ ମନ୍ଦିର ସୁରକ୍ଷା ନାମ ଦିଆଯାଇଥିଲା। ଭାରତରୁ ଆମଦାନି ହୋଇଥିବା ପଥର ଏବଂ ଖନନ କରାଯାଇଥିବା ପଥରକୁ ଗୁମ୍ଫା ପରି ଦେଖାଯିବା ପାଇଁ ବ୍ୟବହାର କରାଯାଉଥିଲା। ଏହି ପଥରଗୁଡ଼ିକୁ ପ୍ରଥମ ମହଲାରେ ଲଗାଯାଉଥିଲା। ନଗର ନିଗମ ଏବଂ ଘରୋଇ କମ୍ପାନୀଗୁଡ଼ିକର ଉଦ୍ଧାର ଦଳ କ୍ୟାମେରା, ସ୍ନିଫର କୁକୁର ଏବଂ ଅନ୍ୟାନ୍ୟ ଉପକରଣ ସହିତ ଫେରିଛନ୍ତି।

# ପୁଲିସ ଏସ୍ଆଇ ନିଯୁକ୍ତିରେ ଗୁଜରାଟ ଲିଙ୍କ୍

**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲାରେ ସିବିଆଇ ତନାଘନା ଚଳାଇଥିବା ବେଳେ ଏହି ମାମଲାରେ ପୂର୍ବରୁ ବିହାର ଲିଙ୍କ୍ ସାମ୍ନାକୁ ଆସିଥିଲା। ସେଠାରୁ ଜଣେ ଅଭିଯୁକ୍ତକୁ ଗିରଫ କରାଯିବା ପରେ ସିବିଆଇ ଏହି ଲିଙ୍କ୍ ଠାବ କରିଥିଲା। ଏବେ ଏହି ମାମଲାରେ ଆଉ ଏକ ରାଜ୍ୟର ଲିଙ୍କ୍ ଥିବା ଜଣାପଡ଼ିଛି। ଗୁଜରାଟ ପର୍ଯ୍ୟନ୍ତ ଏହି କେଳେଙ୍କାରୀର ଚେର ଲମ୍ବିଛି। ଗୁଜରାଟର ବଡୋଦରାରୁ ଆଜି ନୀତୁ ଅରୋରା ନାମ୍ନୀ ଅଭିଯୁକ୍ତକୁ ଗିରଫ କରିଛି ସିବିଆଇ। ସେ ପୁଲିସ ଏସଆଇ ନିଯୁକ୍ତି ଦାୟିତ୍ୱ ନେଇଥିଲେ। ଏସଆଇ ସହ ଆଉ ଦୁଇଟି ନିଯୁକ୍ତିର ଦାୟିତ୍ୱ ମଧ୍ୟ ସେ ନେଇଥିବା ସମ୍ପର୍କରେ ସିବିଆଇ ତଥ୍ୟ ହାସଲ କରିଛି। ଗୁଜରାଟରୁ ଗିରଫ ପରେ ନୀତୁଙ୍କୁ ସିବିଆଇ ଟ୍ରାଞ୍ଜିଟ ରିମାଣ୍ଡରେ ଆଣିଛି। ଏନେଇ ଗତ ଦୁଇ ଦିନ ଧରି ବିହାରରୁ




ଗିରଫ ନୀତୀଶ କୁମାର ଓ ଓଡ଼ିଶାରୁ ଗିରଫ ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବା ପରେ ସିବିଆଇ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ତେବେ ନୀତୀଶ କୁମାର ସହ ଅନ୍ୟ ୪ ଜଣଙ୍କ ରିମାଣ୍ଡ ଶେଷ ପରେ ସେମାନଙ୍କୁ କୋର୍ଟରେ ହାଜର କରାଯାଇଛି। ଏଥିସହ ନୀତୁଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ପଚରାଉଚରା କରି ସିବିଆଇ ଆଉ କିଛି ନୂଆ ତଥ୍ୟ ହାସଲ କରିବା ସମ୍ଭାବନା ରହିଛି। ଏଥିସହ ସିବିଆଇ ଗିରଫ ଅଭିଯୁକ୍ତମାନଙ୍କ ୧୭୩ ମୋବାଇଲ୍‌ର ମଧ୍ୟ ଯାଞ୍ଚ୍ ଚାଲିଥିବା ଜଣାପଡ଼ିଛି।

# ଭାରତକୁ ହାଫିଜ୍ ସହଯୋଗୀର ପରମାଣୁ ବୋମା ଧମକ



ଭିଡିଓ ଭାଇରାଲ୍

**ଇସଲାମାବାଦ,୧୩,୧୨:** ପାକିସ୍ତାନ ମାଟିରେ ବର୍ଷ ବର୍ଷ ଧରି ଆତଙ୍କବାଦକୁ ଆଶ୍ରୟ ଦେଉଥିବାର ନୂତନ ପ୍ରମାଣ ଏକ ଭାଇରାଲ ଭିଡିଓ ରୂପରେ ସାମ୍ନାକୁ ଆସିଛି। ଲସ୍କର-ଇ-ତୈବା ଆତଙ୍କବାଦୀ ଅବଦୁଲ ରଉଫଙ୍କ ଏହି ଭିଡିଓଟି ଭାରତ ବିରୋଧରେ ଘୃଣା ଏବଂ ହିଂସାକୁ ଉସକାଇବା ପାଇଁ ଏକ ଖୋଲା ଅଭିଯାନ ବୋଲି କୁହାଯାଉଛି। ହାଫିଜ୍ ସଇଦର ଘନିଷ୍ଠ ସହଯୋଗୀ ବୋଲି କୁହାଯାଉଥିବା ରଉଫ କେବଳ ଭାରତରେ ଆତଙ୍କବାଦ ବିସ୍ତାର କରିବା କଥା କହିବା ସହିତ ଜମ୍ମୁ-କଶ୍ମୀରରେ ବୃଦ୍ଧି ପାଉଥିବା ହିଂସା ଏବଂ 'ଅପରେସନ ସିନ୍ଦୂର' ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି।

ଏହି ଭିଡିଓଟି ସୋସିଆଲ ମିଡିଆରେ ଆକାଉଣ୍ଟ ଦ୍ୱାରା ସେୟାର କରାଯାଇଛି। ଏଥିରେ ରଉଫ କହିଛନ୍ତି ଯେ, ଲୋକମାନେ କହୁଛନ୍ତି ଯେ କାଶ୍ମୀର ବିବାଦ ଶେଷ ହୋଇଛି, କିନ୍ତୁ ଏହା ଆଦୌ ସତ୍ୟ ନୁହେଁ। ପୂର୍ବ ପରି ଲଢ଼େଇ ଜାରି ରହିଛି। ସେ ଦାବି କରିଛନ୍ତି ଯେ, ଗୋଟିଏ ଦିନ ଇସଲାମ ସମଗ୍ର ବିଶ୍ୱକୁ ଶାସନ କରିବ ଏବଂ ଆମେ ଗଜୱା-ଏ-ହିନ୍ଦ୍‌ରେ ସଫଳ ହେବୁ।

ଭିଡିଓରେ ଅବଦୁଲ ରଉଫ ଏହା ମଧ୍ୟ କହିଛନ୍ତି ଯେ, ଲସ୍କର-ଇ-ତୈବାର ସହ-ପ୍ରତିଷ୍ଠାତା ଅବଦୁଲ ରେହମାନ ମକ୍କି ସବୁବେଳେ ଦାବି କରୁଥିଲେ ଯେ, ସେ ଦିଲ୍ଲୀକୁ ତାଙ୍କର ଦୁହ୍ଲନ କରିବେ ଏବଂ ତାଙ୍କର ଲକ୍ଷ୍ୟ ନିଶ୍ଚିତ ଭାବରେ ପୂରଣ ହେବ। ରଉଫ କୁହନ୍ତି, ଆମେ ଏକ ବିଜୟୀ ରାଷ୍ଟ୍ର। ପୂର୍ବରୁ ଭାରତର ଦୃଶ୍ୟ ଭିନ୍ନ ଥିଲା, କିନ୍ତୁ ଏବେ ଏହା ପରିବର୍ତ୍ତନ ହୋଇଛି। ଆତଙ୍କବାଦୀଟି ସାମରିକ ଏବଂ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ବିଷୟରେ ଆହୁରି ଅବାନ୍ତର ବୟାନ ଦେଇଥିଲା, ରାଫେଲ, ଏସ୍-୪୦୦ ଏବଂ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଠାରୁ ଆରମ୍ଭ କରି ସବୁକିଛି ବିଷୟରେ ଅବାନ୍ତର ଉପହାସ କରିଥିଲା। ସେ କହିଥିଲେ ଯେ, ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ଭାରତ ପାକିସ୍ତାନକୁ ଦେଖିବାକୁ ସାହସ କରିବ ନାହିଁ। ଆମେ ସେମାନଙ୍କୁ ଏତେ ହତ୍ୟା କରିଛୁ ଯେ, ସେମାନଙ୍କ ପିଢ଼ି ଏହାକୁ ମନେ ରଖିବେ।

# ନୋବେଲ ଶାନ୍ତି ପୁରସ୍କାର ବିଜେତା ଗିରଫ



**ଦୁବାଇ,୧୩।୧୨:** ଇରାନ ହଠାତ୍ ନୋବେଲ ଶାନ୍ତି ପୁରସ୍କାର ବିଜେତା ନର୍ଗେସ ମହମ୍ମଦୀଙ୍କୁ ଗିରଫ କରିଛି, ଯାହା ତାଙ୍କ ସମର୍ଥକଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଛି। ନର୍ଗେସଙ୍କ ନାମରେ ନାମିତ ଏକ ସଂଗଠନ ଶୁକ୍ରବାର କହିଛି ଯେ, ତାଙ୍କୁ ରାଜଧାନୀ ତେହେରାନରୁ ପ୍ରାୟ ୬୮୦ କିଲୋମିଟର ଉତ୍ତର-ପୂର୍ବରେ ମଶାଦରେ ଗିରଫ କରାଯାଇଥିଲା, ଯେତେବେଳେ ସେ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁବରଣ କରିଥିବା ଜଣେ ମାନବାଧିକାର ଓକିଲଙ୍କ ସ୍ମୃତିସଭାରେ ଯୋଗ ଦେଇଥିଲେ।

ଜଣେ ଇରାନୀ ଅଧିକାରୀ ତାଙ୍କ ଗିରଫଦାରୀକୁ ନିଶ୍ଚିତ କରିଛନ୍ତି। ନର୍ଗିସଙ୍କ ଗିରଫଦାରୀ ଏପରି ଏକ ସମୟରେ ହୋଇଛି ଯେତେବେଳେ ଇରାନ ପ୍ରତିବନ୍ଧକ, ଅବନତିଶୀଳ ଅର୍ଥନୀତି ଏବଂ ଇସ୍ରାଏଲ ସହିତ ପୁନର୍ବାର ଯୁଦ୍ଧର ଭୟରେ ଜଡ଼ିତ ଥିବାରୁ ବୁଦ୍ଧିଜୀବୀ ଏବଂ ଅନ୍ୟମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ମହମ୍ମଦଙ୍କ ଗିରଫଦାରୀ ପଶ୍ଚିମ ଦେଶମାନଙ୍କଠାରୁ ଇରାନ ଉପରେ ଚାପ ବୃଦ୍ଧି କରିପାରେ, କାରଣ ଇରାନ ବାରମ୍ବାର ଆମେରିକା ସହିତ ତା'ର ପରମାଣୁ କାର୍ଯ୍ୟକ୍ରମ ଉପରେ ନୂତନ ଆଲୋଚନା ପାଇଁ ଇଚ୍ଛା ପ୍ରକାଶ କରିଛି, ଯଦିଓ ଏଗୁଡ଼ିକ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ନରୱେଜିଆନ୍ ନୋବେଲ୍ କମିଟି ମହମ୍ମଦୀଙ୍କ ଗିରଫଦାରୀ ଉପରେ ଗଭୀର ଚିନ୍ତା ପ୍ରକାଶ କରିଛି ଏବଂ ତାଙ୍କୁ ତୁରନ୍ତ ଏବଂ ନିଃସର୍ତ୍ତ ମୁକ୍ତ କରିବା ପାଇଁ ଇରାନୀ କର୍ତ୍ତୃପକ୍ଷଙ୍କୁ ଆହ୍ୱାନ କରିଛି।

ନର୍ଗିସଙ୍କ ଗିରଫଦାରୀ ପରେ, ୮୦ରୁ ଅଧିକ ଓକିଲ ସମ୍ପୂର୍ଣ୍ଣ ମାମଲାର ତଦନ୍ତ ଦାବି କରି ଏକ ଆବେଦନରେ ଦସ୍ତଖତ କରିଛନ୍ତି। ଇରାନରେ ନ୍ୟୁୟର୍କ ସ୍ଥିତ ସେଣ୍ଟର ଫର୍ ହ୍ୟୁମାନ୍ ରାଇଟ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହାଦି ଘେମି କହିଛନ୍ତି, ଆଜି ଆମେ ଯାହା ଦେଖିଲୁ ତାହା ହେଉଛି ଇସଲାମିକ୍ ଗଣରାଜ୍ୟ ଦ୍ୱାରା ସବୁଠାରୁ ମୌଳିକ ମାନବିକ ସ୍ୱାଧୀନତା ଉପରେ ସଦ୍ୟତମ ଆକ୍ରମଣ, ଯେଉଁଠାରେ ଜଣେ ମୃତ ଓକିଲଙ୍କ ପାଇଁ ଶୋକ କରିବା ମଧ୍ୟ ଏକ ଦଣ୍ଡନୀୟ ଅପରାଧ ପାଲଟିଛି।

## ବିଜେପିରେ ଦିଲ୍ଲୀରୁ ନିଷ୍ପତ୍ତି ନିଆଯାଏ

# ଦଳ ଛାଡ଼ିବେ କ୍ୟାପଟେନ ଅମରିନ୍ଦର ସିଂହ!

**ନୂଆଦିଲ୍ଲୀ,୧୩।୧୨:** ନିଜ ଦଳର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ପଞ୍ଜାବ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା କ୍ୟାପଟେନ ଅମରିନ୍ଦର ସିଂହ। ବିଜେପିରେ ନିଷ୍ପତ୍ତି ଦିଲ୍ଲୀରେ ନିଆଯାଇଥାଏ। କୌଣସି ନିଷ୍ପତ୍ତିରେ ତାଙ୍କୁ ସାମିଲ କରାଯାଏ ନାହିଁ। ତଥାପି କଂଗ୍ରେସରେ ପୁନର୍ବାର ଯୋଗଦେବାର କୌଣସି ପ୍ରଶ୍ନ ଉଠୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସିଂହ କହିଛନ୍ତି ଯେ, ପଞ୍ଜାବରେ ସ୍ଥିରତା ପାଇଁ ବିଜେପି-ଅକାଳି ମେଣ୍ଟ ଆବଶ୍ୟକ।



ମୋହାଲିରେ ଅମରିନ୍ଦର ସିଂହ କହିଛନ୍ତି ଯେ, ବିଜେପିରେ ତାଙ୍କର ପରାମର୍ଶ ନିଆଯାଇନାହିଁ। ତାଙ୍କର ୬୦ବର୍ଷର ରାଜନୈତିକ ଅଭିଜ୍ଞତା ଅଛି, କିନ୍ତୁ ସେ ନିଜକୁ ଦଳ ଉପରେ ଲଦିପାରିବେ ନାହିଁ। କଂଗ୍ରେସରେ ଥିବା ସମୟରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ କିପରି ହଟାଗଲା ତାହା ତାଙ୍କୁ ଏବେ ବି ଗଭୀର ଭାବରେ ଦୁଃଖିତ କରୁଛି। ସେ କହିଛନ୍ତି ଯେ, ଏହି ଅଭିଜ୍ଞତା ତାଙ୍କ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା। ତଥାପି, ସେ ଏହା ମଧ୍ୟ କହିଛନ୍ତି ଯେ ଯଦି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ କେବେ ତାଙ୍କ ସାହାଯ୍ୟ ମାଗନ୍ତି, ତେବେ ସେ ନିଶ୍ଚିତ ଭାବରେ ତାଙ୍କୁ ସାହାଯ୍ୟ କରିବେ, କିନ୍ତୁ ରାଜନୈତିକ ଭାବରେ ନୁହେଁ।

କଂଗ୍ରେସ ଏବଂ ବିଜେପିର କାର୍ଯ୍ୟଶୈଳୀ ତୁଳନା କରି ଅମରିନ୍ଦର ସିଂହ କହିଛନ୍ତି ଯେ କଂଗ୍ରେସ ବ୍ୟବସ୍ଥା ଅଧିକ ଗଣତାନ୍ତ୍ରିକ। କଂଗ୍ରେସରେ ନେତାମାନଙ୍କ ସହିତ ପରାମର୍ଶ କରାଯାଉଥିଲା ଏବଂ ହାଇକମାଣ୍ଡଙ୍କ ସହ ଯୋଗାଯୋଗ ସହଜ ଥିଲା। ତାଙ୍କ ଅନୁସାରେ, ବିଜେପିର ଶୀର୍ଷ ନେତୃତ୍ୱକୁ ଭେଟିବା କଂଗ୍ରେସ ହାଇକମାଣ୍ଡଙ୍କୁ ଭେଟିବା ଅପେକ୍ଷା ଅଧିକ କଷ୍ଟକର। ବିଜେପି ତାର ନିଷ୍ପତ୍ତି ସାର୍ବଜନୀନ କରେ ନାହିଁ ଏବଂ ତୃଣମୂଳ ସ୍ତରର ନେତାମାନଙ୍କ ସହିତ ପରାମର୍ଶ ନକରି ନିଷ୍ପତ୍ତି ନିଆଯାଏ। ସେ କହିଛନ୍ତି ଯେ, ମେଣ୍ଟ ବିନା ପଞ୍ଜାବରେ କୌଣସି ସରକାର ଗଠନ ହୋଇପାରିବ ନାହିଁ। ତାଙ୍କ ଅନୁସାରେ, ପଞ୍ଜାବରେ ଆଗକୁ ବଢ଼ିବା ପାଇଁ ବିଜେପିକୁ ଶିରୋମଣି ଅକାଳୀ ଦଳ ସହିତ ପୁନର୍ବାର ମେଣ୍ଟ କରିବାକୁ ପଡିବ। ସେ ଦାବି କରିଛନ୍ତି ଯେ ତାଙ୍କର ରାଜନୈତିକ ଅଭିଜ୍ଞତା ଆଧାରରେ, ସେ କହିପାରିବେ ଯେ ବିଜେପି ଏବଂ ଅକାଳୀ ଦଳ ଶେଷରେ ଏକାଠି ହେବେ।

# ପାକିସ୍ତାନ ପାଇଁ କାମ କରୁଥିଲେ ବାୟୁସେନାର ପୂର୍ବତନ କର୍ମଚାରୀ ଗିରଫ

**ନୂଆଦିଲ୍ଲୀ, ୧୩।୧୨:** ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ବ୍ୟକ୍ତି ଜଣଙ୍କ ଏକଦା ଭାରତୀୟ ବାୟୁ ସେନାରେ କାମ କରୁଥିଲେ। ତାଙ୍କ ନାଁ କୁଲେନ୍ଦ୍ର ଶର୍ମା। ତାଙ୍କ ଘର ଆସାମର ତେଜପୁର ଅନ୍ତର୍ଗତ ପଟିଆ ଅଞ୍ଚଳରେ।

ଗିରଫ କୁଲେନ୍ଦ୍ର ଶର୍ମା ଦେଶରେ ରହୁଥିଲେ। ଦେଶର ଖାଉଥିଲେ। ଦେଶର ସେନା ବାହିନୀ ପାଇଁ କାମ ବି କରିଥିଲେ। କିନ୍ତୁ ଭାରତରେ ରହି ଶତ୍ରୁ ରାଷ୍ଟ୍ର ପାକିସ୍ତାନ ସହ ହାତ ମିଳାଇଥିଲେ। ପାକିସ୍ତାନ ପାଇଁ ଗୁପ୍ତଚର ସାଜିଥିବା ସେଭଳି ଜଣେ ବ୍ୟକ୍ତିଙ୍କୁ ଆସମ ପୁଲିସ ଗିରଫ କରିଛି। ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା



ଅଭିଯୋଗରେ ଗିରଫ ହୋଇଥିବା ବ୍ୟକ୍ତି ଜଣଙ୍କ ଏକଦା ଭାରତୀୟ ବାୟୁ ସେନାରେ କାମ କରୁଥିଲେ। କିଛି ଦିନ ଧରି ତାଙ୍କ ଉପରେ ପୁଲିସ୍ ନଜର ରଖିଥିଲା। ଶେଷରେ ତାଙ୍କୁ ଗୁଇନ୍ଦାଗିରି ଘଟଣାରେ ଗିରଫ କରାଯାଇଛି।

ପୁଲିସ ସୂତ୍ରରୁ ଜଣାପଡ଼ିଛି ଯେ, ଗିରଫ କୁଲେନ୍ଦ୍ର ଶର୍ମା ବେଶ କିଛିଦିନ ଧରି ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଯୋଗାଯୋଗରେ ଥିବା ଲୋକଙ୍କ ଲିଙ୍କରେ ଥିଲେ। ସେମାନଙ୍କ ସହ ନିୟମିତ ଯୋଗାଯୋଗ କରିବା ସହ ସମ୍ବେଦନଶୀଳ ତଥ୍ୟ ହସ୍ତାନ୍ତର କରୁଥିଲେ। ତାଙ୍କ ମୋବାଇଲ ଫୋନ ଓ ଲାପଟପରୁ ଅତ୍ୟନ୍ତ ସନ୍ଦେହଜନକ ଜିନିଷ ସବୁ ମିଳିଛି। ତଥାପି କିଛି ଜିନିଷକୁ ସେ ଡିଲିଟ କରି ଦେଇଥିବା ଜଣାପଡ଼ିଛି।

ସୋନିତପୁର ଡିଏସ୍‌ପି ହରିଚରଣ ଭୂମିଜ କହିଛନ୍ତି, କୁଲେନ୍ଦ୍ର ଶର୍ମାଙ୍କ ପାକିସ୍ତାନଲିଙ୍କର ପୂରା ପ୍ରମାଣ ରହିଛି। ତଥାପି ଘଟଣାର ତଦନ୍ତ ଶେଷ ହେବା ପରେ ବିସ୍ତୃତ ତଥ୍ୟ ସାମ୍ନାକୁ ଆସିବ। ବାୟୁସେନାରୁ ଅବସର ନେବା ପୂର୍ବରୁ ଶର୍ମା ଜୁନିୟର ୱାରେଣ୍ଟ ଅଫିସର ଭାବେ କାମ କରୁଥିଲେ। ତେଜପୁର ସ୍ଥିତ ଏୟାର ଫୋର୍ସ ଷ୍ଟେସନରେ ସେ ନିଯୁକ୍ତି ପାଇଥିଲେ। ଏଠାରେ ଥିବା ସୁଖୋଇ ୩୦ ସ୍କ୍ୱାର୍ଡନ ସହ ସେ ଭଲ ଭାବେ ଜଡ଼ିତ। ୨୦୦୨ରେ ସେ ଅବସର ନେଇଥିଲେ ଓ ଏହାପରେ ତେଜପୁର ବିଶ୍ୱବିଦ୍ୟାଳୟରେ କିଛି ସମୟ କାମ କରିଥିଲେ। ଆଜି ସକାଳୁ ତାଙ୍କୁ ଗୁପ୍ତଚର ଅଭିଯୋଗରେ ଗିରଫ କରାଯାଇଥିବା ବେଳେ ଖୁବଶୀଘ୍ର କୋର୍ଟରେ ହାଜର କରାଯିବ। ଏହାପରେ ପୁଲିସ୍ ତାଙ୍କୁ ରିମାଣ୍ଡରେ ଆଣିବାର ଯୋଜନା ମଧ୍ୟ ରହିଛି।

## ସୋନିଆ ଗାନ୍ଧିଙ୍କୁ ଭେଟିଲେ କପିଲ ଶିବଲ

# କଂଗ୍ରେସରେ ବଡ଼ ରାଜନୈତିକ ଝଡ଼ର ସଂକେତ

**ନୂଆଦିଲ୍ଲୀ ୧୩।୧୨:** କଂଗ୍ରେସ ଏବେ ଅନ୍ତର୍ଦ୍ୱନ୍ଦ୍ୱ ଦେଇ ଗତି କରୁଛି। ପାର୍ଟି ଭିତରେ ଚାଲିଥିବା ଟକରା ଟକରି, ବରିଷ୍ଠ ନେତାଙ୍କ ଅସନ୍ତୋଷ ଓ ନେତୃତ୍ୱକୁ ନେଇ ଉଠୁଥିବା ପ୍ରଶ୍ନ ମଧ୍ୟରେ ବରିଷ୍ଠ ଓକିଲ ତଥା ରାଜ୍ୟସଭା ସାଂସଦ କପିଲ ଶିବଲ ସୋନିଆ ଗାନ୍ଧିଙ୍କୁ ଗୋପନରେ ଭେଟିବା ଏବେ ପାର୍ଟିରେ ହଲଚଲ ବଢାଇ ଦେଇଛି। ସୂଚନା ଅନୁସାରେ ଏହି କଥିତ ସାକ୍ଷାତ ଆଲୋଚନା କୌଣସି ଔପଚାରିକ ଘୋଷଣା ବିନା ହୋଇଛି।

ଏହି ଘଟଣା ଏପରି ଏକ ସମୟରେ ସାମ୍ନାକୁ ଆସିଛି ଯେତେବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସ ଉପରେ ଅନେକ ଗୁରୁତର ପ୍ରଶ୍ନ ଉଠାଇଛନ୍ତି। ଏଥିରେ ସୋନିଆ ଗାନ୍ଧିଙ୍କ ନାଗରିକତା ଓ ଭୋଟର ହେବା ସମ୍ପର୍କିତ ପ୍ରସଙ୍ଗ



ମଧ୍ୟ ରହିଛି। ଅମିତ ଶାହଙ୍କ ଏହି ବୟାନ ପରେ କଂଗ୍ରେସ ବିଚଳିତ ହୋଇପଡିଥିବା ବେଳେ ବିପକ୍ଷ ୱାକଆଉଟ୍ କରିଛି। କପିଲ ଶିବଲ ଓ କଂଗ୍ରେସ ମଧ୍ୟରେ ଫାଟ କୌଣସି ନୂଆ କଥା ନୁହେଁ। ୨୦୨୧ରେ ଜି-୨୩ ସମୂହ ମାଧ୍ୟମରେ ପାର୍ଟି ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଥିବା ନେତାଙ୍କ ମଧ୍ୟରେ କପିଲ ଶିବଲ ମଧ୍ୟ ଥିଲେ।

ସେତେବେଳେ ସୋନିଆ ଗାନ୍ଧି, ରାହୁଲ ଗାନ୍ଧି ଓ ପ୍ରିୟଙ୍କା ଗାନ୍ଧି କଂଗ୍ରେସ ନେତୃତ୍ୱ ଛାଡନ୍ତୁ ବୋଲି କପିଲ ଶିବଲ କହିଥିଲେ। ଏହା ପରେ କଂଗ୍ରେସ କାର୍ଯ୍ୟକର୍ତ୍ତା ତାଙ୍କ ଘର ଆଗରେ ପ୍ରଦର୍ଶନ କରିବା ସହ ଭଙ୍ଗାରୁଜା ଓ ତାଙ୍କ କାରର ମଧ୍ୟ କ୍ଷତି କରିଥିଲେ। ଏହା ପରେ କପିଲ ଶିବଲ ଓ ସୋନିଆ ଗାନ୍ଧିଙ୍କ ପରିବାର ମଧ୍ୟରେ ସମ୍ପର୍କ ବିଗିଡି ଯାଇଥିଲା। ଏନେଇ ଶିବଲ କଂଗ୍ରେସ ଠାରୁ ଦୂରେଇଯାଇଥିଲେ ଓ ସମାଜବାଦୀ ପାର୍ଟି ସମର୍ଥନରେ ରାଜ୍ୟସଭାକୁ ସାଂସଦ ନିର୍ବାଚିତ ହୋଇଥିଲେ। ଏଥିରେ ଏବେ ସୋନିଆଙ୍କ ସହ ତାଙ୍କର ଗୋପନ ସାକ୍ଷାତ ବଡ଼ ପ୍ରଶ୍ନ ପାଲଟିଛି। ସଂସଦରେ ଅମିତ ଶାହ ଉଠାଇଥିବା ପ୍ରସଙ୍ଗ କଂଗ୍ରେସ ଲାଗି ଏବେ ସବୁଠୁ ବଡ଼ ସମସ୍ୟା ପାଲଟିଛି। ଅଭିଯୋଗ ହେଉଛି ନାଗରିକତା ସମ୍ପର୍କିତ କିଛି ମାମଲାରେ ଗୁରୁତର ପ୍ରଶ୍ନ ଉଠୁଛି। ଏହି ମାମଲା କୋର୍ଟରେ ମଧ୍ୟ ବିଚାରାଧୀନ ବୋଲି କୁହାଯାଉଛି। କଂଗ୍ରେସ ନେତାମାନେ ଏହି ସବୁ ଅଭିଯୋଗକୁ ମୂଳରୁ ଖଣ୍ଡନ କରୁଛନ୍ତି ହେଲେ ଏଥିରେ ପାର୍ଟି ଘାବରେଇ ଯାଇଥିବା ସାଂସଦଙ୍କ ଆଚରଣରୁ ଜଣାପଡୁଛି। ରାଜନୈତିକ ବିଶ୍ଳେଷକଙ୍କ ଅନୁସାରେ ଏହି ଆଇନଗତ ସଂକଟ କାରଣରୁ କଂଗ୍ରେସକୁ ଆଇନଗତ ପରାମର୍ଶର ଆବଶ୍ୟକତା ପଡିପାରେ। ଏଣୁ କପିଲ ଶିବଲଙ୍କ ଭଳି ଓକିଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପାରେ।



ସଂସଦ ଭବନ ଆକ୍ରମଣକୁ ୨୪ ବର୍ଷ

# ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ ୧୩।୧୨:** ୧୩ ଡିସେମ୍ବର, ୨୦୦୧ରେ ଭାରତର ସାର୍ବଭୌମତ୍ୱର ପ୍ରତୀକ ଭାରତୀୟ ସଂସଦ ଉପରେ ହୋଇଥିଲା ହମଲା। ଏମିତି ଆତଙ୍କୀ ହମଲା ଯାହାକୁ କେବେ ଭୁଲିପାରିବେନି ଦେଶବାସୀ। ଆଜି, ସଂସଦ ଉପରେ ଆକ୍ରମଣର ପୂରିଛି ୨୪ ବର୍ଷ । ଆଜି ବି ବାର୍ଷିକୀରେ ଦେଶ ସେହି ସାହସୀ ସହିଦଙ୍କୁ ମନେ ପକାଉଛି । ଯେଉଁମାନେ ନିଜ ଜୀବନ ବଳିଦାନ ଦେଇ ନିଶ୍ଚିତ କରିଥିଲେ ଯେ, ଗଣତନ୍ତ୍ରର ମନ୍ଦିର, ଜାତିର ଗର୍ବ, କୌଣସି ପ୍ରକାରେ କ୍ଷତବିକ୍ଷତ ନହୁଏ । ଏହି ପବିତ୍ର ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଗୃହର ମାନ୍ୟଗଣ୍ୟ ନେତାମାନେ ସହିଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଦେଇ ଶ୍ରଦ୍ଧାଞ୍ଜଳି ଦେବା ସହ ସେମାନଙ୍କ ମହାନ ଦେଶପ୍ରେମକୁ ପ୍ରଶଂସା କରିଥିଲେ। ପାଞ୍ଚ ଆତଙ୍କବାଦୀ ସଂସଦ ପରିସରରେ ପ୍ରବେଶ କରି ଗୁଳି ଚଳାଇଥିଲେ। ଯେଉଁଥିରେ ସୁରକ୍ଷା କର୍ମୀ ଓ ସଂସଦ କର୍ମଚାରୀଙ୍କ ସମେତ ନଅ ଜଣ ପ୍ରାଣ ହରାଇଥିଲେ। ଭାରତ ସରକାର ଏହି ଆକ୍ରମଣ ପାଇଁ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ଏବଂ ଜୈଶ-ଏ-ମହମ୍ମଦ ନିଜକୁ ଦାୟୀ କରିଥିଲା। ପାକିସ୍ତାନକୁ ଶିକ୍ଷା ଦେବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାର ବଡ଼ ଏକ ସାମରିକ ଅଭିଯାନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ।

## ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ଆଇନସେବା ପ୍ରାଧିକରଣ, ଭୁବନେଶ୍ୱରଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଓ ରାଜସ୍ୱ ଅଦାଲତ ପରିସରରେ ଚଳିତ ବର୍ଷର ଅନ୍ତିମ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ଏକ ଲକ୍ଷ ୨୫ ହଜାର ୯୬୧ଟି ମାମଲା ଆଗତ କରାଯାଇ ସେଥିମଧ୍ୟରୁ ୯୮ ହଜାର ୩୭୪ ମାମଲାର ଫଇସଲା କରାଯାଇଥିଲା। ଏଥିସହ ମୋଟ ୨୩ କୋଟି ୨୬ ଲକ୍ଷ ପାଞ୍ଚ ହଜାର ୪୮୦ ଟଙ୍କାର ରାଜସ୍ୱ, ଜରିମାନା ଓ ବୁଝାମଣା ହୋଇଥିଲା। ଉକ୍ତ ଲୋକ ଅଦାଲତରେ ଫୌଜଦାରୀ ସାଲିସ୍‌ଯୋଗ୍ୟ ମାମଲା, ଚେକ୍ ବାଉନ୍ସ, ମନି ରିକଭରି, ମୋଟର ଯାନ ଦୁର୍ଘଟଣା, ଶ୍ରମ, ବିଭିନ୍ନ ଜନୋପଯୋଗୀ ମାମଲା, ବୈବାହିକ, ଜମି ଅଧିଗ୍ରହଣ, ରାଜସ୍ୱ ଏବଂ ଦେୱାନି ମାମଲା ସହ ବ୍ୟାଙ୍କ ଋଣ ଅନାଦେୟ, ଟେଲିଫୋନ୍, ବିଦ୍ୟୁତ ବିଲ୍ ଏବଂ ପ୍ରାକ୍ ମକଦ୍ଦମାମାନ ଫଇସଲା କରାଯାଇଥିଲା।

ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତି ଉକ୍ତ ଲୋକ ଅଦାଲତର ସଫଳତା ପାଇଁ ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ରାଜସ୍ୱ, ଆଞ୍ଚଳିକ ବ୍ୟାଙ୍କ ମ୍ୟାନେଜର, ଟେଲିକମ୍ ଓ ବୀମା ଅଧିକାରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ଅଂଶଗ୍ରହଣ କରିଥିବା ସମସ୍ତ ଆଇନଜୀବୀଙ୍କୁ ସାଧୁବାଦ ଦେବା ସହ ପରବର୍ତ୍ତୀ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬ ପାଇଁ ଆଗୁଆ ପ୍ରସ୍ତୁତି ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ପ୍ରାଧିକରଣଙ୍କ ସଚିବ ସଲୋମୀ ସାହୁ ଉପସ୍ଥିତ ରହି କୋର୍ଟ କର୍ମଚାରୀ ଏବଂ ଅନ୍ୟାନ୍ୟ ପଦାଧିକାରୀମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

## ନିଜ ପ୍ରତିମାର ଅନାବରଣ କଲେ ମେସି




**କୋଲକାତା, ୧୩ ।୧୨:** ଅନ୍ତର୍ଜାତୀୟ ଫୁଟବଲ ଜଗତର ପ୍ରସିଦ୍ଧ ଖେଳାଳି ଲିଓନେଲ୍ ମେସି ଶନିବାର ତାଙ୍କର ବିଶାଳ ପ୍ରତିମାର ଅନାବରଣ କରିଛନ୍ତି। ବିଶେଷ କଥା ହେଉଛି, ମେସି ହୋଟେଲରେ ରହି ଭର୍ଚୁଆଲ୍ ମାଧ୍ୟମରେ ଏହି ପ୍ରତିମାର ଉଦ୍‌ଘାଟନ କରିଛନ୍ତି। ନିଜ ପ୍ରତିମାକୁ ଦେଖି ମେସି ଭାବୁକ ଓ ବହୁତ ଖୁସି ଦେଖାଯାଇଥିଲେ।

ପ୍ରତିମା ଅନାବରଣର ଏହି ବିଶେଷ କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍ ମଧ୍ୟ ତାଙ୍କ ପୁଅ ଅବ୍ରାମ୍ ଖାନ୍‌ଙ୍କ ସହ ଉପସ୍ଥିତ ଥିଲେ। ମେସିଙ୍କ ଉପସ୍ଥିତି ଏବଂ ଶାହରୁଖ୍ ଖାନ୍‌ଙ୍କ ଆଗମନ ଦ୍ୱାରା ଏହି ଆୟୋଜନ ଆହୁରି ବିଶେଷ ହୋଇଯାଇଥିଲା। ମେସିଙ୍କ ଏହି ବିଶାଳ ପ୍ରତିମାକୁ ନେଇ ସାରା ବିଶ୍ୱରେ ଆଲୋଚନା ଆରମ୍ଭ ହୋଇଯାଇଛି। ବିଦେଶରେ ଥିବା ମେସିଙ୍କ ଅନେକ ଫ୍ୟାନ୍ କ୍ଲବ୍ ପ୍ରତିମାର ଫଟୋ ସେୟାର କରିଛନ୍ତି। ମେସି ତାଙ୍କ ପ୍ରତିମାର କାରୁକାର୍ଯ୍ୟ ଓ ଭବ୍ୟତାକୁ ମଧ୍ୟ ଖୋଲାଖୋଲି ଭାବେ ପ୍ରଶଂସା କରିଛନ୍ତି।

## ୮୫ ଲକ୍ଷ ଭୋଟରଙ୍କ ପିତାଙ୍କ ନାମ ଅଲଗା

ଏସ୍‌ଆଇଆର୍ ବିଭ୍ରାଟ

**କୋଲକାତା,୧୩।୧୨(ସଂଚାର ବ୍ୟୁରୋ):** ୮୫ ଲକ୍ଷ ଭୋଟରଙ୍କ ବାପାଙ୍କ ନାମ ଅଲଗା। ରାଜ୍ୟରେ ଏସ୍‌ଆଇଆର୍‌କୁ ନେଇ ସବୁଠାରୁ ବଡ଼ ବ୍ରେକିଂ ନ୍ୟୁଜ୍। ୧୩ ଲକ୍ଷ ଭୋଟରଙ୍କ ବାପା-ମା'ଙ୍କ ନାମ ସମାନ। ସେମାନଙ୍କ ମଧ୍ୟରୁ ୧୧ ଲକ୍ଷ ୯୫ ହଜାର ୧୫ ବର୍ଷ ବୟସ ପୂର୍ବରୁ ପିତା ହୋଇଛନ୍ତି। ରାଜ୍ୟରେ ୬ ସନ୍ତାନଙ୍କ ବାପାଙ୍କ ସଂଖ୍ୟା ୨୪ ଲକ୍ଷ ୨୧ ହଜାର। ୩ ଲକ୍ଷ ୪୫ ହଜାର ୪୦ ବର୍ଷ ବୟସ ପୂର୍ବରୁ ଜେଜେବାପା ହୋଇଛନ୍ତି। ଅର୍ଥାତ୍, ଯଦି ସମ୍ପୂର୍ଣ୍ଣ ପରିସଂଖ୍ୟାନ ତୁଳନା କରାଯାଏ, ତେବେ ମୋଟ ସଂଖ୍ୟା ୧ କୋଟି ୬୭ ଲକ୍ଷ ୪୫ ହଜାର ୯୧୧ ଭୋଟର। କମିଶନ ସେମାନଙ୍କ ସୂଚନା ବିଷୟରେ ଚିନ୍ତିତ।

## ଚିଙ୍ଗିଡ଼ିଘାଟାରେ ମେଟ୍ରୋ କାମ ବନ୍ଦ

**କୋଲକାତା,୧୩।୧୨(ସଂଚାର ବ୍ୟୁରୋ):** ମାସ ମାସ ଧରି ଅଟକି ରହିଛି କାମ। ଚିଙ୍ଗିଡିଘାଟାରେ ମେଟ୍ରୋ କାମ କେବେ ଆରମ୍ଭ ହେବ? ଏହା ବହୁତ ଦିନ ଧରି ଏକ ପ୍ରଶ୍ନ ହୋଇ ରହିଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ରାଜ୍ୟ ବିରୋଧରେ ଅସହଯୋଗ ଅଭିଯୋଗ କରି ସଂସଦରେ ମତ ରଖିଛନ୍ତି। କୋଲକାତା ହାଇକୋର୍ଟ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥର, ହାଇକୋର୍ଟର ଭାରପ୍ରାପ୍ତ ପ୍ରଧାନ ବିଚାରପତି ସୁଜୟ ପାଲ ଏବଂ ବିଚାରପତି ପାର୍ଥସାରଥୀ ସେନଙ୍କ ଡିଭିଜନ ବେଞ୍ଚ ସମସ୍ତ ପକ୍ଷଙ୍କୁ ଆସନ୍ତା ବୁଧବାର (୧୭ ଡିସେମ୍ବର) ଏକ ବୈଠକରେ ବସିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ୧୬ରୁ ପ୍ରଭାସ ନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**କେନ୍ଦ୍ରାପଡ଼ା, ୧୩।୧୨ (ସଂଚାର ବ୍ୟୁରୋ):** ଆସନ୍ତା ୧୬ ତାରିଖଠାରୁ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ ଅନ୍ତର୍ଗତ ବାଲିପାଟଣାର ମୋହିନୀ ଦେବୀ କ୍ରିକେଟ୍ କ୍ଲବ୍ ପକ୍ଷରୁ ଏକ ଡିଉଜ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟଟି ଦିବଂଗତ ପ୍ରଭାସ ନାୟକ (ପିଣ୍ଟୁ)ଙ୍କ ନାମରେ ଆୟୋଜିତ ହେବାକୁ ଥିବା ବେଳେ ଏଥିରେ ମୋଟ ୮ଟି ଟିମ୍ ଅଂଶଗ୍ରହଣ କରିବେ। ଆସନ୍ତା ୨୨ ତାରିଖ ସୁଦ୍ଧା ସେମିଫାଇନାଲ୍ ମ୍ୟାଚ୍ ଶେଷ ହେବା ପରେ ୨୩ ତାରିଖରେ ଗ୍ରାଣ୍ଡ୍ ଫାଇନାଲ୍ ଖେଳାଯିବ। ପ୍ରତିଯୋଗିତାର ଚାମ୍ପିଅନ୍ ଟିମ୍‌କୁ ୨୦ ହଜାର ଓ ରନର୍ସଅପ୍ ଟିମ୍‌କୁ ୧୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।

ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ଗ୍ରାଣ୍ଡ ଫିନାଲେ

## ରାଜ୍ୟର ୩୦ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ




**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ପଠାଣୀ ସାମନ୍ତ ପ୍ଲାନେଟାରିୟମ୍‌ରେ ୧୯ତମ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍‌ସ)ର ଗ୍ରାଣ୍ଡ ଫିନାଲେ-୨୦୨୫ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ସାରା ରାଜ୍ୟର ୩୦ ଜଣ ଯୁବ ଜ୍ୟୋତିର୍ବିଜ୍ଞାନୀଙ୍କୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବର୍ଦ୍ଧିତ କରିଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନସ୍ଥ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିଅମ୍ ସହଯୋଗରେ ଆୟୋଜିତ ଏହି ପ୍ରମୁଖ କାର୍ଯ୍ୟକ୍ରମରେ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ରାଜ୍ୟର ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦେବା ସହିତ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନୀ ଓ ଅନ୍ତରୀକ୍ଷ ଗବେଷଣାଙ୍କୁ ଅନ୍ୱେଷଣ କରିବାକୁ ପ୍ରେରିତ କରିବା।

## ବେଆଇନ କଲ୍ ସେଣ୍ଟରରେ ଚଢ଼ାଉ, ୮ ଗିରଫ

**କୋଲକାତା,୧୩।୧୨(ସଂଚାର ବ୍ୟୁରୋ):** କମ୍ପ୍ୟୁଟର ବା ଲାପଟପରେ ଆଣ୍ଟିଭାଇରସ୍ ଅପଲୋଡ୍ କରିବା ନାଁରେ ଗୁପ୍ତ ସୂଚନା ଚୋରି କରାଯାଇଥିଲା। କୋଲକାତା ପୁଲିସର ସାଇବର କ୍ରାଇମ୍ ବ୍ରାଞ୍ଚ ଏକ ବେଆଇନ କଲ୍ ସେଣ୍ଟର ଚଳାଇବା ଅଭିଯୋଗରେ କସବା ଏବଂ ପର୍ଣ୍ଣଶ୍ରୀ ଅଞ୍ଚଳରେ ତଲାସି କରିବା ପରେ ଦୁଇଟି ମାମଲାରେ କସବାରୁ ଜଣେ ଏବଂ ପର୍ଣ୍ଣଶ୍ରୀରୁ ସାତ ଜଣ ଆଠ ଜଣଙ୍କୁ ଗିରଫ କରାଯାଇଛି। ପୁଲିସ ଶୁକ୍ରବାର ରାତିରେ କସବା ଥାନା ଅନ୍ତର୍ଗତ ନସ୍କରହାଟ ବାନାର୍ଜୀ ରୋଡରେ ତଲାସୀ କରିଥିଲା। ସେହି ସମୟରେ ଏମ୍ ସଞ୍ଜୟ ନାମକ ଜଣେ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଇଥିଲା। ପଚରାଉଚରା ସମୟରେ ପୁଲିସ ଜାଣିବାକୁ ପାଇଲା ଯେ ୩୯ ବର୍ଷୀୟ ସଞ୍ଜୟ ଆମେରିକାରେ ବିଭିନ୍ନ ଲୋକଙ୍କୁ ଫୋନ୍ କରି ପ୍ରତାରଣା କରିଛନ୍ତି। ସେ ଏକ ସୋସିଆଲ ମିଡିଆ ଗ୍ରୁପରୁ ଏହି ସୂଚନା ପାଇଥିଲେ। ପୁଲିସ ଶନିବାର ସକାଳେ ତାଙ୍କୁ ଗିରଫ କରିଛି। ଗୋଟିଏ ମୋବାଇଲ, ଗୋଟିଏ ରାଉଟର ଏବଂ ଗୋଟିଏ ଲାପଟପ୍ ଜବତ କରାଯାଇଛି।

ଅନ୍ୟପକ୍ଷରେ, ପୁଲିସ ଶୁକ୍ରବାର ବିଳମ୍ବିତ ରାତିରେ ପର୍ଣ୍ଣଶ୍ରୀର ଏକ ଠିକଣା ତଲାସି କରିଥିଲା। ସେଠାରୁ ସାତ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଆମେରିକାରେ ଲୋକଙ୍କୁ ଫୋନ୍ କରି ନିଜକୁ ଏକ ଆଣ୍ଟିଭାଇରସ୍ କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେଉଥିଲେ। ସେମାନେ ନକଲି କାଗଜପତ୍ର ଦେଖାଇ ଦୂରରୁ ସେମାନଙ୍କର କମ୍ପ୍ୟୁଟର ବା ଲାପଟପ୍ ନିୟନ୍ତ୍ରଣ କରୁଥିଲେ। ଏପରି କରି, ଏହି ସାତ ଜଣଙ୍କ ବିରୁଦ୍ଧରେ ଆମେରିକୀୟ ଲୋକଙ୍କଠାରୁ ବିପୁଳ ପରିମାଣର ଡଲାର ଆଦାୟ କରିବାର ଅଭିଯୋଗ ରହିଛି। ପୁଲିସ ଅଭିଯୁକ୍ତଙ୍କଠାରୁ ଛଅଟି ମୋବାଇଲ ଫୋନ୍ ଜବତ କରିଛି।

## ଦିଲ୍ଲୀରେ ସୀମା ଟପିଲା ପ୍ରଦୂଷଣ

ଲାଗୁ ହେଲା ଗ୍ରୁପ-୪ କଟକଣା



**ନୂଆଦିଲ୍ଲୀ,୧୩।୧୨:** ଦେଶର ରାଜଧାନୀ ଦିଲ୍ଲୀ ଅଣନିଶ୍ୱାସୀ। ପ୍ରଦୂଷଣ ସବୁ ସୀମା ଟପିଯାଇଛି। ରାଜଧାନୀରେ ଏକ୍ୟୁଆଇ ୪୦୦ ଅତିକ୍ରମ କରିଛି। ଏହା ପରେ ଦିଲ୍ଲୀ ଏନସିଆରରେ ଗ୍ରାପ-୪ କଟକଣା ଲାଗୁ କରାଯାଇଛି। ଗ୍ରୁପ୍-୪ ଅନୁଯାୟୀ, ଦିଲ୍ଲୀ-ଏନସିଆରରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନିଷେଧ କରାଯିବ। ଦିଲ୍ଲୀ, ନୋଏଡା, ଗୁରୁଗ୍ରାମ, ଫରିଦାବାଦ ଏବଂ ଗାଜିଆବାଦରେ ବିଏସ୍-୩, ପେଟ୍ରୋଲ ଏବଂ ବିଏସ୍-୪ ଡିଜେଲ ଯାନଗୁଡ଼ିକୁ ନିଷେଧ କରାଯିବ। ଏହା ସହିତ, ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକ ହାଇବ୍ରିଡ୍ ମୋଡରେ କାର୍ଯ୍ୟ କରିବେ। ଅର୍ଥାତ୍ ଅନଲାଇନ୍ ଏବଂ ଅଫଲାଇନ୍ ଉଭୟ ମୋଡରେ ଶ୍ରେଣୀ ପରିଚାଳନା କରାଯିବ। ଗ୍ରୁପ୍ର ମୋଟ ଚାରୋଟି ପର୍ଯ୍ୟାୟ ଅଛି। ଯେତେବେଳେ ଏକ୍ୟୁଆଇ ୨୦୧ ରୁ ୩୦୦ ମଧ୍ୟରେ ଥାଏ, ସେତେବେଳେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକାରୀ ହୁଏ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାରୀ ହୁଏ, ଯେତେବେଳେ ଏକ୍ୟୁଆଇ ୩୦୧ ରୁ ୪୦୦ ମଧ୍ୟରେ ଥାଏ। ଯେତେବେଳେ ଏକ୍ୟୁଆଇ ୪୦୧ ରୁ ୪୫୦ ମଧ୍ୟରେ ଥିଲେ, ସେତେବେଳେ ତୃତୀୟ ପର୍ଯ୍ୟାୟ ଲାଗୁ କରାଯାଏ। ଏକ୍ୟୁଆଇ ୪୫୦ ଅତିକ୍ରମ କଲେ ଗ୍ରୁପ୍-୪ ଲାଗୁ ହୁଏ।

## ବର୍ଷିୟାନ ସାମ୍ବାଦିକ ଦୁଲାଲ ମିଶ୍ରଙ୍କ ପରଲୋକ



**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ରାଜ୍ୟର ଏକାଧିକ ଓଡ଼ିଆ ସମ୍ବାଦପତ୍ରର ସମ୍ପାଦକ ଭାବେ କାର୍ଯ୍ୟ କରିଥିବା ବର୍ଷିୟାନ ସାମ୍ବାଦିକ ଦୁଲାଲ ମିଶ୍ର ଶନିବାର ଅପରାହ୍ନରେ କ୍ୟାପିଟାଲ ହସ୍ପିଟାଲରେ ପରଲୋକ ଗମନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ପୂର୍ବରୁ ହାଇଟେକ୍ ହସ୍ପିଟାଲରେ ଦେଢ଼ମାସ ଧରି ଚିକିତ୍ସିତ ହେବା ପରେ ତିନିଦିନ ତଳେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅନ୍ତିମ ସମୟରେ ତାଙ୍କର ଦୁଇପୁତ୍ର ଦେବାଶିଷ ଓ ଶୁଭାଶିଷ ଏବଂ ପୁତ୍ରବଧୂ ଉପସ୍ଥିତ ଥିଲେ। ସେ ଦୀର୍ଘଦିନ ଧରି କଟକ ଓ ଭୁବନେଶ୍ୱରରେ ଅବସ୍ଥାନ କରି ବିଭିନ୍ନ ଓଡ଼ିଆ ସମ୍ବାଦପତ୍ର ସହ ଜଡ଼ିତ ଥିଲେ। ଦୈନିକ ସମ୍ବାଦପତ୍ର 'ମାତୃଭୂମି'ର କଟକ ପ୍ରତିନିଧି ଭାବେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ପରବର୍ତ୍ତୀ ସମୟରେ ଭୁବନେଶ୍ୱରରୁ ପ୍ରକାଶିତ ଦୈନିକ ସମ୍ବାଦପତ୍ର 'ଦିନଲିପି' ଏବଂ ବାଲେଶ୍ୱରରୁ ପ୍ରକାଶିତ ଦୈନିକ ସମ୍ବାଦପତ୍ର 'ଆଜିକାଲି'ର ସମ୍ପାଦକ ଓ ମୁଖ୍ୟ ସମ୍ପାଦକ ଭାବେ ଦୀର୍ଘଦିନ ଧରି ଦାୟିତ୍ୱ ସମ୍ପାଦନ କରିଥିଲେ। ସେ ଜଣେ ସଚ୍ଚୋଟ, ନିରପେକ୍ଷ ଓ ନିର୍ଭୀକ ସାମ୍ବାଦିକ ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ। ସ୍ୱର୍ଗତ ମିଶ୍ରଙ୍କ ମରଶରୀରକୁ ସତ୍ୟନଗର ଶ୍ମଶାନକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ଦେବାଶିଷ ମିଶ୍ର ମୁଖାଗ୍ନି ଦେଇଥିଲେ।

ମଧୁ ବାରିଷ୍ଟର ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଢେଙ୍କାନାଳ ବାର ଆସୋସିଏସନ



**କଟକ,୧୩।୧୨(ସଂଚାର ବ୍ୟୁରୋ):** କଟକ ମଧୁ ବାରିଷ୍ଟର ଆଇନଜୀବୀ ସଙ୍ଗଠନ ଆନୁକୂଲ୍ୟରେ ତ୍ରିସୁଳିଆ ସ୍ଥିତ ନରଣପୁର ଖେଳ ପଡିଆରେ ପଞ୍ଚମ ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିରୂପେ କଟକ ଜିଲ୍ଲା ଜଜ ମାନସ ରଞ୍ଜନ ବାରିକଙ୍କ ସହିତ ବରିଷ୍ଠ ଆଇନଜୀବୀ ତଥା ବାର କାଉନସିଲ ଓଡ଼ିଶାର ସଦସ୍ୟ ସୌର ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦଘାଟିତ କରିଥିଲେ। ଉଦଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, କ୍ରିମିନାଲ କୋର୍ଟସ ବାର ସଭାପତି ପ୍ରଶାନ୍ତ ସାହୁ, ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ। ଆଜି ଖେଳାଯାଇଥିବା ଲିଗ ମ୍ୟାଚରେ ଭୁବନେଶ୍ୱର ବାର ଆସୋସିଏସନ, ହାଇକୋର୍ଟ ବାର ଆସୋସିଏସନ ଓ ଢେଙ୍କାନାଳ ବାର ଆସୋସିଏସନ ଜୟଯୁକ୍ତ ହୋଇ ସେମି ଫାଇନାଲ ମ୍ୟାଚକୁ ଉତୀର୍ଣ୍ଣ ହୋଇଥିଲେ। ଦିବସର ଅନ୍ତିମ ତଥା ପ୍ରଥମ ସେମି ଫାଇନାଲ ମ୍ୟାଚ ହାଇକୋର୍ଟ ବାର ଆସୋସିଏସନ ଓ ଢେଙ୍କାନାଳ ବାର ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଢେଙ୍କାନାଳ ବାର ଆସୋସିଏସନ ବିଜୟ ଲାଭ କରି ଫାଇନାଲକୁ ଉତୀର୍ଣ୍ଣ ହୋଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କୋଲକାତାରେ...

ମୁଁ ଗଭୀର ଭାବରେ ବିଚଳିତ ଏବଂ ମର୍ମାହତ। ମୁଁ ହଜାର ହଜାର କ୍ରୀଡ଼ା ପ୍ରେମୀ ଏବଂ ପ୍ରଶଂସକଙ୍କ ସହିତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଷ୍ଟାଡିୟମକୁ ଯାଉଥିଲି ଯେଉଁମାନେ ସେମାନଙ୍କ ପ୍ରିୟ ଫୁଟବଲ ଖେଳାଳି ଲିଓନେଲ ମେସିଙ୍କ ଏକ ଝଲକ ଦେଖିବାକୁ ଏକାଠି ହୋଇଥିଲେ। ମେସିଙ୍କ ଗାଡ଼ି ଶନିବାର ଦିନ ଠିକ ୧୧:୩୦ ସମୟରେ ସଲ୍ଟଲେକ ଷ୍ଟାଡିୟମ ପଡ଼ିଆରେ ପ୍ରବେଶ କରିଥିଲା। ତାଙ୍କ ସହିତ ଲୁଇସ ସୁଆରେଜ ଏବଂ ରୋଡ୍ରିଗୋ ଡି ପଲ ମଧ୍ୟ ଥିଲେ। ଫୁଟବଲ ପ୍ରଶଂସକଙ୍କ ଉତ୍ସାହ ଦେଖି ମେସି ଉତ୍ସାହିତ ଦେଖାଯାଉଥିଲେ। ତଥାପି, ସେ ଗାଡ଼ିରୁ ଓହ୍ଲାଇବା ମାତ୍ରେ ଅନେକ ଲୋକ ତାଙ୍କୁ ଘେରିଯାଇଥିଲେ। ମେସି ଷ୍ଟାଡିୟମରେ ପହଞ୍ଚିବା ମାତ୍ରେ ଅତି କମରେ ୭୦-୮୦ ଲୋକଙ୍କ ଭିଡ଼ ତାଙ୍କୁ ଘେରିଗଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ମନ୍ତ୍ରୀ ଏବଂ ଅଧିକାରୀ ଥିଲେ। କେତେକ ତାଙ୍କୁ ଚାଲିବାକୁ ସ୍ଥାନ ମଧ୍ୟ ଦେଇ ନ ଥିଲେ। ସେମାନେ କ୍ୟାମେରା ଏବଂ ମୋବାଇଲ ଫୋନ ସହିତ ଫଟୋ ଉଠାଇବାରେ ବ୍ୟସ୍ତ ଥିଲେ। ସୁରକ୍ଷା କର୍ମୀମାନେ ମେସିଙ୍କୁ ଘେରି ରହିଥିଲେ ଏବଂ ଭିଡ଼କୁ ଘେରି ରହିବାକୁ ଆୟୋଜକଙ୍କୁ ଅନୁରୋଧ କରିଥିଲେ। ଯୁବ ଭାରତୀରେ ବେନଜିର ବିଶୃଙ୍ଖଳା। ରାଜ୍ୟପାଳ ସିଭି ଆନନ୍ଦ ବୋଷ ଉଦ୍ୟୋଗୀମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ମଧ୍ୟ ସମାନ ଦାବି ଉଠାଇଛନ୍ତି। ପୁଲିସ ଜଣାଇଛି ଯେ, ମୁଖ୍ୟ ଉଦ୍ୟୋଗୀ ସୁତାଦ୍ରୁ ଦତ୍ତଙ୍କୁ ଇତିମଧ୍ୟରେ ଗିରଫ କରାଯାଇଛି। ତେବେ, ଶୁଭେନ୍ଦୁ କ୍ରୀଡ଼ା ମନ୍ତ୍ରୀ ଅରୂପ ବିଶ୍ୱାସ ଏବଂ ଦମକଳ ମନ୍ତ୍ରୀ ସୁଜିତ ବସୁଙ୍କ ଗିରଫ ପାଇଁ ଦାବି ମଧ୍ୟ କରିଛନ୍ତି। ଅନ୍ୟପଟେ, ସେ ସମଗ୍ର ବିଶ୍ୱ ସମ୍ମୁଖରେ ପଶ୍ଚିମବଙ୍ଗର ଛବିକୁ ଖରାପ କରିବା ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ମଧ୍ୟ ଦାବି କରିଛନ୍ତି। କେବଳ ସେତିକି ନୁହେଁ, ବିରୋଧୀ ଦଳ ନେତା ଯୁବ ଭାରତୀକୁ ଆସିଥିବା ସମସ୍ତ ଦର୍ଶକଙ୍କ ଟିକେଟ୍ ମୂଲ୍ୟର ଶତ ପ୍ରତିଶତ ଫେରସ୍ତ ଦାବି କରିଛନ୍ତି। ଏକ୍ସ ହ୍ୟାଣ୍ଡେଲରେ ଗୋଟିଏ ପରେ ଗୋଟିଏ ଆକ୍ରମଣ କରିଛନ୍ତି। ସେ ଲେଖିଛନ୍ତି, ଫୁଟବଲର ରାଜକୁମାର ଲିଓନେଲ ମେସି ଯୁବ ଭାରତୀରେ ପ୍ରବେଶ କରିବା ମାତ୍ରେ ତାଙ୍କୁ ଅତି କମରେ ୧୦୦ ନେତା, ମନ୍ତ୍ରୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ଭିଡ଼ ଘେରି ଯାଇଥିଲା। ଫଳସ୍ୱରୂପ, ଗ୍ୟାଲେରୀରୁ ତାଙ୍କୁ ଦେଖିବାର କୌଣସି ଉପାୟ ନଥିଲା।

## ଓଇଆରସିର...

ପ୍ରାୟ ହଜାରେ କୋଟି ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ଆଦାୟ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ମହାସଂଘ ଅଭିଯୋଗ କରିଛି। ଡିଜିଟାଲ ମିଟର, ତା'ପରେ ସ୍ମାର୍ଟ ମିଟର ନାଁରେ ଲୁଟିବା ପରେ ଏବେ ଓଇଆରସି ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ନାଁରେ କମ୍ପାନୀକୁ ଲାଭ ଦେବାକୁ ଚକ୍ରାନ୍ତ କରୁଛି। ସବୁଠାରୁ ଉଦବେଗର କଥା ହେଉଛି ଓଡିଆ ଅସ୍ମିତା କଥା କହୁଥିବା ରାଜ୍ୟ ସରକାର ଓଇଆରସି ଓ କମ୍ପାନୀଙ୍କ ମଧୁଚନ୍ଦ୍ରିକାର ହେଉଥିବା ଲୁଟରେ କାହିଁକି ହସ୍ତକ୍ଷେପ କରୁନାହାଁନ୍ତି। କାହିଁକି ସରକାର ସବୁବେଳେ ଗ୍ରାହକଙ୍କୁ ଲୁଟର ଶିକାର ହେବାକୁ ବାଧ୍ୟ କରୁଛନ୍ତି। ବିଦ୍ୟୁତ ସଂସ୍କାର ପରେ ପ୍ରଥମେ ଏଇଏସ ୨ ହଜାର କୋଟି ଲୁଟ୍ କରି ଚାଲିଗଲା। ତା'ପରେ ରିଲାଏନ୍ସ ୬ ହଜାର କୋଟି ଲୁଟିନେଲା। ସରକାର ଏହି ଦୁଇ ବହୁରାଷ୍ଟ୍ରୀୟ କମ୍ପାନୀଙ୍କୁ କେତେ ଥର ନୋଟିସ କରି ଏହି ଟଙ୍କା ଫେରାଇଛନ୍ତି ବୋଲି ମହାସଂଘ ପ୍ରଶ୍ନ କରିଛି। କିନ୍ତୁ ଗ୍ରାହକଙ୍କୁ ତଣ୍ଟିଚିପି ଓଇଆରସି କମ୍ପାନୀର ସ୍ୱାର୍ଥ ପୂରଣ କରୁଛନ୍ତି ବୋଲି ମହାସଂଘ ଅଭିଯୋଗ କରିଛି।

## ଆରମ୍ଭ...

ମୁଖ୍ୟମନ୍ତ୍ରୀଙ୍କ କୃତଜ୍ଞତା ଜଣାଇଛନ୍ତି। ନୟାଗଡ଼ ଓ ଏହାର ଆଖପାଖ ଜିଲ୍ଲାରେ ପାଖାପାଖି ୨୦ ହଜାରରୁ ଅଧିକ ଆଖୁଚାଷୀ ଅଛନ୍ତି। ଦୀର୍ଘଦିନ ଧରି ସେମାନେ ଏକ ଚିନିକଳ ପ୍ରତିଷ୍ଠା ପାଇଁ ଦାବି କରିଆସୁଛନ୍ତି। ୧୯୮୮ରେ ଏଠାରେ ଏକ ଚିନିକଳ ପ୍ରତିଷ୍ଠା ହୋଇଥିବା ବେଳେ, ବାର୍ଷିକ ପ୍ରାୟ ୧ ଲକ୍ଷ ୭୦ ହଜାର ମେଟ୍ରିକ ଟନ୍ ଆଖୁରୁ ଚିନି ଉତ୍ପାଦନ ହେଉଥିଲା। ଯାହା ସ୍ଥାନୀୟ ଅଞ୍ଚଳର ହଜାର ହଜାର ଆଖୁଚାଷୀଙ୍କୁ ଆର୍ଥିକ ସ୍ଥିତିକୁ ସ୍ୱଚ୍ଛଳ କରିପାରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପରବର୍ତ୍ତୀ ସମୟରେ ପରିଚାଳନାଗତ ସମସ୍ୟା ଯୋଗୁଁ ଏହା ବନ୍ଦ ହୋଇଗଲା। ତେଣୁ ଏଠାରେ ଏକ ନୂଆ ଚିନିକଳ ପ୍ରତିଷ୍ଠା ହେଲେ ଆଖୁଚାଷୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିପାରିବ।

ଚିନି ଉତ୍ପାଦନ ସହ ଗୁଡ଼ ଓ ଇଥାନଲ ଭଳି ଅନ୍ୟାନ୍ୟ ପ୍ରକଳ୍ପ ପ୍ରତିଷ୍ଠାରେ ମଧ୍ୟ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନୟାଗଡ଼ ଚିନିକଳକୁ ପୁନଃ ଚାଲୁ କରିବା ପାଇଁ ଦୀର୍ଘ ଦିନ ହେବ ଦାବି ହେଉଛି। ଏଥିପାଇଁ ଅନେକ ଥର ନୟାଗଡ଼ ବନ୍ଦ ମଧ୍ୟ କରାଯାଇଛି। ଏମିତିକି ନିର୍ବାଚନ ଆସିଲେ ନୟାଗଡ଼ ଚିନିକଳ ଏକ ବଡ଼ ପ୍ରସଙ୍ଗ ହୋଇଥାଏ। ପ୍ରତ୍ୟେକ ଦଳ ନୟାଗଡ଼ରେ ଚିନିକଳ ସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥାନ୍ତି। ଗତ ୨୪ ବର୍ଷର ବିଜେଡି ସରକାର ମଧ୍ୟ ଏହି ପ୍ରତିଶ୍ରୁତି ଦେଇ ଆସୁଥିଲା। କିନ୍ତୁ କୌଣସି ପ୍ରକାର ପଦକ୍ଷେପ ନେଇନଥିଲା। କେବଳ ନିର୍ବାଚନ ଆସିଲେ ଚିନିକଳ କଥା ମନେପଡ଼େ। ତାପରେ ନୟଗଡ ଆଖୁଚାଷୀଙ୍କ ଦୁଃଖ ଆଉ ନେତାଙ୍କ କାନରେ ବାଜେ ନାହିଁ। ଏହି ଚିନିକଳ ଦାବି ଉଠାଇ ଅନେକ ଥର ନୟାଗଡ଼ର ଚାଷୀମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଧ୍ୟ ଧାରଣା ଦେଇଛନ୍ତି। ନୟାଗଡ଼ ଜିଲ୍ଲାପାଳଙ୍କ ଅଫିସ ଆଗରେ ମଧ୍ୟ ବଭିନ୍ନ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଛି। କିନ୍ତୁ ଫଳ ଶୂନ। ଏବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୁଣିଲେ ଚାଷୀଙ୍କ ଦୁଃଖ। ଚିନିକଳ ପାଇଁ ନେଲେ ବଡ଼ ପଦକ୍ଷେପ। ନୂଆ ଚିନିକଳ ସ୍ଥାପନ ହେଲେ ନୟାଗଡ଼ବାସୀ ଖୁବ୍ ଉପକୃତ ହେବ ବୋଲି ଆଶା କରାଯାଉଛି।

## ବାମଗଡ଼ରେ...

କେବଳ ଆମ ଦଳ ରାଜ୍ୟର ବିକାଶ ପାଇଁ ଆକାଂକ୍ଷା ପୂରଣ କରିପାରିବ। ଆମର ଦଳ ଏହି ସହରର ବିକାଶ ପାଇଁ କାମ କରିବ। ଲୋକଙ୍କ ପାଇଁ ସହଜ ଜୀବନଯାପନ ଉନ୍ନତ କରିବା।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଦ୍ୱିତୀୟ ପୋଷ୍ଟରେ ଲେଖିଛନ୍ତି, 'ମୁଁ ସମସ୍ତ କଠିନ ପରିଶ୍ରମୀ ବିଜେପି କର୍ମୀଙ୍କ ପ୍ରତି କୃତଜ୍ଞ ଯେଉଁମାନେ ଲୋକଙ୍କ ମଧ୍ୟରେ କାମ କରିଥିଲେ, ଯାହା ଥିରୁବନନ୍ତପୁରମ୍ କର୍ପୋରେସନ୍ ନିର୍ବାଚନରେ ଉତ୍କୃଷ୍ଟ ଫଳାଫଳ ଆଣିଥିଲା। ଆଜି କେରଳରେ ଦଶନ୍ଧି ଧରି କାମ କରିଥିବା କର୍ମୀଙ୍କ କାମ ଏବଂ ସଂଘର୍ଷକୁ ମନେ ରଖିବାର ଦିନ। ଯାହାଙ୍କ ତୃଣମୂଳ ସ୍ତରରେ କାମ ଆଜିର ଫଳାଫଳକୁ ବାସ୍ତବତା ଦେଇଥିଲା। ଆମର କର୍ମୀମାନେ ଆମର ଶକ୍ତି ଏବଂ ଆମେ ସେମାନଙ୍କ ପାଇଁ ଗର୍ବିତ।'

## ସାଢ଼େ...

ସମର୍ଥନ କରିଥିବା ବେଳେ ମାତ୍ର ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବିରୋଧ କରିଥିଲେ। ଏନେଇ ତାଙ୍କୁ ଏବେ ବିଜେଡି ବିଧାୟକ ସାରଦା ଜେନା ଟାର୍ଗେଟ୍ କରିଛନ୍ତି ଆଉ କହିଛନ୍ତି, ଯାହାର ଦରମା ଦରକାର ନାହିଁ ସେ ନ ନିଅନ୍ତୁ। ସେହିପରି ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ବି କହିଛନ୍ତି ବର୍ଦ୍ଧିତ ଦରମା ଓ ଭତ୍ତା ଆଦୌ ଯଥେଷ୍ଟ ନୁହେଁ। କପେ କପେ ଚା'ରେ ମାସକୁ ଲକ୍ଷେ ଟଙ୍କା ଖର୍ଚ୍ଚ ହେଉଛି। ଜଣେ ବିଧାୟକ କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି, ଜଣେ ତାଙ୍କ ସାଙ୍ଗରେ ବୁଲିଲେ ହିଁ ତାହା ଜାଣିପାରିବେ ବୋଲି ବିଧାୟକ ଶ୍ରୀ ମିଶ୍ର କହିଛନ୍ତି।

## ବର୍ଦ୍ଧିତ...

ଅନ୍ୟ ବିଧାୟକମାନଙ୍କୁ ମଧ୍ୟ ଅପିଲ କରିଥିଲେ। ବିଧାନସଭାରେ ସର୍ବସମ୍ମତ କ୍ରମେ ୯ ତାରିଖରେ ଏହି ବିଲ ଗୃହୀତ ହୋଇଥିଲା। ସେ ସମୟରେ ବିଜେଡି ଏହାକୁ ବିରୋଧ କରିନଥିଲା। ବରଂ ବିଜେଡି ବିଧାୟକମାନେ ଗୃହରେ ଏହାକୁ ସମର୍ଥନ କରିଥିଲେ। ଏବେ କିନ୍ତୁ ବିଧାୟକଙ୍କ ବର୍ଦ୍ଧିତ ଦରମା ଓ ଭତ୍ତାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଥିବାରୁ ନବୀନ ଏଭଳି ନିଷ୍ପତ୍ତି ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ନବୀନ ବାବୁଙ୍କ ବାପା ସ୍ୱର୍ଗତ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ବେଳେ ମାତ୍ର ଟଙ୍କାଟିଏ ଦରମା ନେଉଥିଲେ ଏବଂ ବଳକା ପୂରା ଟଙ୍କା ଗରିବଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ କରୁଥିଲେ।

## ୨୦୩୦ ସୁଦ୍ଧା...

କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ରାଜ୍ୟ ସରକାର ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫୮ଟି ଉପଖଣ୍ଡରେ ଶୀତଳଭଣ୍ଡାର ୟୁନିଟ୍ ସ୍ଥାପନ କରିବା ନେଇ ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶା ଗତ ୧୬-୧୭ ବର୍ଷ ଧରି ଧାନ ଅଧିକ ଉତ୍ପାଦନକାରୀ ରାଜ୍ୟ ହୋଇ ୧୨ଟିରୁ ଅଧିକ ରାଜ୍ୟକୁ ଧାନ ଯୋଗାଉଛି। ଗତ ଆର୍ଥିକ ବର୍ଷରେ ପ୍ରାୟ ୧୫ ମିଲିୟନ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରିଛି। ପ୍ରାୟ ୧୫ଟି ପ୍ରସ୍ତାବ ପାଇଥିବା ଏବଂ ଅନେକ ନିବେଶକ ୟୁନିଟ୍ ସ୍ଥାପନ କରୁଛନ୍ତି ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଏଥିସହ ସେ କହିଛନ୍ତି ଯେ ସରକାର ଅପରେଟର ନୁହେଁ ବରଂ ସୁବିଧାକାରୀ ଭାବେ କାର୍ଯ୍ୟ କରିବେ। ବରଂ ଘରୋଇ ନିବେଶକମାନେ ଏହାର ନେତୃତ୍ୱ ନେବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି ଓଡ଼ିଶାର କୃଷକଙ୍କୁ ସଶକ୍ତୀକରଣ କରିବା ପାଇଁ ରାଜ୍ୟ ସରକାର ନୂଆ ସ୍କିମ ଆରମ୍ଭ କରିଛନ୍ତି। ଗୋଟିଏ ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରହିଛି। ୬ କୋଟି ଟଙ୍କାର ସହାୟତା ଯୋଗାଇଦେବେ ରାଜ୍ୟ ସରକାର। ମହିଳା, ଏସ୍‌ସି-ଏସ୍‌ସି ଅଞ୍ଚଳରେ ୬.୫ କୋଟିର ସହାୟତ ନିଆଯାଉଛି। ୩ ପ୍ରତିଶତ ରେ ବ୍ୟାଙ୍କରୁ ଋଣ ପ୍ରଦାନ କରାଯାଉଛି। ବିଦ୍ୟୁତ ବିଲ ୫୦ ପ୍ରତିଶତ ସହାୟତା ବି ଯୋଗାଇ ଦିଆଯିବ। ରାଜ୍ୟ ଭିତର ସାମଗ୍ରୀ ସହ ରାଜ୍ୟ ବାହାର ଉତ୍ପାଦ ବି ରଖାଯିବ। ୭ଟି ଶୀତଳ ଭଣ୍ଡାରର କାମ ମଧ୍ୟ ଆରମ୍ଭ ହୋଇସାରିଛି। ଏଥିସହ ୧୩ରୁ ୧୫ ହଜାର ଟନର କ୍ଷମତା ମଧ୍ୟ ବୃଦ୍ଧି କରାଯାଇଛି। ଯେଉଁ ୩୫ଟି ଶୀତଳ ଭଣ୍ଡାର ଏବେ କାର୍ଯ୍ୟ କରୁଛି, ସେସବୁର କ୍ଷମତା ୧ ଲକ୍ଷ ୭୦ ହଜାର ମେଟ୍ରିକ ଟନ୍ ରହିଛି। ତେଣୁ ଆଗାମୀ ଦିନରେ ଶୀତଳ ଭଣ୍ଡାର ସଂଖ୍ୟା ବୃଦ୍ଧି ପାଇବ।

## ବିକଶିତ...

ଭାବରେ ରୂପାନ୍ତରିତ କରିବା। ପାରାଦୀପ, ଧାମରା ଓବଂ ଗୋପାଳପୁର ଭଳି ପ୍ରମୁଖ ବନ୍ଦର ଏବଂ ଖଣିଜଭିତ୍ତିକ ଶିଳ୍ପ ସହ ଓଡ଼ିଶା ଆଜି 'ପୂର୍ବୋଦୟର ପ୍ରବେଶପଥ' ଭାବେ ଉଭା ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।ସେ ଆହୁରି କହିଛନ୍ତି ଯେ ବନ୍ଦରଭିତ୍ତିକ ବିକାଶ ଓ ନୀଳ ଅର୍ଥନୀତି ହେଉଛି ସରକାରଙ୍କ ପ୍ରମୁଖ ପ୍ରାଥମିକତା। ଅର୍ଥନୈତିକ କରିଡର କେବଳ ରାସ୍ତା ଓ ବନ୍ଦର ନୁହେଁ, ବରଂ ଶକ୍ତି, ତଥ୍ୟ, ଆର୍ଥିକ ଏବଂ ବିଚାରର ପ୍ରବାହକୁ ମଧ୍ୟ ଦର୍ଶାଉଛି। ସାମ୍ପ୍ରତିକ ସମୟରେ ପୂର୍ବ ଭାରତ ଦ୍ରୁତ ଗତିରେ ଏକ ରଣନୈତିକ ଶକ୍ତି କରିଡର ଭାବେ ଉଭା ହେଉଛି। ଆଜି ଭାରତରେ ୯,୩୦୦ କିମିରୁ ଅଧିକ ପେଟ୍ରୋଲିୟମ ଓ ଉତ୍ପାଦ ପାଇପଲାଇନ କାର୍ଯ୍ୟକ୍ଷମ ରହିଛି। ଏହି ପାଇପଲାଇନଗୁଡ଼ିକ ପାରାଦୀପ, ଧାମରା, ହଳଦିଆ ଏବଂ ଭାଇଜାଗ ବନ୍ଦର ସହ ମିଶି ଅଶୋଧିତ ତୈଳ, ଏଲଏନଜି ଓ ପେଟ୍ରୋକେମିକାଲ୍ ବାଣିଜ୍ୟ ପାଇଁ ଶକ୍ତିଶାଳୀ ପ୍ରବେଶପଥ ପାଲଟିଛନ୍ତି। ଯୁବ ସମ୍ବଳ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ପ୍ରଧାନ କହିଛନ୍ତି ଭାରତର ବିଶ୍ୱସ୍ତରୀୟ ପ୍ରତିଭା ପାଇଁ ଆମର ଯୁବଗୋଷ୍ଠୀ ଭାରତର ଭବିଷ୍ୟତ ଗଠନ କରିବାର ସାମର୍ଥ୍ୟ ରଖିଛନ୍ତି। ପୂର୍ବୋଦୟ ରାଜ୍ୟଗୁଡ଼ିକ ସମୃଦ୍ଧ ମାନବ ସମ୍ବଳ ପାଇଁ ଜଣାଶୁଣା। ଆମର ସମ୍ଭାବନାକୁ ଉପଯୋଗ କରିବା ପାଇଁ ଶିକ୍ଷା ଏବଂ ଦକ୍ଷତା ହେଉଛି ଦୁଇଟି ମୁଖ୍ୟ ସ୍ତମ୍ଭ। ଏହି ଅଞ୍ଚଳରେ ଆଇଆଇଟି, ଏନଆଇଟି, ଆଇଆଇଏମ୍, ଆଇଜର, ନାଇଜର ଭଳି ଅନୁଷ୍ଠାନଗୁଡ଼ିକ ଅନ୍ୟାନ୍ୟ ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଅଛି।

## ଛକିଲେଣି...

କେତେ ଟଙ୍କା ଆଣିବୁ ବୋଲି ବିଧାନସଭାରେ ଅନେକ ବିଧାୟକ ମୁହଁ ଶୁଖାଇ କହୁଥିବାର ନଜିର ବି ରହିଛି। ବିଶେଷକରି ଗାଁଗହଳରେ ପୂଜାମେଳାକୁ ଯିବା ପାଇଁ ପଇସା ଅଣ୍ଟୁନାହିଁ ବୋଲି କହୁଥିଲେ। ଏବେ କିନ୍ତୁ କଥା ଭିନ୍ନ। ଦରମା ଏକ ଲକ୍ଷରୁ ବଢ଼ି ୩ ଲକ୍ଷ ୪୫ ହଜାର ଟଙ୍କାକୁ ବଢ଼ିଛି। ଏଭଳି ଦରମା ବୃଦ୍ଧି ନେତାଙ୍କୁ ଯେତିକି ଖୁସି କରିନାହିଁ, ତା'ଠାରୁ ଅଧିକ ଖୁସି କରିଛି ସେମାନଙ୍କ ନିର୍ବାଚନମଣ୍ଡଳୀର ଲୋକଙ୍କୁ। କାରଣ ଏଥର ବିଧାୟକ ଆସିଲେ ମୋଟା ଅଙ୍କର ଅର୍ଥ ମିଳିବ ବୋଲି ଆଲୋଚନା କରିବା ସହ କେଉଁ କେଉଁ କାର୍ଯ୍ୟକ୍ରମରେ କେବେ ବିଧାୟକ ଆସିବେ, ତା'ର ଏକ ତାଲିକା ପ୍ରସ୍ତୁତ କଲେଣି। ବିଧାୟକମାନେ ଏହାର ସୂଚନା ପାଇଲା ପରେ ଏବେ ଚିନ୍ତାରେ ପଡ଼ିଛନ୍ତି। ଖାଲି ବର୍ତ୍ତମାନର ବିଧାୟକ ନୁହନ୍ତି, ପୂର୍ବତନ ବିଧାୟକ ବି ଚିନ୍ତାରେ। କାରଣ ସେମାନଙ୍କ ପେନ୍‌ସନ ଏବେ ୩୦ ହଜାରରୁ ବଢ଼ି ଏକ ଲକ୍ଷକୁ ଟପିଛି। ଏକାଧିକ ଥର ଜିଣିଥିବା ବିଧାୟକଙ୍କ ପେନ୍‌ସନ ୧ ଲକ୍ଷ ୬୦ ହଜାରକୁ ଟପିଛି। ତେଣୁ ସେମାନେ ଆସିଲେ ବି ଅର୍ଥ ଦେବେ ବୋଲି ଏବେ ଗାଁଗହଳରେ ଆଲୋଚନା। ଏଭଳି ସ୍ଥିତିରେ ବିଜେଡି ତା'ର ନେତାମାନଙ୍କ ପାଇଁ ଫତୱା ଜାରି କରି ଗାଁଗହଳିର ସମସ୍ତ କାର୍ଯ୍ୟକ୍ରମରେ ନିଜଆଡୁ ଯୋଗଦେବା ସହ ଅତି କମ୍‌ରେ ୨ ହଜାର ଟଙ୍କାର ସହାୟତା ଦେବାକୁ କହିଛନ୍ତି। ଏହାକୁ ନେଇ ଏବେ ବିଜେପିର ପୂର୍ବତନ ବିଧାୟକମାନେ ଚିନ୍ତାରେ ପଡ଼ିଛନ୍ତି। ପୂର୍ବରୁ ଅର୍ଥାଭାବର ଆଳ ଦେଖାଇ ପୂର୍ବତନ ବିଧାୟକମାନେ ସାମାଜିକ କାର୍ଯ୍ୟକ୍ରମକୁ ବାଛି ବାଛି ଯାଉଥିବା ବେଳେ ଏବେ ପେନ୍‌ସନ ବୃଦ୍ଧି ପରେ ବି ଯଦି ନ ଯିବେ, ତେବେ ଅବସ୍ଥା କ'ଣ ହେବ ତାହା ସେମାନେ ଭଲ ଭାବେ ଜାଣିଛନ୍ତି।

## ସଞ୍ଜ ନଇଁଲେ ଶୀତ ରାଜୁତି: ଜାଡ଼ରେ ଥରୁଛି ବୋରିଗୁମ୍ମା



ବୋରିଗୁମ୍ମା,୧୩।୧୨ (ସଂଚାର ବ୍ୟୁରୋ): ତିନି ଦିନ ହେଲା କୋରାପୁଟ ଜିଲ୍ଲାର ବୋରିଗୁମ୍ମା ସହରରେ ପ୍ରବଳ ଶୀତ ଅନୁଭୂତି ହେଉଛି। ପ୍ରବଳ ଥଣ୍ଡା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ସନ୍ଧ୍ୟା ହେବା ପରେ ରାସ୍ତା ଘାଟ ଶୂନଶାନ୍ ହୋଇ ଯାଉଥିବା ବେଳେ ସକାଳ ୯ଟା ପର୍ଯ୍ୟନ୍ତ ଘରୁ ବାହାରିବା କଷ୍ଟକର ହୋଇପଡୁଛି । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳୁଛି।

ଗତ କିଛି ଦିନରୁ ବୋରିଗୁମ୍ମା ଅଞ୍ଚଳରେ ପାରଦ ୫/୬ ତଳକୁ ଖସି ଆସିଥିବାରୁ ଏହାର ପ୍ରଭାବ ଜନଜୀବନ ଉପରେ ପଡ଼ିଛି। ଶୀତ ସହିତ ପ୍ରବଳ କୁହୁଡି ଯୋଗୁଁ ରାସ୍ତାରେ ଯାନବାହାନ ଚଳାଚଳ କରିବା କଷ୍ଟକର ହେଉଛି। ସକାଳ ୯ଟା ଯାଇ କୁହୁଡିର ତୀବ୍ର ପ୍ରଭାବ ଥିବାରୁ ରାସ୍ତାରେ ପୁରା ଅନ୍ଧାର ମାଡି ଆସୁଛି। ଏପରି ଶୀତ କେବେ ନଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମଧ ଥଣ୍ଡା ପବନ ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଦିନକୁ ଦିନ ତାପମାତ୍ରା ହ୍ରାସ ପାଉଛି। ଥଣ୍ଡା ବଢ଼ିବା ସହିତ କୋରାପୁଟ ଜିଲ୍ଲାର କିଛି ଅଞ୍ଚଳରେ ତୁଷାରପାତ ହେଉଥିବା ଖବର ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ଆଜି କୋରାପୁଟ ଜିଲ୍ଲା ଦାମନଯୋଡି ଅଞ୍ଚଳରେ ତାପମାତ୍ରା ୨.୯ ରହିଥିବା ଦେଖିବାକୁ ମିଳିଛି।

# ଗଞ୍ଜାମ ସହରରେ ବଢ଼ୁଛି ଆକସ୍ମିକ ଓ ଅକାଳ ମୃତ୍ୟୁ

**ଚିନ୍ତା ବଢ଼ାଉଛି ଯୁବ ଓ ମଧ୍ୟବୟସ୍କଙ୍କ ମୃତ୍ୟୁ**

**ଗତ ଛଅ ମାସରେ ୧୫ରୁ ଅଧିକ ଜୀବନ ଗଲାଣି**

**ସନ୍ଦେହରେ ଅପମିଶ୍ରିତ ମଦ**



ଛତ୍ରପୁର,୧୩।୧୨ (ସଂଚାର ବ୍ୟୁରୋ): ଗଞ୍ଜାମ ସହରରେ ଲାଗାତାର ଆକସ୍ମିକ ଓ ଅକାଳ ମୃତ୍ୟୁ ଘଟଣା ବୃଦ୍ଧି ପାଉଥିବାରୁ ସାଧାରଣ ଜନତାଙ୍କ ମଧ୍ୟରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ଗତ ଛଅ ମାସ ମଧ୍ୟରେ ମାତ୍ର ୧୫ରୁ ଅଧିକ ଲୋକ ଆକସ୍ମିକ ଭାବେ ପ୍ରାଣ ହରାଇଥିବା ସୂଚନା ମିଳିଛି। ଏଥିରେ ଅଧିକାଂଶ ମୃତକ ଯୁବ ଓ ମଧ୍ୟବୟସ୍କ ବର୍ଗର ହୋଇଥିବାରୁ ଘଟଣାଟି ଅଧିକ ସମ୍ବେଦନଶୀଳ ରୂପ ନେଇଛି।

ବରିଷ୍ଠ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତାନୁସାରେ, ଅତ୍ୟଧିକ ମଦ୍ୟପାନ, ଅସଂଯମିତ ଜୀବନଶୈଳୀ ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଅଭାବ ଏପରି ଆକସ୍ମିକ ମୃତ୍ୟୁର ପ୍ରମୁଖ କାରଣ ହୋଇପାରେ। ଲିଭର ଶିରୋସିସ, ଯକୃତ ରୋଗ, ହୃଦ୍‌ରୋଗ ପରି ମାରାତ୍ମକ ରୋଗରେ ପୀଡ଼ିତ ହୋଇ ଅନେକ ଲୋକ ଅକାଳରେ ପ୍ରାଣ ହାରାଉଥିବା ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଅନ୍ୟପଟେ, ଗଞ୍ଜାମ ସହର ସହ ତାହାର ଆଖପାଖ ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦରେ ଅପମିଶ୍ରଣ ହେଉଥିବା ନେଇ ଗୁରୁତର ଅଭିଯୋଗ ଉଠିଛି। କିଛି ବ୍ୟବସାୟୀ ଦୀର୍ଘଦିନ ଧରି ବିନା ଲାଇସେନ୍ସରେ ମଦ ବିକ୍ରି କରୁଥିବା ଅଭିଯୋଗ ମଧ ହେଉଛି। ଚିକିତ୍ସକମାନେ ସତର୍କ କରାଇ କହିଛନ୍ତି ଯେ ଅପମିଶ୍ରିତ ମଦ ସେବନ ମାନବ ଜୀବନ ପାଇଁ ଅତ୍ୟନ୍ତ ଘାତକ। ଦୀର୍ଘକାଳ ଧରି ଏପରି ମଦ ସେବନ କଲେ ଆକସ୍ମିକ ହୃଦ୍‌ଘାତ, ଲିଭର ଫେଲ୍ୟୁର ସହ ଅନ୍ୟାନ୍ୟ ଗୁରୁତର ଜଟିଳତା ଦେଖାଦେଇପାରେ।

ଏହି ସମଗ୍ର ଘଟଣାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିବା ବେଳେ, ଅବୈଧ ମଦ ବ୍ୟବସାୟ ଉପରେ କଠୋର କାର୍ଯ୍ୟାନୁଷ୍ଠାନ, ନିୟମିତ ଯାଞ୍ଚ ଓ ରେଡ୍ ସହ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ପ୍ରଶାସନଙ୍କୁ ଜୋରଦାର ଦାବି ହେଉଛି।

**ବାଲିଅନ୍ତା ବଜାରରେ ଭୟାବହ ଅଗ୍ନିକାଣ୍ଡ**

## ଜଳିଗଲା ୪ ଗାଡ଼ି ସମେତ ୩ ଦୋକାନ ଓ ଝୁମ୍ପୁଡ଼ି

ବାଲିଅନ୍ତା,୧୩।୧୨ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ଅଧୀନ ସାଇଫନ ବଜାରରେ ଗତକାଲି ରାତି ପାଖାପାଖି ସାଢ଼େ ୨ଟା ସମୟରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଏହି ଅଗ୍ନିକାଣ୍ଡରେ ୪ଟି ଗାଡ଼ି ସମେତ ୩ ଦୋକାନ ଏବଂ ଗୋଟିଏ ଝୁମ୍ପୁଡ଼ି ପାଉଁସ ହୋଇଯାଇଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡରେ ପ୍ରାୟ ୫୦ ଲକ୍ଷ



ଟଙ୍କାର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିବା ପ୍ରାଥମିକ ଭାବେ ଆକଳନ କରାଯାଇଛି। ଖବର ପାଇ ବାଲିଅନ୍ତା ଅଗ୍ନିଶମ ବାହିନୀ ଏବଂ ପାହାଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ସେତେବେଳକୁ ସ୍ଥାନୀୟ ଲୋକ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ବାଲିଅନ୍ତା ଥାନା ଅଧିକାରୀ ଅନୀଲ କୁମାର ପରିଡ଼ା ପହଞ୍ଚି ତଦନ୍ତ କରିଥିଲେ। ଏହି ମାମଲାରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ସନ୍ଦେହରେ ଥାନାରେ ଅଟକ ରଖି ପଚରାଉଚରା କରୁଛି। ହେଲେ ମହିଳା ମାନସିକ ବିକାରଗ୍ରସ୍ତ ବୋଲି ଜଣାପଡ଼ିବା ପରେ ପ୍ରକୃତ ଅଭିଯୁକ୍ତ କିଏ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# କଳାକାର ହେଉଛି ଅଦ୍ୱିତୀୟ ଗନ୍ଧର୍ବ କଳାର ପ୍ରତୀକ



ନୀଳଗିରି,୧୩।୧୨ (ସଂଚାର ବ୍ୟୁରୋ): ପୃଥକ ପୃଥକ ଲୋକନାଟକ ଗୁଡ଼ିକ ବଦଳରେ ଯାତ୍ରାନାଟକରେ ଅଧିକ ଗ୍ରହଣୀୟ ହୋଇପାରିଛି। ଲୋକନାଟକରେ ଥିବା ଅତୀତର ଗୌରବିକ ସ୍ୱାଦ ଆଜିର ନାଟକରେ ନାହିଁ । ପୂର୍ବେ କଳାକାର ମାନଙ୍କର ରଚନା ନଥିଲା। ଗଣଶିକ୍ଷାର ସର୍ବଶ୍ରେଷ୍ଠ ଉପାଦାନ ହେଉଛି ଲୋକନାଟକ। ଏହି ଲୋକ ନାଟକ ମାଧ୍ୟମରେ ସମାଜରେ ଭରି ଯାଇଥିବା କୁସଂସ୍କାରକୁ ପରିବର୍ତ୍ତନ କରିବା ସହଜ ଓ ଏହାର ଗ୍ରହଣୀୟତା ବଢ଼ିଥାଏ । କଳାକାର ହେଉଛି ଅଦ୍ୱିତୀୟ ଗନ୍ଧର୍ବ କଳାର ପ୍ରତୀକ। କଳାକାର ସମାଜରେ ଘଟୁଥିବା ଘଟଣାକୁ ନିଜ କଳାର ଚାତୁରୀ ବଳରେ ଦର୍ଶକଙ୍କର ହୃଦୟକୁ ଛୁଇଁ ପାରନ୍ତି ଯାହା ଅନ୍ୟମାନଙ୍କ ଦ୍ୱାରା ସମ୍ଭବ ନୁହଁ । ଗୀତିମୟ ଭାବଧାରା ହିଁ ନାଟିକା। ଏହି ନାଟିକା ସୃଷ୍ଟି ମଧୁର ହୋଇଥିବାରୁ କିଛି ସମୟ ପାଇଁ ଦର୍ଶକ କ୍ଷୁଦ୍ର ଭରା ବ୍ୟସ୍ତତାମୟ ଜୀବନକୁ ଭୁଲି ମଜି ଯାଇଥାଏ। ଲୋକନାଟକ ପାରମ୍ପରିକ ବାଦ୍ୟରେ ଅଭିନୀତ ହୁଏ। ଲୋକଶୈଳୀରେ ଲୋକନାଟକ ପରିବେଷିତ ହୁଏ। ସର୍ବୋପରି ସଂସ୍କୃତି ବଦଳିଲେ ରୁଚି ବଦଳେ ବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୮୨ତମ ଆଭାସୀ ଆଲୋଚନାଚକ୍ରରେ ଆଲୋଚକ ପ୍ରଫେସର ଅଜୟ କୁମାର ମିଶ୍ର ଓ ବର୍ଷୀୟାନ ଯାତ୍ରା କଳାକାର ଦଇତାରୀ ପଣ୍ଡା ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଗବେଷିକା ବର୍ଷା ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ବାରିପଦାର ଗବେଷିକା ଅର୍ଚ୍ଚନା ମହାପାତ୍ର ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ଜ୍ଞାପନ କରିଥିଲେ। ଖଲ୍ଲନାୟକ ଦଇତାରୀ ପଣ୍ଡାଙ୍କ ସଂଳାପ ପ୍ରତିଟି ପାଠକଙ୍କୁ ମନ୍ତ୍ରମୁଗ୍ଧ କରିଥିବାବେଳେ ଏଥିରେ ଶତାଧିକ ଶ୍ରୋତା ଯୋଗଦାନ କରିଥିଲେ ।

## ଯାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଯାଜପୁର,୧୩।୧୨ (ସଂଚାର ବ୍ୟୁରୋ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଜି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ ୬୪୩୨ଟି ମୋକଦ୍ଦମା ଫଇସଲା ହୋଇଛି । ସେଥିମଧ୍ୟରୁ ୬୩୯ ଗୋଟି ଫୌଜଦାରୀ, ୧୨ ଗୋଟି ମୋଟର ଦୁର୍ଘଟଣାଜନିତ ମାମଲା, ୭୪ ଗୋଟି ଦେୱାନୀ, ୧୪ ଗୋଟି ପାରିବାରିକ କଳହ ମାମଲା ଏବଂ ରାଜସ୍ୱ ବିଭାଗର ୫୭୦୨ ଟି ମାମଲା ଫଇସଲା କରାଯାଇ ମୋଟ ୮,୧୨,୦୪,୧୨୨/- ଟଙ୍କା ଆଦାୟ କରାଯାଇଛି। ଏତଦବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୭୭ ଗୋଟି, ବିଦ୍ୟୁତ ବିଭାଗର ୧୫୭ ଗୋଟି, ସ୍ଥାୟୀ ଲୋକ ଅଦାଲତର ୩ ଗୋଟି ଏବଂ ଟେଲିଫୋନ ସମ୍ବନ୍ଧୀୟ ୧୩ ଗୋଟି ପ୍ରାକ-ବିଚାରାଧୀନ ମାମଲା ଫଇସଲା କରାଯାଇ ମୋଟ ୪୧,୫୫,୭୪୬/- ଟଙ୍କା ଆଦାୟ କରାଯାଇଛି।

## ପଲ୍ଲୀ ବିକାଶ ଅନୁଷ୍ଠାନ ପକ୍ଷରୁ ଗ୍ରାମ୍ୟ ମହୋତ୍ସବ



ହିଞ୍ଜିଳିକାଟୁ,୧୩।୧୨ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ବ୍ଲକରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ବିକାଶ ପୋଡଙ୍ଗୀ ପକ୍ଷରୁ ଶନିବାର ଦିନ ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ଡିସିବି ବ୍ୟାଙ୍କ ମିଳିତ ସହଯୋଗରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଓ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହିଞ୍ଜିଳି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂଗଠନର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସହିତ ଗ୍ରାମର ଉନ୍ନତି ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ଅବସରପ୍ରାପ୍ତ କୃଷି ଅଧିକାରୀ ସୁରେଶ କୁମାର ବିଷୋୟୀ, ଭାରତୀୟ ଷ୍ଟେଟ ବ୍ୟାଙ୍କର ପରିଚାଳକ ସଂଯୁକ୍ତା ସେଠୀ, ହିଞ୍ଜିଳିକାଟୁ ଡିସିବି ବ୍ୟାଙ୍କ ଶାଖା ପରିଚାଳକ ଟୁକୁନା ପାଢ଼ୀ, ଅବସରପ୍ରାପ୍ତ ହୋମିଓପାଥିକ ପ୍ରଫେସର ଡ଼ ପ୍ରଶାନ୍ତ ପତି, ରାଉରକେଲା ଇସ୍ପାତ କାରଖାନାର ମୁଖ୍ୟ ପ୍ରବନ୍ଧକ ପ୍ରଶାନ୍ତ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ବାଲି ମାଫିଆ ବିରୋଧରେ ରାସ୍ତାକୁ ଓହ୍ଲାଇଲେ ଭଗତପୁରବାସୀ



ଯାଜପୁର,୧୩।୧୨ (ସଂଚାର ବ୍ୟୁରୋ): ଯାଜପୁର ବ୍ଲକ ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତର ବୁଢ଼ାନଦୀ ଉପରେ ଥିବା ଭଗତପୁର ବାଲିଘାଟ ଏବେ ବେଆଇନ ବାଲି ଉତ୍ତୋଳନର ମୁଖ୍ୟ କେନ୍ଦ୍ର ହୋଇପଡ଼ିଥିବା ଅଭିଯୋଗକୁ ନେଇ ଶୁକ୍ରବାର ଭଗତପୁର ଗ୍ରାମବାସୀ ରାସ୍ତାକୁ ଓହ୍ଲାଇଥିଲେ। ଦୀର୍ଘ ଦିନ ଧରି ଚାଲିଥିବା ବେଆଇନ ବାଲି ଓ ମାଟି ଉତ୍ତୋଳନ ବିରୋଧରେ ଗ୍ରାମବାସୀ ବାଲିଘାଟରେ ଧାରଣା ଦେଇ ତୀବ୍ର ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନକଲି ରସିଦ କାଟି ବାଲିମାଫିଆ ଦୀର୍ଘ ସମୟ ଧରି ବାଲି ଚୋରାଚାଲାଣ କରୁଛନ୍ତି। ଜେସିବି ମେସିନ୍ ଦ୍ୱାରା ନଦୀ ମଧ୍ୟଭାଗରୁ ଅନିୟମିତ ଭାବେ ବାଲି ଖୋଳାଯାଉଥିବାରୁ ବୁଢ଼ାନଦୀରେ ଗଭୀର ଗର୍ତ୍ତ ସୃଷ୍ଟି ହେଉଛି, ଯାହା ଗ୍ରାମବାସୀଙ୍କ ପାଇଁ ମୃତ୍ୟୁର ଫାସ ହୋଇପଡ଼ିଛି। ନଦୀକୂଳରେ ଗାଧୋଇବା ସମୟରେ ଅନେକ ଲୋକ ଗଭୀର ଗର୍ତ୍ତରେ ବୁଡ଼ି ପ୍ରାଣ ହରାଇଥିବା ଅଭିଯୋଗ ମଧ ଗ୍ରାମବାସୀ ଉଠାଇଛନ୍ତି। ଏହି ସମସ୍ୟା ନେଇ ବହୁବାର ଖଣି ବିଭାଗକୁ ଅଭିଯୋଗ କରାଯାଇଥିଲେ ମଧ ଖଣି ବିଭାଗର ନିରବତା ମାଫିଆଙ୍କୁ ଆଉ ଶକ୍ତିଶାଳୀ କରିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଧ ହୋଇ ଗ୍ରାମବାସୀ ଏକ ଜେସିବିକୁ ଅଟକାଇ ଧାରଣାରେ ବସିଥିଲେ। ଦୀର୍ଘ ୫ ଘଣ୍ଟା ପରେ ସଦର ପୋଲିସ ଓ ଖଣି ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ବୁଝାଶୁଝା କରିଥିଲେ। ପୋଲିସ ଉପସ୍ଥିତିରେ ଜେସିବିକୁ ଜବତ କରାଯିବା ସହ ଜେସିବି ଚାଳକଙ୍କୁ ଅଟକ ରଖି ପଚରାଉଚରା ଚାଲିଥିଲା।

ଏବେ ପ୍ରଶ୍ନ ଉଠୁଛି ଦୀର୍ଘ ସମୟ ଧରି କଟକଣା ସତ୍ତ୍ୱେ ଭଗତପୁର ବାଲିଘାଟରୁ କିପରି ବେଆଇନ ବାଲି ଉତ୍ତୋଳନ ଓ ପରିବହନ ଚାଲୁଥିଲା ? ଏଥିରେ ଖଣି ବିଭାଗର ଭୂମିକାକୁ ନେଇ ସନ୍ଦେହ ଗଭୀର ହୋଇଛି। ଏହି ଘଟଣା ଉପରେ ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ଓ ନିୟମିତ ନଜରଦାରୀ ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ବେଆଇନ ବାଲି ବୋଝେଇ ହାଇୱା ଜବତ

ବାଲିଅନ୍ତା, ୧୩।୧୨ (ସଂଚାର ବ୍ୟୁରୋ): ବାଲିଅନ୍ତା ପୁଲିସ ଏବଂ ଖଣି ବିଭାଗ ଗତକାଲି ବିଳମ୍ବିତ ରାତିରେ ବେଣୁପୁର ରାସ୍ତାରେ ମିଳିତ ଭାବେ ଚଢ଼ଉ କରି ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛି। ଏହି ଚଢ଼ଉରେ ଥାନା ଏ ଏ ସ ଆ ଇ ଅନୀଲ କୁମାର ନାୟକ ଓ କନିଷ୍ଠ ଖଣି ଅ ଧି କା ରୀ ସୁଦୀପ୍ତ କୁମାର ବେ ହେ ର ।



ପ୍ରମୁଖ ସାମିଲ ଥିଲେ। ପୁଲିସ ଚାଳକକୁ ଥାନାରେ ଅଟକ ରଖୁ ପଚରାଉଚରା ପରେ ଛାଡ଼ି ଦେଇଛି। ଅପରପକ୍ଷରେ ଗାଡ଼ି ମାଲିକ ଉପରେ ୧ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଖଣି ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବେଆଇ ବାଲି ନେଇ ଯାଉଥିବା ୨ଟି ଟ୍ରାକ୍ଟର ଘଟଣାସ୍ଥଳରୁ ଖସି ପଳାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ଗରିବଙ୍କୁ କମ୍ବଳ ବାଣ୍ଟିଲେ ଗଣଶିକ୍ଷା ମନ୍ତ୍ରୀ

ଉମରକୋଟ,୧୩।୧୨ (ସଂଚାର ବ୍ୟୁରୋ): ସ୍ଥାନୀୟ ୧୨ ନମ୍ବର ୱାର୍ଡରେ ଆଜି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରିଛନ୍ତି । ଏହି ଅବସରରେ ଶ୍ରୀ ଗଣ୍ଡ କହିଛନ୍ତି, ବିଜେପିର ସେବା, ସମର୍ପଣ କାମ ସବୁବେଳେ ଚାଲୁଛି। ଦଳ ଗରିବଙ୍କ ବିକାଶ ପାଇଁ ସମର୍ପିତ ବୋଲି କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଉପସଭାପତି ରମେଶଚନ୍ଦ୍ର ସାହୁ, ମନ୍ତ୍ରୀପ୍ରତିନିଧି ଅଶୋକକୁମାର ପାଢ଼ି, ରିଙ୍କି ଧୁରିଆ, ଗୀତା ହିଆଲ, ବିଷମ ହରିଜନ, ୱାର୍ଡର କାର୍ଯ୍ୟକର୍ତ୍ତା ଅମିତ ହାଲଦାର, ନଗର ସଭାପତି ସନ୍ତୋଷ ଶର୍ମାଙ୍କ ସହ ଦଳର ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ପରେ ବ୍ଲକର ଏକ ଅତିରିକ୍ତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ କରିଥିଲେ ମନ୍ତ୍ରୀ। ଏହି କାର୍ଯ୍ୟକ୍ରମରେ ବିଡିଓ ମନୋଜକୁମାର ମେହେର, ଏଇ ଅଶ୍ୱିନୀ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ବୁଦ୍ଧପ୍ରସାଦ ପାତ୍ରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଶିଶୁ ମୃତ, ବାପା-ମା' ଗୁରୁତର

ଉମରକୋଟ,୧୩।୧୨ (ସଂଚାର ବ୍ୟୁରୋ): ଉମରକୋଟ ଥାନା ବେହେଡା ଗାଁ ନିକଟରେ ଆଜି ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଶିଶୁ (୧୨ ମାସ)ର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଶିଶୁର ବାପାଓ ମା' ଗୁରୁତର ହୋଇଛନ୍ତି। ମୃତକ ହେଲା ମହାରାଷ୍ଟ୍ର ରାଜ୍ୟ କେଦାମଡି ଗାଁର ପ୍ରୀତି ଚୌହାନ। ଆହତମାନେ ହେଲେ ମୃତାର ବାପା କରମଲାଲ ଚୌହାନ(୩୫) ଓ ମା' ରେଶମା ଚୌହାନ(୨୨)। ଆଜି ଏକ ବାଇକ୍‌ରେ ଏହି ୩ଜଣ ରାଇଘର ବ୍ଲକ ଯୋଡେଙ୍ଗାରୁ ଉମରକୋଟ ବ୍ଲକ ବିରିସାଡି ଗାଁକୁ ଆସୁଥିଲେ । ସେହି ସମୟରେ ବେହେଡା ଗାଁ ନିକଟରେ ସାମ୍ନାପଟୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା।

## ଫରେଷ୍ଟ କଲୋନୀ କ୍ଲଷ୍ଟରରେ ଶିକ୍ଷାସଭା



ଖୋର୍ଦ୍ଧା,୧୩।୧୨ (ସଂଚାର ବ୍ୟୁରୋ): ଓଡ଼ିଶା ସ୍କୁଲ ଶିକ୍ଷା ପ୍ରାଧିକରଣର ନିର୍ଦ୍ଦେଶ ଆଧାରରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅଧୀନରେ ଆଜି କ୍ଲଷ୍ଟର ସ୍ତରୀୟ ଶିକ୍ଷା ସଭା ଫରେଷ୍ଟ କଲୋନୀ କ୍ଲଷ୍ଟରର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାଲିଆବାଡିଠାରେ ସିଆରସିସି ରେବତୀ ପଣ୍ଡାଙ୍କ ଆବାହକତ୍ୱରେ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ସବିତାରାଣୀ ଛୁଆଳସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟଅତିଥି ଭାବରେ ଉକ୍ତ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସ୍ମିତା ମିଶ୍ର ଏବଂ ସଂମ୍ମାନୀତ ଅତିଥିଭାବରେ ବଦ୍ରୀ ନାରାୟଣ ସାହୁ, ସମାଜସେବୀ, ସରକାରୀ ଉଚ୍ଚ ବିଦ୍ୟାଳୟ ପଲ୍ଲାର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ମହାକୁଡ଼ ଯୋଗ ଦେଇ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମର ଚାରିସୂତ୍ରୀ ଯୋଜନା ଉପରେ ଆଲୋକପାତ କରିବା ସହିତ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରାଇଥିଲେ। ଯେପରି ପାଞ୍ଚରୁ ଚଉଦ ବର୍ଷ ବୟସର ଡ୍ରପଆଉଟ ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲି କରିବା, ନାମ ଲେଖାଇନଥିବା ପିଲାମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା, ଚଉଦରୁ ଅଠର ବର୍ଷ ବୟସର ପିଲାମାନଙ୍କୁ ବିନା ଶୁଳ୍କରେ ନାମ ପଞ୍ଜିକରଣ କରିବା ଏବଂ ଭିନ୍ନ ଭିନ୍ନ ବର୍ଗର ପିଲାମାନଙ୍କୁ ସରକାରଙ୍କ ତରଫରୁ ମିଳୁଥିବା ପ୍ରୋତ୍ସାହନ ରାଶି ଉପରେ ଆଲୋକପାତ କରିବା ଇତ୍ୟାଦି ଆଲୋଚନାର ପରିସରଭୁକ୍ତ ଥିଲା। ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ନାଟକ ଏବଂ ନୃତ୍ୟ ମାଧ୍ୟମରେ ସଚେତନତା ମୂଳକ ବାର୍ତ୍ତା ଉପସ୍ଥାପନ କରାଯାଇଥିଲା। ସଭା କାର୍ଯ୍ୟରେ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ,ପରିଚାଳନା କମିଟିର ସଭ୍ୟ/ସଭ୍ୟା,ରାଜନୈତିକ ବ୍ୟକ୍ତିବିଶେଷ ଉପସ୍ଥିତ ରହି ସରକାରଙ୍କ ଲକ୍ଷ୍ୟକୁ କାର୍ଯ୍ୟକାରି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।ପରିଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡ୍ରାଇଭର ମହାସଂଘ ବୈଠକ: ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା



କାକଟପୁର/ଅସ୍ତରଙ୍ଗ,୧୩।୧୨ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଡ୍ରାଇଭର ମହାସଂଘ ତରଫରୁ ଶନିବାର ମଧ୍ୟାହ୍ନରେ ଷ୍ଟେଟ ବ୍ୟାଙ୍କ ନିକଟସ୍ଥ ଲକ୍ଷ୍ମୀ କଲ୍ୟାଣୀ ମଣ୍ଡପ ପରିସରରେ ଅସ୍ତରଙ୍ଗ ଡ୍ରାଇଭର ମହାସଂଘ ସଭାପତି କୃପାସିନ୍ଧୁ ବସ୍ତିୟାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ବୈଠକରେ ଡ୍ରାଇଭରମାନେ ଅସୁବିଧା ସମ୍ମୁଖୀନ ହେଉଥିବା ବେଳେ ସରକାର ତାଙ୍କୁ କୌଣସି ସହାୟତା କରୁନାହାନ୍ତି। ଦାବୀ ଗୁଡିକ ମଧ୍ୟରେ ୱେଲ ଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଡ୍ରାଇଭର ସୁରକ୍ଷା ଆଇନ ଆଣିବା, ପ୍ରତ୍ୟେକ ଶହେ କିମିରେ ଡ୍ରାଇଭରଙ୍କ ପାଇଁ ପାର୍କିଂ, ବିଶ୍ରାମଗାର ଏବଂ ଶୌଚାଳୟ ବ୍ୟବସ୍ଥା କରାଇବା, ଗାଡି କାଗଜ ପତ୍ର ଯାଞ୍ଚ ଦାୟିତ୍ୱ ପୁଲିସକୁ ଦିଆନଯିବା ଆଦି ରହିଛି। ଏହା ସହ ଆଗାମୀ ଦିନରେ କିପରି ଭାବରେ ସଙ୍ଗଠି ସୁଦୃଢ ହେବା ସହ ସ୍ଥାନୀୟ ପ୍ରଶାସନ ତରଫରୁ ଡ୍ରାଇଭର ମହାସଂଘ କାର୍ଯ୍ୟାଳୟ ଗୃହ ପାଇଁ ସ୍ଥାନୀୟ ପ୍ରଶାସନକୁ ପୂର୍ବରୁ ଦାବୀ ପତ୍ର ଦିଆଯାଇଥିଲା। ତୁରନ୍ତ ସ୍ଥାନ ଯୋଗାଇ ଦେବାକୁ ଆଗାମୀ ଦିନରେ ସଙ୍ଘ ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ନିକଟରେ ପହଁଚିବେ ବୋଲି ନିଷ୍ପତି ନେଇଥିଲେ। ଏହି ବୈଠକରେ ଅସ୍ତରଙ୍ଗ ବ୍ଲକର ପାଖାପାଖି ୧ଶହରୁ ଉର୍ଦ୍ଧ୍ୱ ଡ୍ରାଇଭର ସାମିଲ ହୋଇଥିଲେ।

## ନୀଳଗିରିରେ ବିବେକାନନ୍ଦଙ୍କ ଉଦ୍‌ବୋଧନୀ କାର୍ଯ୍ୟକ୍ରମ



ନୀଳଗିରି,୧୩।୧୨ (ସଂଚାର ବ୍ୟୁରୋ): ସ୍ୱାମୀ ବିବେକାନନ୍ଦ ଭାରତୀୟ ସଂସ୍କୃତିର ମୂର୍ତ୍ତିମନ୍ତ ବିଗ୍ରହ । ସ୍ୱାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ପ୍ରତିଟି ଭାରତୀୟ ସନାତନୀ ସଂସ୍କୃତିର ଗୁଣଗାନ କରେ । ପ୍ରତିଟି ଯୁବପିଢ଼ି ସ୍ୱାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତୀୟତାକୁ ଆଗେଇବାକୁ ହେବ ବୋଲି ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ଆୟୋଜିତ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, କଟକ ଏବଂ ଓଡ଼ିଶାର ଉଦବୋଧନୀ ଶାଖା, ବାଲେଶ୍ୱର ମିଳିତ ସହଯୋଗରେ ଏକ ବିସ୍ତୃତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଉତ୍ତର ଓଡ଼ିଶା ବିଭାଗ ସଙ୍କୁଳ ମାର୍ଗଦର୍ଶକ ପ୍ରଫେସର ଗୌରୀପ୍ରସାଦ ରଥ ଯୋଗଦେଇ ସ୍ୱାମୀଙ୍କ ଜୀବନାଦର୍ଶ ସମ୍ପର୍କରେ ଏକ ତାତ୍ତ୍ୱିକ ଓ ବୌଦ୍ଧିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧାପିକା ମମତା ବରାଳ, ଡ. ଶିବାନୀ ଡଗର, ଅଧାପିକା ମଣିମାଳା ବିଶ୍ୱାଳ, ମୌସୁମୀ ଭୋଳ, ଭାଗ୍ୟବତୀ ନାୟକ, ସୁଷମା ସିଂହ ଯୋଗଦେଇ ସ୍ୱାମୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମସ୍ତ ଛାତ୍ରୀମାନେ ଯୋଗଦାନ କରିଥିଲେ ।

## ୬୨ତମ ଗଞ୍ଜାମ ଜିଲ୍ଲା ଅଥଲେଟିକ୍ ମିଟ୍ ଉଦଘାଟିତ




ବ୍ରହ୍ମପୁର,୧୩।୧୨ (ସଂଚାର ବ୍ୟୁରୋ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିଅମ ଠାରେ ୬୨ତମ ଗଞ୍ଜାମ ଜିଲ୍ଲା ଅଥଲେଟିକ୍ ମିଟ୍ ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଂଚଳରୁ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ କ୍ରୀଡାବିତ୍ ଅଂଶ ଗ୍ରହଣ କରିଥିଲେ । ୨ଦିନ ଧରି ଏହି ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ଉଦଯାପନ ଆସନ୍ତା ୧୪ରେ ହେବ। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ସମେତ ଅଶୋକ ଶୁକ୍ଲା, ପ୍ରଦୀପ ନାୟକ, ବାଳକୃଷ୍ଣ ସାମନ୍ତରାୟ, ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ସଦସ୍ୟ କେଦାର ଚୌଧୁରୀ, ଡି. ଆପା ରାଓ, ରାଜେନ୍ଦ୍ର ଗନ୍ତାୟତ, ଡି. ଡି ଗନ୍ତାୟତ, ଏଲ. କେ ରାଓ ରେଡି, ବିଜୟ ପଟନାୟକ, ନାରାୟଣ ନାୟକ ଉପସ୍ଥିତ ଥିଲେ। ରାଜେନ୍ଦ୍ର ସାହୁ, ପ୍ରମୋଦ ମହାରଣା, ଗୋପାଳ ପଣ୍ଡା, ସୁଦର୍ଶନ ସେଠି, ଟୁକୁ ସେଠି, ରବୀନ୍ଦ୍ର ମହାରଣା, ବିଶ୍ୱନାଥ ପାତ୍ର, ଟି. ଶ୍ରୀନିବାସ, ଖେଳ ପରିଚାଳନା କରିଥିଲେ।

**ଆଳୁ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ**

# ଆଳୁ ବିହନ ବିଲକୁ ନଯାଇ ହାଣ୍ଡିଶାଳରେ



**ସଚେତନତା କି ପ୍ରୋତ୍ସାହନ ନାହିଁ**

**ଉଦ୍ୟାନ କୃଷି ବିଭାଗକୁ ଦୋଷ ଦେଲେ ଚାଷୀ**

କାକଟପୁର/ଅସ୍ତରଙ୍ଗ,୧୩।୧୨ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଥିବା ଚାଷୀମାନଙ୍କୁ ଆଳୁଚାଷ ନିମନ୍ତେ ପ୍ରୋତ୍ସାହିତ କରୁଛନ୍ତି। ବଜାରରେ ଆଳୁ ସଙ୍କଟ ଥିବା ସମୟରେ ଯେପରି ଚାଷୀଟିଏ ନିଜ ହାତ ପାହାନ୍ତାରେ ଆଳୁ ପାଇପାରିବ ସେ ଲକ୍ଷ୍ୟ ନେଇ ସରକାର ଉଦ୍ୟାନ କୃଷି ଯୋଜନାରେ ଆଳୁ ବିହନ ଯୋଗାଇ ଦେବାର ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରିଛନ୍ତି। ଆଳୁଚାଷ ନିମନ୍ତେ ସାର, କୀଟ ନାଶକ, ଯନ୍ତ୍ରପାତି ଆଦି ରିହାତି ଦରରେ ଯୋଗାଇ ଦେଉଛନ୍ତି। ମାତ୍ର ସରକାରଙ୍କ ଜନହିତକାରୀ ଯୋଜନାର ସୁଫଳ ଚାଷୀ ପାଇପାରୁନାହାନ୍ତି। ବିଭାଗୀୟ ସଚେତନତା ଅଭାବରୁ ଆଳୁ ଚାଷ ପ୍ରତି ମୁହଁ ଫେରାଇ ନେଲେଣି ଚାଷୀ। ସରକାରୀ ଆଳୁ ବିହନ ଚାଷ ନ ହୋଇ ହାଣ୍ଡିଶାଳରେ ପହଂଚିଲାଣି। ଆଳୁ ଚାଷ ବହୁ ଆଡ଼ମ୍ବର ଲଘୁକ୍ରିୟା ବୋଲି ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ ପୁରୀ ଜିଲ୍ଲା କାକଟପୁର ବ୍ଲକର ସମୁଦାୟ ୨୦ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମି ରହିଛି। ସେଥିମଧ୍ୟରୁ ଅଧିକାଂଶ ଜମିରେ ମୁଖ୍ୟତଃ ଧାନ ଚାଷ ହେଉଥିବା ବେଳେ ଆଉ କିଛି ଜମିରେ ମୁଗ, ପନିପରିବା ଚାଷ ହୋଇଥାଏ। ଅନ୍ୟ ପକ୍ଷରେ ଏହି ଅଞ୍ଚଳରେ ତୈଳ ବୀଜ ଚିନାବାଦାମ ଚାଷର ପରିମାଣ କମି କମି ଯାଇଛି। ଚଳିତ ବର୍ଷ ଆଳୁ ଚାଷ ପାଇଁ ସରକାରୀ ଭାବେ ପ୍ରୟାସ କରାଯାଇ ମଧ ସେଭଳି ସଚେତନତା ହୋଇ ନପାରିଥିବାରୁ ଚାଷୀଙ୍କ ପ୍ରତି ପ୍ରଭାବ ପଡି ନଥିବା ଦେଖିବାକୁ ମିଳିଛି। କାକଟପୁର ବ୍ଲକ ଉଦ୍ୟାନ ବିଭାଗ ଜଙ୍ଗଲ ପରିପୂର୍ଣ୍ଣ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଉଦାସୀନତା ମନଭାବ ଯୋଗୁଁ କର୍ମଚାରୀ ନିୟୋଜିତ ନ ହେବାରୁ ସରକାରୀ ସ୍ତରରେ ଆସୁଥିବା ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା ଚାଷୀ ନ ପାଇଁ ଅସାଧୁ ଲୋକ ଫାଇଦା ଉଠାଉଛନ୍ତି।

ଚାଷୀଙ୍କୁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆଳୁ ବିହନ ଯୋଗାଇ ଦିଆଯାଉଛି। ହେଲେ ଆଳୁ ବିହନ ଚାଷ ଜମିକୁ ନଯାଇ ସିଧା ହାଣ୍ଡିଶାଳରେ ପହଁଚିଛି। ଫଳରେ ଆଳୁ ଚାଷ ଏଠାରେ ଦିଗହରା ବୋଲି ବୁଦ୍ଧିଜୀବୀ ମାନେ କହିଛନ୍ତି।

## ଈଶ୍ୱରପୁରରେ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ନୀଳଗିରି,୧୩।୧୨ (ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତରେ ବାବା ପାତାଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଈଶ୍ୱରପୁର ହାଇସ୍କୁଲ ପଡିଆର ଉଦ୍‌ଘାଟନ ହୋଇଛି। ଉକ୍ତ ଖେଳ ୩ଦିନ ରେ ମୋଟ ୧୫ଗୋଟି ଟିମ୍ ଖେଳ ଭାଗ ନେବେ ବୋଲି ଜଣାପଡିଛି। ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ ଉଦ୍‌ଘାଟନି ମ୍ୟାଚକୁ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ଏବଂ ସ୍ଥାନୀୟ ସମାଜସେବୀ ଅମିତ୍ ବଳିୟାର ସିଂହ, ସାମ୍ବାଦିକ କପିଳ ସାମଲ, ଗଙ୍ଗାଧର ମିଶ୍ର ଖେଳଆନୁଷ୍ଠାନିକ ଭାବେଉଦ୍ଘାଟନ କରି ଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ରଣଜିତ ମହାନ୍ତି ଓ ସମ୍ପାଦକ ସନ୍ତୋଷ ସାହୁ, ସଭ୍ୟ ରଞ୍ଜିତ ମହାନ୍ତି, ସନ୍ତୋଷ ସାହୁ, ମୁକ୍ତିକାନ୍ତ ମହାନ୍ତି, ଦିପ୍ତିକାନ୍ତ ମହାନ୍ତି, ପୂଣ୍ୟ ବ୍ରତ ଜେନା, ଧର୍ମେନ୍ଦ୍ର ମଡୁଆଳ, ଅରବିନ୍ଦ ସାମଲ, ବିଜୟାନନ୍ଦ ମହାନ୍ତି ସମେତ ବହୁ ସଭ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ପୂର୍ବୋଦୟ ଦୃଷ୍ଟିକୋଣ ୨୦୨୫ ଅନ୍ତର୍ଜାତୀୟ ସମ୍ମିଳନୀ

# ‘ପୂର୍ବ ଭାରତର ଉଦୟ ଦେଶର ଭବିଷ୍ୟତକୁ ଗଢ଼ିବ’




ଭୁବନେଶ୍ୱର, ୧୩।୧୨(ସଂଚାର ବ୍ୟୁରୋ): ପୂର୍ବ ଭାରତର ଉଦୟ ଦେଶର ଭବିଷ୍ୟତକୁ ଗଢି ତୋଳିବ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍ପାଟି କହିଛନ୍ତି । ଶନିବାର ଭୁବନେଶ୍ୱର ଠାରେ ଆୟୋଜିତ ‘ପୂର୍ବୋଦୟ ଦୃଷ୍ଟିକୋଣ -୨୦୨୫’ ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି । ଏହି ସମ୍ମିଳନୀରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ପୂର୍ବ ଭାରତର ଉଦୟ ଭାରତର ଭବିଷ୍ୟତର ଅଭିବୃଦ୍ଧି ପଥକୁ ପରିଭାଷିତ କରିବ ଏବଂ ଓଡ଼ିଶାର ପ୍ରଗତି ସମଗ୍ର ଅଞ୍ଚଳରେ ବିକାଶର ଏକ ନୂତନ ପର୍ଯ୍ୟାୟକୁ ପ୍ରଜ୍ୱଳିତ କରିବ । ଏହି କାର୍ଯ୍ୟକ୍ରମ କେବଳ ଏକ ଶିକ୍ଷାଗତ କିମ୍ବା ନୀତିଗତ ମଞ୍ଚ ନୁହେଁ ବରଂ ଭାରତର କ୍ରମ ବିକଶିତ ଆକାଂକ୍ଷା, ସଭ୍ୟତାଗତ ଆତ୍ମବିଶ୍ୱାସ ଏବଂ ପୂର୍ବ ଭାରତର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ସାମୂହିକ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ରାଜ୍ୟପାଳ କହିଥିଲେ । ରାଜ୍ୟପାଳ ସ୍ମରଣ କରାଇ ଦେଇଥିଲେ ଯେ, ପୂର୍ବ ଭାରତ ଏକଦା ସମୃଦ୍ଧିର ଆଲୋକବର୍ତ୍ତିକା ଥିଲା । ଏହା ସମୃଦ୍ଧ ବନ୍ଦର, ବ୍ୟାପକ ବାଣିଜ୍ୟ ନେଟୱାର୍କ, ପ୍ରସିଦ୍ଧ ଶିକ୍ଷା କେନ୍ଦ୍ର ଏବଂ ସାଧବ ଗୋଷ୍ଠୀ ପାଇଁ ଗର୍ବ କରୁଥିଲା। କିନ୍ତୁ ସମୟ ସହିତ ଐତିହାସିକ ବାଧା, ଦୀର୍ଘକାଳ ଧରି ଅବହେଳା ଏବଂ ଭିତ୍ତିଭୂମିଗତ ପ୍ରତିବନ୍ଧକ ଏହି ଅଞ୍ଚଳକୁ ପଛରେ ପକାଇ ଦେଇଥିଲା। ଏହି ଅଞ୍ଚଳ ସମ୍ପ୍ରତି ସଂଯୋଗୀକରଣ, ଭିତ୍ତିଭୂମି, ଶିଳ୍ପ, ଶକ୍ତି ଏବଂ ମାନବ ବିକାଶରେ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି, ଯାହା ରାସ୍ତା, ରେଳପଥ, ବନ୍ଦର, ବିମାନବନ୍ଦର ଏବଂ ଡିଜିଟାଲ୍ ନେଟୱାର୍କରେ ଗୁରୁତ୍ୱପୂର୍ଣ୍ଣ ନିବେଶ ଦ୍ୱାରା ପରିଚାଳିତ ହେଉଛି’ ଏହାର ପ୍ରଚୁର ପ୍ରାକୃତିକ ସମ୍ପଦ, ସୁଦୀର୍ଘ ଉପକୂଳ, ଦକ୍ଷ କର୍ମଚାରୀ, ସ୍ଥିର ଶାସନ ଢାଞ୍ଚା ଏବଂ ଦୃଢ଼ ଓ ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ ଅବତାରଣା କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ଭିଡିଓ ଅଭିଭାଷଣ ପ୍ରଦର୍ଶିତ ହୋଇଥିଲା, ଯାହା ପ୍ରେରଣାଦାୟକ ଥିଲା।

### ‘ନୋ ଲିମିଟ୍ ଏୟାର’ ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ ଘଟଣା

# ପୂର୍ବ ଚଢ଼ାଉରେ ମିଳିନଥିଲା ସୁରାକ୍

**ଅବକାରୀ ବିଭାଗକୁ ଥିଲା ଗିରଫ ଓ ଜବତ ନିର୍ଦ୍ଦେଶ**

ଭୁବନେଶ୍ୱର, ୧୩।୧୨ (ସଂଚାର ବ୍ୟୁରୋ): ଭୁବନେଶ୍ୱରର ସତ୍ୟବିହାର ଅଞ୍ଚଳର ପଲାସୁଣିରେ ‘ନୋ ଲିମିଟ୍ ଏୟାର’ ନାମକ ଏକ ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ ଘଟିଥିଲା। ଉକ୍ତ ରେଷ୍ଟୁରାଣ୍ଟର କୌଣସି ମଦ ଅନ୍ ସପ୍ (ବାର) ଲାଇସେନ୍ସ ନଥିଲା, କିମ୍ବା ଏହା ପାଇଁ ଅବକାରୀ ବିଭାଗକୁ ଆବେଦନ କରିନଥିଲା। ଏକ ମାସ ପୂର୍ବେ ଅବକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ଏକ ଦଳ ରେଷ୍ଟୁରାଣ୍ଟ ଏକ ବେଆଇନ ମଦ ବାର୍ ଚଳାଉଥିବା ଅଭିଯୋଗ ଉପରେ ଚଢାଉ କରିଥିଲା। ଖୋଜାଖୋଜି ସମୟରେ କୌଣସି ମଦ ମିଳିନଥିଲା ଏବଂ ବେଆଇନ ମଦ ବାର୍ ର କୌଣସି ପ୍ରମାଣ ପ୍ରତିଷ୍ଠା ହୋଇପାରିନଥିଲା। ଉକ୍ତ ରେଷ୍ଟୁରାଣ୍ଟ ଏନଏଚ୍ ୧୬ ରେ ଅବସ୍ଥିତ ହୋଇଥିବାରୁ ସକାଳ ୪ଟା ପର୍ଯ୍ୟନ୍ତ ଚାଲିବା ପାଇଁ ବିଏମସି ଦ୍ୱାରା ଜାରି ଅନୁମତି ଦେଖାଇଥିଲା। କାଫେ ମାଲିକଙ୍କୁ ବୈଧ ଅବକାରୀ ଲାଇସେନ୍ସ ବିନା ମଦ ବିକ୍ରୟ ନକରିବାକୁ କିମ୍ବା ତାଙ୍କ ପରିସରରେ କାହାକୁ ମଦ ପିଇବାକୁ ନଦେବାକୁ ଚେତାବନୀ ଦିଆଯାଇଥିଲା। ରେଷ୍ଟୁରାଣ୍ଟ ଭିତର କାର୍ଯ୍ୟକଳାପର ତଦନ୍ତ ପାଇଁ ଅବକାରୀ ଅଧୀକ୍ଷକ, ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍ ଏବଂ ଅବକାରୀ ଅଧୀକ୍ଷକ ଭୁବନେଶ୍ୱର ଦ୍ୱାରା ଏକ ମିଳିତ ତଦନ୍ତ କରାଯାଉଛି। ସମସ୍ତ ଅବକାରୀ ପ୍ରବର୍ତ୍ତନ ଅଧୀକ୍ଷକଙ୍କୁ ରାଜ୍ୟରେ ବେଆଇନ ବିକ୍ରୟ ସ୍ଥାନଗୁଡ଼ିକ ଉପରେ ନିରନ୍ତର ଚଢାଉ କରିବା ଏବଂ ବାର, ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଢାବାଗୁଡ଼ିକର ଯାଞ୍ଚ କରି ଗିରଫ ଏବଂ ଜବତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କୁ ସିଗାରେଟ୍, ହୁକ୍କା କିମ୍ବା ଯେକୌଣସି ତମାଖୁ ଉତ୍ପାଦ ପରି ସାର୍ବଜନୀନ ଧୂମପାନକୁ ଅନୁମତି ଦେଉଥିବା ରେଷ୍ଟୁରାଣ୍ଟ ଏବଂ ବାରଗୁଡ଼ିକୁ ଯାଞ୍ଚ କରିବାକୁ ଏବଂ ଦୋଷୀମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସଡ଼କ ସୁରକ୍ଷା ଡ୍ୟାସବୋର୍ଡ ଉପରେ ସମୀକ୍ଷା




ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ): ଓଡିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ରାଜ୍ୟରେ ସମନ୍ୱିତ ଏବଂ ତଥ୍ୟ-ଚାଳିତ ସଡ଼କ ସୁରକ୍ଷା ପ୍ରଶାସନକୁ ସୁଦୃଢ଼ କରିବା ପାଇଁ ସମନ୍ୱିତ ସଡ଼କ ସୁରକ୍ଷା ଡାସବୋର୍ଡର ସମୀକ୍ଷା କରିଛି। ସମୀକ୍ଷାରେ ଡାସବୋର୍ଡର ଗଠନ, ତଥ୍ୟ ସମନ୍ୱୟ ଏବଂ ସୂଚନାପ୍ରଦ ନିଷ୍ପତ୍ତି ଗ୍ରହଣ, ସମନ୍ୱିତ କାର୍ଯ୍ୟ ଏବଂ ସଡ଼କ ସୁରକ୍ଷା ପଦକ୍ଷେପର ପ୍ରଭାବଶାଳୀ ତଦାରଖକୁ ପ୍ରଭାବଶାଳୀ କରିବା ପାଇଁ ଆନ୍ତଃବିଭାଗୀୟ ବ୍ୟବହାର ଉପରେ ଧ୍ୟାନ ଦିଆଯାଇଥିଲା। ଡ୍ୟାସବୋର୍ଡଟି ଆଇଆଇଟି ମାଡ୍ରାସର ଆରବିଜି ଲ୍ୟାବ୍ସ ଦ୍ୱାରା ବିକଶିତ ହୋଇଛି। ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଗୁରୁତ୍ୱାରୋପ କରିଥିଲେ ଯେ, ଡିଜିଟାଲ୍ ପ୍ଲାଟଫର୍ମର ପ୍ରଭାବ ସେମାନଙ୍କର ଗ୍ରହଣ ଏବଂ ନିୟମିତ ବ୍ୟବହାର ଉପରେ ନିର୍ଭର କରେ। ସେ ଉଲ୍ଲେଖ କରିଛନ୍ତି ଯେ, କୃତ୍ରିମ ବୁଦ୍ଧିମତ୍ତା ସମେତ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ସଡ଼କ ସୁରକ୍ଷା ପ୍ରଶାସନକୁ ଆହୁରି ସୁଦୃଢ଼ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରେ।

# ନିଖୋଜ ୩ ଛାତ୍ର ଛତିଆରୁ ଠାବ

ଢେଙ୍କାନାଳ,୧୩।୧୨(ସଂଚାର ବ୍ୟୁରୋ): ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅଧୀନ ଚିଲତଇଳା ଆଦିବାସୀ ଆଶ୍ରମ ବିଦ୍ୟାଳୟରୁ ନିଖୋଜ ହୋଇଥିବା ୩ ଜଣ ଛାତ୍ରଙ୍କୁ ଯାଜପୁର ଜିଲ୍ଲା ଛତିଆ ଅଞ୍ଚଳରୁ ଠାବ କରାଯାଇଛି। ଗତ ୧୦ ତାରିଖରୁ ଏହି ୩ ଜଣ ଛାତ୍ର ନିଖୋଜ ଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ବୟସ ୭ ବର୍ଷ ହୋଇଥିବା ବେଳେ ଜଣେ ୧୧ ବର୍ଷର ବୋଲି ଜଣାପଡ଼ିଛି। ନିଖୋଜ ସମସ୍ତ ଛାତ୍ର ଭୁବନ ଅଞ୍ଚଳର ବୋଲି ପୁଲିସ କହିଛି। ଗତ ୧୦ ତାରିଖରେ ସ୍କୁଲ ପାଖ ପଡ଼ିଆରେ କ୍ରୀଡ଼ା ପ୍ରତିଯୋଗିତା ଯୋଗ ଦେବା ଲାଗି ଅନ୍ୟ ଛାତ୍ରମାନଙ୍କ ସହିତ ନିଖୋଜ ଛାତ୍ରମାନେ ମଧ୍ୟ ଯାଇଥିଲେ। ସମସ୍ତ ଛାତ୍ର ଫେରିଥିବା ବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ତିନିଜଣ ଆଉ ଫେରିନଥିଲେ।

### ● କୋରାପୁଟରେ ପାରଦ ୩ ଡିଗ୍ରୀ

# ଘୁ. ଉଦୟଗିରିରେ ୩.୧ ଡିଗ୍ରୀ ସହ ତୁଷାରପାତ



ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ): ଓଡ଼ିଶାରେ ଶୀତ ଲହରି ଜାରି ରହିଛି। ବିଭିନ୍ନ ସ୍ଥାନରେ ତୁଷାରପାତ ହେଉଥିବା ଖବର ମିଳିଛି। ଘୁ.ଉଦୟଗିରି ଅଞ୍ଚଳରେ ଦ୍ୱିତୀୟ ଦିନ ପୁଣି ୩.୧ ଡିଗ୍ରି ତାପମାତ୍ରା ରେକର୍ଡ଼ କରାଯାଇଛି। ଏଣେ ଥଣ୍ଡା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। କୋରାପୁଟ ଜିଲ୍ଲା ଦାମନଯୋଡ଼ିରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରି ରେକର୍ଡ କରାଯାଇଛି। କନ୍ଧମାଳ ଜିଲ୍ଲା ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୩.୧ଡିଗ୍ରି ରେକର୍ଡ କରାଯାଇଛି। କନ୍ଧମାଳ ଦାରିଙ୍ଗବାଡ଼ିରେ ପ୍ରବଳ ଶୀତ ସାଙ୍ଗକୁ ତୁଷାରପାତ ଦେଖିବାକୁ ମିଳିଛି। ଆଗାମୀ ସପ୍ତାହ ପର୍ଯ୍ୟନ୍ତ ଶୀତ ଲହରିରୁ ନାହିଁ ନିସ୍ତାର। ପାହାଡିଆ ଅଞ୍ଚଳରେ ୫ ଡିଗ୍ରି ତଳେ ରହିପାରେ ତାପମାତ୍ରା। ରାଜ୍ୟର ଅନ୍ୟାନ୍ୟ ସ୍ଥାନ ଗୁଡ଼ିକରେ ମଧ୍ୟ ତଳ ମୁହାଁ ରହିବ ପାରଦ। ଭାରତୀୟ ପାଣିପାଗ ବିଜ୍ଞାନ ଏଭଳି ଆକଳନ କରିଛି। ଜାତୀୟ ରାଜପଥରେ କୁହୁଡ଼ିର ପ୍ରଭାବ, ଜନଜୀବନ ଅସ୍ତବ୍ୟସ୍ତ। ଝାରସୁଗୁଡ଼ାରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି। ସକାଳ ୫ଟା ୩୦ ସୁଦ୍ଧା ଏଠାରେ ତାପମାତ୍ରା ୮.୮ ଡିଗ୍ରି ରେକର୍ଡ କରାଯାଇଛି। ଫୁଲବାଣୀରେ ୫.୫ ଡିଗ୍ରି, ଦାରିଙ୍ଗବାଡ଼ିରେ ୫.୬ ଡିଗ୍ରୀ ରହିଥିବା ରେକର୍ଡ଼ ହୋଇଥିବା ନେଇ ପାଣିପାଗ ବିଭାଗ ତରଫରୁ ସୂଚନା ମିଳିଛି। ଅତ୍ୟଧିକ ଜାଡ଼ ଥଣ୍ଡା ଯୋଗୁଁ ସକାଳ ୧୦ ଘଣ୍ଟିକା ଯାଏଁ ଘରୁ ବାହାରିବା ମୁସ୍କିଲ୍ ହେଉଛି। କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରିରେ ଆଜି ସର୍ବନିମ୍ନ ତାପମାତ୍ରା ରହିଥିବା ବେଳେ ପ୍ରବଳ ଥଣ୍ଡା ଯୋଗୁଁ ମଣିଷ ଠାରୁ ଆରମ୍ଭ କରି ପଶୁ ପର୍ଯ୍ୟନ୍ତ ପ୍ରଭାବିତ।

# ଅସ୍ତ୍ର ଛାଡ଼ିଲେ ୨ ହାର୍ଡକୋର ମାଓବାଦୀ

### ଦୁଇଜଣଙ୍କ ନାଁରେ ଥିଲା ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି



ନୂଆପଡା, ୧୩।୧୨(ସଂଚାର ବ୍ୟୁରୋ) : ମାଓ ମୂଳପୋଛ ପାଇଁ ପାଖୋଉଛି ଡେଡ୍ ଲାଇନ। ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କରୁଛନ୍ତି ମାଓବାଦୀ। ଛତିଶଗଡ଼ ଗରିଆବନ୍ଧରେ ଆଜି ଦୁଇଜଣ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ସନ୍ତୋଷ ଓରଫ ଲାଲପବନ୍ ଓ ମଞ୍ଜୁ ଓରଫ ନନ୍ଦେ। ଏସଡିକେ ଏରିଆ କମିଟି ସଦସ୍ୟ ସନ୍ତୋଷ ବିଜାପୁର ଜିଲ୍ଲାର ହୋଇଥିବା ବେଳେ ସିନାପାଲି ଏରିଆ କମିଟି ସଦସ୍ୟ ମଞ୍ଜୁ ସୁକୁମା ନୂଆପଡ଼ା ଜିଲ୍ଲାର। ଏହି ଦୁଇ ହାର୍ଡକୋର ମାଓବାଦୀଙ୍କ ନାଁରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ହିଂସା ତ୍ୟାଗ କରି ଏମାନେ ଗରିଆବନ୍ଧ ପୁଲିସ୍ ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏଥିସହ ସେମାନଙ୍କ ପାଖରେ ଥିବା ବନ୍ଧୁକ ଓ ବିଭିନ୍ନ ମାଓ ସାମଗ୍ରୀ ସେ ପୁଲିସକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ୬ ଦେଶରେ ନବକଳେବର ଚଳଚ୍ଚିତ୍ର ପ୍ରଦର୍ଶିତ

ଭୁବନେଶ୍ୱର, ୧୩।୧୨(ସଂଚାର ବ୍ୟୁରୋ): ନବକଳେବର ୬ଟି ଦେଶ ୟୁଏସଏ, କାନାଡା, ଦକ୍ଷିଣ ଆଫ୍ରିକା, ଇଣ୍ଡୋନେସିଆ, ଜର୍ମାନୀ ଏବଂ ଭାରତର ବିଭିନ୍ନ ସ୍ଥାନ ଏବଂ ୪ଟି ମହାଦେଶ ଉତ୍ତର ଆମେରିକା, ଏସିଆ, ଆଫ୍ରିକା ଓ ଇଉରୋପ ଜୁରି ଯାତ୍ରା କରି ଏପର୍ଯ୍ୟନ୍ତ ପ୍ରାୟ ୧୩ଟି ସହରରେ ଦର୍ଶକମାନଙ୍କ ପାଖରେ ପହଞ୍ଚିଛି। ଏଥିରେ ୟୁଏସଏର ୮ଟି ସହର ସମ୍ମିଳିତ, ଯାହା ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ପାଇଁ ଏକ ସତ୍ୟ ଐତିହାସିକ ମାଇଲଷ୍ଟୋନ। ବିଶେଷ ଭାବରେ, ଏହି ଚଳଚ୍ଚିତ୍ରର ବିଶ୍ୱଯାତ୍ରା ୟୁଏସଏର ମିନିଆପୋଲିସ ଠାରୁ ଆରମ୍ଭ ହୋଇ ଓଡ଼ିଆ ସିନେମାର ଇତିହାସ ରଚନା କରିଛି।

ଆସନ୍ତା ଦୁଇ ମାସ ମଧ୍ୟରେ ୧୦ରୁ ୧୨ଟି ଅଧିକ ଦେଶରେ ପ୍ରଦର୍ଶନୀ ପାଇଁ ଯୋଜନା ରହିଛି ଏବଂ ଫେବୃଆରୀ ମାସରେ ହିନ୍ଦୀ ସଂସ୍କରଣ ମୁକ୍ତି ଲାଭ କରିବ। ଏକାଧିକ ଦେଶରେ ମୁକ୍ତିଲାଭ କରିଥିବା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଭାବେ ନବକଳେବର ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି, ଯାହା ହଜାର ହଜାର ଏନଆରଆଇ ଏବଂ ଓଡ଼ିଆ ଦର୍ଶକଙ୍କ ହୃଦୟକୁ ମଧ୍ୟ ସ୍ପର୍ଶ କରିଛି। ଦର୍ଶକମାନେ ଗୁରୁଜୀ ଡ଼ା. ଚନ୍ଦ୍ରଭାନୁ ଶତପଥୀଙ୍କ ସଦୟ ମାର୍ଗଦର୍ଶନ, ନିର୍ଦ୍ଦେଶକ ବିନି ସାମଲଙ୍କୁ ଗଭୀର ପ୍ରଶଂସା କରିବା ସହ ସମ୍ପୂର୍ଣ୍ଣ ଅଭିନେତା ଓ ପ୍ରଯୋଜନା ଦଳକୁ ଏପରି ଶକ୍ତିଶାଳୀ ଓ ଆଧ୍ୟାତ୍ମିକ ଭାବେ ସ୍ପର୍ଶକାରୀ ଚଳଚ୍ଚିତ୍ର ସାଧାରଣ ଲୋକଙ୍କ ସମ୍ମୁଖରେ ଆଣିଥିବା ଯୋଗୁଁ ଧନ୍ୟବାଦ ଜଣାଇଛନ୍ତି। ସଞ୍ଜୟ ଦଳାଇ ଓ ଅକ୍ଷୟ ମହାନ୍ତିଙ୍କ ନେତୃତ୍ୱରେ ସାରା ବିଶ୍ୱରେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ପ୍ରଚାର- ପ୍ରସାର ପାଇଁ ତାଙ୍କର ଅକ୍ଳାନ୍ତ ପ୍ରୟାସ ପାଇଁ ଗ୍ଲୋବାଲ ଓଡ଼ିଆ ପରିବାରର ସମସ୍ତ ଓଡ଼ିଆଙ୍କୁ ହୃଦୟପୂର୍ଣ୍ଣ ଧନ୍ୟବାଦଜଣାଇ ଥିଲେ ।

### ଏମଭି-୨୬ରେ ପୋଡ଼ାଜଳା ଓ ଭଙ୍ଗାରୁଜା ଘଟଣା

# ୬ ଜଣଙ୍କୁ ବାନ୍ଧିଲା ପୁଲିସ

- ବିଏନ୍ଏସ୍ଏସ୍ ୧୬୩ ଧାରା ଉଚ୍ଛେଦ
- ଇଣ୍ଟରନେଟ୍ ସେବା ପୁଣି ୩୬ ଘଣ୍ଟା ବନ୍ଦ

ମାଲକାନଗିରି, ୧୩।୧୨(ସଂଚାର ବ୍ୟୁରୋ): ଏମଭି ୨୬ ଗ୍ରାମରେ ବିଏନଏସଏସ ୧୬୩ ଧାରା ଉଚ୍ଛେଦ କରାଯାଇଛି ବୋଲି ଏକ ଯୁଗ୍ମ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ମଧ୍ୟ ଉପସ୍ଥିତ ଥିଲେ। ଅଧିକାଂଶ ଗ୍ରାମବାସୀ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥିବା କଥା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଇଣ୍ଟରନେଟ୍ ସେବାକୁ ଆହୁରି ୩୬ ଘଣ୍ଟା ଅର୍ଥାତ୍ ସୋମବାର ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ଶାନ୍ତି କମିଟି ବୈଠକ ସଫଳ ହୋଇଛି। ଉଭୟ ପକ୍ଷ ଜିଲ୍ଲାପାଳ ଓ ଏସପିଙ୍କ ସହ ଅହରହ ଯୋଗାଯୋଗରେ ଅଛନ୍ତି। ପୋଡାଜଳା ଓ ଭଙ୍ଗାରୁଜା ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି। ମୃତକ ମହିଳାଙ୍କ ସନ୍ତାନଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଆହୁରି ୪ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି।

### ● ଚନ୍ଦକା ଜଙ୍ଗଲର ଚର୍ଚ୍ଚିତ ହାତୀ

# ଗୋଡ଼ିବାରୀରେ ଶୋଭାପାଇବ ରାମୁର କଙ୍କାଳ



**ହାତୀ ସମ୍ପର୍କରେ ପରବର୍ତ୍ତୀ ପିଢ଼ି ଅବଗତ ହେବେ**

ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ) : ଚନ୍ଦକା ଜଙ୍ଗଲର ଚର୍ଚ୍ଚିତ ମୃତ ହାତୀ ରାମୁକୁ ସବୁଦିନ ମନେ ପକାଇବା ପାଇଁ ଚାଲିଛି ପ୍ରୟାସ। ଚନ୍ଦକା ଜଙ୍ଗଲରେ ମାଟି ତଳେ ପୋତା ଯାଇଥିବା ରାମୁର କଙ୍କାଳକୁ ପ୍ରାଣୀ ବିଜ୍ଞାନୀ ଡ. ଶିବ ପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ ୨୫ ଜଣିଆ ବିଶେଷଜ୍ଞ ଟିମ ଉଦ୍ଧାର କରିଛନ୍ତି । ଚନ୍ଦକା ରେଞ୍ଜର ଧ୍ୟାନ ଟୁଡୁ, ଭୁବନେଶ୍ୱର ଏମ୍ସ ଫୋରେନ୍ସିକ ମେଡିସିନ ବିଭାଗର ପ୍ରଫେସର ଡାକ୍ତର ସୁଦୀପ୍ତ ରଞ୍ଜନ ସିଂହଙ୍କ ସମେତ ମୋଟ ୨୫ ଜଣ ସାମିଲ ହୋଇ ମାଟି ତଳୁ ରାମୁର ୨୦୦ରୁ ଅଧିକ ହାଡ଼କୁ ସୁରକ୍ଷିତ ଭାବେମାଟିତଳୁ କାଢିଛନ୍ତି। ହାତୀର ଗୋଟି ଗୋଟି କଙ୍କାଳକୁ ଖଞ୍ଜି ପ୍ରଦର୍ଶିତ କରାଯିବ। ଗୋଡ଼ିବାରୀ ପ୍ରକୃତି ନିବାସରେ ଶୋଭା ପାଇବ ଏହି କଙ୍କାଳ। ବିଦ୍ୟୁତ ଆଘାତ ଲାଗି ରାମୁର ଗତବର୍ଷ ମୃତ୍ୟୁ ହୋଇଥିଲା। ରାମକୁ ୪୦ ବର୍ଷ ବୟସ ହୋଇଥିଲା। ରାମୁକୁ ଚନ୍ଦକା ଜଙ୍ଗଲର ଆଖ ପାଖ ଲୋକ ବେଶ ଆଦର କରୁଥିଲେ। ଶିକ୍ଷା ଓ ପର୍ଯ୍ୟଟନ ଦୃଷ୍ଟିରୁ ରାମୁ କଙ୍କାଳ ପ୍ରଦର୍ଶନ କରି ହାତୀ ସମ୍ପର୍କରେ ପରବର୍ତ୍ତୀ ପିଢ଼ିକୁ ଅବଗତ ପାଇଁ ଚୟନ କରଯାଇଥିଲା।

# ଦୁର୍ଘଟଣାରୁ ବର୍ତ୍ତିଲା ଇଣ୍ଡିଗୋ ବିମାନ

### ଯାନ୍ତ୍ରିକ ତ୍ରୁଟି ଯୋଗୁଁ କଲା ହାର୍ଡ ଲ୍ୟାଣ୍ଡିଂ

ଭୁବନେଶ୍ୱର୧୩।୧୨ (ସଂଚାର ବ୍ୟୁରୋ): ଭୁବନେଶ୍ୱରରୁ ରାଞ୍ଚି ଯାଉଥିବା ଏକ ଇଣ୍ଡିଗୋ ବିମାନ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ପାଇଲଟଙ୍କ ଉପସ୍ଥିତ ବୁଦ୍ଧିରୁ ଏକ ବଡ଼ ଦୁର୍ଘଟଣା ଟଳି ଯାଇଛି। ଶୁକ୍ରବାର ରାତିରେ ରାଞ୍ଚିର ବିର୍ସା ମୁଣ୍ଡା ବିମାନବନ୍ଦରରେ ଇଣ୍ଡିଗୋ ବିମାନ ନମ୍ବର ୬ଇ ୭୩୬୧କୁ ବିମାନବନ୍ଦରରେ ଏକ ହାର୍ଡ ଲ୍ୟାଣ୍ଡିଂ କରିବାକୁ ପଡିଛି। ଫଳରେ ପ୍ଲେନରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡିଥିଲେ। ଯାତ୍ରୀମାନେ ଏକ ଝଟକା ଅନୁଭବ କରିଥିଲେ। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ବିମାନରେ ୭୫ ଜଣ ଯାତ୍ରୀ ଥିଲେ। ରାଞ୍ଚି ବିମାନବନ୍ଦରର ନିର୍ଦ୍ଦେଶକ ବିନୋଦ କୁମାରଙ୍କ ସୂଚନାନୁସାରେ, ବିମାନଟି ରାତି ପ୍ରାୟ ସାଢ଼େ ୮ଟାରେ ବିର୍ସା ମୁଣ୍ଡା ବିମାନବନ୍ଦରରେ ନିର୍ଦ୍ଧାରିତ ସମୟଠୁ ବିଳମ୍ବରେ ପହଞ୍ଚିଥିଲା। ଅବତରଣ ସମୟରେ ବିମାନଟି କିଛି ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହୋଇଥିଲା, ଯାହା ଫଳରେ ପାଇଲଟଙ୍କୁ ହାର୍ଡ ଲ୍ୟାଣ୍ଡିଂ କରିବାକୁ ପଡିଥିଲା। ସେ କହିଛନ୍ତି ଯେ କୌଣସି ଯାତ୍ରୀ ଆହତ ହୋଇ ନାହାଁନ୍ତି ଏବଂ ସମସ୍ତେ ସୁରକ୍ଷିତ ଅଛନ୍ତି।

### ଓଡ଼ିଶା ପୁଲିସର କମ୍ୟୁନିଟି ପୋଲିସିଂ କାର୍ଯ୍ୟକ୍ରମ

# ତଟବର୍ତ୍ତୀ ଅଞ୍ଚଳରେ ନିବିଡ଼ କରିଛି ପୁଲିସ–ଜନତା ସମ୍ପର୍କ



ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ): ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ବିଶ୍ୱାସ, ଭରସା, ସହଯୋଗ, ସହାୟତା ତଥା ସାମାଜିକ ସମ୍ପର୍କକୁ ନିବିଡ଼ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି ଓଡ଼ିଶା ପୁଲିସର ସାମୁଦ୍ରିକ ଥାନା ଦ୍ୱାରା ଆୟୋଜିତ କମ୍ୟୁନିଟି ପୋଲିସିଂ କାର୍ଯ୍ୟକ୍ରମ। ସାମୁଦ୍ରିକ ଥାନାଗୁଡିକରେ କାର୍ଯ୍ୟରତ ପୁଲିସ୍ ଅଧିକାରୀ ଓ କର୍ମଚାରୀମାନେ ତଟବର୍ତ୍ତୀ ଅଞ୍ଚଳରେ ‘କମ୍ୟୁନିଟି ପୋଲିସିଂ’ ମାଧ୍ୟମରେ ସମାଜରେ ଶାନ୍ତି-ଶୃଙ୍ଖଳା ବଜାୟ, ଧନ ଜୀବନ ସୁରକ୍ଷା ଏବଂ ପୁଲିସ- ଜନତା ସମ୍ପର୍କକୁ ସୁଦୃଢ଼ କରିବାରେ ଗୁରୁ ଦାୟିତ୍ୱ ତୁଲାଉଛନ୍ତି। ସାମୁଦ୍ରିକ ଥାନାର ପୁଲିସ୍ ଅଧିକାରୀମାନେ ଭାରତୀୟ କୋଷ୍ଟ ଗାର୍ଡର ଅଧିକାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରଖି ଏହି ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରୁଛନ୍ତି। ଏହା ବ୍ୟତୀତ ମତ୍ସ୍ୟଜୀବୀ ଏବଂ ସମୁଦ୍ରତଟ ବାସିନ୍ଦାଙ୍କ ସହ ନିୟମିତ ଯୋଗାଯୋଗ ରଖି ସୂଚନା ଆଦାନ-ପ୍ରଦାନ ଏବଂ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଅଗ୍ରଣୀ ଭୂମିକା ତୁଲାଉଛନ୍ତି। କମ୍ୟୁନିଟି ପୁଲିସିଂ ଜରିଆରେ ଜନ ସାଧାରଣ ଓ ପୁଲିସ ମଧ୍ୟରେ ସହଯୋଗ ବୃଦ୍ଧି ପାଇବା ସହିତ ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହ ସୁରକ୍ଷାକୁ ନିଶ୍ଚିତ କରିହେବ ବୋଲି ସାମୁଦ୍ରିକ ଥାନା ପୁଲିସ୍ ଆଶାବାଦୀ ଅଛନ୍ତି। ଆଗାମୀ ଦିନରେ ପୁଲିସ୍-ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ କରିବା, ତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ସନ୍ଦିଗ୍ଧ କାର୍ଯ୍ୟକଳାପ ବିଷୟରେ ତ୍ୱରିତ ସୂଚନା ମିଳିବା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ଅଗ୍ରଣୀ ଭୂମିକା ଗ୍ରହଣ କରିବ ।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ






## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୨,୬୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୧,୬୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୨,୬୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୧,୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୨,୬୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୧,୬୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୨,୮୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୧,୭୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୩,୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୨,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୨,୬୬୦ ଓ ୧,୨୧,୬୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୦୪,୦୦୦ ଟଙ୍କା ହୋଇଛି।




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଲା ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୯୨ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୨ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୦ ପଇସା ରହିଛି।

# ବଢ଼ିଲା ଶୁଖିଲା ନଡ଼ିଆର ଏମ୍ଏସ୍ପି



ନୂଆଦିଲ୍ଲୀ, ୧୩।୧୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ବୈଠକରେ ନଡ଼ିଆ ଶସ ବା ଶୁଖିଲା ନଡ଼ିଆର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି)ରେ ବୃଦ୍ଧି ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ୨୦୨୬ ଋତୁ ପାଇଁ ଉପଯୁକ୍ତ ହାରାହାରି ଗୁଣବତ୍ତା ବିଶିଷ୍ଟ ମିଲ୍ ହୋଇଥିବା ନଡ଼ିଆ ଶସର ଏମ୍ଏସ୍ପି କ୍ୱିଣ୍ଟାଲ ପିଛା ୪୪୫ ଟଙ୍କା ବୃଦ୍ଧି ପାଇ ୧୨,୦୨୭ ଟଙ୍କା ଏବଂ ବଲ୍ ନଡ଼ିଆ ଶଶର ଏମ୍ଏସ୍ପି କ୍ୱିଣ୍ଟାଲ ପିଛା ୪୦୦ ଟଙ୍କା ବୃଦ୍ଧି ପାଇ ୧୨,୫୦୦ ଟଙ୍କା ହୋଇଛି। ଶୁକ୍ରବାରର କ୍ୟାବିନେଟ୍ କମିଟି ବୈଠକରେ ଆଣବିକ ଶକ୍ତି କ୍ଷେତ୍ରକୁ ଘରୋଇ ସଂସ୍ଥା ପାଇଁ ଖୋଲିବା ଲାଗି 'ଶାନ୍ତି ବିଲ୍'କୁ ମଞ୍ଜୁର କରାଯାଇଛି। ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ଆଣବିକ ଶକ୍ତି କ୍ଷମତା ହାସଲ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସେହିପରି, ବୀମା କ୍ଷେତ୍ରରେ ୧୦୦ ପ୍ରତିଶତ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜିନିବେଶ (ଏଫ୍ଡିଆଇ)କୁ ମଧ୍ୟ ବୈଠକରେ ଅନୁମୋଦନ ମିଳିଛି। ଏ ସଂକ୍ରାନ୍ତ ବିଲ୍କୁ ସଂସଦର ଚଳିତ ଅଧିବେଶନରେ ଉପସ୍ଥାପନ କରାଯିବ। ବୀମାରେ ଏଫ୍ଡିଆଇ ସୀମା ବଢ଼ାଇବା ସମ୍ପର୍କରେ ଚଳିତ ବର୍ଷ ବଜେଟ୍ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଥିଲେ। ବର୍ତ୍ତମାନ ଏହି ସୀମା ୭୪ ପ୍ରତିଶତ ରହିଛି। କୋଇଲା କ୍ଷେତ୍ରରେ ସରକାର ବଡ଼ ନିଷ୍ପତ୍ତି ନେଇ କୋଇଲା ନିଲାମ ପାଇଁ କୋଲ୍ ସେତୁ ୱିଣ୍ଡୋକୁ ମଞ୍ଜୁର କରିଛନ୍ତି। ଏଥିରେ କୌଣସି ଚୂଡ଼ାନ୍ତ ବ୍ୟବହାର ସର୍ତ୍ତ ରଖାଯାଇନାହିଁ। ଶିଳ୍ପ ସଂସ୍ଥାଗୁଡ଼ିକ ଏହା ଜରିଆରେ ଦୀର୍ଘକାଳୀନ ଭିତ୍ତିରେ କୋଇଲା କିଣିପାରିବେ। ସେହି କୋଇଲାକୁ ସେମାନେ ନିଜେ, ୱାସରି, ରପ୍ତାନି ଏବଂ ଅନ୍ୟାନ୍ୟ କାମରେ ବ୍ୟବହାର କରିପାରିବେ। କିନ୍ତୁ ଦେଶ ଭିତରେ ସେହି କୋଇଲାକୁ ଆଉ ଥରେ ବିକିପାରିବେ ନାହିଁ। କମ୍ପାନିଗୁଡ଼ିକ ପାଇଥିବା କୋଇଲାର ୫୦ ପ୍ରତିଶତ ରପ୍ତାନି କରିପାରିବେ ବୋଲି ସରକାର ଅନୁମତି ଦେଇଛନ୍ତି। ବଡ଼ ସଂସ୍ଥାଗୁଡ଼ିକ ସେହି କୋଇଲାକୁ ଗ୍ରୁପ୍ର ଅନ୍ୟ କମ୍ପାନିରେ ବି ବ୍ୟବହାର କରିପାରିବେ। ଏହା କୋଇଲା ଆମଦାନୀ କମ୍ କରିବା ଏବଂ ସଫା ହୋଇଥିବା କୋଇଲା ରପ୍ତାନି ବଢ଼ାଇବାରେ ସହାୟକ ହେବ ବୋଲି କେନ୍ଦ୍ର ଆଇଟି ମନ୍ତ୍ରୀ ଆଶ୍ୱିନୀ ବୈଷ୍ଣବ କହିଛନ୍ତି।

## ତିନି ପ୍ରମୁଖ ବ୍ୟାଙ୍କ ପାଇଁ ଆରବିଆଇ ଜାରି କଲା ନୂଆ ନିୟମ

ନୂଆଦିଲ୍ଲୀ,୧୩।୧୨:ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଘୋଷଣା କରିଛି ଯେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ), ଏଚଡିଏଫସିଆଇ ବ୍ୟାଙ୍କ ଏବଂ ଆଇସିଆଇସିଆଇ ବ୍ୟାଙ୍କ ଘରୋଇ ସିଷ୍ଟମଲିକାଲି ଇମ୍ପୋର୍ଟାଣ୍ଟ ବ୍ୟାଙ୍କ (ଡି-ଏସଆଇବି) ଭାବରେ ସେମାନଙ୍କର




ସ୍ଥିତି ବଜାୟ ରଖିଛନ୍ତି। ଏହି ବ୍ୟାଙ୍କଗୁଡ଼ିକର ଦେଶର ଅର୍ଥନୀତି ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ିଥାଏ। ଯଦି ଏହି ବ୍ୟାଙ୍କଗୁଡ଼ିକ କେବେ ନିଜକୁ ସମସ୍ୟାରେ ପାଆନ୍ତି, ତେବେ ସମଗ୍ର ବ୍ୟାଙ୍କିଂ ବ୍ୟବସ୍ଥା ପ୍ରତିକୂଳ ପ୍ରଭାବ ପଡ଼ିପାରେ। ତେଣୁ, ସରକାର ଏବଂ ଆରବିଆଇ ଏହି ବ୍ୟାଙ୍କଗୁଡ଼ିକୁ କଠୋର ନିୟମ ଅଧୀନରେ ରଖନ୍ତି।

ଡି-ଏସଆଇବି ତାଲିକାରେ ଥିବା ବ୍ୟାଙ୍କଗୁଡ଼ିକୁ ସଙ୍କଟ ସମୟରେ ଦୃଢ଼ ରହିବା ନିଶ୍ଚିତ କରିବା ପାଇଁ ଅତିରିକ୍ତ ପୁଞ୍ଜି ବଜାୟ ରଖିବାକୁ ପଡିବ। ଆରବିଆଇ ଅନୁଯାୟୀ, ଆଇସିଆଇସିଆଇ ବ୍ୟାଙ୍କ ସେମାନଙ୍କର ବିପଦ-ଭାରଯୁକ୍ତ ସମ୍ପତ୍ତି ତୁଳନାରେ ୦.୧୦%, ଏଚଡିଏଫସି ବ୍ୟାଙ୍କ ୦.୪୦% ଏବଂ ଏସବିଆଇ ୦.୮୦% ବଜାୟ ରଖିବାକୁ ପଡିବ। ଏସବିଆଇ, ଏଚଡିଏଫସି ବ୍ୟାଙ୍କ ଏବଂ ଆଇସିଆଇସିଆଇ ବ୍ୟାଙ୍କ ଦେଶର ଅର୍ଥନୀତି ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ସେମାନଙ୍କୁ "ବିଫଳ ହେବା ପାଇଁ ଅତ୍ୟଧିକ ବଡ଼" କୁହାଯାଏ। ଏହି ଡି-ଏସଆଇବି ବ୍ୟାଙ୍କଗୁଡ଼ିକର ପତନ ଦେଶର ଅର୍ଥନୀତିକୁ ଧ୍ୱଂସ କରିବ, ଏବଂ ସରକାର ମଧ୍ୟ ସେମାନଙ୍କର ପତନକୁ ସହ୍ୟ କରିପାରିବେ ନାହିଁ। ତେଣୁ, ସରକାର ଏବଂ ଆରବିଆଇ ସେମାନଙ୍କର ସ୍ଥିରତା ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ସମ୍ଭବ ପଦକ୍ଷେପ ନିଅନ୍ତି। ଡି-ଏସଆଇବି ତାଲିକାରେ ଅନ୍ତର୍ଭୁକ୍ତ ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ନିଜ ନିଜ ବାଲ୍ଟ ଅପେକ୍ଷା ଅଧିକ ସାଧାରଣ ଇକ୍ୱିଟି ଟିୟର ୧ ପୁଞ୍ଜି ବଜାୟ ରଖିବା ଆବଶ୍ୟକ। ଏହି ପୁଞ୍ଜି ବିପଦ ପରିଚାଳନା ପାଇଁ ଅନୁମତି ଦିଏ। ଡି-ଏସଆଇବି ତାଲିକାରେ ଅନ୍ତର୍ଭୁକ୍ତ ବ୍ୟାଙ୍କଗୁଡ଼ିକୁ ଟିୟର ୧ ପୁଞ୍ଜିର ଉଚ୍ଚ ସ୍ତର ବଜାୟ ରଖିବା ଆବଶ୍ୟକ। ଭାରତୀୟ ରିଜର୍ଭ ବ୍ୟାଙ୍କ ୨୨ ଜୁଲାଇ, ୨୦୧୪ ରେ ଡି-ଏସଆଇବି ଫ୍ରେମୱାର୍କ ପ୍ରକାଶ କରିଥିଲା ଏବଂ ୨୦୧୫ ଠାରୁ ପ୍ରତିବର୍ଷ ଘୋଷଣା କରିଛି ଯେ କେଉଁ ବ୍ୟାଙ୍କଗୁଡ଼ିକୁ ଫ୍ରେମୱାର୍କରେ ଅନ୍ତର୍ଭୁକ୍ତ କରାଯାଇଛି। ଏହା ଅଧୀନରେ, ଅଧିକ ବ୍ୟବସ୍ଥାଗତ ପ୍ରଭାବ ଥିବା ବ୍ୟାଙ୍କଗୁଡ଼ିକୁ ସଙ୍କଟ ସମୟରେ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଅଧିକ ପୁଞ୍ଜି ବଜାୟ ରଖିବାକୁ ପଡିବ। ଭାରତରେ କାର୍ଯ୍ୟ କରୁଥିବା ଏବଂ ଗ୍ଲୋବାଲ ସିଷ୍ଟମିକାଲି ଇମ୍ପୋର୍ଟାଣ୍ଟ ବ୍ୟାଙ୍କ (ଜି-ଏସଆଇବି) ଭାବରେ ତାଲିକାଭୁକ୍ତ ବିଦେଶୀ ବ୍ୟାଙ୍କଗୁଡ଼ିକୁ ମଧ୍ୟ ଭାରତରେ ଅତିରିକ୍ତ ପୁଞ୍ଜି ବଜାୟ ରଖିବାକୁ ପଡିବ।

## ପୋଷ୍ଟାଲ୍ରେ ୩୩୩ ଟଙ୍କା ସଞ୍ଚୟର କମାଲ

ନୂଆଦିଲ୍ଲୀ, ୧୩।୧୨: ଆଜିକାଲି ଅନେକ ଲୋକ ନିଜ ଟଙ୍କା ବୃଦ୍ଧି ପାଇଁ ବିଭିନ୍ନ ଉପାୟରେ ନିବେଶ କରନ୍ତି। କିନ୍ତୁ ପ୍ରତ୍ୟେକ ବିକଳ୍ପ ସମସ୍ତଙ୍କ ପାଇଁ ଉପଯୁକ୍ତ ନୁହେଁ। ଏହି କାରଣରୁ ଅନେକ ଅନ୍ୟ ଅଧିକାଂଶ ବିକଳ୍ପକୁ ପରିତ୍ୟାଗ କରି ପୋଷ୍ଟ ଅଫିସ ଯୋଜନାରେ ନିବେଶ କରିବାକୁ ବାଛନ୍ତି। ପୋଷ୍ଟ ଅଫିସ ଯୋଜନାରେ ପ୍ରତିଦିନ ଅଳ୍ପ ପରିମାଣର ସଞ୍ଚୟ କରି ଏକ ଯଥେଷ୍ଟ ପରିମାଣର ପାଣ୍ଠି ଗଠନ କରିବା ସହଜ, ଏବଂ ସବୁଠାରୁ ଭଲ କଥା ହେଉଛି, ସମଗ୍ର ନିବେଶ ସୁରକ୍ଷିତ ହୋଇଥାଏ। ଲୋକମାନେ ସର୍ବଦା ପୋଷ୍ଟ ଅଫିସ କ୍ଷୁଦ୍ର ସଞ୍ଚୟ ଯୋଜନାରେ ଦୃଢ଼ ବିଶ୍ୱାସ ରଖିଛନ୍ତି। ସରକାରୀ ଗ୍ୟାରେଣ୍ଟି ଏବଂ ସ୍ଥିର ସୁଧ ହାର ସେମାନଙ୍କୁ ଆହୁରି ମଜବୁତ କରିଥାଏ। ଏହି କାରଣରୁ ଆରଡି ଯୋଜନାକୁ ଅନେକ ଲୋକ ନିବେଶ କରନ୍ତି। ଏଥିରେ ନିବେଶ କରିବା ସହଜ, ଏବଂ ସମୟ ସହିତ ଏକ ଛୋଟ ପରିମାଣର ନିବେଶ ମଧ୍ୟ ଏକ ଯଥେଷ୍ଟ ପରିମାଣର ପାଣ୍ଠି ଗଠନ କରିପାରିବ। ଏହି କାରଣରୁ ଲୋକମାନେ ଏହା ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ଯଦି କେହି ପ୍ରତିଦିନ ପ୍ରାୟ ୩୩୩ ଟଙ୍କା ସଞ୍ଚୟ କରନ୍ତି ଏବଂ ପ୍ରତି ମାସରେ ଆରଡିରେ ୧୦୦୦୦ ଟଙ୍କା ଜମା କରନ୍ତି, ତେବେ ସେମାନେ ୧୦ ବର୍ଷ ପରେ ପ୍ରାୟ ୧୭ ଲକ୍ଷ ଟଙ୍କାର ପାଣ୍ଠି ସଂଗ୍ରହ କରିପାରିବେ। ପୋଷ୍ଟ ଅଫିସ ବର୍ତ୍ତମାନ RD ଯୋଜନାରେ ବାର୍ଷିକ ୬.୭ ପ୍ରତିଶତ ସୁଧ ହାର ପ୍ରଦାନ କରେ। ଆକାଉଣ୍ଟ ଖୋଲିବା ପ୍ରକ୍ରିୟା ସରଳ, ଏବଂ ୧୦ ବର୍ଷରୁ ଅଧିକ ବୟସର ପିଲାମାନେ ମଧ୍ୟ ଆକାଉଣ୍ଟ ଖୋଲିପାରିବେ। ୧୮ ବର୍ଷ ବୟସ ହେବା ପରେ, ପିଲାଟି ସେମାନଙ୍କର KYC ଅପଡେଟ୍ କରିପାରିବ ଏବଂ ନିଜେ ଆକାଉଣ୍ଟ ପରିଚାଳନା କରିପାରିବ। ୧୦୦୦୦ ର ମାସିକ ଜମାରେ ପ୍ରଥମ ପାଞ୍ଚ ବର୍ଷରେ ମୋଟ ୬ ଲକ୍ଷ ହୋଇଥାଏ, ଯାହା ପ୍ରାୟ ୧.୧୩ ଲକ୍ଷ ଟଙ୍କା ସୁଧ ପ୍ରଦାନ କରେ। ପରବର୍ତ୍ତୀ ପାଞ୍ଚ ବର୍ଷ ପାଇଁ ଏହାକୁ ଜାରି ରଖିବା ଦ୍ୱାରା ମୋଟ ଜମା ୧୨ ଲକ୍ଷରେ ପହଞ୍ଚେ ଏବଂ ସମଗ୍ର ୧୦ ବର୍ଷର ଅବଧି ପାଇଁ ସୁଧ ପ୍ରାୟ ୫.୦୮ ଲକ୍ଷରେ ପହଞ୍ଚିଥାଏ।

## ଅକ୍ଷୟ କୁମାରଙ୍କ ଦ୍ୱାରା କଲ୍ୟାଣ ଜୁଏଲର୍ସ ଉଦ୍ଘାଟିତ



### ଭୁବନେଶ୍ୱର ଏବଂ କଟକରେ ଉପସ୍ଥିତି ଜାହିର

ଭୁବନେଶ୍ୱର/କଟକ,୧୩।୧୨(ସଂଚାର ବ୍ୟୁରୋ): ଭାରତର ସବୁଠାରୁ ବିଶ୍ୱସ୍ତ ଏବଂ ଅଗ୍ରଣୀ ଅଳଙ୍କାର କମ୍ପାନୀ ମଧ୍ୟରୁ ଗୋଟିଏ, କଲ୍ୟାଣ ଜୁଏଲର୍ସ, ଆଜି ଓଡ଼ିଶାର ଭୁବନେଶ୍ୱର ଏବଂ କଟକରେ ଏହାର ସମ୍ପୂର୍ଣ୍ଣ ନୂତନ ଶୋ'ରୁମ୍ ଆରମ୍ଭ କରିଛି। ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏହି ଶୋ'ରୁମ୍ ଉଦଘାଟନ କରିଛନ୍ତି, ଯାହାର ଲକ୍ଷ୍ୟ ଏହି ଅଞ୍ଚଳରେ ବ୍ରାଣ୍ଡର ଉପସ୍ଥିତିକୁ ଆହୁରି ମଜବୁତ କରିବା। ଏହି ଶୋ'ରୁମ୍ କଲ୍ୟାଣ ଜୁଏଲର୍ସର ବିଭିନ୍ନ ଉତ୍କୃଷ୍ଟ ଡିଜାଇନ୍ ପ୍ରଦାନ କରିବ, ଯେଉଁଥିରେ ମୁହୂରତ୍ (ବିବାହ ଅଳଙ୍କାର ଲାଇନ), ମୁଦ୍ରା (ହସ୍ତଶିଳ୍ପ ପ୍ରାଚୀନ ଅଳଙ୍କାର), ନିମା (ମନ୍ଦିର ଅଳଙ୍କାର) ଏବଂ ଆହୁରି ଅନେକ ଲୋକପ୍ରିୟ ଗୃହ ବ୍ରାଣ୍ଡ ଅନ୍ତର୍ଭୁକ୍ତ ରହିଛି।

କଲ୍ୟାଣ ଜୁଏଲର୍ସ ଦ୍ୱାରା ପ୍ରଦାନ କରାଯାଇଥିବା ବିଭିନ୍ନ ସିଗ୍ନେଚର ଅଳଙ୍କାର ଲାଇନରୁ ଡିଜାଇନର ଏକ ବିସ୍ତୃତ ସଂଗ୍ରହ ସହିତ, ନୂତନ ଶୋ'ରୁମ୍ ଏହି ଅଞ୍ଚଳର ଗ୍ରାହକମାନଙ୍କୁ ଏକ ଅଦ୍ଭୁତ ସପିଂ ଅଭିଜ୍ଞତା ପ୍ରଦାନ କରିବାକୁ ପ୍ରସ୍ତୁତ।

ସମାବେଶକୁ ସମ୍ବୋଧିତ କରି ବଲିଉଡ୍ ଅଭିନେତା ଅକ୍ଷୟ କୁମାର କହିଛନ୍ତି, 'କଲ୍ୟାଣ ଜୁଏଲର୍ସର ନୂତନ ଶୋ'ରୁମ୍ ଉଦଘାଟନରେ ଅଂଶୀଦାର ହୋଇ ମୁଁ ପ୍ରକୃତରେ ଆନନ୍ଦିତ। ବିଶ୍ୱାସ, ପାରଦର୍ଶିତା ଏବଂ ଏକ ଦୃଢ଼ ଗ୍ରାହକ-ପ୍ରଥମେ ନିଦର୍ଶନକୁ ନିରନ୍ତର ଭାବରେ ପାଥେୟ କରିଥିବା ଏକ ବ୍ରାଣ୍ଡର ପ୍ରତିନିଧିତ୍ୱ କରିବା ଏକ ସମ୍ମାନର ବିଷୟ। ମୁଁ ନିଶ୍ଚିତ ଯେ ଏହି ସହରର ଗ୍ରାହକମାନେ କଲ୍ୟାଣ ଜୁଏଲର୍ସକୁ ସେମାନଙ୍କର ଶ୍ରଦ୍ଧା ଓ ଆଗ୍ରହ ପ୍ରକାଶ କରିବେ ଏବଂ ବ୍ରାଣ୍ଡର ଅସାଧାରଣ ସେବା ମାନଦଣ୍ଡ ଏବଂ ଏହାର ବିବିଧ ପରିସରର ଉତ୍କୃଷ୍ଟ ଅଳଙ୍କାର ସଂଗ୍ରହକୁ ପ୍ରଶଂସା କରିବେ।'

କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରାମନ କହିଛନ୍ତି, ଓଡ଼ିଶାରେ ଆମର ନୂତନ ଶୋ'ରୁମ୍ ଉଦଘାଟନ ସହିତ ଆମେ ଏକ ବ୍ୟାପକ ସପିଂ ଗନ୍ତବ୍ୟସ୍ଥଳ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯାହା ପ୍ରକୃତରେ ଆମର ଗ୍ରାହକଙ୍କ ବଢୁଥିବା ଆବଶ୍ୟକତାକୁ ପୂରଣ କରିବ। କଲ୍ୟାଣ ଜୁଏଲର୍ସ ଷ୍ଟୋରରେ ବିଭିନ୍ନ ସ୍ୱତନ୍ତ୍ର ଅଫର ଘୋଷଣା କରିଛି, ପ୍ରତି ଗ୍ରାମ ପାଇଁ ଫ୍ଲାଟ୍ ୭୫୦ ଟଙ୍କା ଛାଡ, ପ୍ରତି ଗ୍ରାମ ପାଇଁ ଫ୍ଲାଟ୍ ୧୦୦ ଟଙ୍କା। ପ୍ରିମିୟମ୍ ଏବଂ ଷ୍ଟଡେଡ୍ ଅଳଙ୍କାର ପାଇଁ ମୂଲ୍ୟ ବୃଦ୍ଧି ଉପରେ ପ୍ରତି ଗ୍ରାମ ପ୍ରତି ୧୫୦୦ ଟଙ୍କା ଏବଂ ମନ୍ଦିର ତଥା ପ୍ରାଚୀନ ଅଳଙ୍କାର ପାଇଁ ମୂଲ୍ୟ ବୃଦ୍ଧି ଉପରେ ପ୍ରତି ଗ୍ରାମ ପ୍ରତି ୧୦୦୦ ଟଙ୍କା ରିହାତି ରହିଛି। ବ୍ରାଣ୍ଡର ସ୍ୱତନ୍ତ୍ର ସୁନା ବୋର୍ଡ ହାର, ବଜାରରେ ସର୍ବନିମ୍ନ ଏବଂ ସମସ୍ତ ଶୋ'ରୁମ୍ରେ ସମାନ, ସୀମିତ ଅବଧି ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ।

## ଟି-୨୦ ବିଶ୍ୱକପକୁ ନେଇ ବଡ଼ ସୂଚନା ଦେଲେ ଜିଓ ଷ୍ଟାର-ଆଇସିସି

ନୂଆଦିଲ୍ଲୀ, ୧୩।୧୨: ଆଗାମୀ ଟି-୨୦ ବିଶ୍ୱକପ୍ କିଭଳି ଦେଖିହେବ ସେନେଇ ଚିନ୍ତା ବଢ଼ିଥିଲା। କ୍ଷତି ହେଉଛି ବୋଲି କହି ଜିଓ ଷ୍ଟାର ୨୦୨୬ ଟି-୨୦ ବିଶ୍ୱକପ୍ ପ୍ରସାରଣ କରିବ ନାହିଁ ବୋଲି ମନା କରିଥିଲା। ଏମିତିକି ଆଇସିସି ଅନ୍ୟ ବ୍ରଡକାଷ୍ଟରଙ୍କ ସହ ସଂପର୍କ କରିଥିବା ନେଇ ମଧ୍ୟ ଖବର ମିଳିଥିଲା। କିନ୍ତୁ ଆଇସିସି ଏବେ ଏଭଳି ରିପୋର୍ଟକୁ ଖଣ୍ଡନ କରିଛି। ଏହାର ଅର୍ଥ, କ୍ରିକେଟ ପ୍ରେମୀଙ୍କୁ ଆଉ ବ୍ୟସ୍ତ ହେବାର ନାହିଁ। ଟି-୨୦ ବିଶ୍ୱକପ୍-୨୦୨୬କୁ ଆପଣମାନେ ଜିଓ ଷ୍ଟାରରେ ଦେଖିପାରିବେ।

ଆଇସିସି ଏବଂ ଜିଓ ଷ୍ଟାର ଏକ ମିଳିତ ବିବୃତ୍ତି ଜାରି କରି କହିଛନ୍ତି ଯେ, ଦୁଇ ପକ୍ଷଙ୍କ ମଧ୍ୟରେ ପ୍ରସାରଣ ଚୁକ୍ତି ସମାପ୍ତ ହୋଇନାହିଁ ଏବଂ ଜିଓ ଷ୍ଟାର ଭାରତରେ ଆଇସିସିର ସରକାରୀ ମିଡିଆ ପାର୍ଟନର ଭାବରେ ରହିଛି। ଚୁକ୍ତି ସମାପ୍ତ ହୋଇଥିବା ନେଇ ସବୁ ରିପୋର୍ଟ ମିଛ। ସେହିଭଳି ଚୁକ୍ତିନାମା ଅନୁସାରେ, ସବୁ ସର୍ତ୍ତ ପୂରଣ କରିବ ଜିଓ ଷ୍ଟାର। ଆଇସିସିର ଆଗାମୀ ଇଭେଣ୍ଟଗୁଡ଼ିକର ମଧ୍ୟ ଜିଓ ଷ୍ଟାର ପ୍ରସାରଣ କରିବ। ଜିଓ ଷ୍ଟାର-ଆଇସିସି ମଧ୍ୟରେ ୨୦୨୭ ଯାଏଁ ଚୁକ୍ତି ହୋଇଥିବା ଜଣାପଡ଼ିଛି। ନିକଟରେ ଖବର ପ୍ରକାଶ ପାଇଥିଲା ଯେ, ଆର୍ଥିକ କ୍ଷତି ଯୋଗୁଁ JioStar T20




ବିଶ୍ୱକପ୍ ୨୦୨୬ ଏବଂ ପରବର୍ତ୍ତୀ ଟୁର୍ଣ୍ଣାମେଣ୍ଟଗୁଡ଼ିକର ପ୍ରସାରଣ କରିବାକୁ ମନା କରିଦେଇଛି। ଜିଓ ଷ୍ଟାର କୋଟି କୋଟି ଟଙ୍କାର କ୍ଷତି ସହିଛି ବୋଲି ରିପୋର୍ଟ ଆସିଥିଲା। ଏପରିକି ଆଇସିସି ଟି-୨୦ ବିଶ୍ୱକପ୍ ୨୦୨୬ ପାଇଁ ଏକ ନୂତନ ମିଡିଆ ପାର୍ଟନର ଖୋଜିବା ଆରମ୍ଭ କରିଛି ଏବଂ ୨.୪ ବିଲିୟନ ଡଲାର ଦାବି କରିଛି। ସୋନି ସ୍ପୋର୍ଟସ୍ ନେଟୱାର୍କ, ନେଟଫ୍ଲିକ୍ସ ଏବଂ ଆମାଜନ ପ୍ରାଇମ୍ ଭିଡିଓ ଉଚ୍ଚ ମୂଲ୍ୟ ଯୋଗୁଁ ଇଭେଣ୍ଟର ପ୍ରସାରଣ କରିବାକୁ ମନା କରିଦେଇଛନ୍ତି। କିନ୍ତୁ, ଏହି ରିପୋର୍ଟଗୁଡ଼ିକ ମିଥ୍ୟା ବୋଲି ଜଣାପଡ଼ିଛି।

## ନିର୍ବାଚକ ସ୍ୱାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୧୩।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟର ଭୋଟର ବା ନିର୍ବାଚକ ସ୍ୱାକ୍ଷରତା କ୍ଲବ୍ ର ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଭୋଟର ବା ନିର୍ବାଚକ ସ୍ୱାକ୍ଷରତା ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ଅବସରରେ ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୧୮ ବର୍ଷ ପୂରଣ ହୋଇ ସାରିଥିବା ଓ ନିକଟ ଭବିଷ୍ୟତରେ ୧୮ ବର୍ଷ ପୂରଣ ନେବାକୁ ଯାଉଥିବା ସମ୍ଭାବ୍ୟ ଭୋଟର ବା ଛାତ୍ର ଛାତ୍ରୀମାନେ ନିଜ ନିଜର ଭୋଟ ଗ୍ରହଣ କେନ୍ଦ୍ରର ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ସବିଶେଷ ତାଲିମ ପ୍ରଦାନ କରିବା ସହିତ ସଚେତନ କରାଯାଇଥିଲା। ଏହି ଭୋଟର ବା ନିର୍ବାଚକ ଭୋଟର କ୍ଲବ୍ ର ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ।

# ଲଟା ବୁଦା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ

### ଦୁର୍ଘଟଣା ହେବା ନେଇ ଆଶଙ୍କା



**କଳାହାଣ୍ଡି,୧୩।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କଦଳୀମୁଣ୍ଡା- ମାନଝରୀ ଆରଡ଼ି ରାସ୍ତା ଉଭୟ ପାର୍ଶ୍ୱରେ ବିଭିନ୍ନ ପ୍ରକାର ଅନାବନା ଲତା ବୁଦା ଉଠିବା ସହ ରାସ୍ତା ପଟକୁ ଢଳିବା ହେତୁ ରାସ୍ତା ସଂକୀର୍ଣ୍ଣ ଦେଖାଯାଉଛି। ଏହି ରାସ୍ତା ବିଜୁ ଏକ୍ସପ୍ରେସ ଫୋର୍ ୱେ କଦଳୀମୁଣ୍ଡା ଛକରୁ ବାହାରି ଗ୍ରୀଣ୍ଡୋଲ, କାନ୍ଦୁଲଡଙ୍ଗରି ଦେଇ ମାନଝରି ପର୍ଯ୍ୟନ୍ତ ସଂଯୋଗ ରହିଛି। ଅଧିକାଂଶ ଲୋକ ଗ୍ରୀଣ୍ଡୋଲ ଦେଇ ଧର୍ମଗଡ଼ କୁ ଯିବା ଆସିବା ପାଇଁ ନିର୍ଭର କରିଥାନ୍ତି। ମାନଝରି ରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ରହିଛି। ଫଳରେ ଗ୍ରୀଣ୍ଡୋଲ୍, କାନ୍ଦୁଲଡ଼ଙ୍ଗରି, ଡୁଡୁକେଲ ଗ୍ରାମର ଜନସାଧାରଣ ଦୈନିକ ନିଜ କାର୍ଯ୍ୟ କଳାପ ପାଇଁ ଯାତାୟାତ କରିଥାନ୍ତି। ସେହିପରି ମାନଝରୀ ରେ ଉଚ୍ଚ ବିଦ୍ୟାଳୟ ଥିବା ହେତୁ ଛାତ୍ର ଛାତ୍ରୀ ମାନେ ଦୈନନ୍ଦିନ ପାଠ ପଢ଼ିବା ପାଇଁ ଯିବାଆସିବା କରନ୍ତି। ଅନ୍ୟ ପକ୍ଷରେ ମଙ୍ଗଳବାର ଦିନ ମାନଝରୀ ରେ ସାପ୍ତାହିକ ବଜାର ବସୁଥିବାରୁ ଶହ ଶହ ଲୋକ ସଉଦା କିଣିବା ପାଇଁ ଯାଇଥାନ୍ତି। ଏହି ରାସ୍ତାରେ ଅନେକ ଜାଗାରେ ବୁଲାଣି ରହିଥିବା ବେଳେ ଅନାବନା ବୁଦା ଥିବା ଯୋଗୁଁ ଗୋଟିଏ ପଟରୁ ଯାଉଥିବା ଗାଡ଼ି ମଟର ଚାଳକ ମାନେ ବିପରୀତ ଦିଗରୁ ଆସୁଥିବା ଗାଡ଼ି କୁ ଦେଖା ଯାଉ ନ ଥିବା ପ୍ରକାଶ କରିଛନ୍ତି। ଯାହା ଫଳରେ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଏଥିପ୍ରତି ପ୍ରଶାସନ ସଜାଗ ହୋଇ ହସ୍ତକ୍ଷେପ କରି ଉଭୟ ପାର୍ଶ୍ୱରେ ଉଠିଥିବା ଅନାବନା ଲତା ବୁଦା କୁ ସଫା ସୁତୁରା କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।

## ବାର୍ଷିକ ଶିଶୁ ଉତ୍ସବ ଉଦ୍‌ଯାପିତ

**ନୀଳଗିରି,୧୩।୧୨ (ସଂଚାର ବ୍ୟୁରୋ):** ତରତରୀ ବାଳିକା ବିଦ୍ୟାନିକେତନ ସ୍କୁଲ ରେ ବାର୍ଷିକ ଶିଶୁ ଉତ୍ସବ ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଯଶୋଦା ନାୟକ ଅନୁଷ୍ଠାନିକ ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ତାଙ୍କ ଅଭିଭାଷଣରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ, ତେଣୁ ପାଠ ପଢ଼ିବା ସହିତ ବାହ୍ୟ ଜଗତର ଭଲ ମନ୍ଦ ବିଚାର ଧାରା ସହିତ ବିଭିନ୍ନ ପ୍ରକାର ସାଂସ୍କୃତିକ, ତଥା କୁଇଜ ପ୍ରତିଯୋଗିତାରେ ଭାଗନେଇ ନିଜକୁ ପାରଦର୍ଶୀତା ଲାଭ ଦ୍ୱାରା ଭବିଷ୍ୟତ ଉଜ୍ଜ୍ୱଳମୟ ହେବା ସହିତ ବାଧାବିଘ୍ନ ଆସିଲେ ସାମ୍ନା କରିବାର ସାହସ ଜୁଟାଇ ଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ପୂର୍ବତନ ସରପଞ୍ଚ ରଘୁନାଥସିଂ, ସମ୍ମାନିୟ ଅତିଥି ଭାବେ ଲକ୍ଷ୍ମୀଧର ମାଝୀ, ବିଜୟ ବେହେରା, ନିତ୍ୟାନନ୍ଦ ବେହେରା, ମଧୁସ୍ମିତା ପରିଡ଼ା, ନନ୍ଦକିଶୋର ବେହେରା ମଞ୍ଚାସିନ ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ୨୭ କୃତି ପ୍ରତିଯୋଗୀ ଏବଂ ଗୀତ ଶ୍ଳୋକ ଆବୃତ୍ତିରେ ୧୯ ପ୍ରତିଯୋଗୀଙ୍କୁ ପ୍ରଧାନ ଶିକ୍ଷକ ମାନପତ୍ର ଓ ଉପାଦେୟ ପୁସ୍ତକ ଓ ଗୀତା ବହି ଦେଇ ପୁରସ୍କୃତ କରିଥିଲେ।

## ନୟାଗଡ଼ ସହରରେ 'ଖତ' ବିକ୍ରୟର ଶୁଭାରମ୍ଭ: ମାତ୍ର ୧୦ଟଙ୍କାରେ ଏକ କେଜି ଖତ

**ନୟାଗଡ଼,୧୩।୧୨(ସଂଚାର ବ୍ୟୁରୋ):** ନୟାଗଡ଼ ଦୁର୍ଗାମଣ୍ଡପ ଠାରେ ଚଳିତ ବର୍ଷର ଉତ୍ପାଦିତ ' ଖତ' ବିକ୍ରୟର ଶୁଭାରମ୍ଭ କରଯାଇଛି। ଦୁର୍ଗା ମଣ୍ଡପ ଠାରେ ସ୍ୱତନ୍ତ୍ର ଏକ ଷ୍ଟଲ୍ କରାଯାଇ ଗ୍ରାହାକ ମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଖତ ବିକ୍ରୟ କେନ୍ଦ୍ରର ଉଦ୍‌ଘାଟନ କରଯାଇଛି। ପୌର ପରିଷଦ ପୌରଧ୍ୟକ୍ଷା ନିରୂପମା ଖଟେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖତ ବିକ୍ରୟ କେନ୍ଦ୍ରର ଉଦ୍‌ଘାନ କରିଥିଲେ। ଏହି କାର୍ଯ୍ୟକ୍ରମର କାଉନସିଲର ସ୍ୱୟଂପ୍ରଭା ମିଶ୍ର, ଲକ୍ଷ୍ମୀଧର ମହାପାତ୍ର, ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ପରିମଳ ବିଶେଷଜ୍ଞ ଦୀପକ କୁମାର ନନ୍ଦନା ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଖତ ବିକ୍ରୟ କେନ୍ଦ୍ରଟି ଛୁଟି ଦିନକୁ ବାଦ୍ ଦେଇ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟା ସମୟରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜୈବିକ ଖତ ଉକ୍ତ କେନ୍ଦ୍ରରେ ବିକ୍ରୟ କରାଯିବ। ଏହି ଖତରେ କୌଣସି ପିଡ଼ିଆ ସାର୍ ମିଶ୍ରଣ କରାଯାଉ ନାହିଁ। ଯାହାଫଳରେ ଗ୍ରାହକ ମାନେ ସେଠାରୁ ଜୈବିକ ଖତ କ୍ରୟ କରି ବଗିଚା ବା କୃଷି କ୍ଷେତ୍ର ପାଇଁ ବେଶ୍ ଉପଯୋଗୀ। ଜୈବିକ ଖତ ଏକ କିଲୋ ପ୍ରତି ମାତ୍ର ୧୦ଟଙ୍କା ଧାର୍ଯ୍ୟ କରାଯାଇଛି। ଉଦ୍‌ଘାଟନୀ ଦିବସରେ ୨ଶହ କେଜିରୁ ଉର୍ଦ୍ଧ୍ୱ ଖତ ବିକ୍ରୟ ହୋଇଥିବା ନେଇ ପୌର ପରିଷଦ ପକ୍ଷରୁ ସୂଚନା ମିଳିଛି।

## ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ପ୍ରଶିକ୍ଷଣ ତଥା ସଚେତନତା



**ସୁନ୍ଦରଗଡ଼,୧୩।୧୨(ସଂଚାର ବ୍ୟୁରୋ):** ଚଳିତ ମାସ ୧୫ ତାରିଖରୁ ବଣାଇ ଉପଖଣ୍ଡ ଏବଂ ୨୦ ତାରିଖରୁ ସୁନ୍ଦରଗଡ଼ ଏବଂ ପାନପୋଷ ଉପଖଣ୍ଡରେ ଚଳିତ ଖରିଫ ଋତୁ ଧାନ ସଂଗ୍ରହ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ ପ୍ରଶିକ୍ଷଣ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା କିଭଳି ଭାବେ ସୁରୁଖୁରୁରେ ସମ୍ପାଦନ କରାଯିବ ତାହା ଉପରେ ଆଲୋଚନା କରାଯାଇଥିଲା ଏବଂ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଫଏକ୍ୟୁ ଧାନ ସଂଗ୍ରହ ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ଧାନର ମାନ କିଭଳି ନିର୍ଧାରଣ କରାଯିବ ତାହା ଉପରେ ବିଶେଷଜ୍ଞଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଧାନକୁ ଭଲ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା ଆଦିକୁ ଭଲ ଭାବରେ ସଫା କରି ଧାନ ସଂଗ୍ରହ କେନ୍ଦ୍ରକୁ ଆଣିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପ୍ରଶିକ୍ଷଣରେ ମୁଖ୍ୟ ଯୋଗାଣ ଅଧିକାରୀ ଅଜୟ କୁମାର ରଥ, ଡିଆରସିଏସ ରଶ୍ମିଲତା ବେହେରା, ଜିଲ୍ଲା ଯୋଗାଣ ଅଧିକାରୀ, ସମସ୍ତ ଅତିରିକ୍ତ ଯୋଗାଣ ଅଧିକାରୀ, ସମସ୍ତ ଏଆରସିଏସ, ସମସ୍ତ ଯୋଗାଣ ନିରୀକ୍ଷକ, ସମସ୍ତ ଆରଏମସି ସମ୍ପାଦକ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ସୂଚନା ଓ ଲୋକସମ୍ପର୍କ ବିଭାଗର ଉତ୍ତରାଞ୍ଚଳ ଉପନିର୍ଦ୍ଦେଶିକାଙ୍କ ସୁନ୍ଦରଗଡ଼ ଗସ୍ତ



**ସୁନ୍ଦରଗଡ଼,୧୩।୧୨(ସଂଚାର ବ୍ୟୁରୋ):** ସୂଚନା ଓ ଲୋକସମ୍ପର୍କ ବିଭାଗର ଉତ୍ତରାଞ୍ଚଳର ଉପ ନିର୍ଦ୍ଦେଶିକା କଲ୍ୟାଣୀ ଦାଶ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ସେ ସୁନ୍ଦରଗଡ଼ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ଉପ ନିର୍ଦ୍ଦେଶିକା ଦାଶଙ୍କୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ତଥା ସମସ୍ତ କର୍ମଚାରୀ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ। ଉପ ନିର୍ଦ୍ଦେଶିକା ଦାଶ କାର୍ଯ୍ୟାଳୟର ବିଭିନ୍ନ ନଥିପତ୍ର, ରେଜିଷ୍ଟର ଆଦି ତନଖି କରିବା ସହିତ ପ୍ରତ୍ୟେକ କାର୍ଯ୍ୟ ଗୁଡ଼ିକୁ ସମୟ ସୀମା ମଧ୍ୟରେ ସମାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି କାର୍ଯ୍ୟାଳୟରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ସେସବୁର ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ପରେ ପରେ ସେ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ସୁନ୍ଦରଗଡ଼ ସୂଚନା କେନ୍ଦ୍ର ତଥା ପାଠାଗାର ଗସ୍ତ କରି ବିଭିନ୍ନ ନଥିପତ୍ର ଦେଖିବା ସହିତ ଏବଂ ପାଠକ ମାନଙ୍କ ସହିତ ଆଲୋଚନା କରିଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ, ୮୦ ମାମଲାର ଫୈସଲା



**ଦିଗପହଣ୍ଡି,୧୩।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ ଶନିବାର ସ୍ଥାନୀୟ କୋର୍ଟ ପରିସରରେ ୪ ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷା ତଥା ସିଭିଲ କୋର୍ଟ ସିନିୟର ଡିଭିଜନର ମାଜିଷ୍ଟ୍ରେଟ ମହାଶ୍ୱେତା ପରିଜା ବିଦ୍ୟୁତ ବିଭାଗ ଟିପିଏସଓଡିଏଲ ପକ୍ଷରୁ ପଞ୍ଜୀକୃତ ୫୧ ଟି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୬ ଲକ୍ଷ ୫୧ ହଜାର ୨୪୯ ଟଙ୍କା ଆଦାୟ କରାଯାଇଥିବା ବେଳେ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଆଗତ ୨୧ ଟି ଋଣ ସମ୍ପର୍କିତ ମାମଲାର ଫୈସଲା କରାଯାଇ। ୪ ଲକ୍ଷ ୫୨ ହଜାର ୫ ଶହ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ ନିଳିମା ଷଡଙ୍ଗୀ ୮ଟି ଫୌଜଦାରୀ ମାମଲାର ଫୈସଲା କରିଥିଲେ। ସରକାରୀ ଓକିଲ ନକୁଳ ପ୍ରଧାନ, ବିଚାର ବିଭାଗୀୟ କର୍ମଚାରୀ ପ୍ରଦୀପ କୁମାର ଶତପଥି କେ. ନୋକେୟା , କାଳିଆ ନାୟକ, ବିକ୍ରମ ବେହେରାଙ୍କ ସମେତ ବହୁ ଆଇନଜୀବି ଉପସ୍ଥିତ ରହି ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଯୁବୋତ୍ସବ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା



**ବଲାଙ୍ଗିର,୧୩।୧୨(ସଂଚାର ବ୍ୟୁରୋ):** ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଜିଲ୍ଲା ସଂସ୍କୃତି ଭବନ ପରିସର ଠାରେ ଜିଲ୍ଲାସ୍ତରୀୟ ଯୁବୋତ୍ସବ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଗୁଡିକ ଅନୁଷ୍ଠିତ ହୋଇଥିଲା। ଏହି ଜିଲ୍ଲାସ୍ତରୀୟ ଯୁବୋତ୍ସବ ପ୍ରତିଯୋଗୀତାରେ ବଲାଙ୍ଗିର ଜିଲ୍ଲାର ବ୍ଲକ ଓ ପୌରାଞ୍ଚଳରୁ ମନୋନୀତ ବିଭିନ୍ନ ଅନୁଷ୍ଠାନର ପ୍ରତିଯୋଗୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲ୍ଲାପାଳ ଗୌରବ୍ ଶିବାଜୀ ଇସଲୱାର, ପୌରାଧ୍ୟକ୍ଷା ଲିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୁବୋତ୍ସବ ଯୁବପିଢ଼ିଙ୍କ ପାଇଁ ଏକ ଜାତୀୟ ମଞ୍ଚ, ଯେଉଁଥିରେ ସେମାନେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବା, ପରସ୍ପର ଠାରୁ ଶିଖିବା ଏବଂ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ସୁଯୋଗ ପାଇଥାନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ମାଧ୍ୟମରେ ଏହି ମଞ୍ଚ ଯୁବପିଢ଼ିଙ୍କୁ ଏକାଠି କରେ ଏବଂ ସେମାନଙ୍କ ମଧ୍ୟରେ ଦେଶ ପ୍ରେମ ଓ ସଦଭାବନା ଜାଗ୍ରତ କରିବାରେ ସହାୟକ ହୋଇଥାଏ ବୋଲି ଉପସ୍ଥିତ ଅତିଥି ବୃନ୍ଦ ମତ ବ୍ୟକ୍ତ କରିଥିଲେ।

## ରାଜ୍ୟ ସାମ୍ବାଦିକ ସଙ୍ଘର ବାର୍ଷିକ ଉତ୍ସବ





**ବାଲିକୁଦା୧୩।୧୨(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅଧୀନ ଆମ୍ବଶାଳ କଲ୍ୟାଣ ମଣ୍ଡପରେ ଆଜି ରାଜ୍ୟ ସାମ୍ବାଦିକ ସଙ୍ଘ (ଏସୟୁଜେ)ର ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ବାର୍ଷିକ ଉତ୍ସବ ଏବଂ ଆଞ୍ଚଳିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଙ୍ଘ ତରଫରୁ ଏକ ସାଧାରଣ ସଭା କରାଯାଇଥିଲା। ଏହି ସଭାରେ ସଭାପତିତ୍ୱ କରିଥିଲେ ଜଗତସିଂହପୁର ଜିଲ୍ଲା ଏସୟୁଜେ ର ସଭାପତି ପ୍ରଶାନ୍ତ କୁମାର ରାଉତ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା। ମୁଖ୍ୟ ଅତିଥି ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା କୈଳାଶ ଚନ୍ଦ୍ର ନାୟକ ସଭାପତି ରାଜ୍ୟ ସାମ୍ବାଦିକ ସଙ୍ଘ, ବିଶିଷ୍ଟ ଅତିଥି ଭାବେ ପ୍ରଶାନ୍ତ ମୁଦୁଲି ଜିଲ୍ଲା ବିଜେଡି ସଭାପତି, କୀର୍ତ୍ତି ଚନ୍ଦ୍ର ସାହୁ କାର୍ଯ୍ୟକାରୀ ସଭାପତି ଏସୟୁଜେ ଓଡିଶା, ଡ଼କ୍ଟର ଚିନ୍ତାମଣୀ ପାଢ଼ୀ ରାଷ୍ଟ୍ରୀୟ ସାଙ୍ଗଠନିକ ସମ୍ପାଦକ ଏନୟୁଜେ ଇଣ୍ଡିଆ ଯୋଗ ଦେଇ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ

**କଣାସ,୧୩।୧୨ (ସଂଚାର ବ୍ୟୁରୋ):** କଣାସ ବ୍ଲକରେ କଣାସରେ ପ୍ରତିଷ୍ଠିତ ଜେଏମଏଫସି କୋର୍ଟ ପରିସରରେ ଆଜି ୪ର୍ଥ ରଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ବିଚାରପତି ଶ୍ରୀୟା ରିତୁପୂର୍ଣ୍ଣା ସାହୁ ଯୋଗଦେଇ ୧୭ ଗୋଟି ଫୌଜଦାରୀ କେଶର ଫଇସଲା କରିଥିଲେ। ଏଥିରେ ପ୍ୟାନେଲ ଆଇନଜିବ ସୁଶାନ୍ତ କୁମାର ମହାନ୍ତି, କୋର୍ଟ ପେସ୍କାର କୃଷ୍ଣଚନ୍ଦ୍ର ଶତପଥୀ, ନାଜିର ଆଶୁଷ କୁମାର ଭଟାଚାର୍ଯ୍ୟ, ମନୋଜ ପ୍ରଧାନ, ସହ ଆଇନଜିବ ଏ.ପି.ପି ରବିଶଙ୍କର ଜେନା, ବିକ୍ରମ କୁମାର ନାଥ, କଣାସ ବାର ଆସୋସିଏନ ସମ୍ପାଦକ ବିଶ୍ୱନାଥ ବେହେରା, ଉପସଭାପତି ରବୀନ୍ଦ୍ର ରାଉତରାୟ, ବରିଷ୍ଠ ଆଇନଜିବ ଅଶୋକ କୁମାର ପାଣିଗ୍ରାହୀ, ମନୋଜ କୁମାର ମଙ୍ଗରାଜ, ଭଗବାନ ସ୍ୱାଇଁ, ପ୍ରଶାନ୍ତ କୁମାର ବରାଳ, ପ୍ରବୋଧ କୁମାର ତ୍ରୀପାଠୀ, ନରଞ୍ଜନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ଆଳୁ ମିଶନ ଯୋଜନାରେ ଚାଷ ଆରମ୍ଭ



**ଧାମନଗର,୧୩।୧୨ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଓ ଏନ୍ଏସିଅଞ୍ଚଳରେ ଆଳୁ ମିଶନ ଯୋଜନାରେ ଆଳୁ ଚାଷ ଆରମ୍ଭ ହୋଇଛି। ଆଳୁ ଉତ୍ପାଦନ କ୍ଷେତ୍ରରେ ଓଡିଶା ସ୍ୱାବଲମ୍ବୀ ହେବା ସହିତ କିଭଳି ଆଳୁ ପାଇଁ ଆମକୁ ଆଉ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ, ୟୁପି ଭଳି ରାଜ୍ୟ ଉପରେ କିଭଳି ନିର୍ଭର କରିବାକୁ ପଡିବ ନାହିଁ। ସେଥିପାଇଁ ରାଜ୍ୟ ସରକାର ଆଳୁ ମିଶନ କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି। ଆଳୁ ମିଶନ ଯୋଜନା ତୃଣମୂଳସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଧାମନଗର ବ୍ଲକ ଉଦ୍ୟାନ କୃଷି ବିଭାଗ ଉଦ୍ୟମ ଜାରି ରଖିଛନ୍ତି।ଉଦ୍ୟାନ କୃଷି ଭିତ୍ତିକ ଫଳ ଚାଷ, ଆଳୁ, ପନିପରିବା ଓ ମସଲା ଭିତ୍ତିକ ଚାଷ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ପାଇଁ ଉଦ୍ୟାନ କୃଷି ପ୍ରୋସାହନ ଉଦ୍ୟୋଗରେ ଛତୁ ଚାଷରୁ ଜୈବିକ ଚାଷ ଆଦି ୩ ପ୍ରକାରର ଚାଷ ପାଇଁ ଯୋଜନା ରହିଛି। ଏହି ସବୁ ଯୋଜନାରେ ଚାଷ ଅନୁଯାୟୀ ସରକାର ରିହାତି ବ୍ୟବସ୍ଥା ମଧ୍ୟ କରିଛନ୍ତି। ଖରିଫ ଋତୁ ପରେ ଆଳୁ, ମୁଗ, ବିରି ପନିପରିବା ଇତ୍ୟାଦି ଚାଷ କରାଯାଏ। ଚଳିତ ବର୍ଷ ଧାମନଗର ଉଦ୍ୟାନ କୃଷି ବିଭାଗ ପ୍ରାୟ ୫୦ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ସରକାର ଧାର୍ଯ୍ୟ ଲକ୍ଷ୍ୟ ରଖିଛନ୍ତି। ତେବେ ଆଳୁ ଏକ କୁଇଣ୍ଟାଲ ୫୦ କେଜି ବିହନ ଚାଷୀଙ୍କୁ ଯୋଗାଇ ଦିଆଯିବ ଯେଉଁଥି ପାଇଁ ୩ ହଜାର ଟଙ୍କା ଚାଷୀଙ୍କୁ ଦେବାକୁ ପଡ଼ିବ। ପରବର୍ତ୍ତୀ ସମୟରେ ଏହି ଅର୍ଥର ୫୦ ପ୍ରତିଶତ ଉଦ୍ୟାନ କୃଷି କାର୍ଯ୍ୟାଳୟ ଅର୍ଥାତ୍ ୧୫ ଶହ ଟଙ୍କା ରିହାତି ଆକାରରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫେରିବ। ବର୍ତ୍ତମାନ ଆଳୁ ଚାଷ ପାଇଁ ପ୍ରକୃଷ୍ଟ ସମୟ ହୋଇଥିଲେ ହେଁ ଅଦ୍ୟାବିଧି ଟାର୍ଗେଟର ଶୁକ୍ରବାର ସୁଦ୍ଧା ଶତପ୍ରତିଶତ ପୂରଣ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଭୋଟର ସ୍ୱାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୧୩।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ମହାବିଦ୍ୟାଳୟର ଭୋଟର ବା ନିର୍ବାଚକ ସ୍ୱାକ୍ଷରତା କ୍ଲବ୍ ର ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଭୋଟର ବା ନିର୍ବାଚକ ସ୍ୱାକ୍ଷରତା ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ଅବସରରେ ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୧୮ ବର୍ଷ ପୂରଣ ହୋଇ ସାରିଥିବା ଓ ନିକଟ ଭବିଷ୍ୟତରେ ୧୮ ବର୍ଷ ପୂରଣ ନେବାକୁ ଯାଉଥିବା ସମ୍ଭାବ୍ୟ ଭୋଟର ବା ଛାତ୍ର ଛାତ୍ରୀମାନେ ନିଜ ନିଜର ଭୋଟ ଗ୍ରହଣ କେନ୍ଦ୍ରର ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ସବିଶେଷ ତାଲିମ ପ୍ରଦାନ କରିବା ସହିତ ସଚେତନ କରାଯାଇଥିଲା। ଏହି ଭୋଟର ବା ନିର୍ବାଚକ ଭୋଟର କ୍ଲବ୍ ର ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ।

● ଆଜିଠୁ ଆରମ୍ଭ ଫତେଗଡ଼ କ୍ରିକେଟ୍ ମହାକୁମ୍ଭ

## ପ୍ରଥମ ମ୍ୟାଚରେ ମୁହାମୁହିଁ ହେବେ ଉତ୍ତର ପ୍ରଦେଶ ଓ ସାଇ ଇଲେଭେନ୍ ଭୁବନେଶ୍ୱର



**ନୟାଗଡ଼,୧୩।୧୨(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଧୀନ ଫତେଗଡ଼ ଗ୍ରାମପଞ୍ଚାୟତ ନାଳିସାଗର ପଡ଼ିଆରେ ଆଜିଠାରୁ ସର୍ବଭାରତୀୟ ସଦାଶିବ ସ୍ମୃତି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ଆୟୋଜକ ଫତେଗଡ଼ ଯୁବକ ସଙ୍ଘ ତରଫରୁ ସୂଚନା ମିଳିଛି। ଏନେଇ ଫତେଗଡ଼ ଯୁବକ ସଂଘର ସଭାପତି ତଥା ଭାପୁର ପଞ୍ଚାୟତ ସମିତି ଉପାଧକ୍ଷ ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଷ୍ଟାଡିୟମ ସାଜସଜ୍ଜା କାର୍ଯ୍ୟ ଚାଲୁ ରହିଛି।ଚଳିତ ବର୍ଷ ଟୁର୍ଣ୍ଣାମେଣ୍ଟଟି ୧୬ତମ ବର୍ଷରେ ପଦାର୍ପଣ କରିଥିବା ବେଳେ ଏଥିରେ ୮ ଗୋଟି ଟିମ୍ ଭାଗ ନେଉଥିବା ଜଣାପଡ଼ିଛି। ଏହି ଟୁର୍ଣ୍ଣାମେଣ୍ଟରେ ସାଇ ଇଲେଭେନ ଭୁବନେଶ୍ୱର, ୟୁପି.ଟାଇଗର ଉତ୍ତରପ୍ରଦେଶ, ଏମଏମସିସି ସମ୍ବଲପୁର, କଲିକତା, କେସିସି କଳାହାଣ୍ଡି, ମୁମ୍ବାଇ, ଟିସିସି ଭୁବନେଶ୍ୱର ଓ ଆନ୍ଧ୍ରପ୍ରଦେଶ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟାନ ଦଳକୁ ଟ୍ରଫି ସହିତ ଦେଢ଼ ଲକ୍ଷ ଟଙ୍କା ଓ ରନର୍ସ ଦଳକୁ ଟ୍ରଫି ସହିତ ଏକଲକ୍ଷ ଟଙ୍କା ପ୍ରଦାନ କରାଯିବ।ଆଜି ଉଦଘାଟିତ ମ୍ୟାଚରେ ଉତ୍ତରପ୍ରଦେଶ ଟିମ ସହିତ ସାଇଇଲେଭେନ ଭୁବନେଶ୍ୱର କ୍ରିକେଟ ଟିମ ମ୍ୟାଚ ଅନୁଷ୍ଠିତ ହେବ।

## ଜିଲ୍ଲା କ୍ରୀଡ଼ା ସଂଘର ବାର୍ଷିକ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାନ କଲେ ଜିଲ୍ଲାପାଳ ଓ ଏସପି



**ସୁବର୍ଣ୍ଣପୁର,୧୩।୧୨ (ସଂଚାର ବ୍ୟୁରୋ):** ଆଜି ଠାରୁ ଆରମ୍ଭ ହୋଇଥିବା ଦୁଇ ଦିନଆ ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂଘ ର ବାର୍ଷିକ କ୍ରୀଡ଼ା ଉତ୍ସବ କୁ ଉଦ୍ଘାଟନ କଲେ ସୁବର୍ଣ୍ଣପୁର ଜିଲ୍ଲାପାଳ ଓ ଏସପି। ପ୍ରଥମେ ସକାଳ ୭.୩୦ ରେ ମା ସୁରେଶ୍ୱରୀ ମନ୍ଦିର ରେ ପୂଜା ଅର୍ଚ୍ଚନା ପରେ ଜିଲ୍ଲା କ୍ରୀଡ଼ା ସଂଘ ଓ ଖେଳାଳୀ ଙ୍କୁ ନେଇ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଗାନ୍ଧୀ ଷ୍ଟାଡିୟମ୍ ରେ ୧୦.୩୦ ରେ ପହଞ୍ଚିବା ପରେ କ୍ରୀଡା ସଂଘ ସଭାପତି ତଥା ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଏସପି ଶ୍ରୀ ନାରାୟଣ ନାଏକ ମା ସୁରେଶ୍ୱରୀ ଙ୍କ ଠାରେ ପୁଜା ଅର୍ଚ୍ଚନା କରି କ୍ରୀଡା ସଂଘ ର ପତାକା ଉତ୍ତୋଳନ କରି ଶୋଭାଯାତ୍ରା ର ମଶାଲ କୁ ଗାନ୍ଧୀ ପଡ଼ିଆ ରେ ସ୍ଥାପନ କରି ଉତ୍ସବ ଆରଂଭ ଘୋଷଣା କରି ଥିଲେ। ଏବଂ ଖେଳ ୧୧ ଟା ରେ ୮୦୦ ମିଟର ଦୌଡ ପ୍ରତିଯୋଗୀତା କୁ ଶୁଭାରମ୍ଭ କରି ପ୍ରତିଯୋଗିତା କୁ ଉତ୍କଣ୍ଠା ର ସହ ଉପଭୋଗ କରିଥିଲେ। ଓ କୃତୀ ପ୍ରତିଯୋଗୀ ଙ୍କୁ ଜିଲ୍ଲାପାଳ ଓ ଏସପି ପୁରସ୍କୃତ କରିଥିଲେ। ଏହି ଉତ୍ସବ ରେ କ୍ରୀଡା ସଂଘ ଉପ ସଭାପତି ଚିତ୍ତରଞ୍ଜନ ତରାସିଆ ସଭା ପରିଚାଳନା କରି ଅତିଥି ଙ୍କୁ ସ୍ୱାଗତ କରିଥିଲେ। ଏହି ଉତ୍ସବ ରେ ଜିଲ୍ଲା କ୍ରୀଡ଼ା ଅଧିକାରି ଚିତ୍ତ ରଞ୍ଜନ ମିଶ୍ର, ସଂଘ ଉପଦେଷ୍ଟା କଇରୁ ସ୍ୱାଇଁ, ପୌର ଉପାଧ୍ୟକ୍ଷା ମଲ୍ଲିକା ଦାନି, ସଂଘ ର ବରିଷ୍ଠ ସଦସ୍ୟ ଗଣେଶ ରାମ୍ ମେହେର, ଦିଗମ୍ବର ଶତପଥୀ, ମନୋରଞ୍ଜନ ତ୍ରୀପାଠୀ, ସହ ସମ୍ପାଦକ ତଥା ଆଇନଜୀବୀ ନନ୍ଦ କିଶୋର ତ୍ରୀପାଠୀ, କାର୍ଯ୍ୟକାରିଣୀ ସଦସ୍ୟ ବି.ସତ୍ୟ ନାରାୟଣ ରାଓ, , କମଳାକାନ୍ତ ସାହୁ, କ୍ରୀଡ଼ା ସଂଘ କୋଷାଧ୍ୟକ୍ଷ ସୁବାଷ ବିଶ୍ୱାଳ, କୋଚ କଲିମ୍ ମହମ୍ମଦ, ବିକାଶ ପଣ୍ଡା, ପ୍ରମୁଖ ଉପସ୍ଥିତ ଥିବା ବେଳେ ଶେଷରେ ବିକାଶ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶେଷ ପାଇଁ ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର,୧୩।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପାଇଁ ଦ୍ୱିତୀୟ ଓ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଡ଼. ନୃପରାଜ ସାହୁ ସଭାପତିତ୍ୱ କରିଥିଲେ ଓ ଆସନ୍ତା ୧୪ ଓ ୧୫ ଡିସେମ୍ବରରେ ସୁବର୍ଣ୍ଣପୁର ରୟାଲ ପଡ଼ିଆରେ ହେବାକୁଥିବା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସମ୍ପର୍କରେ ସମଗ୍ର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି। ଏହି ସମୟରେ ଜିଲ୍ଲା ମୁଖ୍ୟ ପ୍ରାଣିଧନଚିକିତ୍ସା ଅଧିକାରୀ, ସୁବର୍ଣ୍ଣପୁର ଡ଼. ରଞ୍ଜନ କୁମାର ଦାସ ବିଭିନ୍ନ ବ୍ୟବସ୍ଥା, ସୁରକ୍ଷା, ପ୍ରଦର୍ଶନୀ ତଥା ଚାଷୀ ଅଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। ବୈଠକରେ ଜିଲ୍ଲା ମତ୍ସ୍ୟପାଳନ ଅଧିକାରୀ, ସୁବର୍ଣ୍ଣପୁର, ବିଜୟ କୁମାର ସାହୁ, ଏଡିଏଚ, ସୁବର୍ଣ୍ଣପୁର, ହୃଷିକେଶ ଦାଶ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ, ବିଶ୍ୱରଞ୍ଜନ ପଟ୍ଟନାୟକ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ସୁବର୍ଣ୍ଣପୁର, ଭାବେନ୍ଦ୍ର ନାଥ ଦେ ସହିତ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ମେଳାକୁ ଠିକ ଭାବରେ ଆୟୋଜନ କରିବା ପାଇଁ ଆବଶ୍ୟକ କାର୍ଯ୍ୟକଳାପ କୁ ଆଲୋଚନା କରାଯାଇଛି।

## ଜିଲ୍ଲା କଂଗ୍ରେସର ଅନୁସୂଚିତ ଜାତିର ସଭାପତି ହେଲେ ଲକ୍ଷ୍ମୀଧର



**ଜଗତସିଂହପୁର,୧୩।୧୨ (ସଂଚାର ବ୍ୟୁର):** ଆଜି ପ୍ରଦେଶ କଂଗ୍ରେସ କମିଟି ସୁପାରିଶ କ୍ରମେ ଲକ୍ଷ୍ମୀଧର ମଲ୍ଲିକଙ୍କୁ ଅନୁସୂଚିତ ଜାତିର ଜଗତସିଂହପୁର ଜିଲ୍ଲା ସଭାପତି ରୂପେ ମନୋନୀତ କରାଯାଇଛି। ଲକ୍ଷ୍ମୀଧର ମଲ୍ଲିକ ଛାତ୍ର ଜୀବନରୁ କଂଗ୍ରେସ ସହ ଜଡିତ ହୋଇ ଅନେକ ପଦପଦବୀରେ ରହିବା ସହ ସମିତି ସଭ୍ୟ ମଧ୍ୟ ହୋଇଥିଲା। ଶ୍ରୀ ମଲ୍ଲିକ ବାଲିକୁଦା ବ୍ଲକର ଗରାମ ଗ୍ରାମ ପଞ୍ଚାୟତର କଂଗ୍ରେସ ସମର୍ଥିତ ସରପଞ୍ଚ ମଧ୍ୟ ଅଛନ୍ତି। ସଭାପତି ଘୋଷଣା ହେବା ପରଠୁ ସାରା ଜିଲ୍ଲାରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଦାରିଙ୍ଗବାଡ଼ିକୁ ଛୁଟିଲେଣି ପର୍ଯ୍ୟଟକ, ଘାଟି ରାସ୍ତା ନିର୍ମାଣ ପାଇଁ ଦାବି



**ସୋରଡ଼ା,୧୩।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିକୁ ଛୁଟିଲେଣି ପର୍ଯ୍ୟଟକ। ଶୀତର ମଜା ନେଇ ପ୍ରକୃତିର ମନୋରମ ଦୃଶ୍ୟ ଉପଭୋଗ କରିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଛନ୍ତି ପର୍ଯ୍ୟଟକ। ଏଠାକୁ ଯିବାକୁ ହେଲେ ସୋରଡ଼ା ଆସି ଗାଜଲବାଡ଼ି ଦେଇ ଦାରିଙ୍ଗବାଡି ଯିବାକୁ ପଡ଼େ। ୪୭ କିମି ରାସ୍ତାରୁ ପ୍ରାୟ ୨୫ କିମି ଅଣଓସାରିଆ ରାସ୍ତାରେ ଅଙ୍କାବଙ୍କା ଘାଟିରେ ବିପଦପୂର୍ଣ୍ଣ ଆବସ୍ଥାରେ ଯିବାକୁ ପଡେ। ତେବେ ଗାଜଲବାଡି ଠାରୁ ଉକ୍ତ ଘାଟି ସମ୍ପ୍ରସାରଣ ପାଇଁ କେନ୍ଦ୍ରରୁ ଅର୍ଥ ବରାଦ ହୋଇଥିଲେ ମଧ୍ୟ କାର୍ଯ୍ୟ ବିଳମ୍ବକୁ ନେଇ ଅସନ୍ତୋଷ ବଢ଼ିଛି। ଆସନ୍ତା ୧୭ରେ ୫୯ନଂ ରାଜପଥ ଅବରୋଧ କରି ବିଜେଡି ବିକ୍ଷୋଭ କରିବା ପାଇଁ ସଜବାଜ ହେଉଛି। ଏନେଇ ପ୍ରେସମିଟରେ ବିଧାନସଭାର ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନ ସୂଚନା ଦେଇଛନ୍ତି। ମୁଖ୍ୟ କଥା ହେଲା ସୋରଡ଼ାରୁ ଦାରିଙ୍ଗବାଡି ୪୭ କିମି ମଧ୍ୟରୁ କେବଳ ୨୦ କିମି ପିପଲ ପଙ୍କା ପର୍ଯ୍ୟନ୍ତ ସୁଦୃଢ଼ ରାସ୍ତା ନିର୍ମାଣ ହୋଇଛି। ଅବଶିଷ୍ଟ ୨୫ ରୁ ୨୭ କିମି ଘାଟି ରାସ୍ତାକୁ ଦୁଇ ଥାକିଆ କରାଗଲେ ଦୁର୍ଘଟଣାକୁ ଏଡାଇ ହବ ବୋଲି କୁହାଯାଇଛି। ପ୍ରତିଦିନ ଏହି ରାସ୍ତାରେ ଭିଡ ରହୁଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି ହେଉଛି।




# ଶୀତଦିନେ ବଢ଼େ କୋଲେଷ୍ଟ୍ରଲ୍ ସ୍ତର



ଶୀତ ଋତୁରେ ଲୋକମାନଙ୍କ ସ୍ୱାସ୍ଥ୍ୟରେ ଅନେକ ପରିବର୍ତ୍ତନ ହୁଏ, ଯାହା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର ଆଶଙ୍କାକୁ ବୃଦ୍ଧି କରାଏ। ଏଥିମଧ୍ୟରୁ ଗୋଟିଏ ହେଉଛି କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି, ଯାହା ହୃଦୟ ସ୍ୱାସ୍ଥ୍ୟ ପାଇଁ ଚିନ୍ତାର କାରଣ ହୋଇପାରେ। ତେବେ ଆସନ୍ତୁ ପ୍ରଥମେ ଶୀତ ଋତୁରେ କୋଲେଷ୍ଟ୍ରଲ୍ ବୃଦ୍ଧି ହେବାର ଲକ୍ଷଣଗୁଡ଼ିକ ଜାଣିବା।

ଶୀତ ଋତୁରେ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି ପାଇଲେ ଶରୀର ଅନେକ ସଙ୍କେତ ଦିଏ। ଥକ୍କାପଣ, ଛାତି ଭାରୀ ଅନୁଭବ, ଆଳସ୍ୟ ବୃଦ୍ଧି ଏବଂ ନିଶ୍ୱାସ ନେବାରେ ସମସ୍ୟା ଦେଖାଯାଉଥିଲେ ସାବଧାନ ହୋଇଯାଆନ୍ତୁ। ଅନେକ ଲୋକ ବ୍ୟାୟାମ କିମ୍ବା ଅଳ୍ପ ପରିଶ୍ରମ ପରେ ଶୀଘ୍ର ଥକି ଯାଆନ୍ତି। ଅନେକ ସମୟରେ ଗୋଡରେ ଯନ୍ତ୍ରଣା, ବେକ କିମ୍ବା କାନ୍ଧ ଦରଜ ଏବଂ ମୁଣ୍ଡ ଭାରି ଅନୁଭବ ଭଳି ଲକ୍ଷଣ ସୂଚାଇ ଦିଏ ଯେ, ଶରୀରରେ ଚର୍ବି ଏବଂ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି ପାଉଛି। ଏବଂ ଏହାକୁ ତୁରନ୍ତ ନିୟନ୍ତ୍ରଣ କରିବା ଜରୁରୀ। ତେବେ ଶୀତ ଋତୁରେ ଏହି ବିପଦ କାହିଁକି ବୃଦ୍ଧି ପାଏ।

ଶୀତଦିନେ ହାଇ କୋଲେଷ୍ଟ୍ରଲର ବିପଦ ଅନେକ କାରଣରୁ ବୃଦ୍ଧି ପାଏ। ଥଣ୍ଡାରେ ଶରୀର ଶକ୍ତି ସଂରକ୍ଷଣ କରିବାକୁ ଚେଷ୍ଟା କରେ, ଯାହା ମେଟାବୋଲିଜିମ୍ କୁ ଧୀର କରିଦିଏ ଏବଂ ଫ୍ୟାଟ୍ ବର୍ଣ୍ଣିଂକୁ କମ କରେ। ଏହା ବ୍ୟତୀତ ଥଣ୍ଡା ପାଗରେ ଲୋକମାନେ ଧିର ହୋଇଯାଆନ୍ତି। କମ୍ ବ୍ୟାୟାମ କରନ୍ତି ଯାହା ଫଳରେ ଶରୀରରେ ଚର୍ବି ଜମା ହୁଏ। ଶୀତଦିନେ ଲୋକମାନେ ତେଲିଆ ଯୁକ୍ତ ଖାଦ୍ୟ ଏବଂ ମିଠା ଭଳି ହାଇ କ୍ୟାଲୋରି ଖାଦ୍ୟ ଅଧିକ ଗ୍ରହଣ କରନ୍ତି, ଯାହା କୋଲେଷ୍ଟ୍ରଲ ସ୍ତରକୁ ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ବ୍ୟତୀତ ଥଣ୍ଡା ପାଗ ମଧ୍ୟ ହରମୋନ ପରିବର୍ତ୍ତନର ମୁଖ୍ୟ କାରଣ ହୁଏ ଯାହା ଯକୃତରେ କୋଲେଷ୍ଟ୍ରଲ ଗଠନ ପ୍ରକ୍ରିୟାକୁ ବଢ଼ାଇପାରେ। ସୂର୍ଯ୍ୟକିରଣର ଅଭାବ ଭିଟାମିନ୍ ଡି ହ୍ରାସ କରେ, ଯାହା କୋଲେଷ୍ଟ୍ରଲ ସନ୍ତୁଳନକୁ ପ୍ରଭାବିତ କରେ।

ଶୀତଦିନେ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖିବା ପାଇଁ ହାଲୁକା, ପୁଷ୍ଟିକର ଏବଂ ଫାଇବରଯୁକ୍ତ ଖାଦ୍ୟ ଖାଇବା ଜରୁରୀ। ଆପଣଙ୍କ ଖାଦ୍ୟରେ ଓଟ୍ସ, ଦଲିଆ ଏବଂ ମଲ୍ଟିଗ୍ରେନ୍ ଶସ୍ୟ ସାମିଲ କରନ୍ତୁ, କାରଣ ଏହା ଖରାପ କୋଲେଷ୍ଟ୍ରଲକୁ କମ କରିବାରେ ସାହାଯ୍ୟ କରେ। ବାଦାମ ଏବଂ ଅଖରୋଟ୍ ଭଳି ଡ୍ରାଏଫ୍ରୁଟ୍ସରେ ହେଲଦି ଫ୍ୟାଟ୍ ଥାଏ, ଯାହା ହୃଦୟ ସ୍ୱାସ୍ଥ୍ୟକୁ ମଜବୁତ କରେ। ଅଳସୀ, ଚିଆ ସିଡ୍ସ ଏବଂ କଖାରୁ ମଞ୍ଜିରେ ଓମେଗା-3 ଭରପୂର ଥାଏ, ଯାହା ହୃଦୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ସବୁଜ ପନିପରିବା ଏବଂ ଫଳ ଶରୀରକୁ ଆଣ୍ଟିଅକ୍ସିଡାଣ୍ଟ ପ୍ରଦାନ କରେ ଯାହା ଦ୍ୱାରା ଲିଭର ହେଲଦି ରୁହେ। ସ୍ୱାସ୍ଥ୍ୟ ପାଇଁ ସୋରିଷ ତେଲ ବ୍ୟବହାର ଭଲ ହେବ। ଏହା ବ୍ୟତୀତ ପ୍ରତିଦିନ ଅତି କମରେ ୩୦ ମିନିଟ୍ ପାଇଁ ଚାଲନ୍ତୁ କିମ୍ବା ବ୍ୟାୟାମ କରନ୍ତୁ। ଆପଣଙ୍କର ମେଟାବୋଲିଜିମକୁ ସକ୍ରିୟ ରଖିବା ପାଇଁ ପ୍ରଚୁର ପାଣି ପିଅନ୍ତୁ। ତେଲିଆ ଯୁକ୍ତ ଖାଦ୍ୟ ଏବଂ ମିଠା କମ୍ ଖାଆନ୍ତୁ। ନିୟମିତ ଭାବରେ ଆପଣଙ୍କର କୋଲେଷ୍ଟ୍ରଲ୍ ସ୍ତର ଯାଞ୍ଚ କରନ୍ତୁ। ଏହା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ସବୁବେଳେ ଠିକ୍ ରହିବ।

## ରାତ୍ରିଭୋଜନ ବିଳମ୍ବରେ କରୁଛନ୍ତି କି ?

**ବିଭିନ୍ନ କାର୍ଯ୍ୟବ୍ୟସ୍ତତା ସହ ପରିବାର ସଦସ୍ୟ ଓ ପିଲାଙ୍କ ଖାଇବା ପରେ ଅଧିକାଂଶ ମହିଳା ରାତ୍ରିଭୋଜନ ବିଳମ୍ବରେ କରିଥା'ନ୍ତି। ହେଲେ ନିଜ ଖାଦ୍ୟ ପ୍ରତି ଅବହେଳା କରିବସିବା ଯେ ଅପରପକ୍ଷେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ ସେ ଦିଗରେ ସେମାନେ ଯତ୍ନଶୀଳ ନ ଥାନ୍ତି । ଯଦି ଆପଣଙ୍କର ବି ରାତ୍ରିଭୋଜନ ବିଳମ୍ବରେ କରିବାର ଅଭ୍ୟାସ ରହିଛି ତେବେ କେତୋଟି କଥା ନିହାତି ଜାଣିରଖନ୍ତୁ...**

ମେଦବହୁଳତା: ଡେରିରେ ଖାଇବା ଦ୍ୱାରା ଖାଦ୍ୟ ହଜମ ନ ହୋଇ ପାରିବା କାରଣରୁ ଅନେକଙ୍କଠାରେ ମେଟାବଲିଜମ୍ ସ୍ତର ଅନିୟନ୍ତ୍ରିତ ହୋଇଥାଏ। ଶରୀରରେ ଅଧିକ କ୍ୟାଲୋରି ଜମାହେବା ଫଳରେ ମେଦବହୁଳତା ଦେଖାଦିଏ, ଯାହାକି ପରବର୍ତ୍ତୀ ସମୟରେ ଡାଇବେଟିସ୍, ବ୍ଲଡ୍‌ପ୍ରେସର ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।

**ଦେଖାଦିଏ ପାଚନ ସମସ୍ୟା:** ରାତି ଖାଇବା ଡେରି ହେଲେ ହଜମକ୍ରିୟା ବାଧାପ୍ରାପ୍ତ ହୁଏ।



ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନେକେ ବିଳମ୍ବରେ ଖାଉଥିବାରୁ ସଙ୍ଗେ ସଙ୍ଗେ ଶୋଇପଡ଼ନ୍ତି। ଫଳରେ ବଦହଜମି, ଏସିଡିଟି ହେବା ସହ ଛାତି ଜଳିବା, ଆମ୍ବିଳା ହାକୁଟି ହେବା ଭଳି ସମସ୍ୟା ଦେଖାଦିଏ। ତେଣୁ ପ୍ରତ୍ୟେକ ମହିଳା ରାତିରେ ବିଳମ୍ବ ନ କରି ପ୍ରତିଦିନ ଖାଇବାର ଏକ ଠିକ୍ ସମୟ ନିର୍ଦ୍ଧାରଣ କରିବା ଆବଶ୍ୟକ। ଏହାଦ୍ୱାରା ଖାଇବା ପରେ ଅଳ୍ପ ସମୟ ଚାଲବୁଲ କିମ୍ବା ଘରର କାମ କରିବା ପାଇଁ ସମୟ ମିଳିବ, ଯାହାକି ଖାଦ୍ୟ ଭଲ ଭାବେ ହଜମ ହେବାରେ ସାହାଯ୍ୟ କରିବ।

ଦେଖାଦିଏ ନିଦ୍ରାହୀନତା: ଅନେକ ମହିଳା ରାତିରେ ନିଦ ହେଉ ନ ଥିବା ନେଇ ଅଭିଯୋଗ କରିଥାଆନ୍ତି। ହେଲେ ଏକ ଗବେଷଣା ରିପୋର୍ଟ ମୁତାବକ ରାତ୍ରିଭୋଜନ ବିଳମ୍ବରେ କରିବା ଦ୍ୱାରା ବଦହଜମୀ, ଗ୍ୟାସ୍ ଭଳି ବିଭିନ୍ନ ସମସ୍ୟା ଉପୁଜିବା ସହ ରାତିରେ ନିଦ୍ରା ବାଧାପ୍ରାପ୍ତ ହୋଇଥାଏ। କେବଳ ଏତିକି ନୁହେଁ, ମସ୍ତିଷ୍କ ଠିକ୍ ଭାବେ ବିଶ୍ରାମ ନ ପାଇବାରୁ କେତେକଙ୍କଠାରେ ଅଜବ ସ୍ୱପ୍ନ ମଧ୍ୟ ଆସିଥାଏ।

**ପ୍ରଭାବିତ କରେ ମାନସିକ ସ୍ୱାସ୍ଥ୍ୟ:** ବିଳମ୍ବିତ ରାତିରେ ଖାଇବା ଦ୍ୱାରା ହଜମକ୍ରିୟା ବାଧାପ୍ରାପ୍ତ ହେବା ସହ ଠିକ୍ ଭାବେ ନିଦ ନ ହେବା କାରଣରୁ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ବାରମ୍ବାର ଏପରି ହେବା ଦ୍ୱାରା ଚିଡ଼ିଚିଡ଼ା ଲାଗିବା, ଡିପ୍ରେଶନ ଭଳି ବିଭିନ୍ନ ମାନସିକ ସମସ୍ୟା ଦେଖାଦେଇଥାଏ। ତେଣୁ ଏସବୁ ସମସ୍ୟାଠୁ ଦୂରେଇରହିବା ଲାଗି ପ୍ରତିଦିନ ରାତିରେ ଶୀଘ୍ର ଖାଇବାକୁ ଚେଷ୍ଟା କରନ୍ତୁ।

## ରୋଷେଇ ଘରେ ରହିଛି ଫୁସ୍‌ଫୁସ୍‌ର ସୁରକ୍ଷା କବଚ

ଆଜିକାଲି ଶୀତ ଆସିବା ସହ ବାୟୁମଣ୍ଡଳରେ ସ୍ମଗ୍ର ମାତ୍ରା କ୍ରମଶଃ ବଢ଼ିଚାଲେ, ଯାହା ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହା ଗଳା ଓ ଛାତିରେ ସମସ୍ୟା ସୃଷ୍ଟି କରିଥାଏ। ଯଦି ଏହି ସମୟରେ ପୁଣି ବିଷାକ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ବାରମ୍ବାର ଯା'ଆସ କରିବାକୁ ପଡେ। ତେବେ ଛାତିରେ ଜ୍ୱଳନ, ମୁଣ୍ଡବିନ୍ଧା ଓ ଭାରିପଣ ଅନୁଭବ ହୋଇଥାଏ। ଏଭଳି ସ୍ଥିତିକୁ ମୁକାବଲା କରିବା ପାଇଁ ଭାରତୀୟଙ୍କ ରୋଷେଇ ଘରେ ରହିଛି ଅବ୍ୟର୍ଥ ଔଷଧ। ଯେଉଁଥିରେ ଆଣ୍ଟିଇନ୍ଫ୍ଲାମେଟୋରୀ ଓ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ଭରି ରହିଛି। ଏହା ପ୍ରଦୂଷିତ ବାୟୁରୁ ହେଉଥିବା ସମସ୍ୟାକୁ ଦୂର କରିପାରିବ।

**ଅଦା:** ଅଦା ଚା' କେବଳ ସ୍ୱାଦ ବଢ଼ାଏନା। ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ଅଦାରେ ଥିବା ଗରମପଣ ସ୍ମଗ୍ରୁ ହେଉଥିବା ସମସ୍ୟାରୁ ମୁକ୍ତି ଦେଇଥାଏ। ଏଥିରେ ଥିବା ପୋଷକ ତତ୍ତ୍ୱ ଏୟାରଓ୍ୱେଜ୍ ପ୍ରଦାହକୁ କମ୍ କରିବା ସହ ସଫା କରିଥାଏ। ଲଗାତାର ହେଉଥିବା କାଶରୁ ମଧ୍ୟ ରକ୍ଷା କରିଥାଏ।

**ତୁଳସୀ ପତ୍ର:** ତୁଳସୀ ଗଛର କେବଳ ଧାର୍ମିକ ମହତ୍ତ୍ୱ ରହିଛି ଭାବିବା ଭୁଲ୍। ଏହା ମଧ୍ୟ ଶ୍ୱାସପ୍ରଶ୍ୱାସଜନିତ ସମସ୍ୟାକୁ ଦୂର କରିଥାଏ। ଏଥିରେ ଆଣ୍ଟି-ମାଇକ୍ରୋବାୟୋଲ୍, ଆଣ୍ଟି-ଇନ୍ଫ୍ଲାମେଟୋରୀ ଓ ଡିଟକ୍ସିଫିକେଶନ୍ ଗୁଣ ମଧ୍ୟ ରହିଥାଏ,ଯାହାଗଳାରଖଷ୍ଟସ୍କୁଦୂରକରିବାସହଛାତିଯନ୍ତ୍ରଣାରୁଆରାମଦେଇଥାଏ।

**ଗୋଲମରିଚ:** ନାକକୁ ସଫା କରିବାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ, ଯାହା ସ୍ମଗ୍ ଯୋଗୁ ହୋଇଥାଏ। ଗୋଲମରିଚ ଶରୀରରୁ ଅପରିଷ୍କାର ପଦାର୍ଥକୁ ବାହାର କରିବାରେ ସହଯୋଗ କରିଥାଏ। ଗୋଲମରିଚକୁ ବିଭିନ୍ନ ଉପାୟରେ ଖାଇବା ଦ୍ୱାରା ଶରୀରରେ ବାୟୁ ପ୍ରବାହ ସହଜ ହେବା ସହ ରକ୍ତ ସଞ୍ଚାଳନ ତୀବ୍ର ହୋଇଥାଏ। ଫଳରେ ପ୍ରଦୂଷିତ ବାୟୁରେ ଅଧିକ ସମୟ ରହିଲେ ମଧ୍ୟ ଶରୀରର ସେତେଟା କ୍ଷତି ହୋଇ ନଥାଏ।



## ଦିନକୁ ମୁଠାଏ ଖାଆନ୍ତୁ ଚିନାବାଦାମ

ଚିନାବାଦାମ ହେଉଛି ଗୋଟିଏ ପୃଷ୍ଟିକର ଖାଦ୍ୟ। ଶୀତଋତୁରେ ପ୍ରତିଦିନ ସନ୍ଧ୍ୟାରେ ବାଦାମ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଏହାକୁ ଖାଇବା ଦ୍ୱାରା ତ୍ୱଚାରେ ଉଜ୍ଜ୍ୱଳତା ଆସିବା ସହ ସ୍ୱାସ୍ଥ୍ୟ ଏବଂ ଶକ୍ତି ବୃଦ୍ଧି ପାଇଥାଏ। ହେଲେ ଆପଣ ଜାଣନ୍ତି କି ପ୍ରତିଦିନ ଚିନାବାଦାମ କେତେ ପରିମାଣରେ ଖାଇବା ଉଚିତ। ଏହା ପ୍ରୋଟିନ, ମ୍ୟାଗ୍ନେସିୟମ, ଭିଟାମିନ-ଇ' ଏବଂ ଆଣ୍ଟିଅକ୍ସିଡାଣ୍ଟର ଏକ ଉତ୍କୃଷ୍ଟ ଉତ୍ସ। ଶରୀରରେ ଫ୍ୟାଟ ଏବଂ ପ୍ରୋଟିନ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରେ ବାଦାମ। ତେଣୁ ଦିନକୁ ପ୍ରାୟ ୧୨୦- ୧୭୦ କ୍ୟାଲୋରୀ ବାଦାମ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର। ବାଦାମରେ ଥିବା ସୁସ୍ଥ ଚର୍ବି ଏବଂ ଭିଟାମିନ-ଇ ଚର୍ମକୁ ପୋଷଣ ଦେବାରେ ସାହାଯ୍ୟ କରେ। ଏଥିରେ ଥିବା ବାୟୋଟିନ୍ କେଶକୁ ମଜବୁତ କରେ ଏବଂ କେଶ ଝଡିବାକୁ ରୋକିଥାଏ। ଯଦିଓ ଚିନାବାଦାମରେ ପୁଷ୍ଟିସାର ଅଧିକ ରହିଥାଏ, ତଥାପି ଏହାକୁ ସୀମିତ ପରିମାଣରେ ଖାଇବା ଉଚିତ୍। ପ୍ରତିଦିନ ଅଧିକ ମାତ୍ରାର ବାଦାମ ଖାଇବା ଦ୍ୱାରା ଓଜନ ବୃଦ୍ଧି ପାଇବା ସହ ରକ୍ତଚାପ ମଧ୍ୟ ବୃଦ୍ଧି ପାଇପାରେ। ଏହାବ୍ୟତୀତ ଆଲର୍ଜି ଥିବା ଲୋକଙ୍କ ପାଇଁ ହାଲୁକା କୁଣ୍ଡେଇ ହେବାଠାରୁ ଜୀବନ ଘାତକ ଆନାଫାଇଲାକ୍ସିସ ପର୍ଯ୍ୟନ୍ତ ପ୍ରତିକ୍ରିୟା ସୃଷ୍ଟି ହୋଇପାରେ। କାରଣ ଏଥିରେ ଆଫ୍ଲାଟକ୍ସିନ୍ ପରି ବିଷାକ୍ତ ଫଙ୍ଗାଲ ପଦାର୍ଥ ଥାଇପାରେ, ଯାହା ଯକୃତ ସମସ୍ୟା ସୃଷ୍ଟି କରିପାରେ। ଭଲ ପୋଷକ ତତ୍ତ୍ୱ ପାଇବା ପାଇଁ, କଞ୍ଚା ବାଦାମକୁ ଭାଜିବା ପୂର୍ବରୁ କିଛି ଘଣ୍ଟା ପାଇଁ ପାଣିରେ ଭିଜାଇ ରଖନ୍ତୁ। ଗୁଡ ସହିତ ବାଦାମ ମିଶାଇ ଟିକି ଭାବେ ଖାଇବା ଦ୍ୱାରା ଲୌହ ଏବଂ ପ୍ରୋଟିନ୍ ଏକାଠି ପାଇବାର ଏକ ସ୍ମାର୍ଟ ଉପାୟ। ଫଳ କିମ୍ବା ସାଲାଡ ସହିତ ବାଦାମ ମିଶାଇ ଖାଇବା ଆଉ ଏକ ସୁସ୍ଥ ବିକଳ୍ପ। କାରଣ ଏହା ସ୍ୱାଦିଷ୍ଟ ଲାଗିବା ସହ ମନ ହାଲୁକା କରିଥାଏ। କୋଲେଷ୍ଟେରଲ୍ ବା ଚର୍ବି କମ୍ କରିବା ପାଇଁ ସିଝା କିମ୍ବା ଶୁଖିଲା-ଭଜା ବାଦାମ ଖାଇବା ଶରୀର ପାଇଁ ହିତକାର। ଚିନାବାଦାମ ଶରୀରକୁ ଉଷ୍ମ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ଓ ସ୍ୱାସ୍ଥ୍ୟ ବୃଦ୍ଧି କରିବା ପାଇଁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ଯୋଗାଇଥାଏ। ତଥାପି ବିଶେଷଜ୍ଞମାନେ ଦିନକୁ ଗୋଟିଏ ମୁଠାରୁ ଅଧିକ ବାଦାମ ଖାଇବା ଉଚିତ୍ ନୁହେଁ ବୋଲି ମତ ଦିଅନ୍ତି।



## ଆବଶ୍ୟକତାରୁ ଅଧିକ ରାଗ ଖାଉଛନ୍ତି କି ?



ଦୁନିଆରେ ଅନେକ ଲୋକ ମସଲାଯୁକ୍ତ ଖାଦ୍ୟ ଖାଇବାକୁ ଭଲ ପାଆନ୍ତି। ତାହା ଭାରତୀୟ ତରକାରୀ ହେଉ କିମ୍ବା ମେକ୍ସିକାନ୍ ସାଲସା। ନାଲି ଲଙ୍କା କେବଳ ଖାଦ୍ୟରେ ସ୍ୱାଦ ବଢ଼ାଏ ନାହିଁ, ବରଂ ଆପଣଙ୍କ ମେଟାବୋଲିଜିମକୁ ମଧ୍ୟ ଟିକିଏ ଦ୍ରୁତ କରିଥାଏ। କିନ୍ତୁ ଗତ କିଛି ବର୍ଷ ଧରି, ବୈଜ୍ଞାନିକମାନେ ଅନୁସନ୍ଧାନ କରୁଛନ୍ତି ଯେ ଲଗାତାର ଭାବରେ ଅତ୍ୟଧିକ ଲଙ୍କା ଖାଇବା ଦ୍ୱାରା ପାଚନ ସମ୍ବନ୍ଧୀୟ କର୍କଟ ରୋଗର ଆଶଙ୍କା ବୃଦ୍ଧି ପାଇପାରେ କି ? ଫ୍ରଣ୍ଟିୟର୍ସ ଇନ୍ ନ୍ୟୁଟ୍ରିସନ୍ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଏହି ବିଷୟକୁ ବିସ୍ତୃତ ଭାବରେ ପରୀକ୍ଷା କରିଛି। ଗବେଷଣା ଅନୁଯାୟୀ, ଲଙ୍କାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣ କମ୍ ପରିମାଣରେ ଲାଭଦାୟକ ହୋଇପାରେ, କିନ୍ତୁ ଅତ୍ୟଧିକ ସେବନ ଖାଦ୍ୟନଳୀ, ପେଟ ଏବଂ କୋଲନ କର୍କଟ ରୋଗର ଆଶଙ୍କା ବଢ଼ାଇପାରେ। ଭାରତରେ କୋଲୋରେକ୍ଟଲ୍ କର୍କଟ ତୃତୀୟ ସବୁଠାରୁ ସାଧାରଣ କର୍କଟ ରୋଗ ଏବଂ ଯଦି ସମୟ ମଧ୍ୟରେ ଚିକିତ୍ସା ଆରମ୍ଭ କରାଯାଏ ତେବେ ଏହା ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବ। ଲଙ୍କାରେ ଥିବା କ୍ୟାପସାଇସିନ୍ ନାମକ ଯୌଗିକ ଏହାକୁ ମସଲାଯୁକ୍ତ କରିଥାଏ। ଏହା ଯନ୍ତ୍ରଣା-ନିବାରଣକାରୀ, ପ୍ରଦାହ-ବିରୋଧୀ ଏବଂ ଚର୍ବି-କମ୍ କରିବା ଗୁଣ ପାଇଁ ଜଣାଶୁଣା। ତଥାପି, କର୍କଟ ରୋଗ ଉପରେ ଏହାର ପ୍ରଭାବ ସମ୍ପର୍କରେ ମିଶ୍ରିତ ଫଳାଫଳ ସାମ୍ନାକୁ ଆସିଛି।ଦୀର୍ଘ ସମୟ ଧରି ଅଧିକ ପରିମାଣରେ ନାଲି ଲଙ୍କା, ବିଶେଷକରି କଞ୍ଚା କିମ୍ବା ଅତ୍ୟଧିକ ରାଗ ଲଙ୍କା ଖାଇବା ଦ୍ୱାରା ପାଚନ ତନ୍ତ୍ରରେ ଜ୍ୱଳନ ଏବଂ ପ୍ରଦାହ ବୃଦ୍ଧି ପାଇପାରେ। ଏହି ପ୍ରଦାହ ଧୀରେ ଧୀରେ କୋଷଗୁଡ଼ିକୁ କ୍ଷତି ପହଞ୍ଚାଇ କର୍କଟ ରୋଗର ଆଶଙ୍କା ବୃଦ୍ଧି କରିପାରେ। ତଥାପି, ଯଦି ଖାଦ୍ୟରେ ପର୍ଯ୍ୟାପ୍ତ ପରିମାଣରେ ପନିପରିବା, ଫଳ ଏବଂ ଫାଇବର ଥାଏ, ତେବେ ଲଙ୍କା କ୍ଷତିକାରକ ନୁହେଁ।

ଫ୍ରଣ୍ଟିୟର୍ସ ଇନ୍ ନ୍ୟୁଟ୍ରିସନରେ ପ୍ରକାଶିତ ଏହି ଅଧ୍ୟୟନରେ ବିଶ୍ୱର ହଜାର ହଜାର ଲୋକଙ୍କ ଉପରେ ଗବେଷଣା ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଫଳାଫଳରୁ ଜଣାପଡିଛି ଯେ ଯେଉଁମାନେ ପ୍ରତିଦିନ କିମ୍ବା ଅଧିକ ପରିମାଣରେ ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟ ଖାଆନ୍ତି ସେମାନଙ୍କ ପାଚନ ତନ୍ତ୍ରର କର୍କଟ ରୋଗର ଆଶଙ୍କା ଅଧିକ ଥାଏ।ହାଲୁକା କିମ୍ବା ମଧ୍ୟମ ପରିମାଣର ଲଙ୍କା ସେବନ କ୍ଷତିକାରକ ନୁହେଁ ଏବଂ କ୍ୟାପସାଇସିନ୍ ହେତୁ ଏହା କିଛି ଲାଭ ମଧ୍ୟ ଦେଇପାରେ। ତେବେ ଲଙ୍କା କ୍ଷତିକାରକ ନୁହେଁ; ପ୍ରକୃତରେ, ଏହା ସଠିକ ପରିମାଣରେ ଅନେକ ଲାଭ ପ୍ରଦାନ କରେ। ଏହା ମେଟାବୋଲିଜିମ୍ ବୃଦ୍ଧି କରେ, ଏବଂ କ୍ୟାପସାଇସିନ୍ କ୍ୟାଲୋରି ନଷ୍ଟ କରିବାରେ ସାହାଯ୍ୟ କରେ। ଏହା ହୃଦୟ ପାଇଁ ମଧ୍ୟ ଭଲ ; ଏହାକୁ ସୀମିତ ପରିମାଣରେ ଖାଇବା ଦ୍ୱାରା ରକ୍ତ ପ୍ରବାହ ଏବଂ କୋଲେଷ୍ଟ୍ରଲ୍ ଉପରେ ସକାରାତ୍ମକ ପ୍ରଭାବ ପଡ଼ିପାରେ।ଏହାକୁ ଆଣ୍ଟିଅକ୍ସିଡାଣ୍ଟର ଏକ ଉତ୍ସ ଭାବରେ ମଧ୍ୟ ବିବେଚନା କରାଯାଏ, ଏଥିରେ ଭିଟାମିନ୍ ସି, ବିଟା-କାରୋଟିନ୍ ଏବଂ ଅନ୍ୟାନ୍ୟ ଉପାଦାନ ଶରୀରକୁ ଅକ୍ସିଡେଟିଭ୍ ଚାପରୁ ରକ୍ଷା କରେ।

## ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟଦାନ କେନ୍ଦ୍ର ପୁନର୍ଗଠନ ବୈଠକ



**ସୁବର୍ଣ୍ଣପୁର,୧୩।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳ କାର୍ଯ୍ୟାଳୟର ମିନି କନ୍ଫରେନ୍ସ ହଲ୍‌ରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରାଜେନ୍ଦ୍ର କୁମାର ମାଝିଙ୍କ ଅଧ୍ୟକ୍ଷତାରେ ୧୦-ବଲାଙ୍ଗିର ଲୋକସଭା ମଣ୍ଡଳୀ ଅଧୀନସ୍ଥ ୬୪-ବୀରମହାରାଜପୁର ଏବଂ ୬୫-ସୋନେପୁର ବିଧାନସଭା ମଣ୍ଡଳୀର ଭୋଟଦାନ କେନ୍ଦ୍ରଗୁଡ଼ିକର ପୁନର୍ଗଠନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଆମ ସୁବର୍ଣ୍ଣପୁର ଜିଲ୍ଲାରୁ ପଠାଯାଇଥିବା ଭୋଟକେନ୍ଦ୍ର ପୁନର୍ଗଠନ ପ୍ରସ୍ତାବ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ନିର୍ବାଚନ) ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ବିଷୟରେ ଅବଗତ କରାଯାଇଥିଲା। ଅନୁମୋଦିତ ପ୍ରସ୍ତାବ ଅନୁଯାୟୀ ଏହି ଜିଲ୍ଲାର ଦୁଇଟି ବିଧାନସଭା ମଣ୍ଡଳୀରେ ମୋଟ ୭୭ ଟି ନୂତନ ଭୋଟକେନ୍ଦ୍ର ସୃଷ୍ଟି ହୋଇଛି ୬୪-ବୀରମହାରାଜପୁର ଏସିର ପୂର୍ବରୁ ଥିବା ୨୬୭ଟି ଓ ନୂତନ ୪୦ଟି ମିଶି ମୋଟ ୩୦୭ ଟି ହେଲା ୬୫-ସୋନେପୁର ଏସିର ପୂର୍ବରୁ ଥିବା ୩୧୯ ଟି ଓ ନୂତନ ୩୭ ଟି ହୋଇ ମୋଟ ୩୫୬ ଟି ହେଲା ସରକାରଙ୍କ ଅନୁମୋଦନ ପରେ ଭୋଟକେନ୍ଦ୍ରର ସ୍ଥାନିକରଣ ଏବଂ ନୂତନ ବିନ୍ୟାସ ବିଷୟରେ ରାଜନୈତିକ ଦଳପ୍ରତିନିଧିମାନଙ୍କ ସହ ଦୃଢ଼ ଆଲୋଚନା କରାଯାଇଛି। ବୈଠକରେ ଉପସ୍ଥିତ ଥିବା ପ୍ରତିନିଧିମାନେ: ବିଜୁ ଜନତା ଦଳର ଶ୍ରୀଯୁକ୍ତ କାଇରୁ ସ୍ୱାଇଁ, ଭାରତୀୟ ଜାତୀୟ କଂଗ୍ରେସ ଦଳର ଶ୍ରୀଯୁକ୍ତ ସୁଧୀର ପଣ୍ଡା, ଭାରତୀୟ ଜନତା ପାର୍ଟିର ଶ୍ରୀଯୁକ୍ତ ସୁକାନ୍ତ କୁମାର ସାହୁ, ବହୁଜନ ସମାଜ ପାର୍ଟିର ସରୋଜ କୁମାର ଡାଣ୍ଡି ଏବଂ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଯଶଶ୍ୱିନୀ ପୁଥାଳ ଏହି ପୁନର୍ଗଠନ ଫଳରେ ଭୋଟଦାତାଙ୍କ ପାଇଁ ଅଧିକ ସୁବିଧା, ସଜନ ପଦକ୍ଷେପମାଧ୍ୟମ ଓ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ବୃଦ୍ଧି ହେବ ବୋଲି ମତ ପ୍ରକାଶ କରିଥିଲେ।

## ଜାତୀୟ ଲୋକ ଅଦାଲତ: ୫୮ଟି ବିଭିନ୍ନ ମାମଲାର ଫଇସଲା



**ପୁରୁଷୋତ୍ତମପୁର,୧୩।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବିଚାରବିଭାଗୀୟ ଅଦାଲତ ପରିସରରେ ତାଲୁକା ଆଇନସେବା ପ୍ରାଧିକରଣ କମିଟି ପକ୍ଷରୁ ଜାତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିନିୟର ସିଭିଲଜଜ ତଥା ଆସିଷ୍ଟାଣ୍ଟ ସେସନଜଜ ଶରତକୁମାର ସାହୁ ଓ ଜେଏମଏଫସି ବିଚାରପତି ଅନନ୍ୟା ଅର୍ପମିତା ୫୮ଟି ବିଭିନ୍ନ ମାମଲାର ବିଚାରକରି ଫଇସଲା କରିଥିଲେ। ଏହାସହ ବ୍ୟାଙ୍କ ଓ ବିଦ୍ୟୁତ ବିଭାଗୀୟ ସମ୍ବନ୍ଧୀୟ ମାମଲା ଗୁଡ଼ିକର ମଧ୍ୟ ଫଇସଲା କରାଯାଇଛି। ଏହାକୁ କୋର୍ଟର କର୍ମଚାରୀମାନେ ପରିଚାଳନା କରିଥିଲେ।

### ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

# ୨୯୧୧ ମାମଲାର ହେଲା ଫଇସଲା

**ଭବାନୀପାଟଣା,୧୩।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଚଳିତ ବର୍ଷର ଶେଷ ଓ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ, ଅନୁପ ରଞ୍ଜନ ପଟ୍ଟନାୟକ ଓ ସଚିବ ସ୍ନିଗ୍ଧା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ ଅଦାଲତରେ



୨୯୧୧ ଟି ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ଟ. ୩, ୨୨, ୫୦, ୫୮୬ ଙ୍କା ପ୍ରଦାନ କରାଯାଇଥିଲା। ତନ୍ମଧ୍ୟରୁ ୧୯ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ଟ. ୧, ୮୧, ୮୦, ୦୦୦ ଙ୍କା ପ୍ରଦାନ କରାଯାଇଥିଲା। ସେହିପରି ପାରିବାରିକ ବିବାଦ ଜନିତ ମକଦମା ୦୪ ଟିର ଫଇସଲା କରାଯାଇଥିଲା। ଦେୱାନି ମକଦମା ୧୨ଟି ଫଇସଲା କରାଯାଇ ଟ.୨, ୦୦, ୦୦୦/- ଙ୍କା ଆଦାୟ କରାଯାଇଥିଲା। ବିଚାର ଯୋଗ୍ୟ ୨୦୨ଟି ଫୌଜଦାରି ମକଦମା ଫଇସଲା କରାଯାଇଥିଲା ଏହାସହ ଏନ୍‌ଆଇ ଆକ୍ଟ ମାମଲା(୧୩୮) ୧୫ଟି ଫଇସଲା କରାଯାଇ ଟ.୩୨, ୬୦, ୨୬୫/- ଙ୍କା ଆଦାୟ କରାଯାଇଥିଲା। ରାଜସ୍ୱ ମକଦମା ୨୦୨୬ ଟି ଫଇସଲା କରାଯାଇ ଟ.୬୭, ୮୩୫/- ଆଦାୟ କରାଯାଇଥିଲା। ଲୋକଉପଯୋଗୀ ସେବା ସମ୍ବନ୍ଧୀୟ ୧୬ଟି ମକଦମାର ଫଇସଲା କରାଯାଇ ଟ.୧୨, ୦୦୦/- ଙ୍କା ଆଦାୟ କରାଯାଇଥିଲା। ୬୦୭ ଟି ପ୍ରାକ୍ ମକଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ଟ.୧, ୦୫, ୩୦, ୪୮୬/-ଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା ଜଜ୍ ତଥା ସଦସ୍ୟ ପ୍ରଥମ ମୋଟରଯାନ ଦୁର୍ଘଟଣା ନ୍ୟାୟାଧିକାରୀ ଅନୁପ ରଞ୍ଜନ ପଟ୍ଟନାୟକ, ଭିଜିଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ, ପରିବାର ଅଦାଲତ ଜଜ୍, ରାଜଶ୍ରୀ ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପଦ୍ମଲୋଚନ ବଡ଼ଜେନା ଓ ଅନ୍ୟାନ୍ୟ ମାଜିଷ୍ଟ୍ରେଟ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ।

## ବିନା ସୂଚନା ଫଳକରେ ନିର୍ମାଣ ଚାଲିଛି ଖେଳ ପଡ଼ିଆ କାମ

**କଳିଙ୍ଗନଗର,୧୩।୧୨(ସଂଚାର ବ୍ୟୁରୋ):** ସରକାର ସର୍ବସାଧାରଣରେ ଯେ କୌଣସି କାମ ହେଲେ ସମସ୍ତଙ୍କ ଅବଗତ ପାଇଁ କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ନିୟମ ରଖିଥିବା ବେଳେ, ଗାଁ ଗହଳି ରେ ଠିକାଦାର ଏହାକୁ ପାଳନ କରୁନଥିବା ଦୃଷ୍ଟି କୁ ଆସୁଛି, ଅଭିଯୋଗ ମୁତାବକ ଦାନଗଦି ବ୍ଲକ ରାଣୀପଡ଼ା ପଞ୍ଚାୟତ ର ବିଦ୍ୟାଳୟ ସମ୍ମୁଖରେ ଥିବା ଖେଳ ପଡ଼ିଆର କାମ ଦୀର୍ଘ ଦୁଇ ସପ୍ତାହ ହେବ ନିର୍ମାଣ ଚାଲିଛି, ଖାଲି ମାଟିରେ ନିମ୍ନ ମାନର କାମ ହେଉଥିବା ବେଳେ କାର୍ଯ୍ୟ ସ୍ଥଳୀରେ କୌଣସି ସୂଚନା ଫଳକ ନାହିଁ, ରାତି ଅଧିଆ ଟ୍ରାକ୍ଟର ରେ ମାଟି ଆଣି କାମ ଚାଲୁଛି, କେହି କିଛି ପଚାରିଲେ କିଛି ଉତ୍ତର ମିଳୁନାହିଁ, ଏହି ବ୍ଲକରେ କେତେକ ସ୍ଥାନ ରେ କାର୍ଯ୍ୟ ଆରମ୍ଭ ପୂର୍ବରୁ କୌଣସି ସୂଚନା ଫଳକ ଲଗାଯାଉ ନାହିଁ, କାମସାରିବା ପରେ ପରେ ଲାଗୁଛି ଫଟୋ ଉଠାଇ ସାରି ପୁଣି ଭାଙ୍ଗି ଦିଆଯାଉଥିବାର ନଜିର ରହିଛି, ନୂତନ ସରକାର ଦୁର୍ନୀତି ମୁକ୍ତ ସ୍ୱଚ୍ଛ କହୁଥିଲା ବେଳେ ପଞ୍ଚାୟତ ସ୍ତରରେ ତାହା ପ୍ରତିଫଳିତ



ହେଉନାହିଁ, ଏଥିପ୍ରତି କୌଣସି ପ୍ରଶାସନିକ ଅଧିକାରୀ ମାନେ ଜାଣି ଶୁଣି ନଜର ଅନ୍ଦାଜ କରୁଥିବା ସାଧାରଣ ରେ ଆଲୋଚନା ହେଉଛି, ସରକାର ଙ୍କ ମାଲ ଦରିଆ ମେ ଡାଲ ନୀତି ରେ ଠିକାଦାର ମନମୁଖୀ କାର୍ଯ୍ୟ କରୁଥିବା ବେଳେ ଏହାର ସ୍ୱଚ୍ଛତା ଉପରେ ଗ୍ରାମବାସୀ ମାନଙ୍କ ଅଭିଯୋଗ ହେଉଛି, ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବୀ ହେଉଛି।

## ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ପାଳିତ

**ସୁବର୍ଣ୍ଣପୁର,୧୩।୧୨(ସଂଚାର ବ୍ୟୁରୋ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ବିଭାଗ ସୋନପୁର ତରଫରୁ ସାର୍ବ ଜନୀନ ସ୍ୱାସ୍ଥ୍ୟ ସେବା ଦିବସ ଅଙ୍ଗନୱାଡ଼ି କେନ୍ଦ୍ର ଗୁରୁଡ଼ିପାଲି ସୁବର୍ଣ୍ଣପୁର ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାସ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଅଛି। ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡ଼ା ଗଣେଶ ଚନ୍ଦ୍ର ସ୍ୱାଇଁ, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ଓ ସହକାରୀ ଶିକ୍ଷକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁରୁଡ଼ିପାଲି ଗୋକୁଳଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହି ଆଜିକାର ଦିବସ ର ସ୍ୱାସ୍ଥ୍ୟ ବାର୍ତ୍ତା ଉପରେ ଗୁରୁତ୍ୱାରୋପ କରିଥିଲେ। ସୁଲଭ, ଗୁଣାତ୍ମକ ସ୍ୱାସ୍ଥ୍ୟ ତଥା ସମସ୍ତ ଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ଏବଂ ଆଇନ ସମ୍ପର୍କ ଉପରେ ସଚେତନତା ବାର୍ତ୍ତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆମେ ସମସ୍ତେ



ମିଶି ଏକ ସୁସ୍ଥ ସୁନ୍ଦର ସମାଜ ଗଠନ ରେ ସକ୍ଷମ ହୋଇପାରିବା ଉପରେ ଆଲୋକପାତ କରି ଥିଲେ। ଉକ୍ତ ସଭାରେ ଗୁରୁଡ଼ିପାଲି ଗ୍ରାମ ର ଜନସାଧାରଣ ଏବଂ ସାମୁହିକ ବନ୍ଧୁ ମାନେ ଉପସ୍ଥିତ ଥିଲେ। କେଶବ ଗୁରୁ, ଅଙ୍ଗନୱାଡ଼ି କର୍ମୀ ଜ୍ୟୋତିଶ୍ରୀ ବେହୁରା ଓ ପ୍ରମିଳା ବାଗ ତଥା ସ୍ୱେଚ୍ଛାସେବୀ ସବୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷ ରେ ଗୀତାଞ୍ଜଳି ରଣା ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପୋଷ୍ଟର ଓ ଲିଫ୍‌ଲେଟ ପ୍ରଦର୍ଶନ କରାଯାଇ ସମସ୍ତ ଙ୍କୁ ସଚେତନ ପାଇଁ ବଣ୍ଟନ କରାଯାଇଥିଲା।

## ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶୀତ ବସ୍ତ୍ର ବଣ୍ଟନ



**ବାଲିପାଟଣା,୧୩।୧୨(ସଂଚାର ବ୍ୟୁରୋ):** ସିଦ୍ଧିବିନାୟକ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଆଜି ନଗିଣୋ ପଞ୍ଚାୟତ ବାବୁଆ ସାହିରେ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୩ ଶହରୁ ଊର୍ଦ୍ଧ୍ୱ ବୃଦ୍ଧ, ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ସର୍ବପ୍ରିୟ ବେହେରାଙ୍କ ନେତୃତ୍ୱରେ କମ୍ବଳ ବଣ୍ଟନ କରାଯାଇଛି। ମୋହନ ଦାସ କରମ ଚାନ୍ଦ ସାହୁ ଓରଫ ବାବୁଲି ଏହାର ନେତୃତ୍ୱ ନେଇଥିଲେ। ଅକ୍ଷୟ ସାହୁ, ବିଜୟ ପ୍ରଧାନ, ରାଜ କିଶୋର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ନାଟକ 'ଅଗ୍ନିପୁତ୍ରୀ' ମଞ୍ଚସ୍ଥ, ମନ୍ତ୍ରମୁଗ୍ଧ କଲେ ଶିଶୁ କଳାକାର

**ଭବାନୀପାଟଣା,୧୩।୧୨(ସଂଚାର ବ୍ୟୁରୋ):** ଶିଶୁ ପ୍ରତିଭା ଆସରାକାଲିର ସମ୍ପର୍କୀ କଳା ମାଧ୍ୟମରେ ଶିଶୁ ସମାଜକୁ ଯେଉଁ ବାର୍ତ୍ତା ଦିଏ ତାହା ହୃଦସ୍ପର୍ଶୀ ହୁଏ। ଶିଶୁ କଳାକାର ସଂସ୍କୃତି ଓ ସଂସ୍କାରର ଉପଯୋଗକ। କଳାତ୍ମକ ଧାରାକୁ ଗତିଶୀଳ କରାଇବାକୁ ଆବଶ୍ୟକତା ଦୃଷ୍ଟିରୁ ସଙ୍ଗମ, ଭବାନୀପାଟଣା ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଚତୁର୍ଦ୍ଦିବସୀୟ ରାଜ୍ୟ ସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ପ୍ରତିଯୋଗିତା ଭବାନୀପାଟଣାସ୍ଥ ଟାଉନ ହଲଠାରେ ଉଦଘାଟିତ ହୋଇଯାଇଛି। ସଙ୍ଗମ ଅଧ୍ୟକ୍ଷ ନାଟ୍ୟକାର ରାଜୀବ ପାଢ଼ୀଙ୍କ ସଭାପତିତ୍ୱରେ ଡ. ଉମେଶ ଚନ୍ଦ୍ର ଶତପଥୀ, ଡ. କୈଳାଶ ଚନ୍ଦ୍ର ଦାଶ ଓ ବରିଷ୍ଠ କଳାକାର ଶାନ୍ତନୁ କୁମାର ମୁଣ୍ଡ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କୋଷାଧ୍ୟକ୍ଷ ଶୁଭାଂଶୁ ଶେଖର ନନ୍ଦ ଧନ୍ୟବାଦ ଦେଇଥିବା ବେଳେ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମ ଦିବସରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଥୁଆପଦରର ନାଟକ 'ଅଗ୍ନିପୁତ୍ରୀ'ମଞ୍ଚସ୍ଥ ହୋଇଥିଲା। ଚାମ୍ପିୟା ସିଂଙ୍କ ନିର୍ଦ୍ଦେଶନାରେ ଭାରତର ମିସାଇଲ କ୍ଷେତ୍ରରେ ପ୍ରତିଭାବତୀ ଟେସି ଥମାସଙ୍କ ଉତ୍ସର୍ଗୀକୃତ ଜୀବନୀକୁ କୁନି କୁନି କଳାକାରମାନେ ପରିବେଷଣ କରିଥିଲେ।



## ଏନ୍.ସି ହାଇସ୍କୁଲ ପଡ଼ିଆରୁ ଜବରଦଖଲ ଉଚ୍ଛେଦ

**ଯାଜପୁର ରୋଡ଼,୧୩।୧୨(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳ ସହରରେ ଆଜି ବ୍ୟାସନଗର ତହସିଲ ପ୍ରଶାସନିକ କଳ ପକ୍ଷରୁ ଏନ୍. ସି.ହାଇସ୍କୁଲ ଠାରେ ଥିବା ସରକାରୀ ଜମିରେ ବେଆଇନ୍ ଭାବେ ବସବାସ କରୁଥିବା ଜବରଦଖଲ କାରିମାନଙ୍କୁ ଉଚ୍ଛେଦ କରାଯାଇଛି। ଦୀର୍ଘ ଦିନ ପରେ ଆଖିକ ମୁଦ୍ରରେ ପ୍ରଶାସନିକ କଳକୁ ଦେଖିବାକୁ ମିଳିଛି। ଏଠାରେ ଅସ୍ଥାୟୀ ବାସିନ୍ଦା ଭାବେ ବିଭିନ୍ନ ଜିଲ୍ଲାର ଓ ବାହାର ରାଜ୍ୟର ଲୋକମାନେ ସ୍କୁଲର କ୍ୟାମ୍ପସ ଜଗା, ସରକାରୀ ଜାଗାକୁ ଜୋର ଜବରଦସ୍ତ ଦଖଲ କରି ବସବାସ କରୁଥିଲେ। କିନ୍ତୁ ସେମାନଙ୍କୁ ବାରମ୍ବାର ତହସିଲ ପ୍ରଶାସନ ପକ୍ଷରୁ ନୋଟିସ



କରାଯାଇଥିଲେ ମଧ୍ୟ ସେମାନେ ଜାଗା ଛାଡ଼ିନଥିଲେ। ଆଜି ମାଜିଷ୍ଟ୍ରେଟ ତଥା କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ଉପସ୍ଥିତିରେ ସମସ୍ତ ପରିବାରଙ୍କୁ ଉଚ୍ଛେଦ କରାଯାଇଥିବା ଦେଖିବାକୁ ମିଳିଥିଲା।ଗରିବ ଲୋକମାନେ ଏହି ଉଚ୍ଛେଦକୁ ବିରୋଧ କରିଥିଲେ ମଧ୍ୟ ପ୍ରଶାସନ ଏହାକୁ ଖାତିର କରିନକରି ଉଚ୍ଛେଦ କରିଥିଲେ।ଏହି ଉଚ୍ଛେଦ ପକ୍ରିୟାରେ ବ୍ୟାସନଗର ଓ ଦାନଗଦି ତହସିଲଦାର, ଚାରିଜଣ ଡ଼ିଏସପି ପୋଲିସ ଅଧିକାରୀଙ୍କ ସମେତ ଛଅ ଜଣ ଆଇଆଇସି, ଏସ୍ଆଇ, ଏଏସଆଇଙ୍କ ସମେତ ଛଅ ପ୍ଲାଟୁନ ପୋଲିସ ଫୋର୍ସ ଓ ତହସିଲର ସମସ୍ତ ଆର ଆଇ ନିୟୋଜିତ ହୋଇଥିବା ଅତିରିକ୍ତ ଏସପି ସୂଚନା ଦେଇଥିଲେ।ଏଥିରେ ପାଖାପାଖି ୫୦ଗୋଟି ପରିବାରଙ୍କୁ ଉଚ୍ଛେଦ କରାଯାଇଥିବା ଦେଖିବାକୁ ମିଳିଥିଲା।

## ଗୟଳ ଆକ୍ରମଣରେ ଜଣେ ମୃତ, ଅଳ୍ପକେ ବର୍ତ୍ତିଲେ ୨ ଯୁବକ

**ନୀଳଗିରି, ୧୩।୧୨(ସଂଚାର ବ୍ୟୁରୋ):** ପୁଣି କୁଲଡିହା ଅଭୟାରଣ୍ୟ ର କର୍ମଚାରୀ ଙ୍କ କାର୍ଯ୍ୟ ର ଅବହେଳା ପାଇଁ ଗୟଳ ଆକ୍ରମଣ ରେ ଜଣେ ବୃଦ୍ଧ ଙ୍କ ର ମୃତ୍ୟୁ ହୋଇଥିଲା ବେଳେ ୨ଜଣ ଯୁବକ ଙ୍କ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତୀ ଯାଇଛନ୍ତି। ହେଲେ ମୃତ ବ୍ୟକ୍ତିଙ୍କ ଶବ ସତ୍କାର ପର୍ଯ୍ୟନ୍ତ ବନବିଭାଗ ଅଧିକାରୀ ଙ୍କ ସହ କର୍ମଚାରୀ ନ ପହଞ୍ଚିବା ଘଟଣା କୁ ପରିବାର ଓ ଗ୍ରାମ ବାସୀ ଗ୍ରହଣ କରି ପାରୁ ନାହାନ୍ତି। ଉକ୍ତ ଘଟଣା କୁ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଛି। ସୂଚନାଯୋଗ୍ୟ ନୀଳଗିରି ବ୍ଲକ କେସିପୁର ଗ୍ରାମ ପଞ୍ଚାୟତ କଇମଫୁଟି ଗ୍ରାମର ଗୁପେଇ ସୋରେନ ଙ୍କ ପୁତ୍ର ମକରୀ(୬୦)୨ଟି ନୂଆ ବଳଦ କିଣି ଥିଲେ। ଗତକାଲି ଉକ୍ତ ବଳଦ ଓ ଘରେ ଥିବା ୫ଟି



ବଳଦ ମିଶି ୭ଟି ଯାକ ଘରକୁ ଫେରି ନଥିଲେ। ଫଳରେ ଆଜି ସକାଳ ୯ଟା ବେଳେ ମକରୀ ସହିତ ପଡ଼ୋଶୀ ମଦନ ହେମ୍ବ୍ରମ ଙ୍କ ପୁତ୍ର ଦୁର୍ଗା(୪୫) ଓ ବୁଢ଼େଇ ସୋରେନ ପୁତ୍ର ଅନନ୍ତ(୧୫)ବଳଦ ଖୋଜି ବାକୁ ଯାଉଥିବା ବେଳେ କାଣ୍ଡିଆ ଟଙ୍ଗା ନିକଟରେ ଗୟଳ ଟି ହଠାତ ବାହାରି ମକରୀ କୁ ଆକ୍ରମଣ କରିବାରୁ ୨ସହଯୋଗୀ ଜୀବନ ବିକଳରେ ଦୌଡ଼ି ପଳାଇ ଥିଲେ। ଗୟଳ ଟି ମୃତ ମକରୀ ମୁଣ୍ଡ ଭସ ସହ ଅନ୍ତ ବୁଜୁଳି ବାହାର କରି ଦେଇଥିଲା। ୨ଆହତ ଙ୍କ ଠାରୁ ଖବର ପାଇ ପରିବାର ଲୋକ ଓ ଗ୍ରାମ ବାସୀ ଘଟଣା ସ୍ଥଳରେ ପହଞ୍ଚି ୧୦୮ଆମ୍ବୁଲାନ୍ସ କୁ ଫୋନକରିଥିଲେ। ମାତ୍ର ୧୦୮ଆମ୍ବୁଲାନ୍ସ ଲେଟ ହେବାରୁ ଏକ ଅଟୋରେ ନେଉଥିବା ବେଳେ ହାତୀକୁଟ ଛକରୁ ୧୦୮ଆମ୍ବୁଲାନ୍ସ ଯୋଗେ ଉଦଳା ମେଡ଼ିକାଲ କୁ ନେଇ ଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କଲାପରେ ଶୋକର ଛାୟା ଖେଳିଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର କୁ ହସ୍ତାନ୍ତର କରିଥିଲେ।

### ସରକାରୀ ଜମି ଛାଡ଼ିଲେ ନାହିଁ

## ଜିଦ୍‌ରେ ଅଟଳ ଅନକଡୁଙ୍ଗୁରୁବାସୀ



**ମୋହନା,୧୩।୧୨(ସଂଚାର ବ୍ୟୁରୋ):** ଗଜପତି ଜିଲା ମୋହନା ଥାନା ଅନକଡୁଙ୍ଗୁରୁ ଗାଁ ନିକଟରେଥିବା ବିବାଦୀୟ ସରକାରୀ ଜମିରେ ଲାଗିଲା ବିଏନ୍ଏସ୍ ଧାରା ୧୬୩ । କିଛିଦିନ ହେଲା ଅନକଡୁଙ୍ଗୁରୁ ମୌଜାରେ ଥିବା ଖାତା ନମ୍ବର ୧୧, ପ୍ଲଟ ନମ୍ବର ୫୪/୨୪ରେ ଥିବା ୧୨ ଏକର ୨୭ ଡେଶ୍ଚ ରହିଛି। ସେହି ସରକାରୀ ଜାଗାରୁ ଇଡ଼କୋକୁ ୯ ଏକର ୩୭ ଡେସ ଦିଆ ଯାଇଛି। ଗଜପତି ଜିଲାର ମୁଖ୍ୟ ପର୍ଯ୍ୟଟନ କ୍ଷେତ୍ର ହେଉଛି ଚନ୍ଦ୍ରଗିରିରେ ଥିବା ଜିରାଙ୍ଗ ବୌଦ୍ଧ ମନ୍ଦିର। ଏହି ମନ୍ଦିର ସାମ୍ନାରେ ଥିବା ଏହି ସରକାରୀ ଜାଗାରେ ୧୦୦ କୋଟି ବିନିମୟରେ ପଞ୍ଚ ତାରକା ହୋଟେଲ ନିର୍ମାଣ କରାଯିବା। ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ହେଲେ ଅନକଡୁଙ୍ଗୁରୁ ଗାଁ ଲୋକେ ଏହି ଜାଗାରେ ବର୍ଷ ବର୍ଷ ଧରି ଚାଷ କରିବା ସହ ଜୀବିକା ନିର୍ବାହ କରି ଆସୁଛନ୍ତି। ଯାହାକୁ ନେଇ ଗାଁରେ ଥିବା ୩୪ ପରିବାର ବିରୋଧ କରି ଆସୁଛନ୍ତି। ପ୍ରଶାସନ ପକ୍ଷରୁ ଗାଁ ଲୋକଙ୍କୁ ବୁଝା ସୁଝା କରି ଉକ୍ତ ଜାଗାରେ ବିଏନଏସ ଧାରା ୧୬୩ ଲଗାଇ ତିନି ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରି ଉକ୍ତ ଜାଗାକୁ ଚିହ୍ନଟ କରିବା ସହ ଶାନ୍ତି ଶୃଙ୍ଖଳାରେ ଜମି ଅଧିଗ୍ରହଣ କରାଯାଉଥିବା ତହସିଲଦାର ଚକ୍ରଧର ପାଢ଼ି କହିଛନ୍ତି ।

## ବାଛୁରୀପଡ଼ା କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା ଅନୁଷ୍ଠିତ



**ବୈଶିଙ୍ଗା,୧୩।୧୨(ସଂଚାର ବ୍ୟୁରୋ):** ଅଧାରୁ ପାଠ ଛାଡ଼ୁଥିବା ଛାତ୍ରଛାତ୍ରୀମାନଙ୍କୁ ପୁନର୍ବାର ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆସ ସ୍କୁଲ ଯିବା ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାର ଅଂଶ ସ୍ୱରୂପ କ୍ଲଷ୍ଟରରେ ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଭାପତି, ୱାର୍ଡ ମେମ୍ବର, ସରପଞ୍ଚ, ସମିତି ସଭ୍ୟ, ଅଙ୍ଗନୱାଡ଼ି ଦିଦି ଓ ପୁରାତନ ଛାତ୍ର ସଂଘର ସଭାପତି, ସଂପାଦକ ଓ ସକ୍ରିୟ ଅଭିଭାବକମାନଙ୍କୁ ନେଇ ପୁରୁଣାଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଗଣେଶ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଶିକ୍ଷାସଭାକୁ ବରିଷ୍ଠ ଶିକ୍ଷକ କୃତିବାସ ପଟ୍ଟନାୟକ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ସାହୁ ପ୍ରଦୀପ ପ୍ରଜ୍ଜଳନ କରି ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଜଲ୍ଲେଶ୍ୱର ସ୍ୱାଇଁ, ପରେଶ ପାଣି ବକ୍ତବ୍ୟ ପ୍ରଦାନ କରିଥିଲେ। ଅଙ୍ଗନୱାଡ଼ି ୱାର୍ଡ ମେମ୍ବର ଭାରତୀ ସିଂ ମଞ୍ଚାସୀନ ରହି ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ସୁରେଶ ଜେନା ମଞ୍ଚ ପରିଚାଳନା କରିଥିଲେ। ପୁରୁଣାଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

### ମଣ୍ଡିରୁ ଉଠୁନି ଧାନ

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା

**ନୂଆପଡ଼ା,୧୩।୧୨(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲାରେ ମଣ୍ଡି ଆରମ୍ଭର ୧୦ ଦିନ ବିତିଯାଇଥିଲେ ମଧ୍ୟ କୌଣସି ମଣ୍ଡିରେ ଧାନ ଉଠା ନ ଯିବା ନେଇ ଶୁକ୍ରବାର ନୂଆପଡ଼ା ସଦର ବ୍ଲକର ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପ୍ରାୟ ୩ ଘଣ୍ଟା ପରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରାଉତ ଓ ସମବାୟ ସମିତି ଉପନିବନ୍ଧକ ଶିବ ପ୍ରସାଦ ସ୍ୱାଇଁ ଧାରଣାସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଶନିବାର ପୂର୍ବାହ୍ନ ୧୦ଟାରୁ ସବୁ ମଣ୍ଡିର ଧାନ ଉଠାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ପୂର୍ବାହ୍ନ ୧୦ଟାରୁ ମଣ୍ଡିରୁ ଧାନ ନ ଉଠିଲେ ୧୧ଟାରୁ ପୁଣି ଜିଲାପାଳ କାର୍ଯ୍ୟାଳୟ ଘେରାଉ କରି ରାଜରାସ୍ତା ଅବରୋଧ କରାଯିବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି।



## ବିଧାୟକଙ୍କ ଦରମା ବୃଦ୍ଧିକୁ ବିରୋଧ କରି ଧାରଣା

**ବାଲିକୁଦା,୧୩।୧୨(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନବ ନିର୍ମାଣ କୃଷକ ସଂଗଠନ (ବାଲିକୁଦା ଶାଖା ) ତରଫରୁ ଆଜି ବିଧାୟକ ମାନଙ୍କ ଆହେତୁକ ଦରମା ବୃଦ୍ଧି କୁ ନେଇ ବିରୋଧ ପ୍ରଦର୍ଶନ କରିବା ସହିତ ସଂଗଠନ ତରଫରୁ ଧାରଣା ଦିଆଯାଇଥିଲା। ଏହି ଧାରଣାର ନେତୃତ୍ୱ ବାଲିକୁଦା କୃଷକ ସଂଗଠନର ସଭାପତି ଧର୍ମାନନ୍ଦ ଖଣ୍ଡୁଆଳ ନେଇଥିବାବେଳେ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସମ୍ପାଦକ ଶୁଭେନ୍ଦୁ ଶେଖର ନେଇଥିଲେ। କୃଷକମାନେ ଦିନରାତି ଖାଇ ବୁହା ପରିଶ୍ରମ କରି କୃଷିଜାତ ଦ୍ରବ୍ୟର ଯଥୋଚିତ ମୂଲ୍ୟ, ସରକାରୀ ସୁବିଧା ସୁଯୋଗ ପାଉନଥିବା ବେଳେ ଜନ ସେବା ର ନାରା ଦେଇ ଲୋକ ମାନଙ୍କ ଦ୍ୱାରା ନିର୍ବାଚିତ ବିଧାୟକ, ମନ୍ତ୍ରୀ ମାନଙ୍କ ଆହେତୁକ ଦରମା ବୃଦ୍ଧିକୁ ଉପସ୍ଥିତ ଧାରଣାରତ କୃଷକ ମାନେ ନିନ୍ଦା କରିବା ସହିତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାଜ୍ୟ ସଭାପତି ଶେଷରେ ନନ୍ଦ ଧାରଣାରତ କୃଷକ ମାନଙ୍କୁ ସମ୍ବୋଧନ କରି କହିଥିଲେ ଯେ, କୃଷକଙ୍କୁ ବଜାରରେ ନ୍ୟାୟସଙ୍ଗତ ମୂଲ୍ୟ ନମିଳିବା, କୃଷକମାନେ ଭାରି ଋଣରେ ବୁଡ଼ି ରହିବା, କୃଷକଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ ନକରିବା ଯାହାକି ସଂଗଠନ ତରଫରୁ ସରକାରଙ୍କ ନିକଟରେ ବହୁ ଦିନରୁ ଦାବି କରିଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନଦେଇ ନିର୍ବାଚିତ ଜନ ପ୍ରତିନିଧିଙ୍କ ଦରମା କୁ ତିନିଗୁଣ ବୃଦ୍ଧି କରିବା କେତେଦୂର ଯଥାର୍ଥ ବୋଲି କହି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଯଦି ଆଗାମୀ ଦିନରେ ରାଜ୍ୟ ସରକାର କୃଷକ ମାନଙ୍କର ଦାବି ପୂରଣ ନକରନ୍ତି ତେବେ ଏହି ଆନ୍ଦୋଳନ ଏବଂ ଧାରଣା କୁ ତୀବ୍ର କରାଯାଇ ଜିଲ୍ଲା ଓ ରାଜ୍ୟ ସ୍ତରରେ ବ୍ୟାପକ କରାଯିବ ବୋଲି ଆହ୍ୱାନ ଦେଇଥିଲେ।

### ବେଆଇନ କ୍ରସର ରାଜ

## ପ୍ରଶାସନିକ ନିରବତାରେ କୋଟି କୋଟି ରାଜସ୍ୱ କ୍ଷତି

**ମୁନିଗୁଡ଼ା,୧୩।୧୨ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ବ୍ଲକ କୁମୁଡାବାଲି ପଞ୍ଚାୟତରେ ଦେଓକୁପଲି ଗ୍ରାମ ନିକଟରେ ବର୍ଷବର୍ଷ ଧରି ସରକାରଙ୍କ ସମସ୍ତ ନୀତି ନିୟମକୁ ଅଣଦେଖା କରି ବେଆଇନ ଭାବେ ଚାଲୁଥିବା ଏକ କ୍ରସର ୟୁନିଟ ଏବେ ଭାରି ଚର୍ଚ୍ଚାରେ। ଖଣି, ଜଙ୍ଗଲ, ପରିବେଶ ଓ ପ୍ରଶାସନୀୟ ଅଧିକାରୀଙ୍କ ଚକ୍ଷୁ ଆଗରେ ଦୀର୍ଘ ସମୟ ଧରି ଏହି ଅବୈଧ କାରବାର ଚାଲିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଘଟଣାକୁ ଅଧିକ ସନ୍ଦେହଜନକ କରିଛି। ସୂଚନା ଅନୁସାରେ, ରେଳ ବିଭାଗର ତୃତୀୟ ଧାରଣା ସମ୍ପ୍ରସାରଣ କାର୍ଯ୍ୟକୁ ଆଧାର କରି ଆଇରନ ଟେଙ୍ଗ୍ରୋଲାର ନାମକ ଏକ ଘରୋଇ କମ୍ପାନୀ ଏହି



କ୍ରସର ୟୁନିଟ ଗଢ଼ିଥିଲା। ରେଳ ସମ୍ପ୍ରସାରଣ କାର୍ଯ୍ୟ ସହ ପରିବେଶ ନିୟନ୍ତ୍ରଣ ବୋର୍ଡର ଅନୁମତି ଅବଧି ଦେବେରୁ ସମାପ୍ତ ହୋଇଥିଲେ ମଧ୍ୟ ୨୦୨୪ ମାର୍ଚ୍ଚ ପରେ ମଧ୍ୟ ବେଆଇନ ଭାବେ ପଥର ପ୍ରୋସେସିଂ ଚାଲି ଆସୁଥିଲା। ଏହି କ୍ରସର ପାଖରେ ବେଆଇନ ପଥର ଖନନ, ବ୍ଲାଷ୍ଟିଂ ଓ ଗଛ କାଟିବା ପାଇଁ କୌଣସି ଆବଶ୍ୟକ ଅନୁମତି ନଥିବା ସହ ରୟଲଟି କିମ୍ବା କର ମଧ୍ୟ ଦିଆଯାଉନଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ନିୟମିତ ବ୍ଲାଷ୍ଟିଂ ଯୋଗୁଁ ରାତିରେ ନିଦ ଭଙ୍ଗ ହେଉଥିବା ବେଳେ, ଧୂଳି ଧୂଆଁରେ ଗାଁ ଓ ରାସ୍ତା ଢାଙ୍କିଯାଉଛି। ପଥର ଗୁଣ୍ଡ ଫସଲ ଉପରେ ପଡ଼ି କ୍ଷେତକୁ କ୍ଷତିଗ୍ରସ୍ତ କରୁଥିବା ନେଇ ଚାଷୀମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଦେଢ଼ ବର୍ଷରୁ ଅଧିକ ସମୟ ଧରି ଏହି ବେଆଇନ କ୍ରସର ଚାଲିଥିବା ବେଳେ ପ୍ରଶାସନ ନିରବିଚ୍ଛିନ୍ନ ସାଜିଥିବା ନେଇ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

● ଡ୍ରଗ୍ସ ଅଧିକାରୀଙ୍କୁ ମାଡ ମାରିବା ଘଟଣା

## ଅଭିଯୁକ୍ତ ଦ୍ୱୟ ଗିରଫ ନ କରିବା ପ୍ରତିବାଦରେ ଏସପିଙ୍କୁ ଅଭିଯୋଗ

**ବୈଶିଙ୍ଗା,୧୩।୧୨(ସଂଚାର ବ୍ୟୁରୋ):** ଚଳିତ ମାସ ୨ତାରିଖ ଦିନ ବୈଶିଙ୍ଗା ବଜାରରେ ଏକ ମା ଦୁର୍ଗା ଫିକସ ନାମକ ଗୋଦାମ ଦୋକାନ ରେ ବେଆଇନ ମେଡ଼ିସିନ ବିକ୍ରି କରାଯାଉଥିବାର ଖବର ପାଇ ଡ୍ରଗ୍ସ ଅଧିକାରୀ ତଦନ୍ତ ପାଇଁ ଆସିଥିଲେ । ମାତ୍ର ଗୋଦାମ ଦୋକାନର ମାଲିକ ଦିବ୍ୟ ରଞ୍ଜନ ନାୟକ ଏବଂ ଘର ମାଲିକ ୪ଭାଗବତ ବେହେରା ଙ୍କ ପୁଅ ଉତ୍ସର୍ଗ ବେହେରା ଉଭୟେ ଅଧିକାରୀ ଓ କର୍ମଚାରୀ ଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଠେଲା ପେଲା କରିଥିଲେ । ଏହି ଘଟଣାକୁ ନେଇ ବୈଶିଙ୍ଗା ଥାନାରେ ୭୧୨/୨୦୨୫ ମୂଳେ ଏକ ମାମଲା ରୁଜୁ କରାଯାଇଥିଲା । ମାତ୍ର ଘଟଣାର ୧୧ ଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି ।